ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୨୫/୨୦୨୩ (୮+୮=୧୬ ପୃଷ୍ଠା) | Bhubaneswar, Friday, August 25/2023 | Page 16 | ₹ 7.00

୪୯ଶ ଭାଗ ୨୭୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 270 | ମୂଲ୍ୟ ₹୭/-



### କେନ୍ଦ୍ର ଆର୍‌ଟିଆଇକୁ ହତ୍ୟା କରିଛି: ଖାର୍ଗେ

ଗଣତନ୍ତ୍ରକୁ ଲୋପ କରିଦେବା ଷଡ଼ଯନ୍ତ୍ରର ଅଂଶ ସ୍ୱରୂପ କେନ୍ଦ୍ର ଆର୍‌ଟିଆଇ ଆଇନକୁ ହତ୍ୟା କରିଥିବା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଅଭିଯୋଗ କରିଛନ୍ତି।

୦୭

୦୨

### ସେପ୍ଟେମ୍ବରରେ ସୂର୍ଯ୍ୟ ମିଶନ 'ଆଦିତ୍ୟ'

ଇସ୍ରୋର ସୂର୍ଯ୍ୟ ମିଶନ 'ଆଦିତ୍ୟ' ସେପ୍ଟେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ଲଞ୍ଚ ପାଇଁ ପ୍ରସ୍ତୁତ ହୋଇଯିବ ବୋଲି ଏହାର ଅଧ୍ୟକ୍ଷ ଏସ୍. ସୋମନାଥ କହିଛନ୍ତି।



## ବିନା ଅନୁମତି ଯୋଗୁ ବାହାନଗା ଦୁର୍ଘଟଣା

**ବାଲେଶ୍ୱରର ବାହାନଗା ବଜାର ଷ୍ଟେଶନଠାରେ ୨ ଜୁନ୍‌ରେ ଭୟଙ୍କର ରେଳ ଦୁର୍ଘଟଣା ଘଟିଥିଲା। ସେ ସମ୍ପର୍କରେ ତଦନ୍ତ କରିବା ଲାଗି ୪ ଜୁନ୍‌ରେ ରେଳମନ୍ତ୍ରୀ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ସୁପାରିସ କରିଥିଲେ। ଏବେ ଦୁର୍ଘଟଣାର କାରଣ ପ୍ରକାଶ କରିବାକୁ ଯାଇ ସିବିଆଇ କହିଛି ଯେ, ବାହାନଗା ଲେଭଲ କ୍ରସିଂ ମରାମତି କାର୍ଯ୍ୟ ଉପର ସ୍ତରରୁ ମଞ୍ଜୁରୀ ପାଇ ନ ଥିବାରୁ ଏଭଳି ଦୁର୍ଘଟଣା ଘଟିଲା। ଲେଭଲ କ୍ରସିଂ ଗେଟ୍ ନମ୍ବର ୯୪ରେ ବ୍ୟବହୃତ ସର୍କିଟ ଡାଏଗ୍ରାମ୍ ଗେଟ୍ ନମ୍ବର ୭୯ର ଥିଲା। ଭୁବନେଶ୍ୱରସ୍ଥିତ ଏକ ସ୍ୱତନ୍ତ୍ର କୋର୍ଟରେ ସିବିଆଇ ଗୁରୁବାର ଏପରି ଯୁକ୍ତି ବାଢ଼ିବା ପରେ ଅନେକଙ୍କ ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ, ମରାମତି କାର୍ଯ୍ୟକୁ ମଞ୍ଜୁରୀ ମିଳିଥିଲେ ସତେ ଯେମିତି ଦୁର୍ଘଟଣା ହୋଇ ନ ଥାଆନ୍ତା। ଭାରତସାରା ଯେଉଁଆଡ଼େ ରେଳପଥ କାର୍ଯ୍ୟ ହେଉଛି, ତାହାକୁ ଅନୁମୋଦନ କରୁଥିବା କର୍ତ୍ତୃପକ୍ଷ କଦାପି ସମ୍ପୃକ୍ତ ସ୍ଥାନ ପରିଦର୍ଶନ କରି ଯାଞ୍ଚ କରୁଥିବାର ଦୃଷ୍ଟାନ୍ତ ନାହିଁ। ସେଥିପାଇଁ ମଞ୍ଜୁରୀ ମିଳିବା ଅର୍ଥାତ୍ ଫାଇଲ୍‌ରେ ଦସ୍ତଖତ ହୋଇଯାଇଥିଲେ ଏଭଳି ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇପାରିଥାଆନ୍ତା ବୋଲି ସିବିଆଇ କରୁଥିବା ଯୁକ୍ତି ବିଶ୍ୱାସଯୋଗ୍ୟ ହେଉନାହିଁ।**



ନୂଆଦିଲ୍ଲୀ,୨୪।୮(ପି.ଟି.)

ବାଲେଶ୍ୱର ଜିଲା ବାହାନଗା ବଜାର ରେଳ ଷ୍ଟେଶନ ନିକଟ ଲେଭଲ କ୍ରସିଂରେ ମରାମତି କାର୍ଯ୍ୟ ପୂର୍ବରୁ ବରିଷ୍ଠ ଡିଭିଜନାଲ ଏବଂ ଟେଲିକମ୍ ଇଞ୍ଜିନିୟରଙ୍କ ଅନୁମତି ନିଆଯାଇ ନ ଥିଲା। ଏପରି କି ଏଥିପାଇଁ କୌଣସି ସର୍କିଟ୍ ଡାଏଗ୍ରାମକୁ ମଧ୍ୟ ଅନୁମୋଦନ କରାଯାଇ ନ ଥିଲା। ଫଳରେ ଗତ ଜୁନ୍ ୨ରେ ଟ୍ରେନ୍ ଦୁର୍ଘଟଣା ଘଟିଥିଲା ବୋଲି ଏହାର ତଦନ୍ତ କରୁଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) କହିଛି।

ଭୁବନେଶ୍ୱରସ୍ଥିତ ଏକ ସ୍ୱତନ୍ତ୍ର କୋର୍ଟରେ ସିବିଆଇ ପକ୍ଷରୁ ଗୁରୁବାର ଯୁକ୍ତି ବଢ଼ାଯାଇଛି ଯେ, ବାହାନଗା ବଜାର ଷ୍ଟେଶନ ନିକଟ ଗେଟ୍ ନମ୍ବର ୯୪ର ଲେଭଲ କ୍ରସିଂ(ଏଲ୍‌ସି)ରେ ମରାମତି କାର୍ଯ୍ୟ ଏହି ଦୁର୍ଘଟଣାର ଅନ୍ୟତମ କାରଣ। ବରିଷ୍ଠ ସେକ୍ସନ ଇଞ୍ଜିନିୟର (ସିଗ୍‌ନାଲ ଇନ୍-ଚାର୍ଜ) ଅରୁଣ କୁମାର ମହନ୍ତ ଏହି ମରାମତି କାର୍ଯ୍ୟ କରିଥିଲେ। ସେ ଏଥିରେ ଅନ୍ୟ ଏକ ଏଲ୍‌ସି ଗେଟ୍ ନମ୍ବର ୭୯ର ସର୍କିଟ ଡାଏଗ୍ରାମକୁ ବ୍ୟବହାର କରିଥିଲେ ବୋଲି ସିବିଆଇ କୋର୍ଟରେ ଅଭିଯୋଗ ଆଣିଛି। ଅନ୍ୟପକ୍ଷେ ଅରୁଣ ଏହି ଅଭିଯୋଗକୁ ଖଣ୍ଡନ କରି କହିଥିଲେ, କେଏମ୍ ୨୫୫/୧୧-୧୩ରେ ଏଲ୍‌ସି ଗେଟ୍ ନଂ.୯୪ ଭଲଭାବେ କାର୍ଯ୍ୟ କରୁ ନ ଥିଲା। କିନ୍ତୁ ଉଚ୍ଚ ଅଧିକାରୀମାନେ ଏଥିପାଇଁ କୌଣସି ପଦକ୍ଷେପ ନେଇ ନ ଥିଲେ। ଅରୁଣ ଆହୁରି କହିଥିଲେ, ଏହାର ତଦାରଖ କାର୍ଯ୍ୟ ଅନ୍ୟ କେତେଜଣ ବ୍ୟକ୍ତିଙ୍କୁ ଦିଆଯାଇଥିଲା। ତେଣୁ ଦୁର୍ଘଟଣା ପାଇଁ ସେ ଦାୟୀ ନୁହନ୍ତି।

ପ୍ରକାଶ ଯେ, ଜୁନ୍ ୨ରେ କରମଣ୍ଡଳ ଏକ୍ସପ୍ରେସ୍ ବାହାନଗା ବଜାର ଷ୍ଟେଶନରେ ଛିଡ଼ା ହୋଇଥିବା ଏକ ମାଲବାହୀ ଟ୍ରେନ୍‌କୁ ଧକ୍କା ଦେଇଥିଲା। ଏହାର କେତୋଟି ବଗି ଲାଇନଚ୍ୟୁତ ହୋଇ ଯଶୱନ୍ତପୁର-ହାଓଡା ଏକ୍ସପ୍ରେସ୍ ସହ ଧକ୍କା ହୋଇଥିଲା। ଏହି ଟ୍ରିପଲ ଟ୍ରେନ୍ ଦୁର୍ଘଟଣାରେ ୨୯୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧,୨୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଜୁଲାଇ ୭ରେ ସିବିଆଇ ଅରୁଣଙ୍କ ସହ ରେଳୱେର ଅନ୍ୟ ୨ ଜଣ ଅଧିକାରୀଙ୍କୁ ଗିରଫ କରିଥିଲା। ଭୁବନେଶ୍ୱରସ୍ଥିତ ଏକ ସ୍ୱତନ୍ତ୍ର ସିବିଆଇ କୋର୍ଟ ନିକଟରେ ଅରୁଣଙ୍କ ଜାମିନ ଆବେଦନକୁ ଖାରଜ କରି ଦେଇଥିଲେ। ସିବିଆଇ ପକ୍ଷରୁ ଦାଖଲ ତଥ୍ୟ ପ୍ରମାଣ ଉକ୍ତ ମାମଲାରେ ତାଙ୍କ ସମ୍ପୃକ୍ତିକୁ ଦର୍ଶାଉଥିବା କୋର୍ଟ କହିଥିଲେ।

ଶୁଣାଣି ବେଳେ ସିବିଆଇ ଯୁକ୍ତି ବାଢ଼ିଥିଲା, ବାହାନଗା ବଜାର ରେଳ ଷ୍ଟେଶନର ଲେଭଲ କ୍ରସିଂ ନଂ.୯୪ର ନର୍ଥ ଗୁମ୍‌ଟିରେ ୱେରିଂ କାମ କରାଯିବା ସମୟରେ ଏଲ୍‌ସି ଗେଟ୍ ନଂ.୭୯ର ସର୍କିଟ୍ ଡାଏଗ୍ରାମକୁ ବ୍ୟବହାର କରାଯାଇଥିଲା। ଏଥିରେ ୧୧୦ ଭୋଲ୍ଟ ଏସିରୁ ୨୪ ଭୋଲ୍ଟ ଡିସିକୁ ବିଦ୍ୟୁତ୍ ପରିବର୍ତ୍ତନ କରାଯାଇଥିଲା। ମାନୁଏଲ୍ ଅନୁସାରେ ଯାଞ୍ଚ, ଟିକିନିକି ପରୀକ୍ଷା, ସିଗ୍‌ନାଲରେ ପରିବର୍ତ୍ତନ ଏବଂ ଇଣ୍ଟରଲକିଂ ଇନ୍‌ଷ୍ଟଲାଇଜେଶନ୍ ପାଇଁ ଅନୁମୋଦିତ ଯୋଜନା ଓ ନିର୍ଦ୍ଦେଶାବଳୀର ଅନୁପାଳନ ସୁନିଶ୍ଚିତ କରିବା ଦାୟିତ୍ୱ ଅଭିଯୁକ୍ତ ଆବେଦନକାରୀ ଅରୁଣଙ୍କୁ ଦିଆଯାଇଥିଲା। କିନ୍ତୁ ସେ ଏପରି କୌଣସି ପଦକ୍ଷେପ ନେଇ ନ ଥିଲେ। ଫଳରେ ଏହି ଦୁଃଖଦ ଦୁର୍ଘଟଣା ଘଟି ୨୯୬ ଜଣଙ୍କ ମୃତ୍ୟୁ ଘଟିଲା ବୋଲି ସିବିଆଇ କୋର୍ଟଙ୍କୁ ଅବଗତ କରାଇଛି।

## କାର୍ଲସେନ୍ ବିଶ୍ୱ ଚେସ୍ ଚାମ୍ପିୟନ



ମାଗ୍ନସ୍ କାର୍ଲସେନ୍

ବାକୁ(ଆଜରବୈଜାନ),୨୪।୮(ପି.ଟି.)

ଫିଡେ ବିଶ୍ୱକପ୍ ଫାଇନାଲର ଟାଇବ୍ରେକର ରାଉଣ୍ଡରେ ଭାରତର ଆର୍. ପ୍ରଜ୍ଞାନନ୍ଦଙ୍କୁ ପରାସ୍ତ କରି ଟାଇଟଲ ହାସଲ କରିଛନ୍ତି ନରୱେର ମାଗ୍ନସ୍ କାର୍ଲସେନ୍। ତେବେ ମାତ୍ର ୧୮ ବର୍ଷ ବୟସରେ ବିଶ୍ୱକପ୍ ଫାଇନାଲରେ କାର୍ଲସେନ୍‌ଙ୍କୁ କଡ଼ା ଚ୍ୟାଲେଞ୍ଜ ଦେଇ ଚେସ୍ ପ୍ରେମୀଙ୍କ ହୃଦୟ ଜିତି ନେଇଛନ୍ତି ଭାରତର ଏହି ଟିନ୍‌ଏଜ୍ ସେନସେସନ୍। ବିଶ୍ୱକପ୍ ଫାଇନାଲର ପ୍ରଥମ ଦୁଇ କ୍ଲାସିକାଲ୍ ଗେମ୍ ଡ୍ର'ରେ ଶେଷ ହେବା ପରେ ଟାଇବ୍ରେକରରେ ମ୍ୟାଚ ଫଇସଲା ହୋଇଥିଲା। ୧୮ ବର୍ଷୀୟ ପ୍ରଜ୍ଞାନନ୍ଦ କଡ଼ା ଟକ୍କର ଦେଇଥିଲେ ମଧ୍ୟ କାର୍ଲସେନ୍ ବାଜି ମାରି ନେଇଥିଲେ। ବିଶ୍ୱ ମାନ୍ୟତାର ଏକ ନମ୍ବର ଖେଳାଳି ମାଗ୍ନସ୍ କାର୍ଲସେନ୍ ୧.୫-୦.୫ ଟାଇବ୍ରେକରରେ ଜିତିବା ସହିତ ନିଜର ପ୍ରଥମ ବିଶ୍ୱକପ୍ ଟାଇଟଲ ହାସଲ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** | ତିନୋଟି ଆହ୍ୱାନ



**ପାକିସ୍ତାନୀ କହିଲେ, ଆମେ ତ ପୂର୍ବରୁ ଚନ୍ଦ୍ରରେ ଅଛୁ**

ଚନ୍ଦ୍ରୟାନ-୩ର ସଫଳତାକୁ ନେଇ ପାକିସ୍ତାନୀମାନେ ନାନା ପ୍ରତିକ୍ରିୟା ଦେବାରେ ଲାଗିଥିବାବେଳେ ସେଠାକାର ଜଣେ ବ୍ୟକ୍ତିଙ୍କ ମନ୍ତବ୍ୟ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଚନ୍ଦ୍ରପୃଷ୍ଠରେ ପହଞ୍ଚିବା ପାଇଁ ଭାରତ ଟଙ୍କା ଖର୍ଚ୍ଚ କରୁଛି। କିନ୍ତୁ ଆମେ ତ ଅଲ୍‌ରେଡି ଚନ୍ଦ୍ରରେ ରହୁଛୁ। ଆପଣଙ୍କୁ ଏହା ଜଣା ନ ଥିଲା। ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନରେ ଲୋକେ ବିଦ୍ୟୁତ୍, ପାନୀୟ ଜଳ ଓ ଗ୍ୟାସ୍ ଅଭାବରେ ଚଳୁଥିବାବେଳେ ତାଙ୍କର ଏହି ମନ୍ତବ୍ୟକୁ ଲୋକେ ବାରମ୍ବାର ଶୁଣିବାକୁ ମନ କରୁଛନ୍ତି।



# ସେପ୍ଟେମ୍ବରରେ ମିଶନ 'ଆଦିତ୍ୟ'

ବେଙ୍ଗାଲୁରୁ,୨୪।୮

ଚନ୍ଦ୍ରପୃଷ୍ଠରେ ଚନ୍ଦ୍ରୟାନ-୩ର ସଫଳ ସଫ୍ଟ ଲ୍ୟାଣ୍ଡିଂକୁ ନେଇ ସାରା ଦେଶ ଉତ୍ସାହିତ ହୋଇଥିବାବେଳେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ପରବର୍ତ୍ତୀ କାର୍ଯ୍ୟ ସୋଲାର ମିଶନ 'ଆଦିତ୍ୟ' ବୋଲି ଏହାର ମୁଖ୍ୟ ଏସ୍. ସୋମନାଥ ଗୁରୁବାର କହିଛନ୍ତି। ଏଥିପାଇଁ କାର୍ଯ୍ୟ ଆରମ୍ଭ ହୋଇଯାଇଛି ଏବଂ ସେପ୍ଟେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ଲଞ୍ଚ ପାଇଁ ଆଦିତ୍ୟ ପ୍ରସ୍ତୁତ ହୋଇଯିବ ବୋଲି ଇସ୍ରୋ ଅଧ୍ୟକ୍ଷ କହିଛନ୍ତି। ସେପ୍ଟେମ୍ବର ଶେଷ କିମ୍ବା ଅକ୍ଟୋବରରେ ଏହାର କ୍ରିଉ ମଡ୍ୟୁଲ ଏବଂ କ୍ରିଉ ଏସ୍‌କେପ୍ ସାମର୍ଥ୍ୟର ପ୍ରଦର୍ଶନ ଯୋଜନା ରହିଛି। ୨୦୨୫ରେ ମହାକାଶକୁ ମାନବ ପଠାଇବା ପାଇଁ ଇସ୍ରୋର ଗଗନୟାନ ଲଞ୍ଚ ହେବା ପର୍ଯ୍ୟନ୍ତ ଆଦିତ୍ୟ ମିଶନ ଉପରେ ପରୀକ୍ଷାନିରୀକ୍ଷା ଚାଲିବ। ବୁଧବାର ଚନ୍ଦ୍ରୟାନ-୩ର ଲ୍ୟାଣ୍ଡର ମଡ୍ୟୁଲ ସଫ୍ଟ ଲ୍ୟାଣ୍ଡିଂ କରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଐତିହାସିକ ସଫଳତା କରିବା ସହ ଆମର ଭବିଷ୍ୟତ ମିଶନ ସୂର୍ଯ୍ୟ ଓ ଶୁକ୍ର ବୋଲି ସଙ୍କେତ ଦେଇଥିଲେ।

## ଜହ୍ନରେ ଚାଲୁଛି ଭାରତ

ଚନ୍ଦ୍ରୟାନ-୩ର ଲ୍ୟାଣ୍ଡର ମଡ୍ୟୁଲ ବୁଧବାର ସନ୍ଧ୍ୟାରେ ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିବା ପରେ ସେଥିରୁ ରୋଭର 'ପ୍ରଜ୍ଞାନ' ବାହାରି ଚନ୍ଦ୍ରପୃଷ୍ଠରେ ଭାରତର ଜାତୀୟ ଚିହ୍ନ ଛାଡ଼ିଛି। ଭାରତ ଏବେ ଚନ୍ଦ୍ରରେ ଚାଲୁଛି ବୋଲି ଇସ୍ରୋ କହିଛି। ଚନ୍ଦ୍ରୟାନ-୩ ରୋଭର: 'ମେଡ୍ ଇନ୍ ଇଣ୍ଡିଆ-ମେଡ୍ ଫର୍ ଦି ମୁନ୍' ବୋଲି ଅଫିସିଆଲ ଏକ୍ସ ହ୍ୟାଣ୍ଡେଲରେ ଇସ୍ରୋ ଲେଖିଛି। ପ୍ରଜ୍ଞାନକୁ ସଫଳତାର ସହ ମୁତୟନ କରାଯାଇଥିବାରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଇସ୍ରୋ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି।

ଚନ୍ଦ୍ରପୃଷ୍ଠରେ ରୋଭର ୧୪ ଦିନ ପର୍ଯ୍ୟନ୍ତ ସକ୍ରିୟ ରହିବ। ଏହି ସମୟରେ ପ୍ରଜ୍ଞାନ ଚନ୍ଦ୍ରପୃଷ୍ଠର ପରୀକ୍ଷାନିରୀକ୍ଷା ଚଳାଇବ। ରୋଭରର ଆଲ୍‌ଫା ପାର୍ଟିକଲ୍ ଏକ୍ସ-ରେ ସ୍ପେକ୍ଟ୍ରୋମିଟର ଚନ୍ଦ୍ର ମୃତ୍ତିକାର ରାସାୟନିକ ଗଠନ ଏବଂ ଖଣିଜ ସଂରଚନାର ଅନୁମାନ କରିବ। ଏଥିରେ ଥିବା ଲେଜର ଇଣ୍ଡ୍ୟୁସ୍‌ଡ ବ୍ରେକ୍‌ଡାଉନ୍ ସ୍ପେକ୍ଟ୍ରୋସ୍କୋପ୍ (ଏଲ୍‌ଆଇବିଏସ୍) ଲ୍ୟାଣ୍ଡିଂ ସ୍ଥାନ ଚତୁଃପାର୍ଶ୍ୱରେ ଥିବା ମୃତ୍ତିକା ଓ ଶିଳାର ଉପାଦନ ସଂରଚନାକୁ ଚିହ୍ନଟ କରିବ। ଲ୍ୟାଣ୍ଡର ପ୍ଲେଲୋଡ୍ ରମ୍ଭା-ଏଲ୍‌ପି ଚନ୍ଦ୍ରପୃଷ୍ଠର ପ୍ଲାଜ୍‌ମା ସାନ୍ଦ୍ରତା ଏବଂ ସମୟ ସହ ଏହାର ପରିବର୍ତ୍ତନକୁ ଆକଳନ କରିବ। ଚାଷ୍ଟେ ପ୍ଲେଲୋଡ୍ ଚନ୍ଦ୍ରପୃଷ୍ଠର ମେରୁ ନିକଟବର୍ତ୍ତୀ ଅଞ୍ଚଳର ତାପମାତ୍ରା ମାପିବାକୁ ଥିବାବେଳେ ଲୁନାର ସିସ୍‌ମିକ ଆକ୍ଟିଭିଟି ଯନ୍ତ୍ର ଲ୍ୟାଣ୍ଡିଂ ସ୍ଥଳର କମ୍ପନକୁ ମାପିବ।





ଲ୍ୟାଣ୍ଡର ବିକ୍ରମରୁ ରୋଭର ପ୍ରଜ୍ଞାନ ବାହାରିବାର ପ୍ରତୀକାତ୍ମକ ଚିତ୍ର।

## ପାଣିର ସନ୍ଧାନ ପାଇଁ ଦକ୍ଷିଣ ମେରୁ ବାଛିଥିଲୁ: ଇସ୍ରୋ ମୁଖ୍ୟ ସୋମନାଥ



ବେଙ୍ଗାଲୁରୁ,୨୪।୮

ଭାରତର ଚନ୍ଦ୍ରୟାନ-୩ ବୁଧବାର ସନ୍ଧ୍ୟାରେ ଚନ୍ଦ୍ରର ଦକ୍ଷିଣ ମେରୁରେ ସଫଳତାର ସହ ସଫ୍ଟ ଲ୍ୟାଣ୍ଡିଂ କରିବା ପୂର୍ବରୁ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିଲା। ଦକ୍ଷିଣ ମେରୁରେ ମହାକାଶ ଯାନ ଅବତରଣ କରାଇବାରେ ଭାରତ ପ୍ରଥମ ଦେଶ ଭାବେ ଇତିହାସ ସୃଷ୍ଟି କରିଛି। ତେବେ ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) କ'ଣ ପାଇଁ ଦକ୍ଷିଣ ମେରୁ ବାଛିଲା ସେ ନେଇ ଏହାର ମୁଖ୍ୟ ଏସ୍. ସୋମନାଥ ସ୍ପଷ୍ଟ କରିଛନ୍ତି। ଚନ୍ଦ୍ରୟାନ-୨ ମଧ୍ୟ ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ ଉଦ୍ୟମ କରି ବିଫଳ ହୋଇଥିଲା। ଚନ୍ଦ୍ରୟାନ-୩ର ଦକ୍ଷିଣ ମେରୁ ଅବତରଣ ସ୍ୱତନ୍ତ୍ର ଥିଲା, କାରଣ ଏପର୍ଯ୍ୟନ୍ତ କେହି ଉକ୍ତ ପାର୍ଶ୍ୱରେ ସଫ୍ଟ ଲ୍ୟାଣ୍ଡିଂ କରିନାହାନ୍ତି। ଚନ୍ଦ୍ରରେ ପାଣି ଓ ବରଫ ହେଉଛି ଏହାର ସବୁଠୁ ମୂଲ୍ୟବାନ ସମ୍ବଳ। ଦକ୍ଷିଣ ମେରୁରେ ପ୍ରଚୁର ପାଣି ଓ ଖଣିଜ ପଦାର୍ଥର ସନ୍ଧାନ ମିଳିବା ନେଇ ଇସ୍ରୋ ଆଶାବାଦୀ ରହିଛି। ସେଥିପାଇଁ ଦକ୍ଷିଣ ମେରୁରେ ଲ୍ୟାଣ୍ଡିଂ ପାଇଁ ନିଷ୍ପତ୍ତି ନିଆଯାଇଥିଲା ବୋଲି ସୋମନାଥ କହିଛନ୍ତି। ଉଭୟ ଲ୍ୟାଣ୍ଡର ବିକ୍ରମ ଏବଂ ରୋଭର ପ୍ରଜ୍ଞାନ ଚନ୍ଦ୍ରପୃଷ୍ଠରେ ୧୪ ଦିନ କାର୍ଯ୍ୟକ୍ଷମ ରହି ଏହାର ଅନୁସନ୍ଧାନ କରିବେ।

## ନୂଆ କାର୍ଟୁନର ସମୟ | ଏନ୍‌ୱାଇଟିର ପୁରୁଣା ବ୍ୟଙ୍ଗକୁ ଭୁଲିନାହାନ୍ତି ଭାରତୀୟ

ନୂଆଦିଲ୍ଲୀ,୨୪।୮

ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ବୁଧବାର ସନ୍ଧ୍ୟାରେ ଚନ୍ଦ୍ରର ଦକ୍ଷିଣ ମେରୁରେ ଚନ୍ଦ୍ରୟାନ-୩ର ସଫଳ ସୂକ୍ଷ୍ମାବତରଣ କରାଇ ଇତିହାସ ରଚିଛି। ପୂର୍ବରୁ ରୁଷିଆ, ଆମେରିକା ଓ ଚାଇନାର ମୁନ୍ ମିଶନ ସଫଳ ହୋଇଥିବାବେଳେ ଏଭଳି ସଫଳତା ହାସଲ କରିବାରେ ଭାରତ ହେଉଛି ପ୍ରଥମ ରାଷ୍ଟ୍ର। ତେଣୁ ଭାରତୀୟମାନେ ଏହାକୁ ନେଇ ଖୁବ୍ ଉତ୍ସାହିତ ଅଛନ୍ତି। କିନ୍ତୁ ସେମାନେ ଆମେରିକାରୁ ପ୍ରକାଶିତ 'ନ୍ୟୁୟର୍କ ଟାଇମ୍ସ' (ଏନ୍‌ୱାଇଟି)ର ଏକ ୯ ବର୍ଷ ତଳର କାର୍ଟୁନ୍‌କୁ ଭୁଲିପାରି ନାହାନ୍ତି।




୨୦୧୪ରେ ୪୫୦ କୋଟି ବ୍ୟୟରେ ଭାରତର ମଙ୍ଗଳ ଅଭିଯାନ ସଫଳ ହୋଇଥିଲା। ପୂର୍ବରୁ ଆମେରିକା, ରୁଷିଆ ଓ ୟୁରୋପ ମଙ୍ଗଳକୁ ଯାନ ପଠାଇଥିଲେ ହେଁ ଆନ୍ତଃ ଗ୍ରହ ମିଶନ ପାଇଁ ଭାରତ ସବୁଠୁ କମ୍ ଖର୍ଚ୍ଚ କରିଥିଲା। ମଙ୍ଗଳୟାନର ସଫଳତା ପରେ ଏନ୍‌ୱାଇଟିରେ ଏକ କାର୍ଟୁନ ପ୍ରକାଶ ପାଇଥିଲା। ସେଥିରେ ଜଣେ ଭାରତୀୟ ଚାଷୀ ଏକ ଗାଈକୁ ସାଙ୍ଗରେ ଧରି 'ଏଲିଟ୍ ସ୍ପେସ୍ କ୍ଲବ୍'ର କବାଟ ବାଡ଼ଉଛନ୍ତି। ଘର ଭିତରେ ୩ ଜଣ ସୁଟ୍ ପିନ୍ଧିଥିବା ବ୍ୟକ୍ତି (ସମ୍ଭବତଃ ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା ନାସାର ବୈଜ୍ଞାନିକ) ବସିଥିବା ଦେଖାଯାଇଥିଲା। ସିଙ୍ଗାପୁରର ବ୍ୟଙ୍ଗ ଚିତ୍ରକର ହେଙ୍ଗ୍ କିମ୍ ସଙ୍ଗଙ୍କ ଏହି କାର୍ଟୁନର ଶୀର୍ଷକ ଥିଲା, 'ଇଣ୍ଡିଆଜ୍ ବଜେଟ୍ ମିଶନ ଟୁ ମାର୍ସ'। ଚନ୍ଦ୍ରୟାନ-୩ର ସଫଳତା ପରେ ଉତ୍ସବ ମନାଉଥିବା ଭାରତୀୟ ନେଟିଜେନ୍‌ମାନେ ସେହି ପୁରୁଣା ଫଟୋକୁ ମନେପକାଇ ନ୍ୟୁୟର୍କ ଟାଇମ୍ସକୁ ବୈଷମ୍ୟବାଦୀ ଖବରକାଗଜର ଆଖ୍ୟା ଦେଇଛନ୍ତି। ସେମାନେ କହୁଛନ୍ତି, ଏନ୍‌ୱାଇଟି ପାଇଁ ଏବେ ନୂଆ କାର୍ଟୁନ ପ୍ରକାଶ କରିବାର ସମୟ ଉପନୀତ।

## ୨୦୦୪ ଆସାମ ବିସ୍ଫୋରଣ ମାମଲା
## ୬ ଅଭିଯୁକ୍ତ ଖଲାସ

ଗୁଆହାଟୀ,୨୪।୮

୨୦୦୪ରେ ଆସାମର ଧେମାଜୀଠାରେ ଘଟିଥିବା ବୋମା ବିସ୍ଫୋରଣ ମାମଲାରେ ସମ୍ପୃକ୍ତ ୬ ଅଭିଯୁକ୍ତଙ୍କୁ ଗୁଆହାଟୀ ହାଇକୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଏହି ବିସ୍ଫୋରଣରେ ୧୩ ସ୍କୁଲ ପିଲାଙ୍କ ସମେତ ୧୮ ଜଣଙ୍କ ମୃତ୍ୟୁ ଘଟିଥିଲା। ସ୍ୱାଧୀନତା ଦିବସ ଉତ୍ସବ ଚାଲିଥିବାବେଳେ ଏହି ବିସ୍ଫୋରଣ ଘଟିଥିଲା। ୨୦୧୯ରେ ଏହି ମାମଲାରେ ସମ୍ପୃକ୍ତ ଅଭିଯୋଗରେ ପୋଲିସ ୬ ଜଣଙ୍କୁ ଗିରଫ କରିଥିଲା। ୟୁନାଇଟେଡ୍ ଲିବେରେଶନ ଫ୍ରଣ୍ଟ ଅଫ୍ ଆସାମ(ୟୁଏଲ୍‌ଏଫ୍‌ଏ) ଏହି ବିସ୍ଫୋରଣ ଘଟାଇଥିଲା। ୨୦୧୯ରେ ଧେମାଜୀ ଜିଲ୍ଲା ଏବଂ ସେସନ କୋର୍ଟ ୪ ଅଭିଯୁକ୍ତ ଲିଲା ଗୋଗୋଇ, ଦୀପାଞ୍ଜଳୀ ବୋରଗୋହିନ, ମୁହି ହଡ଼ିକ ଏବଂ ଜତିନ ଦୋଓ୍ୱାରୀଙ୍କୁ ଆଜୀବନ କାରାଦଣ୍ଡ ସହ ଅନ୍ୟ ୨ଜଣ ଅଭିଯୁକ୍ତ ପ୍ରଶାନ୍ତ ଭୂୟାଁ ଓ ହେମନ ଗୋଗୋଇଙ୍କୁ ୪ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଥିଲେ। ତଳ କୋର୍ଟର ଏହି ରାୟ ବିରୋଧରେ ଅଭିଯୁକ୍ତମାନେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସେସନ କୋର୍ଟର ଏହି ରାୟକୁ ହାଇକୋର୍ଟ ଖାରଜ କରିବା ସହ ସମସ୍ତ ଅଭିଯୁକ୍ତଙ୍କୁ ଖଲାସ କରିଛନ୍ତି।

## ବ୍ରିକ୍ସରେ ଆଉ ୬ ଦେଶ ସାମିଲ ହେବେ

ଜୋହାନ୍ସବର୍ଗ,୨୪।୮



ବ୍ରିକ୍ସ ରାଷ୍ଟ୍ରଗୋଷ୍ଠୀରେ ଆସନ୍ତା ବର୍ଷ ଜାନୁୟାରୀ ୧ରେ ଆଉ ୬ଟି ଦେଶ ପୂର୍ଣ୍ଣ ସଦସ୍ୟ ଭାବେ ସାମିଲ ହେବାକୁ ଯାଉଛନ୍ତି। ସେହି ଦେଶଗୁଡ଼ିକ ହେଲେ ଇଜିପ୍ଟ, ଇଥିଓପିଆ, ଇରାନ, ଆର୍ଜେଣ୍ଟିନା, ୟୁନାଇଟେଡ୍ ଆରବ ଏମିରେଟ୍ସ ଏବଂ ସାଉଦି ଆରବ। ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ ରାମାଫୋସା ଗୁରୁବାର ଅପରାହ୍ନରେ ଏହି ସୂଚନା ଦେଇଛନ୍ତି। ବ୍ରାଜିଲ, ରୁଷିଆ, ଚାଇନା, ଭାରତ ଏବଂ ଦକ୍ଷିଣ ଆଫ୍ରିକାକୁ ନେଇ ଗଠିତ ବ୍ରିକ୍ସକୁ ସମ୍ପ୍ରସାରଣ କରିବା ଲାଗି ସମ୍ମିଳନୀରେ ସହମତି ପ୍ରକାଶ ପାଇଥିଲା। ବ୍ରିକ୍ସ ସହ ସାମିଲ ହେବାକୁ ଚାହୁଁଥିବା ଅନ୍ୟ ଦେଶଗୁଡ଼ିକର ସ୍ୱାର୍ଥକୁ ଆମେ ସମ୍ମାନ ଦେଉଛୁ ବୋଲି ରାମାଫୋସା କହିଛନ୍ତି। ତାଙ୍କର ଏହି ଘୋଷଣା ପରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉପରୋକ୍ତ ୬ ଦେଶକୁ ସ୍ୱାଗତ କରିବା ସହ ସେମାନଙ୍କ ସହିତ ଏକାଠି କାମ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ଲଦାଖରୁ ତୁରନ୍ତ ସୈନ୍ୟ ପ୍ରତ୍ୟାହାର ସହମତି

### ବ୍ରିକ୍ସରେ ମୋଦି-ଜିନ୍‌ପିଙ୍ଗ୍ ଆଲୋଚନା

ନୂଆଦିଲ୍ଲୀ,୨୪।୮

ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ୧୫ତମ ବ୍ରିକ୍ସ ସମିଟ୍ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ମଧ୍ୟରେ ଆଲୋଚନା ହୋଇଛି। ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ରୁ ସମ୍ପୂର୍ଣ୍ଣ ଭାବେ ଉତ୍ତେଜନା ହ୍ରାସ ଲାଗି ସୈନ୍ୟ ପ୍ରତ୍ୟାହାରକୁ ତ୍ୱରାନ୍ୱିତ କରିବା ନିମନ୍ତେ ଉଭୟ ନେତା ସହମତ ହୋଇଛନ୍ତି। ପୂର୍ବ ଲଦାଖର ଗଲୱାନ୍ ଉପତ୍ୟକାରେ ୨୦୨୦ ଜୁନ୍‌ରେ ଦୁଇ ଦେଶର ସୈନ୍ୟଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷଠାରୁ ସୀମାରେ ଉତ୍ତେଜନା ଲାଗିରହିଛି। ପୂର୍ବ ଲଦାଖ ଅନ୍ତର୍ଗତ ଏଲ୍‌ଏସିରେ ଅସମାହିତ ପ୍ରସଙ୍ଗକୁ ନେଇ ପ୍ରଧାନମନ୍ତ୍ରୀ ମୋଦି ଚିନ୍ତାବ୍ୟକ୍ତ କରିଥିଲେ। ସୀମାନ୍ତ ଅଞ୍ଚଳରେ ଶାନ୍ତି ଏବଂ ପ୍ରକୃତ ନିୟନ୍ତ୍ରଣ ରେଖାକୁ ସମ୍ମାନ ଭାରତ-ଚାଇନା ସମ୍ପର୍କକୁ ସ୍ୱାଭାବିକ କରିବା ଲାଗି ଅତି ଜରୁରୀ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଏହି ପରିପ୍ରେକ୍ଷୀରେ ଉତ୍ତେଜନା ହ୍ରାସ ଏବଂ ସୈନ୍ୟ ପ୍ରତ୍ୟାହାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବା ଲାଗି ମୋଦି ଓ ଜିନ୍‌ପିଙ୍ଗ ରାଜି ହୋଇଛନ୍ତି। ପୂର୍ବ ଲଦାଖର ଡେସ୍‌ପାଙ୍ଗ ଏବଂ ଡେମ୍‌ଚୋକ୍‌ରେ ଦୁଇ ଦେଶର ସୈନ୍ୟଙ୍କ ମଧ୍ୟରେ ୨୦୨୦ରେ ମୁହାଁମୁହିଁ ସ୍ଥିତି ଉପୁଜିଥିଲା। ଉକ୍ତ ଅଞ୍ଚଳକୁ ନେଇ ରହିଥିବା ପ୍ରସଙ୍ଗର ସମାଧାନ ଉପରେ ଅଗଷ୍ଟ ୧୩ ଓ ୧୪ରେ ୧୯ତମ କର୍ପସ କମାଣ୍ଡର ସ୍ତରୀୟ ଆଲୋଚନା ହୋଇଥିଲା।



ନରେନ୍ଦ୍ର ମୋଦି | ଶି ଜିନ୍‌ପିଙ୍ଗ୍

## ଜେଡିୟୁ ଜାତୀୟ କାର୍ଯ୍ୟକାରିଣୀରୁ ହରିବଂଶ ବାଦ୍

ନୂଆଦିଲ୍ଲୀ,୨୪।୮



ସଂଯୁକ୍ତ ଜନତା ଦଳ (ଜେଡିୟୁ)ର ନୂଆ ଜାତୀୟ କାର୍ଯ୍ୟକାରିଣୀରୁ ବରିଷ୍ଠ ନେତା ହରିବଂଶ ନାରାୟଣ ସିଂଙ୍କୁ ବାଦ୍ ଦିଆଯାଇଛି। ତେବେ ତାଙ୍କର ରାଜ୍ୟ ସଭା ଉପାଧ୍ୟକ୍ଷ ପଦ କାଏମ ରହିଛି। ଜେଡିୟୁ ସଭାପତି ତଥା ଏମ୍‌ପି ରାଜୀବ ରଞ୍ଜନ ସିଂ ଓରଫ ଲଲନ ସିଂ ବୁଧବାର ୯୮ ସଦସ୍ୟ ବିଶିଷ୍ଟ ଦଳର ଜାତୀୟ କାର୍ଯ୍ୟକାରିଣୀ ତାଲିକା ପ୍ରକାଶ କରିଥିଲେ, ଯେଉଁଥିରେ ହରିବଂଶଙ୍କ ନାଁ ନାହିଁ। ନୀତୀଶ କୁମାର ଭାଜପା ସହ ତାଙ୍କ ଦଳର ସମ୍ପର୍କ ତୁଟାଇ ଗତବର୍ଷ ଅଗଷ୍ଟରେ ଆର୍‌ଜେଡି ଏବଂ କଂଗ୍ରେସ ସହ ମିଶି ନୂଆ ସରକାର ଗଢ଼ିଥିଲେ ମଧ୍ୟ ହରିବଂଶ ରାଜ୍ୟ ସଭା ଉପାଧ୍ୟକ୍ଷ ପଦରେ ରହିବେ। ସେ ଉକ୍ତ ପଦବୀରୁ ଇସ୍ତଫା ଦେଇ ନ ଥିବାରୁ ଭାଜପା ସହ ପୁଣିଥରେ ପଛଦ୍ୱାର ଆଲୋଚନା ପାଇଁ ନୀତୀଶ କୁମାର ଚ୍ୟାନେଲ ଖୋଲା ରହିଥିବା ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋର ଅନେକ ଥର ସମାଲୋଚନା କରିଛନ୍ତି।

## 'ଆମି ଭାଲୋ ନାଇଁ'

### ମୃତ୍ୟୁ ପୂର୍ବରୁ ଯାଦବପୁର ଛାତ୍ରଙ୍କ ଶେଷ ଶବ୍ଦ ଥିଲା

ନୂଆଦିଲ୍ଲୀ,୨୪।୮

ଯାଦବପୁର ବିଶ୍ୱବିଦ୍ୟାଳୟର ୧୭ ବର୍ଷୀୟ ଛାତ୍ର ଗତ ୯ ତାରିଖରେ ହଷ୍ଟେଲର ଦ୍ୱିତୀୟ ମହଲାରୁ ଖସି ପ୍ରାଣ ହରାଇବା ପରେ ର୍‍ୟାଗିଂକୁ ନେଇ ସାରା ଦେଶରେ ବିତର୍କ ହୋଇଥିଲା। ମୃତ୍ୟୁ ପୂର୍ବରୁ ଛାତ୍ରଙ୍କୁ ଉଲଗ୍ନ କରାଯାଇ କ୍ୟାମ୍ପସ୍ ଭିତରେ ଥିବା ହଷ୍ଟେଲରେ ପରେଡ୍ କରାଯାଇଥିଲା ବୋଲି ପୋଲିସ ତଦନ୍ତରୁ ଜଣାପଡ଼ିଛି। ହଷ୍ଟେଲରେ ତାଙ୍କୁ ର୍‍ୟାଗିଂ କରାଯିବା ସହ ଯୌନ ନିର୍ଯାତନା ଦିଆଯାଇଥିଲା ବୋଲି ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଏହି ମାମଲାରେ ପୋଲିସ ୧୩ ଜଣଙ୍କୁ ଗିରଫ କରିଛି। ହଷ୍ଟେଲର ଅନ୍ତେବାସୀ ଏବଂ କର୍ମଚାରୀମାନଙ୍କୁ ପୋଲିସ ଜେରା କରିଛି। ପୋଲିସ କହିବା ଅନୁଯାୟୀ ଅଣ୍ଡରଗ୍ରାଜୁଏଟ୍ ପ୍ରଥମ ବର୍ଷ ଛାତ୍ର ଜଣଙ୍କୁ ଘଣ୍ଟାଏରୁ ଊର୍ଦ୍ଧ୍ୱ ସମୟ ଧରି ର୍‍ୟାଗିଂ କରାଯାଇଥିଲା। ଏଥିରୁ ବର୍ତ୍ତିବା ଲାଗି ସେ ହଷ୍ଟେଲର ପ୍ରକୋଷ୍ଠରୁ ପ୍ରକୋଷ୍ଠ ଧାଇଁଥିଲେ। ର୍‍ୟାଗିଂ ବେଳେ ସେ ସମଲିଙ୍ଗୀ ଯୌନ ଶୋଷଣର ଶିକାର ହୋଇଥିଲେ ବୋଲି ପୋଲିସ କହିଛି।

ମୃତ ଛାତ୍ରଙ୍କ ପରିବାର ସଦସ୍ୟ କହିଛନ୍ତି, ସେମାନେ ଗତ ୯ ତାରିଖ ରାତି ୯ଟାରେ ଅନେକ ଥର ପୁଅକୁ ଫୋନ୍ କଲ୍ କରିଥିଲେ ମଧ୍ୟ କେହି ଜଣେ ଫୋନ୍ କାଟିଦେଉଥିଲେ। ଯୋଗାଯୋଗ ହୋଇ ନ ପାରିବାରୁ ପରିବାର ଲୋକେ ସିନିୟର ଛାତ୍ରଙ୍କୁ ଫୋନ୍ କରିଥିଲେ। ସେମାନେ କହିଥିଲେ, ପୁଅ ଭଲ ଅଛି ଏବଂ ୧୫ ମିନିଟ୍ ପରେ ପୁଅ ସହ କଥା କରାଇଥିଲେ। ସେତେବେଳେ ପୁଅ କେବଳ ହଁ ଏବଂ ନା'ରେ ଉତ୍ତର ଦେଇଥିଲେ। ସେଠାରେ ବହୁତ ପିଲା ଥିବାର କୋଳାହଳ ଶୁଭୁଥିବାରୁ ପରିବାର ଲୋକେ ଡରିଯାଇ କ'ଣ ହୋଇଛି ବୋଲି ପଚାରିଥିଲେ। ପୁଅର ଶେଷ ବାକ୍ୟ ଥିଲା 'ଆମି ଭଲୋ ନାଇଁ' (ମୁଁ ଭଲ ନାହିଁ) ବୋଲି ମା' କୋହଭରା କଣ୍ଠରେ କହିଛନ୍ତି।

## ନେତା କହିଦେଲେ ଏମିତି କଥା

ଚନ୍ଦ୍ରରେ ଅବତରଣ କରିଥିବା ମାନବରହିତ ମୁନ୍ ମିଶନର ଲ୍ୟାଣ୍ଡର କି ରୋଭର୍ ପୃଥିବୀ ପୃଷ୍ଠକୁ ଫେରିବ ନାହିଁ ଏକଥା ପ୍ରାୟ ସମସ୍ତେ ଜାଣନ୍ତି। କିନ୍ତୁ ଦେଶର କେତେଜଣ ନେତା ଏହି ବିଷୟରେ ଅଜ୍ଞ, ଯାହାକି ସେମାନଙ୍କ ପାଟିରୁ ଖସିଥିବା ଶବ୍ଦରୁ ସ୍ପଷ୍ଟ ହୋଇଛି। ନେତାଙ୍କ ମନ୍ତବ୍ୟ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇ କୌତୂହଳ ସୃଷ୍ଟି କରିଛି।

### ରାକେଶ ରୋଶନ ପ୍ରଥମ ମହାକାଶଚାରୀ: ମମତା



ଚନ୍ଦ୍ରୟାନ-୩ର ଐତିହାସିକ ସଫଳତା ପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କୋଲକାତାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କହିଥିଲେ, ରାଜ୍ୟବାସୀଙ୍କ ତରଫରୁ ମୁଁ ଇସ୍ରୋକୁ ଅଗ୍ରିମ ଅଭିନନ୍ଦନ ଜଣାଉଛି। ଏହାର ଶ୍ରେୟ ଦେଶକୁ ଯିବା ଉଚିତ। ଯେତେବେଳେ ରାକେଶ ରୋଶନ ଚନ୍ଦ୍ରରେ ଅବତରଣ କରିଥିଲେ, ସେଠାରୁ ଭାରତ କିପରି ଦେଖାଯାଉଛି ବୋଲି ତାଙ୍କୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ପ୍ରଶ୍ନ କରିଥିଲେ। ପ୍ରକାଶ ଯେ, ୧୯୮୪ରେ ସୋଭିଏତ୍ ସଂଘର ସୋୟୁଜ୍ ଟି-୧୧ ଅଭିଯାନରେ ଭାରତୀୟ ବାୟୁସେନାର ପାଇଲଟ୍ ରାକେଶ ଶର୍ମା ସାମିଲ ହୋଇଥିଲେ। ଭାରତର ପ୍ରଥମ ମହାକାଶଚାରୀ ରାକେଶ ଶର୍ମାଙ୍କ ନାମ ସ୍ମରଣ କରି ନ ପାରି ମମତା ଏପରି ପ୍ରତିକ୍ରିୟା ଦେଇଥିଲେ।

### ଚନ୍ଦ୍ରୟାନ-୩ର ସମସ୍ତ ଯାତ୍ରୀଙ୍କୁ ସାଲ୍ୟୁଟ୍: ରାଜସ୍ଥାନ ମନ୍ତ୍ରୀ



ଚନ୍ଦ୍ରୟାନ-୩ର ସଫଳତା ପରେ ଚାରିଆଡ଼ୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଥିବାବେଳେ ରାଜସ୍ଥାନର କ୍ରୀଡ଼ାମନ୍ତ୍ରୀ ଅଶୋକ ଚନ୍ଦନା ଜୟପୁରସ୍ଥିତ ଏସ୍‌ଏମ୍‌ଏସ୍ ଷ୍ଟାଡିୟମ୍‌ରେ ଖେଲୋ ଇଣ୍ଡିଆ ସେଣ୍ଟରକୁ ଉଦ୍‌ଘାଟନ କରି କହିଥିଲେ, ବିଜ୍ଞାନ ଓ ମହାକାଶ ଗବେଷଣା କ୍ଷେତ୍ରରେ ଆମ ଦେଶ ଆଉ ପାଦେ ଆଗକୁ ବଢ଼ିଛି। ଏଥିପାଇଁ ଦେଶବାସୀଙ୍କୁ ଅଭିନନ୍ଦନ। ଚନ୍ଦ୍ରୟାନ-୩ ଯଦି ସଫ୍ଟ ଲ୍ୟାଣ୍ଡିଂରେ ସଫଳ ହୋଇଛି ତେବେ ଏହାର ସମସ୍ତ ଯାତ୍ରୀଙ୍କୁ ମୁଁ ସାଲ୍ୟୁଟ୍ କରୁଛି।

### ଚନ୍ଦ୍ରୟାନ ଫେରିଲେ ଦେଶବ୍ୟାପୀ ସ୍ୱାଗତ: ରାଜଭର



ଜଣେ ଟିଭି ରିପୋର୍ଟର ଉତ୍ତର ପ୍ରଦେଶର ପୂର୍ବତନ ମନ୍ତ୍ରୀ ତଥା ସୁହେଲଦେବ ଭାରତୀୟ ସମାଜ ପାର୍ଟି (ଏସ୍‌ବିଏସ୍‌ପି) ମୁଖ୍ୟ ଓମ୍ ପ୍ରକାଶ ରାଜଭରଙ୍କୁ ଚନ୍ଦ୍ରୟାନ-୩ର ସୂକ୍ଷ୍ମାବତରଣ ପରେ ପ୍ରତିକ୍ରିୟା ମାଗିଥିଲେ। ରାଜଭର କହିଥିଲେ, ଇସ୍ରୋ ବୈଜ୍ଞାନିକମାନଙ୍କୁ ସେମାନଙ୍କ ନିରନ୍ତର ଗବେଷଣା ପାଇଁ ଅଭିନନ୍ଦନ। ଚନ୍ଦ୍ରୟାନ ୩ ସୁରକ୍ଷିତ ଭାବେ ପୃଥିବୀ ପୃଷ୍ଠକୁ ଫେରିଲେ ଏହାକୁ ଦେଶବ୍ୟାପୀ ସ୍ୱାଗତ କରାଯିବା ଉଚିତ।

# ପୋଲିସ ଜୁଲମକୁ ମାଓବାଦୀଙ୍କ ବିରୋଧ

## ମୈତ୍ରୀ କମ୍ପାନୀକୁ ବିରୋଧକରି ଅଞ୍ଚଳବାସୀ ଗିରଫ ହେବା ଘଟଣା


ମୁନିଗୁଡ଼ା ଥାନା ରାମନାକୁପୁଲି ଛକରେ ମାଓବାଦୀମାନେ ଲଗାଇଥିବା ବ୍ୟାନର୍।

ରାୟଗଡ଼ା,୨୪।୮
(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଅନ୍ତର୍ଗତ ସୁଙ୍ଗେର ପଞ୍ଚାୟତର ସିଜିମାଳି ଖଣି ଖନନକୁ ନେଇ ମୈତ୍ରୀ କମ୍ପାନୀ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ବିବାଦ ଘନେଇବାରେ ଲାଗିଛି। ମୈତ୍ରୀ କମ୍ପାନୀ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶରେ ପୋଲିସ ଅଞ୍ଚଳବାସୀଙ୍କୁ ନିର୍ଯାତନା ଦେଉଥିବା ସିଜିମାଳି ଖଣି ପ୍ରଭାବିତ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଅପରପକ୍ଷେ ମୈତ୍ରୀ କମ୍ପାନୀ କର୍ତ୍ତୃପକ୍ଷ ଏବଂ ପୋଲିସ ସ୍ଥାନୀୟ ଆଦିବାସୀଙ୍କ ଉପରେ କରୁଥିବା ଜୁଲମକୁ ମାଓବାଦୀ ସଙ୍ଗଠନ ଦୃଢ଼ ବିରୋଧ କରିଛି। ଏହାର ପ୍ରତିବାଦକରି ବାଘୁନା ମାଓବାଦୀ କମିଟି ପକ୍ଷରୁ ମୁନିଗୁଡା ବ୍ଲକ ରାମନାକୁପୁଲି ଛକ ନିକଟରେ ମାଓବାଦୀମାନେ ବ୍ୟାନର ମାରିଥିବା ଦେଖିବାକୁ ମିଳିଛି। ରାୟଗଡ଼ା ଜିଲାରେ ପୋଲିସ ଜନ ଆନ୍ଦୋଳନକାରୀଙ୍କୁ ରାତିଅଧିଆ ଉଠାଇନେବା ଏବଂ ସେମାନଙ୍କ ଉପରେ ଅତ୍ୟାଚାର କରିବା ସହ ମିଥ୍ୟା ମାମଲା ରୁଜୁକରି ଗିରଫ କରିବା ଘଟଣାକୁ ବାଘୁନା ଡିଭିଜନାଲ ମାଓବାଦୀ କମିଟି ଦୃଢ ବିରୋଧ କରୁଥିବା ପୋଷ୍ଟରରେ ଉଲ୍ଲେଖ ରହିଛି। ପୋଲିସ ତୁରନ୍ତ ଏ ସବୁ ବନ୍ଦ କରିବା ସହ ଗିରଫ ସମସ୍ତ ବ୍ୟକ୍ତିଙ୍କୁ ନିର୍ଦ୍ଦୋଷରେ ଖଲାସ କରିବାକୁ କୁହାଯାଇଛି। ନଚେତ୍ ଏହି ଚକ୍ରାନ୍ତରେ ଦାୟୀ ଥିବା ଶାସକ ଦଳର ବିଧାୟକ ତଥା ମନ୍ତ୍ରୀ ଜଗନ୍ନାଥ ସାରକା, ପୂର୍ବତନ ରାଜ୍ୟ ସଭା ସଦସ୍ୟ ଏନ୍. ଭାସ୍କର ରାଓ ଏବଂ ବିଏସ୍‌କେୱାଇ ଉପଦେଷ୍ଟା ତଥା ବିଜେଡି ଜିଲା ସଭାପତି ସୁଧୀର ଦାସଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବ୍ୟାନରରେ ଚେତାବନୀ ଦିଆଯାଇଛି।

ପ୍ରକାଶ ଥାଉକି, ମୈତ୍ରୀ କମ୍ପାନୀ ମାଲିକ ଶ୍ରୀନିବାସ ଓ କର୍ମଚାରୀ ସତ୍ୟନାରାୟଣଙ୍କ ସମେତ କେତେଜଣ କର୍ତ୍ତୃପକ୍ଷ ଗତ ୧୨ ତାରିଖରେ ସିଜିମାଳି ଖଣି ପରିଦର୍ଶନରେ ଯାଇଥିଲେ। ଅଞ୍ଚଳବାସୀ ସେମାନଙ୍କୁ ଦୃଢ଼ ବିରୋଧ କରିଥିଲେ। ସ୍ଥାନୀୟ ଲୋକଙ୍କ ସହ ଆଲୋଚନା ନ କରିବା ପର୍ଯ୍ୟନ୍ତ ମୈତ୍ରୀ କମ୍ପାନୀ କର୍ତ୍ତୃପକ୍ଷ ଅଞ୍ଚଳକୁ ଆସିବେ ନାହିଁ ବୋଲି ଶ୍ରୀନିବାସ ଏକ ଧଳା କାଗଜରେ ଲିଖିତ ଭାବେ ଅଞ୍ଚଳବାସୀଙ୍କୁ ଦେଇଥିଲେ। ସେମାନେ ସେଠାରୁ ଫେରିବା ପରେ ମୈତ୍ରୀ କମ୍ପାନୀ କର୍ମଚାରୀ ତଥା ଟିକିରି ଥାନା ଅନ୍ତର୍ଗତ ଡୁଙ୍କାବାହାଲ ଗ୍ରାମର ପୀତବାସ ନାଏକ ସେମାନଙ୍କ ଉପରେ ଆକ୍ରମଣ ହୋଇଥିବା ନେଇ କାଶୀପୁର ଥାନାରେ ଏତଲା ଦେଇଥିଲେ। ଅଞ୍ଚଳର ୨୦୦ଜଣ ମୈତ୍ରୀ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଅପହରଣ କରିଥିବା ନେଇ ଉକ୍ତ ଏତଲାରେ ଉଲ୍ଲେଖ ରହିଛି। ସେଥିରେ ୯୫ଜଣଙ୍କ ନାମ ମଧ୍ୟ ଲିଖିତ ଭାବେ ଦିଆଯାଇଛି। ଅନ୍ୟପକ୍ଷରେ ପୋଲିସ ଅଞ୍ଚଳବାସୀଙ୍କ ସହ କୌଣସି ଆଲୋଚନା ନ କରି କମ୍ପାନୀ କର୍ତ୍ତୃପକ୍ଷଙ୍କ କଥାରେ ପକ୍ଷପାତିତା କରି ନିରୀହ ଲୋକଙ୍କୁ ଗିରଫ କରିବା ସହ ସେମାନଙ୍କ ଉପରେ ଅତ୍ୟାଚାର କରୁଛି। ତେଣୁ ଗିରଫ ଭୟରେ ପ୍ରବଳ ବର୍ଷା ଓ ଖରାରେ ଅଞ୍ଚଳର ପୁରୁଷମାନେ ବଣଜଙ୍ଗଲରେ ଘୂରି ବୁଲୁଛନ୍ତି। ଅଞ୍ଚଳବାସୀଙ୍କ ଉପରେ ଦମନ କରିବାକୁ କମ୍ପାନୀ ଓ ପୋଲିସର ଏହା ଚକ୍ରାନ୍ତ ବୋଲି ଅଞ୍ଚଳବାସୀ କହିଛନ୍ତି। ଅନ୍ୟପକ୍ଷରେ ଅଞ୍ଚଳର କେତେଜଣ ଲୋକ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଅପହରଣ କରିଥିବା ଅଭିଯୋଗ ହେବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ପୋଲିସ କହିଛି। ଏ ନେଇ ଆଇଆଇସି ସୂର୍ଯ୍ୟପ୍ରକାଶ ନାୟକଙ୍କୁ ପଚାରିବାରୁ ଏତଲା ଦାଏର ହେବା ପରେ କିଛି ଫୁଟେଜ ଆଧାରରେ ସେମାନଙ୍କୁ ଗିରଫ କରାଯାଇଥିବା କହିଥିଲେ। ରାୟଗଡ଼ା ଏସ୍‌ଡିପିଓ ରଶ୍ମିରଞ୍ଜନ ସେନାପତିଙ୍କୁ ଫୋନ୍ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ। ପୋଲିସର ଏହି ପକ୍ଷପାତିତା ଏବଂ ମୈତ୍ରୀ କମ୍ପାନୀ କର୍ତ୍ତୃପକ୍ଷଙ୍କ ଅଞ୍ଚଳବାସୀଙ୍କ ଉପରେ ଅତ୍ୟାଚାର ବିଷୟରେ ଜିଲା ପ୍ରଶାସନ, ପୋଲିସ ପ୍ରଶାସନ, ଶାସକ ଦଳର ନେତା ଓ ମନ୍ତ୍ରୀ ଏବଂ ବିରୋଧୀ ଦଳ ନେତାମାନେ ଜାଣିଥିଲେ ମଧ୍ୟ ନୀରବ ରହୁଥିବା ଅଞ୍ଚଳବାସୀ କହିଛନ୍ତି। ଆଗାମୀ ନିର୍ବାଚନରେ ମୈତ୍ରୀ ଓ ଅଞ୍ଚବାସୀଙ୍କ ବିବାଦ ନିର୍ଣ୍ଣାୟକ ଭୂମିକା ନେବ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ମତ ପ୍ରକାଶ କରିଛନ୍ତି।

## ଦୁର୍ଘଟଣା: ୩ ମାସରେ ମୃତ୍ୟୁ ହାର ୬.୨୪ % କମିଲା

**ଭୁବନେଶ୍ୱର,୨୪।୮(ଅନିଲ ଦାସ):** ରାଜ୍ୟରେ ସଡ଼କ ଦୁର୍ଘଟଣା ଓ ଦୁର୍ଘଟଣାଜନିତ ମୃତ୍ୟୁ ଗତବର୍ଷ ତୁଳନାରେ କମିଛି ବୋଲି ରାଜ୍ୟ ସଡ଼କ ପରିବହନ କର୍ତ୍ତୃପକ୍ଷ(ଏସ୍‌ଟିଏ) ପକ୍ଷରୁ ସୂଚନା ଦିଆଯାଇଛି। ୨୦୨୨ର ଦ୍ୱିତୀୟ ତ୍ରୈମାସିକ ତୁଳନାରେ ୨୦୨୩ର ଦ୍ୱିତୀୟ ତ୍ରୈମାସିକରେ ସଡ଼କ ଦୁର୍ଘଟଣା ଓଡ଼ିଶାରେ କମିଛି। ସଡ଼କ ଦୁର୍ଘଟଣା ୭.୫୬% ହ୍ରାସ ପାଇଥିବାବେଳେ ମୃତ୍ୟୁ ହାର ୬.୨୪% ହ୍ରାସ ପାଇଛି। ଦ୍ୱିତୀୟ ତ୍ରୈମାସିକରେ ୨୮୯୭ ସଡ଼କ ଦୁର୍ଘଟଣା ହୋଇଛି। ଏଥିରେ ୧୩୯୭ ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ୨୦୨୨ର ଦ୍ୱିତୀୟ ତ୍ରୈମାସିକରେ ୩୧୩୪ ଦୁର୍ଘଟଣାରେ ୧୪୯୦ ଜଣଙ୍କ ମୃତ୍ୟୁ ହୋଇଛି। ସଡ଼କ ଦୁର୍ଘଟଣାରେ ଆହତ ସଂଖ୍ୟା ମଧ୍ୟ ହ୍ରାସ ପାଇଛି। ଚଳିତ ବର୍ଷ ଦୁର୍ଘଟଣାରେ ସମୁଦାୟ ୨୫୭୨ ଜଣ ଆହତ ହୋଇଥିବା ବେଳେ ୨୦୨୨ରେ ୨୮୭୧ ଜଣ ସଡ଼କ ଦୁର୍ଘଟଣାରେ ଆହତ ହୋଇଥିଲେ। ସଡ଼କ ସୁରକ୍ଷା ଯୁଗ୍ମ କମିଶନର (ପରିବହନ) ପି. କେ. ମହାନ୍ତି କହିଛନ୍ତି, ଓଡ଼ିଶା ପୋଲିସର ସହଯୋଗରେ ପରିବହନ ବିଭାଗ ପ୍ରତ୍ୟେକ ମଙ୍ଗଳବାର ଟ୍ରାଫିକ ନିୟମ ବିରୋଧରେ ଶୂନ୍ୟ ସହନଶୀଳତା ଦିବସ ପାଳନ କରୁଛି। ସାରା ରାଜ୍ୟରେ ସଡ଼କ ସୁରକ୍ଷା ନିୟମ କଡ଼ାକଡ଼ି ଲାଗୁ ଯୋଗୁ ସଡ଼କ ଦୁର୍ଘଟଣା ଏବଂ ମୃତ୍ୟୁ ହାର ହ୍ରାସ ପାଇଛି।

ଉଲ୍ଲେଖଯୋଗ୍ୟ ଯେ ସଡ଼କ ଦୁର୍ଘଟଣାର ମୃତ୍ୟୁକୁ ହ୍ରାସ କରିବା ପାଇଁ ଏକ ସଚେତନତା-କାର୍ଯ୍ୟାନୁଷ୍ଠାନ ଅଭିଯାନର ଏକ ଅଂଶ ଭାବରେ ଏପ୍ରିଲ ୧ରୁ ୭ ପର୍ଯ୍ୟନ୍ତ 'ଜିରୋ ଫ୍ୟାଟିଲିଟି ସପ୍ତାହ' ପାଳନ କରାଯାଇଥିଲା। ଗତ ବର୍ଷର ସମାନ ସମୟ ତୁଳନାରେ ଜିରୋ ଫ୍ୟାଟିଲିଟି ସପ୍ତାହରେ ଦୁର୍ଘଟଣାରେ ୩୩.୧୫% ହ୍ରାସ ଏବଂ ମୃତ୍ୟୁ ହାରରେ ୧୫% ହ୍ରାସ ଘଟିଛି। ସଡ଼କ ସୁରକ୍ଷା କ୍ଷେତ୍ରରେ ସମସ୍ତେ ଯୋଗଦାନ ଦେଲେ ଦୁର୍ଘଟଣା ନିଶ୍ଚିତ ଭାବେ ହ୍ରାସ ପାଇବ। ୪ ଇଏସ- ରାସ୍ତାକୁ ସୁରକ୍ଷିତ କରିବା ପାଇଁ ଓଡ଼ିଶା କାର୍ଯ୍ୟକାରୀ, ଶିକ୍ଷା ସଡ଼କ ଇଞ୍ଜିନିୟରିଂରେ ଉନ୍ନତି ଏବଂ ଜରୁରିକାଳୀନ ଚିକିତ୍ସା ନୀତି ଆପଣେଇଛି।

## ଜଳିଗଲା ଯାତ୍ରୀବାହୀ ବସ୍

### ଅଳ୍ପକେ ବର୍ତ୍ତିଲେ ୪୦ ଯାତ୍ରୀ


ଜଳିଯାଇଥିବା ବସ୍।

**ବୋରିଗୁମ୍ମା,୨୪।୮(ବିଜୟ ସାହୁ)**

ହାଇଦ୍ରାବାଦଠାରୁ ସିନାପାଲି ଯାଉଥିବା ଗୁପ୍ତା ଟ୍ରାଭଲର୍ସର ଏକ ଘରୋଇ ବସ୍ (ସିଜି-୧୭ କେଏସ ୭୭୧୯) ଗୁରୁବାର ସକାଳ ୬.୧୫ରେ ବୋରିଗୁମ୍ମା ବସଷ୍ଟାଣ୍ଡ ନିକଟରେ ଠିଆ ହୋଇଥିବା ସମୟରେ ହଠାତ ବସ୍‌ରେ ନିଆଁ ଲାଗିଯାଇଥିଲା। ବସ୍‌ର ବାମପଟ ପଛ ଟାୟାରରୁ ଧୂଆଁ ବାହାରୁଥିବା ଦେଖି ଡ୍ରାଇଭର ଓ ହେଲ୍ପର ବସ୍‌ରେ ନିଆଁ ଲାଗିଥିବା ଆଶଙ୍କା କରି ସମସ୍ତ ଯାତ୍ରୀଙ୍କୁ ତୁରନ୍ତ ଓହ୍ଲାଇବାକୁ କହିଥିଲେ। ଫଳରେ ବସ୍‌ରେ ଥିବା ୪୦ ଯାତ୍ରୀ ବସ୍‌ରୁ ଓହ୍ଲାଇ ପଡିଥିଲେ। ମାତ୍ର ସବୁ ଯାତ୍ରୀ ନିଜ ନିଜର ବ୍ୟାଗ ବାହାର କରିପାରି ନ ଥିଲେ। କିଛି ସମୟ ମଧ୍ୟରେ ବସ୍‌ଟି ଜଳିବାକୁ ଲାଗିଥିଲା। ସ୍ଥାନୀୟ ଲୋକେ ଏନେଇ ଦମକଳ କର୍ମଚାରୀଙ୍କୁ ଜଣାଇବାରୁ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବସ୍‌ର ଯାତ୍ରୀମାନଙ୍କୁ ଅନ୍ୟ ଏକ ବସ୍‌ରେ କଳାହାଣ୍ଡି ଜିଲା ସିନାପାଲିକୁ ପଠାଯାଇଥିଲା। ଏପରି ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ। ବସ୍‌ରେ ନିଆଁ ଲାଗିଥିବା ଖବରପାଇ ବୋରିଗୁମ୍ମା ଏସ୍‌ଆଇ ରଚିତା ମାଡକାମୀ ଓ ଏଏସ୍‌ଆଇ ବସନ୍ତ ନାଗ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଏନେଇ ବସ୍ କର୍ମଚାରୀ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।



ଚନ୍ଦ୍ରପୃଷ୍ଠରେ ଚନ୍ଦ୍ରୟାନ-୩ର ସଫଳ ଅବତରଣ ଏବଂ ଚତୁର୍ଥ ଦେଶ ଭାବେ ବିଶ୍ୱରେ ଭାରତର ପରାକାଷ୍ଠା ପ୍ରଦର୍ଶନ ପରିପ୍ରେକ୍ଷୀରେ ଗୁରୁବାର ପୁରୀ ଅଠରନଳାଠାରେ ଭଗବତୀ ବିଦ୍ୟା ନିକେତନର ଛାତ୍ରୀଛାତ୍ରମାନେ ଏକ ମାନବଶୃଙ୍ଖଳ ମାଧମରେ ଇସ୍ରୋ ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜ୍ଞାପନ କରୁଛନ୍ତି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ଭିଜିଲାନ୍ସ ଜାଲରେ ରାୟଗଡ଼ା ଡିଏଫ୍‌ଓ


ଡିଏଫ୍‌ଓ ବିଜୟ ପରିଡ଼ାଙ୍କ ସରକାରୀ ବାସଭବନରେ ଭିଜିଲାନ୍ସ ଟିମ୍ ଛାନ୍‌ଭିନ୍ କରୁଛି।

### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ୭ ସ୍ଥାନରେ ଚଢ଼ାଉ

ରାୟଗଡ଼ା,୨୪।୮
(ଆଶିଷ ରଞ୍ଜନ ପଣ୍ଡା)

ଭିଜିଲାନ୍ସ ଜାଲରେ ରାୟଗଡ଼ା ଜିଲା ବନଖଣ୍ଡ ଅଧିକାରୀ(ଡିଏଫ୍‌ଓ) ବିଜୟ କୁମାର ପରିଡ଼ା। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱରର ଏକ ସ୍ୱତନ୍ତ୍ର ଟିମ୍ ଗୁରୁବାର ୭ଟି ସ୍ଥାନରେ ଚଢ଼ାଉ କରିଛି। ରାୟଗଡ଼ାସ୍ଥିତ ସରକାରୀ କାର୍ଯ୍ୟାଳୟ, ବାସଭବନ, ଯାଜପୁରସ୍ଥିତ ପୈତୃକ ବାସଭବନ, କଟକ ଓ ଭୁବନେଶ୍ୱରଠାରେ ଥିବା ଘରେ ଭିଜିଲାନ୍ସ ଚଢ଼ାଉ ଜାରି ରହିଛି। ଡିଏସ୍‌ପି ସନ୍ଧ୍ୟାରାଣୀ ସାହୁଙ୍କ ନେତୃତ୍ୱରେ ୫ଜଣିଆ ଟିମ୍ ଡିଏଫ୍‌ଓ ପରିଡ଼ାଙ୍କ ରାୟଗଡ଼ା ସରକାରୀ ବାସଭବନରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ନଗଦ ୨ଲକ୍ଷ ଟଙ୍କା, ସୁନା ଓ ରୁପା ଅଳଙ୍କାର ସହ ବିଭିନ୍ନ ବ୍ୟାଙ୍କ ପାସ୍‌ବୁକ୍, ମ୍ୟୁଚୁଆଲ ଫଣ୍ଡ ନିବେଶ କାଗଜପତ୍ର ଓ ବୀମା ବଣ୍ଡ ଭିଜିଲାନ୍ସର ହସ୍ତଗତ ହୋଇଛି। ତଦନ୍ତ ସମୟରେ ରାୟଗଡ଼ା ଭିଜିଲାନ୍ସ ଟିମ୍ ସହଯୋଗ କରିଥିଲେ। ସେହିପରି ରାୟଗଡ଼ା ସହରରେ ଥିବା ୪ଟି ବ୍ୟାଙ୍କରେ ପ୍ରାୟ ୬ ଲକ୍ଷ ଟଙ୍କା ଜମା ରହିଥିବା ତଦନ୍ତରୁ ଜଣାପଡ଼ିଛି। ତେବେ ତଦନ୍ତ ଜାରି ରହିଥିବା ବେଳେ କେତେ କ'ଣ ଜବତ ହୋଇଛି ତାହା ଜଣାପଡ଼ିନାହିଁ। ଡିଏଫ୍‌ଓ ପରିଡ଼ା ଓ ତାଙ୍କ ସ୍ତ୍ରୀଙ୍କୁ ଭିଜିଲାନ୍ସ ଅଧିକାରୀ ପଚରାଉଚୁରା କରିବା ପରେ ସହରର ବିଭିନ୍ନ ବ୍ୟାଙ୍କକୁ ଯାଇ ମଧ୍ୟ ଯାଞ୍ଚ କରିଥିଲେ।

ସୂଚନାଯୋଗ୍ୟ, ରାୟଗଡ଼ା ଡିଏଫ୍‌ଓ ପରିଡ଼ାଙ୍କ ନାଁରେ ପୂର୍ବରୁ ବିଭିନ୍ନ ଦୁର୍ନୀତି ଅଭିଯୋଗ ହୋଇଥିଲା। ବିଶେଷକରି ଆର୍ଥିକ ଅନିୟମିତତା ଓ ସରକାରୀ ଟଙ୍କା ହଡ଼ପ ନେଇ ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ଟିଡିପି ଆସୋସିଏଟ ପକ୍ଷରୁ ଲୋକାୟୁକ୍ତରେ ମାମଲା ରୁଜୁ ହୋଇଥିଲା। ସୂଚନା ଅଧିକାର ଆଇନ ବଳରେ ଗତବର୍ଷ ଫେବୃୟାରୀରେ ମିଳିଥିବା ଏକ ତଥ୍ୟକୁ ଅନୁଧ୍ୟାନ ପରେ ଲୋକାୟୁକ୍ତରେ ଟିଡିପି ଆସୋସିଏଟ ମାମଲା ରୁଜୁ କରିଥିଲା।

### ଚନ୍ଦ୍ରୟାନ-୩ ଅଭିଯାନରେ ଥିଲେ ସାମିଲ

# ଗୌରବ ବଢ଼ାଇଲେ ଓଡ଼ିଆ ବୈଜ୍ଞାନିକ

**ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ)ର 'ଚନ୍ଦ୍ରାୟନ-୩' ମିଶନ ସଫଳ ହେବା ପରେ ଚନ୍ଦ୍ରର ଦକ୍ଷିଣ ମେରୁରେ ୧୪ ଦିନିଆ ଅଭିଯାନ ଆରମ୍ଭ କରିଛି ରୋଭର ପ୍ରଜ୍ଞାନ। ଏହା ପଛରେ ରହିଛି ଇସ୍ରୋରେ କାର୍ଯ୍ୟରତ ଅନେକ ଓଡ଼ିଆ ବୈଜ୍ଞାନିକଙ୍କ ହାତ। ସେମାନଙ୍କ ମଧ୍ୟରେ ଅଛନ୍ତି ଢେଙ୍କାନାଳ ଜିଲାର ଶରତ ଚନ୍ଦ୍ର ଦାସ, କେନ୍ଦୁଝରର ଅଟଳକୃଷ୍ଣ ଖଟୁଆ, କେନ୍ଦ୍ରାପଡ଼ାର ସୁଶୀଲ କୁମାର ନାୟକ ଏବଂ ଗଞ୍ଜାମର ଦେବାଶିଷ ମହାପାତ୍ର।**



ବୈଜ୍ଞାନିକ ଶରତ ଚନ୍ଦ୍ର ଦାସ ଓ ଅଟଳକୃଷ୍ଣ ଖଟୁଆ

ଭୁବନ/ତାଳଚେର/କେନ୍ଦୁଝର/ ପଟ୍ଟାମୁଣ୍ଡାଇ/ବ୍ରହ୍ମପୁର, ୨୪।୮(ବିପିନ ବିହାରୀ ସେଠୀ/ମନୋଜ ନନ୍ଦ/ନରେଶ ଚନ୍ଦ୍ର ପଟ୍ଟନାୟକ/କଳ୍ପତରୁ ନାୟକ/ ସ୍ମୃତିରଞ୍ଜନ ମହାଲିକ)

ବୈଦ୍ୟୁତିକ ଉପକରଣ ବିନା ପରିକଳ୍ପନା କରାଯାଇ ନ ପାରେ 'ଚନ୍ଦ୍ରୟାନ-୩'। ସାମାନ୍ୟ ତ୍ରୁଟି ହେଲେ ମିଶନ ଫେଲ୍ ହୋଇଯିବା ଭୟ। ବୈଦ୍ୟୁତିକ ଉପକରଣ ଯାଞ୍ଚ କରିବା, ସେସବୁ ଶତ ପ୍ରତିଶତ ତ୍ରୁଟିରହିତ ବୋଲି ପ୍ରମାଣପତ୍ର ଦେବା ଭଳି ଗୁରୁଦାୟିତ୍ୱ ନିଭାଇଥିବା ଟିମ୍‌ରେ ରହିଥିଲେ ଓଡ଼ିଆ ପୁଅ ତଥା ଢେଙ୍କାନାଳ ଜିଲା ଭୁବନ ବ୍ଲକ ମାର୍ଥାପୁର ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ବରିଷ୍ଠ ବୈଜ୍ଞାନିକ ଡ. ଶରତ ଚନ୍ଦ୍ର ଦାସ। ଚନ୍ଦ୍ର ଅଭିଯାନର ସଫଳତା ପଛରେ ତାଙ୍କ ଭୂମିକା ରହିଥିବା ଜଣାପଡ଼ିବା ପରେ ପୈତୃକ ଗ୍ରାମରେ ସୃଷ୍ଟି ହୋଇଛି ଖୁସିର ମାହୋଲ।

ଗୋବିନ୍ଦପୁର ଗ୍ରାମର ସ୍ୱର୍ଗତ ଗୋବିନ୍ଦ ଚନ୍ଦ୍ର ଦାସ ଏବଂ ସୁଲୋଚନା ଦାସଙ୍କ ଚାରି ସନ୍ତାନଙ୍କ ମଧ୍ୟରୁ ଶରତ ହେଉଛନ୍ତି ବଡ଼। ସ୍କୁଲ ଓ କଲେଜ ଶିକ୍ଷା ଶେଷ ପରେ ରାଉରକେଲା ଏନ୍‌ଆଇଟି ଏବଂ ଆସାମ ଗୁଆହାଟୀସ୍ଥିତ ଆଇଆଇଟିରୁ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିଲେ ଗୋବିନ୍ଦ। ଏହାପରେ ସେ ୧୯୯୯ରୁ ଇସ୍ରୋରେ କାର୍ଯରତ ଅଛନ୍ତି। ଗୋବିନ୍ଦପୁରରେ କେବଳ ପିଉସୀ ନାନୀ ରହୁଥିବା ବେଳେ ପରିବାରର ଅନ୍ୟ ସଦସ୍ୟ ତାଳଚେର ନବ ମିଶ୍ର କଲୋନୀରେ ରହୁଛନ୍ତି। ତାଙ୍କୁ ଶିକ୍ଷାଦାନ କରିଥିବା ଗୋବିନ୍ଦପୁର ସ୍କୁଲର ଶିକ୍ଷକ ରଞ୍ଜନ କୁମାର ଦାସ କୁହନ୍ତି, ଇସ୍ରୋ ବୈଜ୍ଞାନିକ ଶରତ ଆମ ଅଞ୍ଚଳ ପାଇଁ ଗର୍ବ ଓ ଗୌରବ।

ସେହିପରି 'ଚନ୍ଦ୍ରୟାନ-୩' ମିଶନ ଟିମ୍‌ରେ ସାମିଲ ଥିବା ଅନ୍ୟ ଜଣେ ଓଡ଼ିଆ ବୈଜ୍ଞାନିକ ହେଲେ କେନ୍ଦୁଝର ସହର ମାଗୁରଗାଡ଼ିଆ ଅଞ୍ଚଳର ଅଟଳକୃଷ୍ଣ ଖଟୁଆ। ଅମରବର ଖଟୁଆ ଓ ସରୋଜିନୀଙ୍କ ସୁପୁତ୍ର ଅଟଳ କ୍ରାଏଜୋନିକ ଷ୍ଟେଜ୍ ଓ ଥର୍ମାଲ ପ୍ରୋଟେକ୍ସନ ସିଷ୍ଟମରେ ସ୍ପେସ୍‌କ୍ରାଫ୍ଟ କିପରି ବିଭିନ୍ନ ତାପମାତ୍ରାରେ ଠିକ୍‌ଭାବେ କାର୍ଯ୍ୟ କରିବ ସେହି ଦାୟିତ୍ୱ ତୁଲାଇଥିଲେ। କେନ୍ଦୁଝରଗଡ଼ସ୍ଥିତ ଶିଶୁ ମନ୍ଦିରର ପୂର୍ବତନ ଛାତ୍ର ଅଟଳ ରସାୟନ ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲ କରି ୨୦୧୨ରୁ ଇସ୍ରୋରେ ବୈଜ୍ଞାନିକ ଭାବେ କାର୍ଯ୍ୟରତ ଅଛନ୍ତି। ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର କୁମାର ଅଗସ୍ତୀ କହିଛନ୍ତି, ଅଟଳ ଆମ ସ୍କୁଲ, ଜିଲା ତଥା ରାଜ୍ୟ ପାଇଁ ଗର୍ବ ଆଣିଛନ୍ତି।

'ମିଶନ ମୁନ୍' ଅଭିଯାନରେ ସାମିଲ ଥିଲେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଚନ୍ଦନନଗର ପଞ୍ଚାୟତ ବାଲିଆ ଗ୍ରାମର ଯୁବ ବୈଜ୍ଞାନିକ ସୁଶୀଲ କୁମାର ନାୟକ। ମୁରଲୀଧର ନାୟକଙ୍କ ବଡ଼ପୁଅ ସୁଶୀଲ। ବାପା ପାରାଦୀପରେ ପୋର୍ଟରେ କାର୍ଯ୍ୟ କରୁଥିବା ବେଳେ ସୁଶୀଲ ସେଠାରେ ସ୍କୁଲ ଶିକ୍ଷା ଶେଷ କରିଥିଲେ। ବେସିକ୍ ସାଇନ୍ସ କଲେଜରୁ ଯୁକ୍ତ ୨ ବିଜ୍ଞାନରେ ଉତ୍ତୀର୍ଣ୍ଣ ହେବା ପରେ ସରାଙ୍ଗସ୍ଥିତ ଆଇଜିଆଇଟିରୁ ମେକାନିକାଲ ଇଞ୍ଜିନିୟରିଂରେ ଡିଗ୍ରୀ ପାଠ୍ୟକ୍ରମ ଶେଷ କରିଥିଲେ। ୨୦୦୯ରୁ ୧୪ ବର୍ଷ ଧରି ସେ ଇସ୍ରୋରେ କାର୍ଯ୍ୟରତ ଅଛନ୍ତି। ଚନ୍ଦ୍ରୟାନ-୩ ପ୍ରକଳ୍ପ କାର୍ଯ୍ୟକାରୀ ହେବା ପରେ ସୁଶୀଲ ଏକ ସ୍ୱତନ୍ତ୍ର ବିଭାଗର ନେତୃତ୍ୱ ନେଇଥିଲେ। ସୁଶୀଲଙ୍କ ସ୍ତ୍ରୀ ମଧ୍ୟ ଇସ୍ରୋରେ ଡାକ୍ତର ଭାବେ କାର୍ଯ୍ୟରତ ରହିଛନ୍ତି। ଅଭିଯାନରେ ସୁଶୀଲ ସାମିଲ ଥିବା ଜଣାପଡ଼ିବା ପରେ ଭାଜପା ନେତା ଅଜୟ ବେହେରା, ମାଖନ ଦାସ, ସେନ ମହାନ୍ତି, ପ୍ରିୟଙ୍କା ଶତପଥୀ ପହଞ୍ଚି ପରିବାରବର୍ଗଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

ଚନ୍ଦ୍ରୟାନ-୩ ମିଶନରେ ଗୁରୁଦାୟିତ୍ୱ ନିଭାଇଥିଲେ ଗଞ୍ଜାମ ଜିଲା ବ୍ରହ୍ମପୁରର ବୈଜ୍ଞାନିକ ଦେବାଶିଷ ମହାପାତ୍ର। ଦେବାଶିଷ ୨୦୦୬ରୁ ଇସ୍ରୋରେ କାର୍ଯ୍ୟ କରୁଛନ୍ତି। ବ୍ରହ୍ମପୁର ଗୋଦାବରୀଶ ନଗର ପ୍ରଥମ ଲେନରେ ଦେବାଶିଷଙ୍କ ଘର। ବାପା ଲଳିତ ମୋହନ ମହାପାତ୍ର ଟିକିଟି ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ। ମା ଆରତୀ ମହାପାତ୍ର ଜଣେ ଗୃହିଣୀ। ସରାଙ୍ଗ ଆଇଜିଆଇଟିରୁ ମେକାନିକାଲ ଇଞ୍ଜିନିୟରିଂରେ ଉତ୍ତୀର୍ଣ୍ଣ ହେବା ପରେ ଯାଦବପୁର ବିଶ୍ୱବିଦ୍ୟାଳୟରୁ ଏମ୍-ଟେକ୍ କରିଥିଲେ। ଏହା ପରେ ପ୍ରବେଶିକା ପରୀକ୍ଷା ଦେଇ ଇସ୍ରୋରେ ନିଯୁକ୍ତି ପାଇଥିଲେ। ଦେବାଶିଷ ୨୦୦୬ରେ ଯୁବ ବୈଜ୍ଞାନିକ ଭାବେ ପୁରସ୍କୃତ ହୋଇଛନ୍ତି।




ବୈଜ୍ଞାନିକ ଦେବାଶିଷ ମହାପାତ୍ର ଓ ସୁଶୀଲ କୁମାର ନାୟକ



**ଆଜିର ମନ୍ତବ୍ୟ**

"ସୀମାନ୍ତ ଅଞ୍ଚଳରେ ଶାନ୍ତି ଏବଂ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)କୁ ସମ୍ମାନ ଭାରତ-ଚାଇନା ସମ୍ପର୍କକୁ ସ୍ୱାଭାବିକ କରିବା ଲାଗି ଅତି ଜରୁରୀ।
– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜଗନ୍ନାଥଙ୍କର ରୀତି,
କାହାକୁ ଦିଅନ୍ତି ପଲଙ୍କ ସୁପାତି,
କାହାକୁ ଦିଅନ୍ତି ଶାସ୍ତି।**

କୁହାଯାଏ ଭଗବାନଙ୍କ କୃପା ଦୃଷ୍ଟି ଥିଲେ ଦୁନିଆରେ କିଛି ବି ଅସମ୍ଭବ ନୁହେଁ। ତାଙ୍କ ଇଙ୍ଗିତରେ ହିଁ ସଂସାର ଆତଯାତ। ଭଗବାନଙ୍କ କୃପା ଥିଲେ ଘରେ ଧନଧାନ୍ୟ ପରିପୂର୍ଣ୍ଣ ହୁଏ ଓ ତାଙ୍କ କୃପା ବିନା କିଛି ମିଳି ନ ଥାଏ। ତାଙ୍କ ଲୀଳା ବୁଝିବା ମନୁଷ୍ୟଙ୍କ ପକ୍ଷେ କଷ୍ଟକର ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଜରକଲା ଧାନ କୁଟା ବେଳକୁ,
ଜର ଛାଡ଼ିଗଲା ଭାତ ଫୁଟା ବେଳକୁ।**

କାମ କରିବା କଥା କହିଲେ କିଛି ବ୍ୟକ୍ତି ଆଳ ଦେଖାଇ ବା ବାହାନା କରି ସେଠାରୁ ଖସି ଯାଇଥାନ୍ତି। ଅଥଚ ଖାଇବା କଥା ହେଲେ ସେହି ବ୍ୟକ୍ତି ବଡ଼ ଆଗ୍ରହରେ ଖାଇବା ଲାଗି ଆଗଭର ହୋଇଯାଇଥାନ୍ତି। ଅଳସୁଆ ତଥା ନିକମା ବ୍ୟକ୍ତିଙ୍କ ଏପରି ସ୍ୱଭାବ ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଶ୍ରେଷ୍ଠ ଓଡ଼ିଆ ଫିଚର ଫିଲ୍ମ 'ପ୍ରତୀକ୍ଷା'

## ୬୯ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା

ଭୁବନେଶ୍ୱର,୨୪।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଚଳଚ୍ଚିତ୍ର 'ପ୍ରତୀକ୍ଷା' ଏଥର ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛି। ଫିଚର ଫିଲ୍ମ ବର୍ଗରେ ଏହା ମନୋନୀତ ହୋଇଥିବାବେଳେ ନନ୍ ଫିଚର ଫିଲ୍ମ ବର୍ଗର ସ୍ପେଶାଲ ମେନ୍‌ସନ୍‌ରେ ଅନ୍ୟତମ ଓଡ଼ିଆ ଚଳଚ୍ଚିତ୍ର 'ଦ ହିଲିଙ୍ଗ ଟଚ୍' ମଧ୍ୟ ନିଜର ସ୍ଥାନ ପକ୍କା କରିଛି। ଗୁରୁବାର କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ୬୯ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା କରାଯାଇଥିଲା। ଏଥିରେ ଓଡ଼ିଆ ଭାଷାରେ ଏହି ଦୁଇ ଫିଲ୍ମ ଜାତୀୟ ସ୍ତରରେ ବାଜିମାତ୍ କରିବା ସହ ଓଲିଉଡ୍ ପାଇଁ ଗୌରବ ଆଣିଛି। ପୁରସ୍କାର ବାବଦକୁ 'ପ୍ରତୀକ୍ଷା'କୁ ୧ଲକ୍ଷ ଟଙ୍କା ସହ ପ୍ରମାଣପତ୍ର ପ୍ରଦାନ କରାଯିବ।

ଅନୁପମ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ତଥା ଅମିୟ ପଟ୍ଟନାୟକ ପ୍ରଡକ୍ସନ୍ ପକ୍ଷରୁ ପ୍ରଯୋଜିତ 'ପ୍ରତୀକ୍ଷା' ବିଶିଷ୍ଟ ସାହିତ୍ୟିକ ଡ. ଗୌରହରି ଦାସଙ୍କ କ୍ଷୁଦ୍ର ଗଳ୍ପ 'ବାପା'ର କାହାଣୀକୁ ନେଇ ତିଆରି ହୋଇଛି। ଏକ ମଧ୍ୟବିତ୍ତ ପରିବାରରେ ବାପା ଓ ପୁଅର ସମ୍ପର୍କକୁ ନେଇ ପ୍ରଦର୍ଶିତ ହୋଇଥିବା ଏହି ଚଳଚ୍ଚିତ୍ର ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଥିଲା। ଏମିତିକି ୫୩ତମ ଇଣ୍ଟରନ୍ୟାଶନାଲ୍ ଫିଲ୍ମ ଫେଷ୍ଟିଭାଲ ଅଫ୍ ଇଣ୍ଡିଆ (ଆଇଏଫ୍‌ଏଫ୍‌ଆଇ)ର ଭାରତୀୟ ପାନୋରମା ବିଭାଗରେ ଏକମାତ୍ର ଓଡ଼ିଆ ଚଳଚ୍ଚିତ୍ର ଭାବେ ଗତବର୍ଷ 'ପ୍ରତୀକ୍ଷା' ସ୍ଥାନ ପାଇଥିଲା। ସେହି ସମୟରେ ବିଶିଷ୍ଟ ହିନ୍ଦୀ ଅଭିନେତା ଅନୁପମ୍ ଖେର୍ ହିନ୍ଦୀରେ ଏହାର ଡେବ୍ୟୁ କରିବାକୁ ମଧ୍ୟ ଘୋଷଣା କରିଥିଲେ। ଏହି ଚଳଚ୍ଚିତ୍ରରେ ଅଭିନେତା ଦୀପନ୍ୱିତ ଦାଶମହାପାତ୍ର, ଅଭିନେତ୍ରୀ ବର୍ଷା ପଟ୍ଟନାୟକ, ଜୟ ପ୍ରକାଶ ଚୌଧୁରୀ, ଅବକାଶ ମିଶ୍ର, ସିଦ୍ଧାନ୍ତ ମହାପାତ୍ର, ଶ୍ରିଲା ତ୍ରିପାଠୀ, ରୁପମିକା ନାୟକ, ସୁଶିଲ ମିଶ୍ର ପ୍ରମୁଖ ଅଭିନୟ କରିଛନ୍ତି। ଜାତୀୟ ପୁରସ୍କାର ପାଇବା ପରେ ନିର୍ଦ୍ଦେଶକ ପଟ୍ଟନାୟକ କହିଛନ୍ତି, ପ୍ରଥମେ ଧନ୍ୟବାଦ ଦେବି ମହାପ୍ରଭୁ ଜଗନ୍ନାଥଙ୍କୁ। ଜୁରୀ ସଦସ୍ୟ ଆଉ ମୋ ଦର୍ଶକଙ୍କୁ ଧନ୍ୟବାଦ। ସେମାନଙ୍କ ପାଇଁ ଆଜି ଏହି ଚଳଚ୍ଚିତ୍ର ଜାତୀୟ ସ୍ତରରେ ପୁରସ୍କାର ସାଉଣ୍ଟିପାରିଛି। ଏହା ହେଉଛି ପୂରା ଟିମ୍‌ର ପରିଶ୍ରମର ଫଳ। ଟିମ୍‌ରେ ପ୍ରାୟ ସବୁ ନୂଆ ପିଲା ଥିଲେ। ଏହା ଆରମ୍ଭ ମାତ୍ର। ଆଗକୁ ଭଲ ଫିଲ୍ମ କରିବୁ। ବାପାଙ୍କ ପ୍ରଥମ ଚଳଚ୍ଚିତ୍ର ମଧ୍ୟ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲା। ଆଉ ମୋର ପ୍ରଥମ ଚଳଚ୍ଚିତ୍ର ମଧ୍ୟ ଏହି ପୁରସ୍କାର ପାଇଛି। ବହୁତ ଖୁସି ଲାଗୁଛି। ଅଭିନେତା ଦୀପନ୍ୱିତ କହିଛନ୍ତି, ନିହାତି ଭାବେ ବହୁତ ଖୁସି ଲାଗୁଛି। ବହୁତ ପରିଶ୍ରମ କରିଥିଲୁ। ତା'ର ଫଳ ମିଳିଛି। ଆଗକୁ ମଧ୍ୟ ଭଲ ଫିଲ୍ମ ତିଆରି କରି ଜାତୀୟ ସ୍ତରରେ ଓଡ଼ିଶାକୁ ଗୌରବାନ୍ୱିତ କରିବାକୁ ଚେଷ୍ଟା କରିବି। ସେହିପରି ୨୦୨୧ରେ ଡ. ଶ୍ୱେତ କୁମାର ଦାଶଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିଲା ଚଳଚ୍ଚିତ୍ର 'ଦ ହିଲିଙ୍ଗ ଟଚ୍'। ସେ ଏହାର କାହାଣୀ ରଚନା କରିବା ସହ ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି। ସ୍ୱାମୀ କରୋନାରେ ଆକ୍ରାନ୍ତ ହୋଇ ମେଡିକାଲରେ ଆଇସିୟୁ ବେଡ୍‌ରେ ଚିକିତ୍ସିତ ହୁଅନ୍ତି। ବହୁ ଅକ୍ଲାନ୍ତ ଚେଷ୍ଟା ପରେ ଡାକ୍ତର ଶେଷରେ ନିରାଶ ହୁଅନ୍ତି। ଶେଷ ସମୟରେ ସେ ତାଙ୍କ ସ୍ତ୍ରୀଙ୍କ ସହ ଫୋନ୍‌ରେ କଥା ହେବାକୁ ଅନୁରୋଧ କରନ୍ତି। ଫୋନ୍‌ରେ ସ୍ତ୍ରୀ କିଭଳି ସ୍ୱାମୀଙ୍କ ମାନସିକ ଅବସାଦ ଦୂର କରି ସକାରାତ୍ମକ ଚିନ୍ତାଧାରାରେ ତାଙ୍କୁ ବଞ୍ଚାଇ ଦିଅନ୍ତି ତାକୁ ନେଇ ଚଳଚ୍ଚିତ୍ର ଗତିଶୀଳ ହୋଇଛି। ଅଭିନେତ୍ରୀ ଗାର୍ଗୀ ମହାନ୍ତି ଓ ଗଜେନ୍ଦ୍ର ପାଢ଼ୀଙ୍କ ଚମତ୍କାର ଅଭିନୟ ଦର୍ଶକଙ୍କୁ ଏକ ଭିନ୍ନ ଶିକ୍ଷା ଦେଇପାରିଥିଲା। ଜାତୀୟ ପୁରସ୍କାର ପାଇବା ପରେ ଡ. ଦାଶ ଖୁସି ବ୍ୟକ୍ତ କରି କହିଛନ୍ତି, ପୁରସ୍କାର ସବୁବେଳେ ପ୍ରେରଣାର ଉତ୍ସ। ଏହା ଏକ ଚ୍ୟାଲେଞ୍ଜ ଆଣିଦେଲା। ଆଗକୁ ଆହୁରି ଭଲ ଫିଲ୍ମ କରିବି।




# ସ୍ତ୍ରୀଙ୍କୁ ଟଣ୍ଟିଚିପି ହତ୍ୟା, ସ୍ୱାମୀ ଗିରଫ

ନୂଆପଡ଼ା,୨୪।୮ (ମକାରୁ ବେମାଲ)

ନୂଆପଡା ଜିଲା କୋମନା ଥାନା କାଣ୍ଡେତରା ଗାଁରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ସ୍ତ୍ରୀ ବୈଶାଖୀ ଭୋଇ (୩୦)ଙ୍କୁ ଟଣ୍ଟିଚିପି ହତ୍ୟା କରିଛନ୍ତି ସ୍ୱାମୀ। ଅଭିଯୁକ୍ତ ସ୍ୱାମୀ ନରହରି ଭୋଇ (୩୫)ଙ୍କୁ ପୋଲିସ ଗିରଫ କରି ପଚରାଉଚରା କରୁଛି। ଶୁକ୍ରବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି। ସୂଚନାମତେ କୋମନା ଥାନା କାଣ୍ଡେତରା ଗାଁର ନରହରି ଜଡାମୁଣ୍ଡା ପଞ୍ଚାୟତ ବରପଦରପଡାର ବୈଶାଖୀଙ୍କୁ ବିବାହ କରିଥିଲେ। ତାଙ୍କର ୨ ଝିଅପୁଅ ଆୟୁଷ (୧୧) ଓ ରାକ୍ଷୀ (୫) ଅଛନ୍ତି। ପରିବାରର ୪ଜଣ ସଦସ୍ୟଙ୍କୁ ନେଇ ଘର ସଂସାର ଚାଲିଥିଲା। ପ୍ରାୟ ୩ ବର୍ଷରୁ ଊର୍ଦ୍ଧ୍ୱ ହେବ ନରହରି ଅନ୍ୟ ଏକ ଝିଅକୁ ଭଲ ପାଉଥିଲେ। ସ୍ତ୍ରୀ ମନା କରିବାରୁ ଉଭୟ ମଧ୍ୟରେ କଳି ଝଗଡା ଲାଗି ରହୁଥିଲା। ପ୍ରତିଦିନ ସନ୍ଧ୍ୟାରେ ନରହରି ନିଶାସକ୍ତ ହୋଇ ଘରକୁ ଫେରି ପରିବାରବର୍ଗଙ୍କ ସହ କଳହ କରୁଥିଲେ। ଏହି ବିଷୟକୁ ନେଇ ବୁଧବାର ସନ୍ଧ୍ୟାରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ରାତ୍ରିରେ ନିଶାସକ୍ତ ହୋଇ ଘରକୁ ଆସି ରାତି ସାରା ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ଗୁରୁବାର ସକାଳ ୬ଟାରେ ସ୍ତ୍ରୀଙ୍କୁ ଟଣ୍ଟିଚିପି ସେ ମାରି ଦେଇଥିଲେ। ପଡୋଶୀଙ୍କଠାରୁ ଖବର ପାଇ କୋମନା ପୋଲିସ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚିଥିଲା। ଅଭିଯୁକ୍ତଙ୍କୁ ଗିରଫ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମା'ଆରପାରିକୁ ଏବଂ ବାପା ଜେଲକୁ ଯିବା ପରେ ଦୁଇ ଝିଅପୁଅଙ୍କ କଥା ବୁଝିବାକୁ କେହି ନାହାନ୍ତି। ବେସାହାରା ହୋଇଗଲେ ଦୁଇ ମା' ଛେଉଣ୍ଡ କୁନି ଝିଅପୁଅ। ଏ ନେଇ କୋମନା ଥାନାରେ ଏକ ହତ୍ୟା ମାମଲା (ନଂ.୨୫୩/୨୩) ରୁଜୁ ହୋଇଛି।

# ବିଷ ପିଇଲେ ଟ୍ରେନି ମହିଳା ପୋଲିସ ଏସ୍‌ଆଇ

ବଲାଙ୍ଗୀର/ସଇଁତଳା,୨୪।୮ (ବୀରେନ୍ଦ୍ର କୁମାର ଝାଙ୍କର/ରାଖାଲ ପ୍ରସାଦ ଶତପଥୀ)


ପୋଲିସ ଏସଆଇ କାଜଲ ବାଗ

ବଲାଙ୍ଗୀର ଜିଲା ସଇଁତଳା ଥାନାରେ ଟ୍ରେନି ଅଫିସର ଭାବେ କାର୍ଯ୍ୟରତ ଥିବା ମହିଳା ପୋଲିସ ଏସ୍‌ଆଇ କାଜଲ ବାଗ ବୁଧବାର ବିଳମ୍ବିତ ରାତ୍ରରେ ବିଷ ପିଇ ଦେଇଛନ୍ତି। ସଇଁତଳାରେ ରହୁଥିବା ଏକ ଭଡ଼ାଘରେ ସେ କାହା ସହ ଫୋନ୍‌ରେ ବଡ଼ ପାଟିରେ କଥାବାର୍ତ୍ତା କରିଥିବା ପଡ଼ୋଶୀ ଶୁଣିବାକୁ ପାଇଥିଲେ। ଏହାପରେ ସେ ବିଷପାନ କରିଥିବା ଚର୍ଚ୍ଚାର ବିଷୟ ହୋଇଛି। ତାଙ୍କ ଅବସ୍ଥା ଉଦ୍‌ବେଗଜନକ ହୋଇଥିବା ଖବର ପାଇ ରାତି ପ୍ରାୟ ୧ଟାରେ ପୋଲିସ ତାଙ୍କୁ ଉଦ୍ଧାର କରି ସଇଁତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲା। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ବଲାଙ୍ଗୀର ସ୍ଥାନାନ୍ତର କରିଥିଲେ। ବିଳମ୍ବିତ ରାତିରେ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ମହିଳା ଏସ୍‌ଆଇଙ୍କୁ ଭର୍ତ୍ତି କରାଯାଇଥିଲା। ଗୁରୁବାର ସକାଳେ ଏହି ଖବର ପ୍ରଚାରିତ ହେବା ପରେ ଗଣମାଧ୍ୟମ ପ୍ରତିନିଧି ମେଡିକାଲ ଯାଇଥିଲେ। ତେବେ ହସ୍ପିଟାଲର କୌଣସି ୱାର୍ଡରେ ତାଙ୍କୁ ପାଇ ନ ଥିଲେ। ଏନେଇ ବଲାଙ୍ଗୀର ଏସ୍‌ଡିପିଓ ତୋଫାନ ବାଗଙ୍କୁ ମୋବାଇଲ ଫୋନକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କଲ୍ ଗ୍ରହଣ କରି ନ ଥିଲେ। ଗୁରୁବାର ସକାଳେ ଉକ୍ତ ମହିଳା ଏସ୍‌ଆଇଙ୍କୁ ଡିସଚାର୍ଜ କରା ନ ଯିବା ସତ୍ତ୍ୱେ ସେ ହସ୍ପିଟାଲରେ ନଥିବା ଡାକ୍ତର ରାଉଣ୍ଡ ବେଳେ ଜଣାପଡିଥିଲା। ଏନେଇ ହସ୍ପିଟାଲର ଭାରପ୍ରାପ୍ତ ଅଧୀକ୍ଷକ ଡା ସଚଳ ଭୋଇଙ୍କୁ ପଚାରିବାରୁ ବୁଧବାର ରାତିରେ ମହିଳା ପୋଲିସ ଅଧିକାରୀ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସେ ବିଷପାନ କରିଥିବା କୁହାଯାଇଥିଲା। ତାଙ୍କ ଅବସ୍ଥା ସ୍ଥିର ରହିଥିଲା। ତେବେ ଗୁରୁବାର ସକାଳେ ଡାକ୍ତର ରାଉଣ୍ଡ ବେଳେ ସେ ହସ୍ପିଟାଲ ମହିଳା ମେଡିସିନ୍ ୱାର୍ଡରେ ନ ଥିଲେ। ସେ କାହାକୁ କିଛି ନ କହି କୁଆଡେ ଚାଲିଯାଇଛନ୍ତି। ଏନେଇ ଆମେ ବିଧିବଦ୍ଧ ରିପୋର୍ଟ କରିବୁ ବୋଲି ସେ କହିଛନ୍ତି। ଅନ୍ୟ ଏକ ସୂତ୍ରରୁ ମିଳିଥିବା ଖବର ମୁତାବକ ଉକ୍ତ ମହିଳା ଏସଆଇଙ୍କ ପରିବାର ଲୋକଙ୍କ ସହ ଆଉ କିଛି ଲୋକ ହସ୍ପିଟାଲରେ ଥିଲେ ବୋଲି ଜଣାପଡ଼ିଛି। ତେବେ ତାଙ୍କୁ କିଏ ଏବଂ କେଉଁଠିକି ନିଆଯାଇଛି କୌଣସି ସୂଚନା ମିଳିନାହିଁ।

# କାର୍ଲସେନ୍ ବିଶ୍ୱ ଚେସ୍...

ପ୍ରଥମ ପୃଷ୍ଠାରୁ...

କରିଥିଲେ। କିମ୍ବଦନ୍ତୀ ଖେଳାଳି ବିଶ୍ୱନାଥନ ଆନନ୍ଦଙ୍କ ପରେ ଦ୍ୱିତୀୟ ଭାରତୀୟ ଭାବେ ପ୍ରଜ୍ଞାନନ୍ଦ ବିଶ୍ୱକପ୍ ଫାଇନାଲ ଖେଳିଥିଲେ। ପ୍ରଥମ ଟାଇବ୍ରେକର ଗେମ୍ ପାଇଁ ପ୍ରତି ମୁଭ୍‌କୁ ୩୦ ସେକେଣ୍ଡ ସହିତ ଅତିରିକ୍ତ ୧୦ ସେକେଣ୍ଡର ସମୟ ମିଳିଥିଲା। କଡ଼ା ସଂଘର୍ଷପୂର୍ଣ୍ଣ ଟାଇବ୍ରେକର ପ୍ରଥମ ଗେମ୍‌କୁ ୪୫ ମୁଭ୍‌ରେ ଜିତିଥିଲେ କାର୍ଲସେନ୍। ଦ୍ୱିତୀୟ ଟାଇବ୍ରେକ୍ ଗେମ୍‌ଟି ୨୫ ସେକେଣ୍ଡ ବିଶିଷ୍ଟ ରହିଥିବା ବେଳେ ୧୦ ସେକେଣ୍ଡର ଅତିରିକ୍ତ ସମୟ ମିଳୁଥିଲା। ୨୨ ମୁଭ୍ ପରେ ଏହି ଗେମ୍ ଡ୍ର'ରେ ଶେଷ ହେବା ସହିତ କାର୍ଲସେନ୍ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲେ। ପ୍ରଥମ ଗେମ୍ ବିଜୟୀ ହୋଇଥିବା କାର୍ଲସେନ୍ ଏଥିରେ ରକ୍ଷଣାତ୍ମକ ଢଙ୍ଗରେ ଖେଳିଥିଲେ। ୫ ଥର ବିଶ୍ୱ ଚାମ୍ପିୟନଶିପ୍ ବିଜେତା କାର୍ଲସେନ୍ ଏହାସହିତ ନିଜ କ୍ୟାରିୟରର ପ୍ରଥମ ବିଶ୍ୱକପ୍ ବିଜୟୀ ହୋଇଛନ୍ତି। ପୂର୍ବରୁ ମଙ୍ଗଳବାର ଓ ବୁଧବାର ଉଭୟ ଖେଳାଳିଙ୍କ ମଧ୍ୟରେ ଅନୁଷ୍ଠିତ କ୍ଲାସିକାଲ୍ ମ୍ୟାଚ୍ ଡ୍ର'ରେ ଶେଷ ହୋଇଥିଲା। ଫାଇନାଲ ମ୍ୟାଚରେ ପରାଜିତ ହେବା ପୂର୍ବରୁ ପ୍ରଜ୍ଞାନନ୍ଦ ବିଶ୍ୱ ମାନ୍ୟତାର ଦୁଇ ନମ୍ବର ଖେଳାଳି ହିକାରୁ ନାକାମୁରା ଓ ବିଶ୍ୱ ମାନ୍ୟତାର ୩ ନମ୍ବର ଖେଳାଳି ଫାବିଆନୋ କାରୁଆନାଙ୍କୁ ପରାସ୍ତ କରିଥିଲେ। ଏହା ସହିତ ୨୦୨୪ରେ ଖେଳାଯିବାକୁ ଥିବା କ୍ୟାଣ୍ଡିଡେଟ୍‌ସ ଟୁର୍ନାମେଣ୍ଟ ପାଇଁ ପ୍ରଜ୍ଞାନନ୍ଦ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ହାସଲ କରିବାରେ ସେ ବବି ଫିଶର ଓ କାର୍ଲସେନଙ୍କ ପରେ ତୃତୀୟ ସର୍ବକନିଷ୍ଠ ଖେଳାଳି।

**ଆଶ୍ରମରେ ନାବାଳିକାଙ୍କୁ ବଳାତ୍କାର ଘଟଣା**

# କେୟାରଟେକରଙ୍କୁ ଆଜୀବନ ଜେଲ

ସମ୍ବଲପୁର,୨୪।୮ (ଶୁଭାଶିଷ ପାଢ଼ୀ)

ସମ୍ବଲପୁର ନକ୍ସାପାଲିରେ ଆଶ୍ରମ ଖୋଲି ଅସହାୟ ପିଲାଙ୍କୁ ସହୟତା ଦେବା ନାମରେ ବଳାତ୍କାର, ଶାରୀରିକ ନିର୍ଯାତନା ଦେବା ଘଟଣାର ରାୟ ଗୁରୁବାର ପ୍ରକାଶ ପାଇଛି। ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ହର ପ୍ରସାଦ ପାଢୀ କେୟାରଟେକର ଉପେନ୍ଦ୍ର ଦାସଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ପୀଡିତାଙ୍କ ପକ୍ଷରୁ ସରକାରୀ ଓକିଲ ସନ୍ତୋଷ ପଣ୍ଡା ମାମଲା ପରିଚାଳନା କରୁଥିଲେ। ପୀଡିତାଙ୍କ ସମେତ ୧୯ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା।

ବିହାର ସମସ୍ତିପୁର ଜିଲା ଡାଲସିଙ୍ଗାରିର ମୂଳବାସିନ୍ଦା ଉପେନ୍ଦ୍ର ମାନେଶ୍ୱର ମାଳତୀ ନଦୀ ତଟ ନକ୍ସାପାଲି ମୌଜାର ସରକାରୀ ଜମିରେ ଏକ ଅନାଥାଶ୍ରମ କରିଥିଲେ। ସେଠାରେ ସେ ମୋବାଇଲରେ ନାବାଳିକାମାନଙ୍କୁ ବଳାତ୍କାର ଓ ସେମାନଙ୍କ ନଗ୍ନ ଭିଡିଓ ଉତ୍ତୋଳନ କରୁଥିବା ଅଭିଯୋଗ ହୋଇଥିଲା। ୨୦୧୩ ଏପ୍ରିଲ ୨ ରାତିରେ ତତ୍‌କାଳୀନ ଜିଲାପାଳ, ଏସ୍‌ପି ପହଞ୍ଚି ନାବାଳିକା ଓ ଶିଶୁପୁତ୍ରଙ୍କୁ ଉଦ୍ଧାର କରିଥିଲେ। ଏହି ଘଟଣାରେ ଉପେନ୍ଦ୍ରଙ୍କୁ ଗିରଫ କରାଯାଇଥିଲା।

# ୩୦ ଯାଏ ବର୍ଷା ନାହିଁ: ୨ରେ ଲଘୁଚାପ ସମ୍ଭାବନା

ଭୁବନେଶ୍ୱର,୨୪।୮ (ଅନିଲ ଦାସ)

ଚଳିତ ବର୍ଷ ମୌସୁମୀ ଧୋକା ଦେଇଛି। ରାଜ୍ୟରେ ଏହା ସ୍ୱାଭାବିକ ହେଉନାହିଁ। ୧୧ ଜିଲାରେ ନିଅଣ୍ଟିଆ ପରିସ୍ଥିତି। ନିକଟରେ ରାଜ୍ୟକୁ ଆଉ ବଡ଼ ବର୍ଷାର କୌଣସି ସୂଚନା ନ ଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଚାଷ କେମିତି ହେବ ସେ ଚିନ୍ତା ଚାଷୀଙ୍କୁ ଘାରିଛି। ପାଣିପାଗ ବିଭାଗ ହିସାବ ଅନୁଯାୟୀ, ଜୁନ୍ ପହିଲାରୁ ଅଗଷ୍ଟ ୨୪ ଯାଏ ରାଜ୍ୟରେ ୮୩୮.୮ ମିଲିମିଟର ବର୍ଷା ହେବାକୁ ଥିବା ବେଳେ ହୋଇଛି ୭୬୦.୩୮ ମିଲିମିଟର। ରାଜ୍ୟର ୧୧ଟି ଜିଲାରେ ବର୍ଷା ନିଅଣ୍ଟିଆ ହୋଇଛି। ନବରଙ୍ଗପୁର ଜିଲାରେ ଜୁନ୍ ପହିଲାରୁ ଅଗଷ୍ଟ ୨୪ ତାରିଖ ମଧ୍ୟରେ ୪୦ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ କେନ୍ଦ୍ରାପଡ଼ା ୩୪, ଗଞ୍ଜାମ ୩୦, କଳାହାଣ୍ଡି ୩୪, ରାୟଗଡା ୨୪, କୋରାପୁଟ ୨୨, ପୁରୀ ୨୨, ଯାଜପୁର ୨୪, ଜଗତ୍‌ସିଂହପୁର ୨୩, କଟକ ୨୦ ଏବଂ ଖୋର୍ଦ୍ଧା ଜିଲାରେ ସ୍ୱାଭାବିକଠାରୁ ୨୩ ପ୍ରତିଶତ କମ୍ ବର୍ଷା ହୋଇଛି। ଉକ୍ତ ଜିଲାଗୁଡ଼ିକର ଅଧିକାଂଶ ବ୍ଲକରେ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି। ଗୋଟିଏ ପଟେ ବର୍ଷା ଦାଉ ସାଜିଥିବା ବେଳେ ଜଳସେଚନ ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ଅନେକ ବ୍ଲକରେ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି।

ଆସନ୍ତା ୩୦ ତାରିଖରେ ଉତ୍ତର-ପୂର୍ବ ବାଂଲାଦେଶ ନିକଟରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟିହେବାର ସମ୍ଭାବନା ରହିଛି। ଏହା ୨ ତାରିଖ ବେଳକୁ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପରେ ପରିଣତ ହେବ। ଏହାର ପ୍ରଭାବରେ ଉତ୍ତର ଓଡ଼ିଶା ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଆଦି ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଛି। ହୀରାକୁଦରେ ୬୦.୨ ମିଲିମିଟର ବର୍ଷା ହୋଇଥିବା ବେଳେ ରାଉରକେଲା ୩୩.୮, ପୁରୀ ୩୨, ଝାରସୁଗୁଡ଼ା ୨୫.୪, ପୁରୀ ୩୨, ମାଲକାନଗିରି ୨୪.୨, ସୋନପୁର ୧୪.୬, ନୟାଗଡ଼ ୧୫, ପାରଳାଖେମୁଣ୍ଡି ୨୯.୪, ଢେଙ୍କାନାଳ ୨୮, ନବରଙ୍ଗପୁର ୧୩, ରାଉରକେଲା ୩୩.୮, ଭୁବନେଶ୍ୱର ୧୨.୭, ପାରାଦୀପ ୧୦.୬, ଗୋପାଳପୁରରେ ୧୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ସୁନ୍ଦରଗଡ଼, ମାଲକାନଗିରି, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, କନ୍ଧମାଳ, ଗଞ୍ଜାମ, ଗଜପତି, ପୁରୀ, କଳାହାଣ୍ଡି, ରାୟଗଡ଼ା, ନବରଙ୍ଗପୁର, ମାଲକାନଗିରି, କୋରାପୁଟ ଆଦି ଜିଲାରେ ଘଡ଼ଘଡ଼ି ସହ ବର୍ଷା ହେବର ସମ୍ଭାବନା ରହିଛି। ଏନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି।

# ପୂର୍ବ ଶତ୍ରୁତାରୁ ବନ୍ଧୁଙ୍କୁ ହତ୍ୟା, ୨ ଗିରଫ

**ଚାରିବାଟିଆରେ ଅଭାବନୀୟ ଘଟଣା**


ମୃତ ସାଗର ନାୟକ


ଉତ୍ତ୍ୟକ୍ତ ଲୋକେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଧାରଣା ଦେଇଛନ୍ତି।

ଜଗତ୍‌ସିଂହପୁର,୨୪।୮ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଥାନା ଶାଳଜଙ୍ଗ ପଞ୍ଚାୟତ ଅନ୍ତର୍ଗତ ଚାରିବାଟିଆ ଗ୍ରାମରେ ଅଭାବନୀୟ ଘଟଣା ଘଟିଛି। ପୂର୍ବ ଶତ୍ରୁତାରୁ ବନ୍ଧୁଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ସାଗର ନାୟକ (୨୭)। ତାଙ୍କ ବାପା ଶୁକଦେବ ନାୟକଙ୍କ ଅଭିଯୋଗକ୍ରମେ ଜଗତ୍‌ସିଂହପୁର ଥାନାରେ ମାମଲା (ନଂ.୫୫୦/୨୩)ରୁଜୁ କରାଯାଇ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଏହି ଗାଁର ମୁଖ୍ୟ ଅଭିଯୁକ୍ତ ପ୍ରତାପ ବେହେରା(୪୫) ଓ ଅନ୍ୟତମ ଅଭିଯୁକ୍ତ ଦିଲୀପ ସାମଲ ଓରଫ ଦିଲୁ (୪୪)। ଘଟଣାସ୍ଥଳରୁ ଏକ ଠେଙ୍ଗା ଜବତ କରାଯାଇଛି।

ଅଭିଯୋଗ ଅନୁଯାୟୀ, ସାଗର ଓ ପ୍ରତାପ ଉଭୟ ଗାଡ଼ି ଚାଳକ ଥିଲେ। ସେମାନଙ୍କ ମଧ୍ୟରେ ବନ୍ଧୁତା ଥିଲା। କିନ୍ତୁ ବର୍ଷାଧିକ କାଳ କୌଣସି କାରଣରୁ ସେମାନଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲା। ଏପରି କି ମାମଲା ଥାନାରେ ପହଞ୍ଚିଥିଲା। ବୁଧବାର ରାତିରେ ସାଗର ଖାଇସାରି ନିକଟସ୍ଥ ଏକ ଦୋକାନକୁ ଯାଉଥିବା ବେଳେ ପୂର୍ବ ପ୍ରସ୍ତୁତି ମୁତାବକ ପ୍ରତାପ ଓ ଦିଲୁ ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ସାଗରଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଫଳରେ ସେ ଘଟଣାସ୍ଥଳରେ ଟଳି ପଡ଼ିଥିଲେ। ଏହାଦେଖି ଅଭିଯୁକ୍ତ ଦ୍ୱୟ ସେଠାରୁ ପଳାଇ ଯାଇଥିଲେ। ସଙ୍ଗେସଙ୍ଗେ ଗ୍ରାମବାସୀ ରୁଣ୍ଡ ହେବାସହ ସାଗରଙ୍କୁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ମାତ୍ର ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ଗାଁରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଅଭିଯୋଗ ପରେ ପୋଲିସ ପହଞ୍ଚି ତଦନ୍ତ କରିଥିଲା। ପ୍ରଥମେ ଦିଲୁଙ୍କୁ ତାଙ୍କ ଘରୁ ଗିରଫ କରିଥିଲା। କିନ୍ତୁ ପ୍ରତାପ ଫେରାର ହୋଇଯାଇଥିଲେ। ଏନେଇ ପୋଲିସ ତାଙ୍କ ଶ୍ୱଶୁର ଘର ଆଳିପିଙ୍ଗଳରେ ପହଞ୍ଚି ସେଠାରୁ ସ୍ତ୍ରୀ ଓ ଶାଳକଙ୍କୁ ଥାନାକୁ ଆଣିଥିଲା। ପରେ ସ୍ଥାନୀୟ ଅଞ୍ଚଳର ଏକ ଆମ୍ବ ବଗିଚାରୁ ପ୍ରତାପଙ୍କୁ ଗିରଫ କଲାପରେ ସ୍ତ୍ରୀ ଓ ଶାଳକଙ୍କୁ ପୋଲିସ ଛାଡ଼ିଦେଇଛି।

**ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ପଠାଯିବାକୁ ବିରୋଧ**

ସାଗରଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ଗୁରୁବାର କଟକ ବଡ଼ ଡାକ୍ତରଖାନା ପଠାଯିବ ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୁହାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ଅନ୍ୟ ମୃତଦେହ ଭଳି ସାଗରଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଉ ବୋଲି ଲୋକେ ଦାବି କରିଥିଲେ। ମାତ୍ର ଡାକ୍ତରଖାନା କର୍ତ୍ତୃପକ୍ଷ ଶୁଣି ନ ଥିଲେ। ଏନେଇ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଉତ୍ତେଜନା ଦେଖାଦେଇଥିଲା। ଶାଳଜଙ୍ଗ ପଞ୍ଚାୟତର କେତେଜଣ ଲୋକ ଚିକିତ୍ସାଳୟ ପରିସରରେ ଧାରଣା ଦେଇ ପ୍ରତିବାଦ କରିଥିଲେ। ଖବରପାଇ ଧାରଣାସ୍ଥଳରେ ଡାକ୍ତରଖାନା ପକ୍ଷରୁ ଏଡିଏମ୍‌ଓ ଅଜୟ ସ୍ୱାଇଁ, ଜଗତ୍‌ସିଂହପୁର ଏସ୍‌ଡିପିଓ ରମେଶ ଚନ୍ଦ୍ର ସିଂହ, ଆଇଆଇସି ଗୋକୁଳ ରଞ୍ଜନ ଦାସ ପ୍ରମୁଖ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଏପରିକି ସରକାରୀ ମୁଖ୍ୟ ସଚେତକ ତଥା ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ମଧ୍ୟ ଡାକ୍ତରଖାନାରେ ପହଞ୍ଚିଥିଲେ। ଶେଷରେ ଜଗତ୍‌ସିଂହପୁରରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଅଶ୍ୱିନୀ ନକ୍ଷତ୍ର ଶାରୀରିକ ଓ ମାନସିକ ସ୍ଥିତିରେ ସମତା ରକ୍ଷା କରିପାରିବ ନାହିଁ। ଆଲୋଚନାର ଶେଷ ପର୍ଯ୍ୟାୟରେ ସହକର୍ମୀଙ୍କ ସହ ମନୋମାଳିନ୍ୟ ଯୋଗୁ ଉଦାସ ରହିବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେବାର ଆଶଙ୍କା ମଧ୍ୟ ରହିଛି। ଅନ୍ତରଙ୍ଗ ବନ୍ଧୁଙ୍କ ସାହାଯ୍ୟର ହାତ ଆପଣଙ୍କ ନିକଟକୁ ଲମ୍ବି ଆସିପାରେ।

**ବୃଷ**
ନିଜ କାମ ପଛକୁ ପକାଇ ବନ୍ଧୁଙ୍କ କାମକୁ ପ୍ରାଧାନ୍ୟ ଦେବେ। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ଭିନ୍ନ ମାର୍ଗରେ ଅର୍ଥ ବ୍ୟୟ କରିବାକୁ ବାଧ୍ୟ ହେବେ। ସ୍ନାୟବିକ ଦୁର୍ବଳତା ଲାଗିରହିବା କାରଣରୁ ହାତ ଓ ପାଦରେ ଯନ୍ତ୍ରଣା ଅନୁଭବ କରିବାର ସୂଚନା ରହିଛି। ଅବଶ୍ୟ ମୃଗଶିରା ନକ୍ଷତ୍ର ଚେଷ୍ଟା କରୁଥିବା କାମରେ ଆଂଶିକ ସଫଳତା ପାଇବେ।

**ମିଥୁନ**
ଆପଣଙ୍କ କୃପଣତା ପ୍ରତି ଅନ୍ୟମାନଙ୍କ ଟାହିଟାପରା ମନକୁ ବାଧିପାରେ। ପୁନଶ୍ଚ ଅଜୀର୍ଣ୍ଣ କିମ୍ବା ମଧୁମେହଜନିତ ଅସୁସ୍ଥତା ମଧ୍ୟ ଅନୁଭବ କରିପାରନ୍ତି। କାମ ହାସଲରେ ନିଜ ଲୋକମାନେ ପ୍ରତିବନ୍ଧକ ସୃଷ୍ଟିଜନିତ ଅସୁବିଧାରେ ପକାଇପାରନ୍ତି। ଆଜି ପୁନର୍ବସୁ ନକ୍ଷତ୍ରର ସାଙ୍ଗସାଥୀମାନଙ୍କ ସହ ସୁଖଭ୍ରମଣ ଯୋଗ ରହିଛି।

**କର୍କଟ**
ଆକସ୍ମିକ କୌଣସି ଲୋଭନୀୟ ସୁଯୋଗକୁ ହାତଛଡ଼ା କରିପାରିବେ ନାହିଁ। କିନ୍ତୁ ପରକ୍ଷଣରେ ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। ଅଶ୍ଳେଷା ନକ୍ଷତ୍ର ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ।

**ସିଂହ**
କଥା ଓ କାମରେ ତାଳମେଳ ନ ରହିବା ହେତୁ ସମାଲୋଚନାର ସ୍ୱର ଶୁଣିବାକୁ ପାଇ ପାରନ୍ତି। ମଘା ନକ୍ଷତ୍ରର ଭୁଲ୍ ବୁଝାମଣା କାରଣରୁ ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ଆଜି ଆପଣଙ୍କ କାମରେ ବନ୍ଧୁ ଅବଶ୍ୟ ସହଯୋଗ କରିବେ। ସାମାଜିକ ସ୍ତରରେ ଛୋଟ ବଡ଼ ସମସ୍ୟା ରହିଥିଲେ ମଧ୍ୟ ବିଶେଷ କିଛି ଅସୁବିଧା ରହିବ ନାହିଁ।

**କନ୍ୟା**
ଆଜି ସାମାଜିକ ସ୍ତରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। କିନ୍ତୁ ସଭାସମିତି କିମ୍ବା ଆଲୋଚନା କାଳରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। ଈର୍ଷା ଓ ଅସୂୟା କାରଣରୁ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ଚିତ୍ରା ନକ୍ଷତ୍ରର ମାଲିମକଦ୍ଦମାରେ ବିଜୟପ୍ରାପ୍ତି ଘଟିବ।

**ତୁଳା**
ସ୍ୱାତୀ ନକ୍ଷତ୍ରର ପରିବାର ବିଷୟରେ ଏକାନ୍ତ ଅନୁରକ୍ତି ଜାଗ୍ରତ ହୋଇପାରେ। ଅନ୍ୟର ଘରୋଇ ସମସ୍ୟା ପ୍ରତି କର୍ଣ୍ଣପାତ କରିବାରେ ଅନିଚ୍ଛା ପ୍ରକାଶ କରିପାରନ୍ତି। ଯାତ୍ରା ସମୟରେ କୌଣସି ବ୍ୟକ୍ତିଠାରୁ ଯଥେଷ୍ଟ ସହାୟତା ପାଇବେ। ନ୍ୟାୟୋଚିତ ପରାମର୍ଶ ଏବଂ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ବିଛା**
ବାରମ୍ବାର ଚେଷ୍ଟା କରି ବିଫଳ ହୋଇଥିବା କ୍ଷେତ୍ରରୁ ଆଶାଜନକ ଫଳ ପାଇବେ। ଆଜିର ପାରିବାରିକ ଖର୍ଚ୍ଚ ପରିମାଣ ଦୁଇଗୁଣା ହୋଇପାରେ। କିନ୍ତୁ ସାୟାହ୍ନେ ଏକ ସାଧାରଣ କଥାରେ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। ଜ୍ୟେଷ୍ଠା ନକ୍ଷତ୍ର ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ**
ବିଭିନ୍ନ ବିବାଦୀୟ ଘଟଣା ଅଶାନ୍ତ ବାତାବରଣ ସୃଷ୍ଟି କରିପାରେ। ପରିବାରଠାରୁ ଆରମ୍ଭ କରି ପ୍ରତ୍ୟେକ କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। କର୍ମକ୍ଷେତ୍ରରେ କିମ୍ବା ସାମାଜିକ ସ୍ତରରେ ସୁଯୋଗ ପାଇ କାର୍ଯ୍ୟ ହାସଲ କରିବେ। ପୂର୍ବାଷାଢ଼ା ନକ୍ଷତ୍ର ବନ୍ଧୁଙ୍କ ଅଭିଯୋଗ, ଉଚ୍ଚ ପଦାଧିକାରୀଙ୍କ ଚାପରୁ ଚିନ୍ତିତ ହେବେ।

**ମକର**
ଆଜିର ସପ୍ତମସ୍ଥ ଶୁକ୍ରଙ୍କ ସୁପ୍ରଭାବରୁ ଉଚ୍ଚ ସମ୍ମାନ ପ୍ରଦାନରେ ସହାୟକ ହେବ। କଳା, ସାହିତ୍ୟ, ରଚନାତ୍ମକ କାର୍ଯ୍ୟକ୍ଷେତ୍ରରେ ସାମାଜିକ ପ୍ରତିଷ୍ଠା ପାଇପାରନ୍ତି। ପରିବାରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। କୌଣସି ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ରତର ହେବାର ଅନୁଭବ କରିବେ।

**କୁମ୍ଭ**
ସମସ୍ୟା ବିଜଡ଼ିତ ପରିସ୍ଥିତି ମଧ୍ୟରେ ବନ୍ଧୁଙ୍କ ପରାମର୍ଶରେ ସାନ୍ତ୍ୱନା ମିଳିବ। ଆଜି ପୂର୍ବଭାଦ୍ରପଦ ନକ୍ଷତ୍ରର ଶିଳ୍ପ, ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ଆଲୋଚନା ସମୟରେ ବନ୍ଧୁଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ଆକସ୍ମିକ ସ୍ଥାନାନ୍ତର ସୂଚନାକୁ ସହଜରେ ଗ୍ରହଣ କରିପାରିବେ ନାହିଁ।

**ମୀନ**
ଆପଣଙ୍କ ଶାଣିତ ବାକ୍ୟକୁ ସାମନା କରିବାରେ ପ୍ରତିପକ୍ଷ ଦୂରେଇ ରହିବେ। ଲେଖାପଢ଼ା, ସାହିତ୍ୟାଲୋଚନା, କଳା, କ୍ରୀଡ଼ା, ସଙ୍ଗୀତ କ୍ଷେତ୍ରରୁ ସୁନାମ ମିଳିବ। ଉତ୍ତରଭାଦ୍ରପଦ ନକ୍ଷତ୍ରର ପରିବାରରେ ପିଲାମାନଙ୍କ କାର୍ଯ୍ୟକଳାପ ନାପସନ୍ଦ କରିପାରନ୍ତି। ଆପଣ ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

ଆଜି ଶ୍ରାବଣ ଶୁଦ୍ଧ ଶୁକ୍ଳପକ୍ଷ ନବମୀ ଶୁକ୍ରବାର, ଅଗଷ୍ଟ ୨୫ ତାରିଖ, ଶ୍ରୀମନ୍ଦିରରେ ବାଡ଼ିନୃସିଂହ ବିଜେ, ଚକ୍ଷୁଦାନ ପକ୍ଷ ଆରମ୍ଭ, ରାଶି ନକ୍ଷତ୍ର-ଦିବା ଘ.୦୯।୧୨ମି. ପର୍ଯ୍ୟନ୍ତ ଅନୁରାଧା/ବିଛା, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୩୩ ଗତେ ଘ.୦୬।୨୩ ମଧ୍ୟେ, ଘ.୦୭।୧୩ ଗତେ ଘ.୦୮।୪୦ ମଧ୍ୟେ ଶୁଦ୍ଧଶୁଭ ବେଳା। ଦିବା ଘ.୧୦।୧୪ ଗତେ ଘ.୧୧।୪୮ ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୫ ଅଗଷ୍ଟ, ୨୦୨୩



**୩୦ ହଜାରରୁ ଊର୍ଦ୍ଧ୍ୱ ଜାଲ୍ ନୋଟ ଜବତ: ଜଣେ ଅଟକ**

ନୀଳଗିରି: ବାଲେଶ୍ୱର ଜିଲା ନୀଳଗିରି ଥାନା ସନ୍ତରାଗଡ଼ିଆ ଅଞ୍ଚଳରେ ଜାଲନୋଟ କାରବାର ଅଭିଯୋଗରେ ପୋଲିସ ଜଣଙ୍କୁ ଅଟକ ରଖିଛି। ଅଭିଯୁକ୍ତ ହେଲେ କାଣ୍ଡଗରଡ଼ି ପଞ୍ଚାୟତ ନୂଆପାଟଣା ନିକଟ ଘୁଡ଼ାଡ଼ିଆଁ ଗ୍ରାମର ପୂର୍ଣ୍ଣଚନ୍ଦ୍ର ନାୟକ। ତାଙ୍କଠାରୁ ୫ଶହ ଟଙ୍କିଆ ୩୦ ହଜାରରୁ ଊର୍ଦ୍ଧ୍ୱ ଜାଲ ନୋଟ ଜବତ କରାଯାଇଛି। ପୂର୍ଣ୍ଣଚନ୍ଦ୍ର ଗତ ମଙ୍ଗଳବାର ସନ୍ତରାଗଡ଼ିଆ ବଜାରସ୍ଥିତ ବ୍ୟାଙ୍କରେ ଟଙ୍କା ଜମା କରିବାକୁ ଯାଇଥିଲେ। ମାତ୍ର ଉକ୍ତ ଟଙ୍କା ଜାଲ୍ ଥିବା ଜାଣିପାରି ବ୍ୟାଙ୍କ କର୍ମଚାରୀ ଟଙ୍କା ଫେରସ୍ତ କରିଦେଇଥିଲେ। ଏହି ଘଟଣା ପ୍ରଚାରିତ ହେବା ବେଳକୁ ପୂର୍ଣ୍ଣଚନ୍ଦ୍ର ବଜାରର ବିଭିନ୍ନ ଦୋକାନରେ ଜାଲ୍ ନୋଟ ଦେଇ ଠକି ଥିବା ସୂଚନା ମିଳିଛି।

# ଓଡ଼ିଶାର କଳା, ସଂସ୍କୃତି, ପାରମ୍ପରିକ ଖାଦ୍ୟକୁ ଉଚ୍ଚପ୍ରଶଂସା




ବିକାଶ ଖାନ୍ନା ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହିତ ଭିଡିଓ କନ୍‌ଫରେନ୍ସ ଜରିଆରେ ଆଲୋଚନା କରିଛନ୍ତି। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ।

## ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କଲେ ଉଦ୍ୟୋଗୀ ବିକାଶ ଖାନ୍ନା

ଭୁବନେଶ୍ୱର,୨୪।୮ (ଅନିଲ ଦାସ)

ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ସେଫ୍, ଉଦ୍ୟୋଗୀ ତଥା ଲେଖକ ବିକାଶ ଖାନ୍ନା ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହିତ ଭିଡିଓ କନ୍‌ଫରେନ୍ସ ଜରିଆରେ ଆଲୋଚନା କରିଛନ୍ତି।

ଏହି ଆଲୋଚନା ସମୟରେ ଖାନ୍ନା ଓଡ଼ିଶାର କଳା, ସ୍ଥାପତ୍ୟ, ସଂସ୍କୃତି, ଐତିହ୍ୟ ଓ ଖାଦ୍ୟ ପରମ୍ପରାର ଉଚ୍ଚପ୍ରଶଂସା କରିଛନ୍ତି। ପୁରୀରେ ଶ୍ରୀଜଗନ୍ନାଥ ମନ୍ଦିର ପରିଦର୍ଶନ ସମୟରେ ତାଙ୍କର ସୁଖଦ ଆଧାତ୍ମିକ ଅନୁଭୂତି ସମ୍ପର୍କରେ ସେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପ୍ରକାଶ କରିଛନ୍ତି। ବିକାଶ କ୍ଷେତ୍ରରେ ଓଡ଼ିଶା ଦ୍ରୁତ ଅଗ୍ରଗତି କରୁଛି ବୋଲି ମତଦେଇ ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ଓ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ତଥା ମାନବବାଦୀ ଚିନ୍ତାଧାରାର ଉଚ୍ଚପ୍ରଶଂସା କରିଛନ୍ତି। କୋଣାର୍କ ଚକ୍ର ବିଶ୍ୱ ଏକତାର ପ୍ରତୀକ ବୋଲି ସେ ମତ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମଧ୍ୟ ଖାନ୍ନାଙ୍କ ସୃଜନଶୀଳତା ଓ ଔଦ୍ୟୋଗିକ ମନୋଭାବର ପ୍ରଶଂସା କରିଛନ୍ତି। ତାଙ୍କୁ ଓଡ଼ିଶା ଆସିବାକୁ ମୁଖ୍ୟମନ୍ତ୍ରୀ ନିମନ୍ତ୍ରଣ କରିଛନ୍ତି। ନିକଟରେ ଖାନ୍ନା ସ୍ୱାଧୀନତା ଦିବସ ପାଳନ ଅବସରରେ ନ୍ୟୁୟର୍କ ସହରର ଟାଇମ୍ସ ସ୍କୋୟାରଠାରେ ବିଶ୍ୱପ୍ରସିଦ୍ଧ କୋଣାର୍କ ଚକ୍ରର ଏକ ପ୍ରତିରୂପ ସ୍ଥାପନ କରି ଚର୍ଚ୍ଚାରେ ରହିଥିଲେ। ଏହି ଆଲୋଚନା ସମୟରେ ୫-ଟି ସଚିବ ଭି . କେ. ପାଣ୍ଡିଆନ ଉପସ୍ଥିତ ଥିଲେ।

# ଟ୍ରେନ୍ ଧକ୍କାରେ କର୍ମଚାରୀଙ୍କ ମୃତ୍ୟୁ

**ଚଣ୍ଡିଖୋଲ,୨୪।୮ (ପ୍ରଦୀପ୍ତ କୁମାର ପୃଷ୍ଟି):** ପୂର୍ବତଟ ରେଳବାଇ ଅଧୀନରେ ଥିବା ଯାଜପୁର ଜିଲା ଧାନମଣ୍ଡଳ ଷ୍ଟେଶନରେ ଜଣେ କର୍ମଚାରୀଙ୍କ ଟ୍ରେନ୍ ଧକ୍କାରେ ମୃତ୍ୟୁ ହୋଇଛି। ମୃତକ ହେଲେ ଏଠାରେ ପଏଣ୍ଟସ୍ ମ୍ୟାନ୍ ଭାବେ କାର୍ଯ୍ୟରତ ଆଲୋକ କୁମାର ମିଶ୍ର(୨୭)। ବୁଧବାର ରାତିରେ ଧାନମଣ୍ଡଳ ଷ୍ଟେଶନରେ ସେ କାର୍ଯ୍ୟରତ ଥିବାବେଳେ ୨ ନଂ. ପ୍ଲାଟଫର୍ମରୁ ୪ନଂ. ପ୍ଲାଟଫର୍ମକୁ ପତାକା ଦେଖାଇବାକୁ ଯାଉଥିଲେ। ଏହି ସମୟରେ ୩ନଂ. ପ୍ଲାଟଫର୍ମ ଦେଇ ଆସୁଥିବା ଶାଲିମାର ଏକ୍ସପ୍ରେସ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। କଟକ ଜିଆର୍‌ପି ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଆଲୋକଙ୍କ ଘର ଯାଜପୁର ଜିଲା ବ୍ରହ୍ମବରଦା ଥାନା ମଠ ସାହିରେ। ସେ ୨ ମାସ ତଳେ କାର୍ଯ୍ୟରେ ଯୋଗ ଦେଇଥିଲେ।


**ଭାରତୀୟ ରିଜର୍ଭ ବ୍ୟାଙ୍କ**
ମାନବ ସଂସାଧନ ପ୍ରବନ୍ଧ ବିଭାଗ
ପଣ୍ଡିତ ଜୱାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-751001, ଓଡ଼ିଶା

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ଏହାର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଚା' / କଫି ଭେଣ୍ଡିଂ ମେସିନଗୁଡ଼ିକର ସ୍ଥାପନ/ରକ୍ଷଣାବେକ୍ଷଣ/ସଂଚାଳନ ଏବଂ ଏଥିପାଇଁ ମାନବ ସମ୍ବଳ ଯୋଗାଣ ନିମନ୍ତେ ପ୍ରତିଷ୍ଠିତ ତଥା ଅଭିଜ୍ଞ ଏଜେନ୍ସିରୁ ଦୁଇ ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି।

ପ୍ରତିଷ୍ଠିତ ଏବଂ ପ୍ରାସଙ୍ଗିକ ଅଭିଜ୍ଞତା ଥିବା ଆଗ୍ରହୀ କମ୍ପାନୀ/ସଂସ୍ଥାଗୁଡ଼ିକ ଅଧିକ ବିବରଣୀ ପାଇଁ ଆରବିଆଇର ୱେବସାଇଟ୍ (www.rbi.org.in)ରେ "ଟେଣ୍ଡର" ବିଭାଗ ପରିଦର୍ଶନ କରିପାରିବେ କିମ୍ବା ମାନବ ସଂସାଧନ ପ୍ରବନ୍ଧ ବିଭାଗ, ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ସହ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ (www.mstcecommerce.com/eproc)ରେ ଇ-ଟେଣ୍ଡର ଆବେଦନର ଶେଷ ତାରିଖ ସେପ୍ଟେମ୍ବର ୨୫, ୨୦୨୩ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଅଟେ।

କ୍ଷେତ୍ରୀୟ ନିର୍ଦ୍ଦେଶକ



**ଦ.ପୂ. ରେଳପଥ - ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ଓ୍ୱେଷ୍ଟ-୨୩-୨୪-୨୧, ତାରିଖ: ୨୧।୦୮।୨୦୨୩। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲଓ୍ୱେ ମ୍ୟାନେଜର (ଇଏନ୍‌ଜି.), ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **କାର୍ଯ୍ୟର ନାମ:** ସିକେପି ଡିଭିଜନରେ ଏସ୍‌ଏସ୍‌ଇ (ପି.ଓ୍ୱେ)/ଜିପି, ଏସ୍‌ଏସ୍‌ଇ (ପି.ଓ୍ୱେ)/ଜେଏସ୍‌ଜି ଏବଂ ଏଡିଇଏନ୍/ଆର୍‌ଓ୍ୱୁଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍‌ର ପ୍ରି-ଟାମ୍ପିଂ ଏବଂ ପୋଷ୍ଟ ଟାମ୍ପିଂ କାର୍ଯ୍ୟ ଏବଂ ତତ୍-ସମ୍ବନ୍ଧୀୟ କାର୍ଯ୍ୟ (୨ୟ କଲ)। **ଟେଣ୍ଡର ମୂଲ୍ୟ:** ₹୩,୧୯,୦୯,୬୬୬.୯୨; **ଇଏମ୍‌ଡି:** ₹୩,୦୯,୬୦୦/-। **ଟେଣ୍ଡର ଫର୍ମ ମୂଲ୍ୟ:** ₹୦.୦୦। **ଖୋଲାଯିବା ତାରିଖ:** ପ୍ରତ୍ୟେକ ପାଇଁ ତା୨୨।୦୯।୨୦୨୩ରିଖ। ଟେଣ୍ଡର http://www.ireps.gov.in ୱେବସାଇଟ୍‌ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର ସାର୍ଟିଫିକେଟ୍ ରହିଥିବା ଏବଂ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ-ଟେଣ୍ଡର ଫର୍ମ ଜାରି କରାଯିବ। (ପ୍ରାଧିକରଣ- ରେଳପଥ ପରିଷଦର ପତ୍ର ସଂ. ୨୦୨୦/ସିଇ-I/ସିଟି/୩ଇ/କିସିସି/ପଲିସି, ତାରିଖ: ୧୬।୦୭।୨୦୨୦) (PR-541)


# ସେପ୍ଟେମ୍ବର ୩ରେ ଓଜେଏସ୍ ମୁଖ୍ୟ ଲିଖିତ ପରୀକ୍ଷା

କଟକ,୨୪।୮ (ସୁପ୍ରିୟା ପ୍ରିୟଦର୍ଶିନୀ)

ଆସନ୍ତା ସେପ୍ଟେମ୍ବର ୩ରେ ଓଡ଼ିଶା ଜୁଡିସିଆଲ ସର୍ଭିସ (ଓଜେଏସ୍) ମୁଖ୍ୟ ଲିଖିତ ପରୀକ୍ଷା ଅନୁଷ୍ଠିତ ହେବ। ଏନେଇ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ପରୀକ୍ଷା ସୂଚୀ ଏବଂ ପରୀକ୍ଷା କେନ୍ଦ୍ର ପାଇଁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି, ସେପ୍ଟେମ୍ବର ୩ରୁ ୭ ତାରିଖ ପର୍ଯ୍ୟନ୍ତ ଦୁଇଟି ସିଟିଂରେ ପରୀକ୍ଷା ହେବ। ପ୍ରଥମ ସିଟିଂ ପୂର୍ବାହ୍ନ ସାଢେ ୯ଟାରୁ ମଧ୍ୟାହ୍ନ ୧୨ଟା ଓ ଦ୍ୱିତୀୟ ସିଟିଂ ଅପରାହ୍ନ ୨ଟାରୁ ସାଢେ ୪ଟା ପର୍ଯ୍ୟନ୍ତ ଚାଲିବ। ୩ ତାରିଖରେ କମ୍ପଲସରି ପେପର-୧ ଓ ୨ ପରୀକ୍ଷା ହେବ। ସେହିପରି ୪, ୫ ଓ ୭ ତାରିଖରେ ଅପ୍ସନାଲ ପରୀକ୍ଷା ହେବ। ଏହି ପରୀକ୍ଷା ପାଇଁ ଓପିଏସ୍‌ସି ପକ୍ଷରୁ ରାଜ୍ୟର ୩ ଜିଲାରେ ୪ଟି ପରୀକ୍ଷା କେନ୍ଦ୍ର ବ୍ୟବସ୍ଥା କରାଯାଇଛି। ଭୁବନେଶ୍ୱର ଉତ୍କଳ ବିଶ୍ୱବିଦ୍ୟାଳୟରେ ଦୁଇଟି କେନ୍ଦ୍ର, କଟକର ସୁଧାନନ୍ଦ ଇଞ୍ଜିନିୟରିଂ କଲେଜ ଓ ସମ୍ବଲପୁରର ଧାନକାଉଡ଼ିସ୍ଥିତ ସେଣ୍ଟ ଜୋନସ ସ୍କୁଲରେ ଗୋଟିଏ ଲେଖାଏଁ ପରୀକ୍ଷା କେନ୍ଦ୍ର କରାଯାଇଛି। ମୋଟ ୯୯୪ ଜଣ ପରୀକ୍ଷାର୍ଥୀ ଏହି ପରୀକ୍ଷା ଦେବେ। ଏହି ପରୀକ୍ଷା ପାଇଁ ଆସନ୍ତା ୨୮ରେ ଓପିଏସ୍‌ସି ୱେବ୍‌ସାଇଟ୍‌ରେ ଆଡ୍‌ମିସନ ସାର୍ଟିଫିକେଟ ଉପଲବ୍ଧ ହେବ ବୋଲି ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

# ଓପିଟିସିଏଲ୍ ଟ୍ରାନ୍ସମିଶନ ପ୍ରକଳ୍ପରେ ଜଙ୍ଗଲ ମଞ୍ଜୁରୀ ବାଧକ

## ତ୍ୱରାନ୍ୱିତ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ପରାମର୍ଶ

ଭୁବନେଶ୍ୱର,୨୪।୮ (ଅନିଲ ଦାସ)

କେନ୍ଦ୍ର ସରକାରଙ୍କଠାରୁ ଜଙ୍ଗଲ ଓ ପରିବେଶ ଅନୁମତି ମିଳୁ ନ ଥିବାରୁ ଓଡ଼ିଶା ବିଦ୍ୟୁତ୍ ଟ୍ରାନ୍ସମିଶନ ନିଗମ ଲିମିଟେଡ୍ (ଓପିଟିସିଏଲ୍)ର ଅନେକ ପ୍ରକଳ୍ପ ପଡ଼ିରହିଛି। ୨୨୦/୩୩ କେଭି ବାଲିଗୁଡ଼ା ଗ୍ରୀଡ୍ ସବ୍‌ଷ୍ଟେଶନ, ୨୨୦ କେଭି କେସିଙ୍ଗା-ବାଲିଗୁଡ଼ା ଲାଇନ୍, ୧୩୨ କେଭି ବୌଦ୍ଧ-ଫୁଲବାଣୀ ଡିସି ଲାଇନ୍, ୧୩୨ କେଭି ବୌଦ୍ଧ-କିଆକଟା ଡିସି ଲାଇନ୍, ୨୨୦ କେଭି ଲିଲୋ ଲାଇନ୍‌ରୁ ୨୨୦/୩୩ କେଭି ଦଶପଲ୍ଲା ଗ୍ରୀଡ୍, ଦିଗପହଣ୍ଡି-ମୋହନା ଲାଇନ୍‌ରୁ ଆର୍.ଉଦୟଗିରି ଗ୍ରୀଡ୍‌କୁ ଲିଲୋ ଲାଇନ୍, ୨୨୦ କେଭି କେନ୍ଦୁଝର-ତୁରୁମୁଙ୍ଗା ଡିସି ଲାଇନ୍ ଆଦି ଶକ୍ତି ପ୍ରକଳ୍ପଗୁଡ଼ିକର ଜଙ୍ଗଲ ମଞ୍ଜୁରୀ ମିଳିପାରୁ ନାହିଁ।

ଗୁରୁବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଓପିଟିସିଏଲ୍‌ର ପଡ଼ି ରହିଥିବା ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିଛନ୍ତି। ଏହି ବୈଠକରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳଙ୍କ ଉପସ୍ଥିତିରେ ଓପିଟିସିଏଲ୍‌ର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଟ୍ରାନ୍ସମିଶନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ଶକ୍ତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ କହିଛନ୍ତି, ବହୁ ପୂର୍ବରୁ ଆରମ୍ଭ ହୋଇଥିବା ଏହିସବୁ ପ୍ରକଳ୍ପ ଜଙ୍ଗଲ ସମ୍ପର୍କିତ ସମସ୍ୟା ଯୋଗୁ କାର୍ଯ୍ୟକାରୀ ହେବାରେ ବିଳମ୍ବ ହୋଇଛି। ଗୁଣାତ୍ମକ ଏବଂ ବିଶ୍ୱସନୀୟ ବିଦ୍ୟୁତ୍ ଯୋଗାଣକୁ ସୁନିଶ୍ଚିତ କରିବାରେ ଏହି ପ୍ରକଳ୍ପଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଏହାକୁ ଦୃଷ୍ଟିରେ ରଖି ଜଙ୍ଗଲ ମଞ୍ଜୁରୀ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟ ଶାସନ ସଚିବ ଓପିଟିସିଏଲ୍‌କୁ ପରାମର୍ଶ ଦେଇଛନ୍ତି। ଏହି ପ୍ରସଙ୍ଗ ଉପରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରଣାଳୟ ଅଧୀନ ସମନ୍ୱିତ ଆଞ୍ଚଳିକ କାର୍ଯ୍ୟାଳୟ(ଆଇଆରଓ) ସହିତ ଆଲୋଚନା କରିବା ପାଇଁ ଏ ସଂକ୍ରାନ୍ତରେ ଓପିଟିସିଏଲ୍‌କୁ ଆବଶ୍ୟକ ସହଯୋଗ କରିବାକୁ ପିସିସିଏଫ୍(ନୋଡାଲ)ଙ୍କୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଓପିଟିସିଏଲ୍‌ର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ, ଶକ୍ତି ବିଭାଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।


**GOVERNMENT OF ODISHA**
**DISTRICT PROJECT OFFICE**
**SAMAGRA SHIKSHA, SUNDARGARH**
E-mail ID: dpcsndgssa.opepa@nic.in
**"e" Procurement Notice**
Bid Identification No. DPC/SS/SNG/10 of 2023-24
Letter No. 2560/Civil    Date: 24 August 2023

| | | | |
|---|---|---|---|
| 1. | District Project Co-ordinator, Samagra Shiksha, Sundargarh on behalf of Governor of Odisha inviting percentage rate bid in Double Cover System/Single Cover System (as applicable) on ONLINE mode from eligible contractors with valid licence for "Improvement of Infrastructure (Civil + Electrical + PH + Renovation) in the Schools" as detailed in DTCN | | |
| 2. | Nature of Work | : | Improvement of Infrastructure (Civil + Electrical + PH + Repair & Renovation) in the Schools |
| 3. | No. of Works | : | 3 (Three) Nos. |
| 4. | Cost of Tender Paper | : | Rs.6,000/- in 1 Project & Rs.10,000/- in 2 Projects |
| 5. | Class of Contractor | : | "D" & "C" in 1 Project/ "B" in 2 Projects |
| 6. | Availability of Bid document in the website | : | From 09.00 hours of date 28.08.2023 to 18.00 hours of date 11.09.2023 |
| 7. | Date of Opening of Bid | : | 10.00 A.M. on Dt.12.09.2023 |
| 8. | The bidders have to participate in ONLINE bidding only. Further details can be seen from the website (https://tendersodisha.gov.in). Any addendum/corrigendum/ cancellation of tender can also be seen in the said website only. | | |

Sd./- District Project Co-ordinator
Samagra Shiksha, Sundargarh



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETELCONBBST-347E, ତା.18.08.2023ରିଖ

**କାର୍ଯ୍ୟର ନାମ:** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳ ଅଧୀନସ୍ଥ ଦଶପଲ୍ଲା ଠାରେ ସମ୍ବନ୍ଧୀତ PSI କାର୍ଯ୍ୟ ସହିତ 01 ଗୋଟି ନୂଆ ସେକ୍ସନିଙ୍ଗ୍ ଏବଂ ପାରାଲେଲିଙ୍ଗ୍ (Paralleling) ପୋଷ୍ଟ(SP) ଦ୍ୱାରା ନୟାନଡ଼ ଟାଉନ୍ ଷ୍ଟେସନଠାରେ ସାମଗ୍ରୀ ଭଣ୍ଡାର ସାଇଡ଼ିଙ୍ଗର ବିଦ୍ୟୁତୀକରଣ ସମ୍ବନ୍ଧୀୟ 1x 25kV OHE ର ଡିଜାଇନ୍, ଯୋଗାଣ, ଉତ୍ଥାପନ, ରୂପାନ୍ତରଣ, ପରୀକ୍ଷଣ ଏବଂ ପ୍ରଚଳନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹):** 186.33 ଲକ୍ଷ, EMD (₹): 2,43,200/-, କାର୍ଯ୍ୟ ଶେଷ ହେବା ଅବଧି: 06(ଛଅ)ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.08.09.2023 ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ଼ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ। ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉଚ୍ଚତ୍ମ ଆଇଆରଏସଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B,G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପ୍ପର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ/ନିର୍ମାଣ-II/ ଭୁବନେଶ୍ୱର
PR-64/CG/23-24


# ବାଇକ୍ ଦୁର୍ଘଟଣାରେ ୨ ମୃତ

ଧରାକୋଟ,୨୪।୮ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)/ସୋରଡ଼ା (ଲମ୍ବୋଦର ପାଣିଗ୍ରାହୀ)

ଗଞ୍ଜାମ ଜିଲା ଧରାକୋଟ ନିକଟସ୍ଥ ଜାତୀୟ ରାଜପଥ ୫୯ ମୁଣ୍ଡମରାଇ ନିକଟରେ ଗୁରୁବାର ଏକ ବାଇକ ଦୁର୍ଘଟଣାରେ ୨ ଜଣଙ୍କର ମୃତ୍ୟୁ ଘଟିଛି। ସେମାନେ ହେଲେ ନୂଆଗଡ଼ ଗ୍ରାମର ରିଙ୍କୁ ନାୟକ ଓ ରାହୁଲ ନାୟକ। ନୂଆଗଡ଼ରୁ ରିଙ୍କୁ ଓ ରାହୁଲ ବାଇକରେ ଆସିକା ଯାଉଥିବା ବେଳେ ଏକ ହାଇୱା ଗାଡ଼ିକୁ ଅତିକ୍ରମ କରିବା ସମୟରେ ରାସ୍ତା ପାର୍ଶ୍ୱରେ ଥିବା କାଦୁଅରେ ଗାଡ଼ି ଖସିପଡ଼ିଥିଲା। ଫଳରେ ବାଇକଟି ଦୁର୍ଘଟଣାଗ୍ରସ୍ତ ହୋଇ ସାମନା ପଟୁ ଆସୁଥିବା କୁଲଗଡ଼ ଗ୍ରାମର ଜିତେନ୍ଦ୍ର ଗୌଡ଼ଙ୍କ ବାଇକ ସହ ଧକ୍କା ହୋଇଥିଲା। ଦୁର୍ଘଟଣାର ତୀବ୍ରତା ଅଧିକ ଥିବାରୁ ରାସ୍ତାରେ ପିଟି ହୋଇ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଧରାକୋଟ ପୋଲିସ ପହଞ୍ଚି ଦୁଇ ମୃତଦେହକୁ ଧରାକୋଟ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ସହ ନଂ. ୨୯୭/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ତଦନ୍ତ କଲେ ଉଚ୍ଚ ଶିକ୍ଷା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକ

## ଛାତ୍ରୀଙ୍କ ପରୀକ୍ଷା ଖାତାରେ ଅଧ୍ୟାପିକା ଉତ୍ତର ଲେଖିବା ଘଟଣା

ଉଦଳା,୨୪।୮ (ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ରାଡ଼ୋସ୍ଥିତ ଲୁଇପା ଡିଗ୍ରୀ କଲେଜରେ ଚାଲିଥିବା ଜୁଲୋଜି ସେମିଷ୍ଟର ପରୀକ୍ଷାରେ ଅନୁପସ୍ଥିତ ଜଣେ ଛାତ୍ରୀଙ୍କ ପରୀକ୍ଷା ଖାତାରେ ଉତ୍ତର ଲେଖି ଅଧ୍ୟାପିକା ତୁଳିକା ଆଶ ଗିରଫ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଅନ୍ୟପକ୍ଷରେ ବାଲେଶ୍ୱରସ୍ଥିତ ଉଚ୍ଚଶିକ୍ଷା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକ ହେମନ୍ତ ଘଡ଼େଇ କଲେଜରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଉଦଳା ପୋଲିସ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ପରୀକ୍ଷାରେ ଅନୁପସ୍ଥିତ ଥିବା ଛାତ୍ରୀଙ୍କ ଅଭିଭାବକ ଓ ପରୀକ୍ଷା ନିୟନ୍ତ୍ରକ ଗୀତିକା ଜେନାଙ୍କ ବୟାନ ରେକର୍ଡ କରାଇଛି। ତେବେ ଗିରଫ ଅଧ୍ୟାପିକାଙ୍କ ଅଭିଯୋଗ ଏବଂ ଭାଇରାଲ ଅଡିଓକୁ ନେଇ ପୋଲିସ କ'ଣ ତଦନ୍ତ କରୁଛି ତାହା ଦେଖିବାକୁ ବାକି ରହିଲା।

# ବୃଦ୍ଧଙ୍କୁ ଦଳିଦେଲା, ମହିଳାଙ୍କୁ କଚାଡ଼ି ମାରିଲା

- ଅନୁଗୋଳରେ ୨ ଜୀବନ ନେଲା ହାତୀ
- ପ୍ରତିବାଦରେ ୫ ଘଣ୍ଟା ରାସ୍ତାରୋକୋ



ରାସ୍ତାରୋକୋ କରିଥିବା ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରାଯାଉଛି।

ଅନୁଗୋଳ,୨୪।୮ (ଅମିତ କୁମାର ସାମଲ)

ଶୌଚ ପାଇଁ ଯୋର ନିକଟକୁ ଯାଇଥିବା ଜଣେ ବୃଦ୍ଧଙ୍କୁ ଦଳିଦେଇଛି ହାତୀ। ସେହିପରି ଅନ୍ୟଜଣେ ମହିଳାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ଅନୁଗୋଳ ବନଖଣ୍ଡର ବନ୍ତଳା ଓ ଅନୁଗୋଳ ରେଞ୍ଜ ଅଧୀନରେ ଥିବା କୁମୁରିସିଂହା ପଞ୍ଚାୟତ ପାତେଳି ଗାଁରେ ପଶି ଗୁରୁବାର ଏକ ଗୋଠଛଡ଼ା ହାତୀ ଏପରି ୨ ଜଣଙ୍କ ଜୀବନ ନେଇଛି। ମୃତକ ହେଲେ ବନ୍ତଳା ରେଞ୍ଜ ପାତେଳି ଗାଁର ଝିଲି ମାଝି(୩୮) ଓ ଅନୁଗୋଳ ରେଞ୍ଜ ପାତେଳି ଗାଁର ଶଙ୍କର ବିଶ୍ୱାଳ(୬୦)। ସେହିପରି ଉକ୍ତ ହାତୀ ଆକ୍ରମଣରେ ଅନୁଗୋଳ ରେଞ୍ଜ ସାହାରାଗୁଡ଼ା ଗାଁର ଅକ୍ଷୟ ନାଏକ ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହି ଘଟଣା ଜଣାପଡ଼ିବା ପରେ ଉତ୍ତେଜନା ଦେଖାଦେଇଥିଲା। ଉତ୍ତ୍ୟକ୍ତ ଲୋକେ ଅନୁଗୋଳ-ବନ୍ତଳା ରାସ୍ତାକୁ ୫ ଘଣ୍ଟା ଧରି ଅବରୋଧ କରିଥିଲେ। ସୂଚନା ଅନୁଯାୟୀ, ଗୁରୁବାର ଭୋର୍ ସମୟରେ ପାତେଳି ଗାଁର ଶଙ୍କର ଯୋର ନିକଟରେ ଶୌଚ ବସିଥିବାବେଳେ ଗୋଠଛଡ଼ା ଦନ୍ତା ତାଙ୍କୁ ପାଦରେ ଦଳି ଦେବାରୁ ଘଟଣାସ୍ଥଳରେ ହିଁ ଶଙ୍କରଙ୍କ ମୃତ୍ୟୁ ହୋଇଯାଇଥିଲା। ଏହାପରେ ପାତେଳି ଗାଁର ଝିଲିଙ୍କୁ ହାତୀଟି ଶୁଣ୍ଢରେ ଟେକି କଚାଡ଼ି ଦେବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ପାତେଳି ଗାଁରେ ୨ ଜଣଙ୍କ ଜୀବନ ନେବା ପରେ ଉକ୍ତ ହାତୀ ସାହାରାଗୁଡ଼ା ଗାଁର ଅକ୍ଷୟଙ୍କୁ ଆକ୍ରମଣ କରିଥିଲା। ଗାଁ ନିକଟକୁ ଆସି ହାତୀ ଏପରି ଆତଙ୍କ ଖେଳାଇବା ପ୍ରତିବାଦରେ ଲୋକେ ରାସ୍ତାକୁ ଓହ୍ଲାଇଥିଲେ। ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ, ପରିବାରର ଜଣଙ୍କୁ ଚାକିରି ଓ ହାତୀ ଉପଦ୍ରବର ସ୍ଥାୟୀ ସମାଧାନ ଦାବିରେ ସକାଳ ୭ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ରାସ୍ତାରୋକୋ କରିଥିଲେ। ପରେ ଅନୁଗୋଳ ବନଖଣ୍ଡ ଏସିଏଫ୍ ରଞ୍ଜନ ବେହେରା, ବନ୍ତଳା ରେଞ୍ଜର ନୀଳାଦ୍ରିନାଥ ସାହୁ ଓ ସଦର ପୋଲିସ ପହଞ୍ଚି ମୃତକଙ୍କ ପରିବାରକୁ ୬ ଲକ୍ଷ ଟଙ୍କାର ସହାୟତା ଓ ଅନ୍ୟାନ୍ୟ ପାଣ୍ଠିରୁ ୫୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରାସ୍ତାରୋକୋ ହଟିଥିଲା। ଅନ୍ୟପକ୍ଷରେ ହାତୀ ଆକ୍ରମଣରେ ଗୁରୁତର ହୋଇ ଚିକିତ୍ସାଧୀନ ଥିବା ଅକ୍ଷୟଙ୍କୁ ବନ ବିଭାଗ ପକ୍ଷରୁ କୌଣସି ସହଯୋଗ କରା ନ ଯିବା ପ୍ରତିବାଦରେ ଅପରାହ୍ନରେ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିଥିଲେ। ଏ ସମ୍ପର୍କରେ ବନ ବିଭାଗ ପକ୍ଷରୁ କୁହାଯାଇଛି, ଅନୁଗୋଳ ଓ ବନ୍ତଳା ରେଞ୍ଜରେ ୨୮ଟି ହାତୀ ଏବେ ଚଳପ୍ରଚଳ କରୁଛନ୍ତି। ଏ ନେଇ ଲୋକଙ୍କୁ ସୂଚନା ଦିଆଯାଇଛି।

# ବୈତରଣୀରେ କୁମ୍ଭୀର ଆତଙ୍କ

ଆନନ୍ଦପୁର,୨୪।୮ (ସନ୍ତୋଷ ରାଉତ)

କେନ୍ଦୁଝର ଜିଲା ଆନନ୍ଦପୁର ଅଞ୍ଚଳରେ ପ୍ରବାହିତ ବୈତରଣୀ ନଦୀରେ କୁମ୍ଭୀର ଆତଙ୍କ ଦେଖାଦେଇଛି। ନଦୀକୂଳିଆ ଲୋକେ ଭୟଭୀତ ହୋଇପଡ଼ିଥିବା ବେଳେ ବନ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ଲୋକଙ୍କୁ ସଚେତନ କରାଯାଇଛି। ବୈତରଣୀ ନଦୀର ତନେଇପାଳ ଘାଟ ନିକଟରେ କେତେଜଣ ଲୋକ କୁମ୍ଭୀର ଦେଖିଥିବା ପ୍ରଚାର ହୋଇଥିଲା। ଘଟଣା ପ୍ରଘଟ ହେବା ପରେ ବନ ବିଭାଗ ପକ୍ଷରୁ ନଦୀ ଅବବାହିକାରେ ବସବାସ କରୁଥିବା ନାହାଗୁଣା, କୁଣ୍ଡାକୋଠ, ଅମାରଙ୍ଗ, ସନ୍ତୋଷପୁର, ଯାତ୍ରାକୁସୁମ ଆଦି ଗ୍ରାମରେ ଡାକବାଜି ଯନ୍ତ୍ର ଯୋଗେ ନଦୀକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି।


**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ: ସି-୨, ଅଶୋକ ନଗର, ୟୁନିଟ୍-୨, ଭୁବନେଶ୍ୱର, ପିନ୍-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**

(ସ୍ଥାବର ସମ୍ପତ୍ତି ନିମନ୍ତେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮)

ନିମ୍ନ ସ୍ୱାକ୍ଷରକାରୀ ୟୁକୋ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ସେମାନଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ଋଣଗ୍ରହୀତା, ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ନିମ୍ନଦର୍ଶିତ ତାରିଖରେ ଦଖଲ ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ପାଇଁ ୟୁକୋ ବ୍ୟାଙ୍କ ନିକଟରେ ଉତ୍ତରଦାୟୀ ରହିବେ। ଏତଦ୍‌ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।

| ଶାଖା / ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତି ଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| ସିଆରପିଏଫ୍ ହେଡ୍‌କ୍ୱାର୍ଟର ଶାଖା / **ଋଣଗ୍ରହୀତା: ମେସର୍ସ ୟୁନାଇଟେଡ୍ ଓ୍ୱାଚେସ୍, ଅଂଶୀଦାରମାନେ: ୧) ଚିନ୍ମୟୀ ମିଶ୍ର, ୨) ଶ୍ରୀମତୀ ଲୋପାମୁଦ୍ରା ପଟ୍ଟନାୟକ,** ଉଭୟଙ୍କ ଠିକଣା- ପ୍ଲଟ୍ ନଂ.: ୩୧, ଖାରବେଳ ନଗର, ଭୁବନେଶ୍ୱର-୭୫୧୦୦୧ / **ଜାମିନ୍‌ଦାର: ସନ୍ତୋଷ କୁମାର ରଥ** | ୧୦.୦୫.୨୦୨୩ ସୁଦ୍ଧା ଟ.୪୫,୩୩,୪୫୩.୨୪ + ୩୦.୦୪.୨୦୨୩ ଠାରୁ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଦେୟ | ୧୦.୦୫.୨୦୨୩ / ୧୮.୦୮.୨୦୨୩ | ଶ୍ରୀ ସନ୍ତୋଷ କୁମାର ରଥଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୮୦୧/୧୪୪୦, ଖାତା ନଂ.: ୬୨୬/୧୩୦, କ୍ଷେତ୍ର: ଏକର୦.୦୨୫ ଡିସିମିଲି, ମୌଜା: ପୁରୀ ସହର ୟୁନିଟ୍-୩୩, କୁଣ୍ଡେଇବେଣ୍ଟ ସାହି, ଏସ୍‌ଆର: ପୁରୀ, ଜିଲ୍ଲା: ପୁରୀ, ଏହାର ଚତୁଃପାର୍ଶ୍ୱରେ- ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ. ୭, ଉତ୍ତର: ପ୍ଲଟ୍ ନଂ. ୭୯୨, ୭୯୩, ଦକ୍ଷିଣ: ରାସ୍ତା |
| ଛତ୍ରପୁର ଶାଖା / **ଋଣଗ୍ରହୀତା: ଶ୍ରୀ ଏନ୍. ନାଗେଶ ରାଓ,** ପିତା: ରାଜା ରାଓ, ସା: ଚିକଲଖଣ୍ଡି, ପୋ: ଛତ୍ରପୁର, ଗଞ୍ଜାମ, ପିନ୍-୭୬୧୦୨୦/ **ଜାମିନ୍‌ଦାରମାନେ: ୧) ଶ୍ରୀ ଏ. ଭାଗିରଥି ପାତ୍ର, ୨) ଏନ୍. ଜ୍ୟୋତିସ୍ମିତା ରାଓ** | ୩୦.୦୯.୨୦୨୨ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ ସହିତ ଟ.୨,୬୪,୮୯୩.୦୦ ଏବଂ ସେବାବଦ ଅନ୍ୟାନ୍ୟ ଦେୟ | ୨୩.୦୫.୨୦୨୨ / ୧୯.୦୮.୨୦୨୩ | ଶ୍ରୀ ଏ. ଭାଗିରଥି ପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖତିୟାନ ନଂ.: ୯୩/୨୫୨, ପ୍ଲଟ୍ ନଂ.: ୪୪୧/୯୦୧, କ୍ଷେତ୍ର: ଏକର୦.୦୨୬ଡିସିମିଲି, କିସମ: ଘରବାରି, ମୌଜା: ଲିଙ୍ଗରାଜପୁର, ତହସିଲ: ଛତ୍ରପୁର, ଏହାର ଚତୁଃପାର୍ଶ୍ୱରେ- ପୂର୍ବ: ରାସ୍ତା, ପଶ୍ଚିମ: ବିକ୍ରେତାଙ୍କ ଜମି, ଉତ୍ତର: ଏମ୍. ରାମ ଚନ୍ଦ୍ର ପାତ୍ର, ଦକ୍ଷିଣ: ଏ. ମୁରଲୀ ପାତ୍ର |
| ଗୋପାଳପୁର ଶାଖା / **ଋଣଗ୍ରହୀତା: ମେସର୍ସ ଶ୍ରୀ କୋଷ୍ଟାଲ୍ ଆକ୍ୱାମେରାଇନ୍, ସ୍ୱତ୍ୱାଧିକାରୀ: ଶ୍ରୀ ଡବ୍ଲ୍ୟୁ. ନାଗେଶ୍ୱର,** ପିତା: ଶ୍ରୀ ଡବ୍ଲ୍ୟୁ. କ୍ରିଷ୍ଣା ରାଓ, ଠିକଣା- ସା/ପୋ: ରେଉକତୁରୁ, ଗୋପାଳପୁର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୦୨ | ୨୪.୦୫.୨୦୨୩ ସୁଦ୍ଧା ଟ.୬୦,୫୪,୬୧୯.୫୩ + ୨୪.୦୫.୨୦୨୩ ଠାରୁ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଦେୟ | ୨୪.୦୫.୨୦୨୩ / ୧୯.୦୮.୨୦୨୩ | ଶ୍ରୀ ଡବ୍ଲ୍ୟୁ. ନାଗେଶ୍ୱର, ପିତା: ଶ୍ରୀ ଡବ୍ଲ୍ୟୁ. କ୍ରିଷ୍ଣା ରାଓଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୦୯୮/୧୯୯୭, ଖାତା ନଂ.: ୨୬୩/୧୨୧୮, ଗ୍ରାମ: ଉପୁଲାପୁଟି, ମୌଜା: ଉପୁଲାପୁଟି, ତାଲୁକ: ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ଫାର୍ମ ଏରିଆ ଗୋପାଳପୁର ଏନ୍‌ଏସି ଠାରୁ ୪ କିଲୋମିଟର, ସମୁଦାୟ କ୍ଷେତ୍ର: ଆରଓଆର୍ ଅନୁଯାୟୀ ଏକର୧.୧୬୦ |
| ଡିସିମିଲି, ୫୦,୫୩୦ ବର୍ଗଫୁଟ ସହିତ ସମାନ, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ଡବ୍ଲ୍ୟୁ. ଗୋପାଳ ରାଓଙ୍କ ସମ୍ପତ୍ତି, ପୂର୍ବ: ରାସ୍ତା, ଦକ୍ଷିଣ: ଶ୍ରୀ ବି. ରାଜେଶ୍ୱରୀଙ୍କ ସମ୍ପତ୍ତି, ପଶ୍ଚିମ: ଶ୍ରୀ ବି. ରାଜେଶ୍ୱରୀଙ୍କ ସମ୍ପତ୍ତି | | | |
| ରଣପୁର ଶାଖା / **ଋଣଗ୍ରହୀତା: ମେସର୍ସ ପାତ୍ର ଷ୍ଟୋର, ସ୍ୱତ୍ୱାଧିକାରୀ: ସିତୁନ ପାତ୍ର / ଜାମିନ୍‌ଦାରମାନେ: ୧) ସିତୁନ ପାତ୍ର,** ପିତା: ପ୍ରସନ୍ନ କୁମାର ପାତ୍ର ଏବଂ **୨) ପ୍ରସନ୍ନ କୁମାର ପାତ୍ର,** ପିତା: ୰ ହରି ପାତ୍ର, ସମସ୍ତଙ୍କ ଠିକଣା- ସା: ଭଣ୍ଡାରୀ ସାହି, ରାଜ ରଣପୁର, ମୁଖ୍ୟ ରାସ୍ତା, ପୋ: ରଣପୁର, ଜିଲ୍ଲା: ନୟାଗଡ଼, ପିନ୍-୭୫୨୦୨୬ | ୩୦.୦୪.୨୦୨୩ ସୁଦ୍ଧା ଟ.୧୬,୩୯,୪୪୧.୭୨ + ୦୧.୦୧.୨୦୨୩ ଠାରୁ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଦେୟ | ୦୧.୦୬.୨୦୨୩ / ୨୧.୦୮.୨୦୨୩ | ୰ ହରି ପାତ୍ର, ପିତା: ୰ ଲୋକନାଥ ପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ରଣପୁରଗଡ଼, ଖାତା ନଂ.: ୧୪୪୯, ପ୍ଲଟ୍ ନଂ.: ୨୧୦୨, କ୍ଷେତ୍ର: ଏକର୦.୦୩ଡିସିମିଲି ଯଥା ୧୩୦୬.୮ ବର୍ଗଫୁଟ, କିସମ: ଘରବାରି, ଥାନା: ରଣପୁର, ଜିଲ୍ଲା: ନୟାଗଡ଼, ଏସ୍‌ଆରଓ ଲିମିଟ୍: ରଣପୁର, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ରଙ୍କ ପ୍ରଧାନ, ଦକ୍ଷିଣ: କଂକ୍ରିଟ ରାସ୍ତା, ପୂର୍ବ: ବୃନ୍ଦାବନ ସାହୁ, ପଶ୍ଚିମ: କଚ୍ଚା ରାସ୍ତା |
| ବାଲିଗୁଡ଼ା ଶାଖା / **ଋଣଗ୍ରହୀତାମାନେ: ୧) ଶ୍ରୀ ମହେଶ୍ୱର ମହାପାତ୍ର,** ପିତା: ଧନେଶ୍ୱର ମହାପାତ୍ର, **୨) ଶ୍ରୀ ଅମୂଲ୍ୟ କୁମାର ମହାପାତ୍ର,** ପିତା: ମହେଶ୍ୱର ମହାପାତ୍ର / **ଜାମିନ୍‌ଦାର: ଶ୍ରୀମତୀ ଗାୟତ୍ରୀ କୁମାରୀ ମହାପାତ୍ର,** ସ୍ୱାମୀ: ଅମୂଲ୍ୟ କୁମାର ମହାପାତ୍ର, ସମସ୍ତଙ୍କ ବାସସ୍ଥାନ ଠିକଣା- ସା: ରେବିଙ୍ଗିଆ, ପୋ: ବାରଖମା, ଜିଲ୍ଲା: କନ୍ଧମାଳ, ପିନ୍-୭୬୨୧୧୦ | ୧୦.୦୧.୨୦୨୩ ସୁଦ୍ଧା ଟ.୭,୮୫,୩୫୦.୦୦ + ୦୧.୧୧.୨୦୨୧ ଠାରୁ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଦେୟ | ୨୫.୦୧.୨୦୨୩ / ୨୧.୦୮.୨୦୨୩ | ଶ୍ରୀ ମହେଶ୍ୱର ମହାପାତ୍ରଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୭୮୩, ଖାତା ନଂ.: ୩୪୩/୪୪୦, ସମୁଦାୟ ପରିମିତ କ୍ଷେତ୍ର: ୦.୬୩୩୦ ହେକ୍ଟର, ମୌଜା: ବାରଖମା, ଥାନା: ବାଲିଗୁଡ଼ା, ତହସିଲ: ବାଲିଗୁଡ଼ା, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ବୁଗ୍ରିଆ ଦିଗାଲଙ୍କ ଖୋଲା ଜମି, ପୂର୍ବ: ମହେଶ୍ୱର ମହାପାତ୍ରଙ୍କ ଜାଗା, ଦକ୍ଷିଣ: ପଥରବଣି, ପଶ୍ଚିମ: ରେବିଙ୍ଗିଆ-ବାରଖମା ରାସ୍ତା |
| ବାଲିଗୁଡ଼ା ଶାଖା / **ଋଣଗ୍ରହୀତା: ମେସର୍ସ ମା ସେଲ୍ ପଏଣ୍ଟ, ସ୍ୱତ୍ୱାଧିକାରୀ: ଶ୍ରୀ କେ. ଜଳେଶ୍ୱର ପାତ୍ର,** ପିତା: କେ. ଲକ୍ଷ୍ମୀନାରାୟଣ ପାତ୍ର / **ଜାମିନ୍‌ଦାର: ଶ୍ରୀମତୀ କେ. ଜ୍ୟୋତିଲକ୍ଷ୍ମୀ ପାତ୍ର,** ସ୍ୱାମୀ: କେ. ଲକ୍ଷ୍ମୀନାରାୟଣ ପାତ୍ର, ଉଭୟଙ୍କ ଠିକଣା- ସା: ଅନ୍ତା ସାହି, ପୋ: ବାଲିଗୁଡ଼ା, ଥାନା: ବାଲିଗୁଡ଼ା, ଜିଲ୍ଲା: କନ୍ଧମାଳ, ପିନ୍-୭୬୨୧୦୩ | ୨୧.୦୧.୨୦୨୩ ସୁଦ୍ଧା ଟ.୭,୦୦,୦୦୦.୦୦ + ୧୮.୦୩.୨୦୨୨ ଠାରୁ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଦେୟ | ୨୫.୦୧.୨୦୨୩ / ୨୧.୦୮.୨୦୨୩ | (୧) ଶ୍ରୀମତୀ କେ. ଜ୍ୟୋତିଲକ୍ଷ୍ମୀ ପାତ୍ରଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୨୬୨, ଖାତା ନଂ.: ୩ (ଏରିଆ ୬ଆର), ସମୁଦାୟ ପରିମିତ କ୍ଷେତ୍ର: ୦.୦୦୬ ହେକ୍ଟର, ମୌଜା: ବାଲିଗୁଡ଼ା, ଥାନା: ବାଲିଗୁଡ଼ା, ତହସିଲ: ବାଲିଗୁଡ଼ା, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ଅଭିମନ୍ୟୁ ବେହେରାଙ୍କ ଜମି, ପୂର୍ବ: ଅଭିମନ୍ୟୁ ବେହେରାଙ୍କ ଜମି, ଦକ୍ଷିଣ: ରାସ୍ତା, ପଶ୍ଚିମ: ସାକିଲ ବେହେରାଙ୍କ ଜମି। |
| (୨) ଶ୍ରୀମତୀ କେ. ଜ୍ୟୋତିଲକ୍ଷ୍ମୀ ପାତ୍ରଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୨୫୪/୫୬୪୩, ଖାତା ନଂ.: ୭୬୯/୧୭୪୬ (ଏରିଆ ୧୧ଆର), ସମୁଦାୟ କ୍ଷେତ୍ର: ୦.୦୧୧ ହେକ୍ଟର, ମୌଜା: ବାଲିଗୁଡ଼ା, ଥାନା: ବାଲିଗୁଡ଼ା, ତହସିଲ: ବାଲିଗୁଡ଼ା, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ରାସଲେଖା ପାତ୍ରଙ୍କ ଜମି, ପୂର୍ବ: ସିଦ୍ଧେଶ୍ୱର ବେହେରାଙ୍କ ଜମି, ଦକ୍ଷିଣ: କ୍ରେତାଙ୍କ ଜମି, ପଶ୍ଚିମ: ଗୌରଚନ୍ଦ୍ର ସୁଆରଙ୍କ ଜମି। | | | |
| ରାଇକିଆ ଶାଖା / **ଋଣଗ୍ରହୀତା: ଶ୍ରୀ ସୁରେନ୍ଦ୍ର କୁମାର ସାହୁ,** ପିତା: ୰ ରାମ ଚନ୍ଦ୍ର ସାହୁ / **ଜାମିନ୍‌ଦାରମାନେ: ୧) ଶ୍ରୀ ଗଦାଧର ସାହୁ,** ପିତା: ୰ ରାମ ଚନ୍ଦ୍ର ସାହୁ, **୨) ନାରାୟଣ ସାହୁ,** ପିତା: ୰ ରାମ ଚନ୍ଦ୍ର ସାହୁ, **୩) ଶ୍ରୀମତୀ ପୁଷ୍ପା ସାହୁ,** ସ୍ୱାମୀ: ସୁରେନ୍ଦ୍ର କୁମାର ସାହୁ, ସମସ୍ତଙ୍କ ବାସସ୍ଥାନ ଠିକଣା- ସା: ଉତ୍ତମ ବଜାର, ମୁଖ୍ୟ ରାସ୍ତା, ରାଇକିଆ, ଜିଲ୍ଲା: କନ୍ଧମାଳ, ପିନ୍-୭୬୨୧୦୧ | ୨୦.୦୫.୨୦୨୩ ସୁଦ୍ଧା ଟ.୬,୯୪,୭୧୦.୦୦ + ୨୧.୦୫.୨୦୨୩ ଠାରୁ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଦେୟ | ୨୦.୦୫.୨୦୨୩ / ୨୨.୦୮.୨୦୨୩ | ୰ ରାମ ଚନ୍ଦ୍ର ସାହୁଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୨୮୫ (ସମ୍ପୂର୍ଣ୍ଣ ଅଂଶ), ପଟ୍ଟା/ଖାତା ନଂ.: ୪୮୫, ପରିମିତ କ୍ଷେତ୍ର: ୦.୦୦୯ ହେକ୍ଟର (୯୫୯.୯୪ ବର୍ଗଫୁଟ), ଗ୍ରାମ: ରାଇକିଆ, ତାଲୁକ: ବାଲିଗୁଡ଼ା, ଏସ୍‌ଆରଓ ଲିମିଟ୍: ଜି. ଉଦୟଗିରି ଏବଂ ଜିଲ୍ଲା: କନ୍ଧମାଳ, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ଖୋଲା ଜମି, ପୂର୍ବ: ପୂର୍ଣ୍ଣ ଚନ୍ଦ୍ର ବେହେରାଙ୍କ ଗୃହ, ଦକ୍ଷିଣ: ମୁଖ୍ୟ ରାସ୍ତା, ଉତ୍ତମ ବଜାର, ପଶ୍ଚିମ: କୃଷ୍ଣ ଚନ୍ଦ୍ର ବେହେରାଙ୍କ ଗୃହ |
| ନୟାଗଡ଼ ଶାଖା / **ଋଣଗ୍ରହୀତାମାନେ: ୧) ଶ୍ରୀ ସରୋଜ କୁମାର ନାୟକ,** ପିତା: ୰ ରାଜୁ ନାୟକ, **୨) ଶ୍ରୀମତୀ ପ୍ରମିଳା ଦେଈ,** ସ୍ୱାମୀ: ୰ ରାଜୁ ନାୟକ, ଉଭୟଙ୍କ ଠିକଣା- ବଡ଼ହରିଜନସାହି, ନୟାଗଡ଼ ଏନ୍‌ଏସି, ପୋ/ଜିଲ୍ଲା: ନୟାଗଡ଼ | ୧୧.୦୫.୨୦୨୩ ସୁଦ୍ଧା ଟ.୫,୦୫,୫୦୬.୯୬ + ୨୮.୦୨.୨୦୨୩ ଠାରୁ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଦେୟ | ୧୨.୦୫.୨୦୨୩ / ୨୪.୦୮.୨୦୨୩ | ଶ୍ରୀ ସରୋଜ କୁମାର ନାୟକଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ନୟାଗଡ଼, ଏସ୍‌ଆରଓ: ନୟାଗଡ଼, ଖାତା ନଂ.: ୧୨୧୯/୩୧୨୯, ପ୍ଲଟ୍ ନଂ.: ୧୩୯୨, କ୍ଷେତ୍ର: ଏକର୦.୦୨ଡିସିମିଲି, ଏହାର ଚତୁଃପାର୍ଶ୍ୱରେ- ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା, ପୂର୍ବ: କୃଷ୍ଣ ମାହାର, ପଶ୍ଚିମ: ପୂର୍ଣ୍ଣ ଚନ୍ଦ୍ର ନାୟକ |

ତାରିଖ: ୨୪.୦୮.୨୦୨୩
ସ୍ଥାନ: ଭୁବନେଶ୍ୱର

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

❝ରାଷ୍ଟ୍ରଜାତି, ପରିବାର ଓ ମାନବଜାତି- ଏ ତିନୋଟି ହେଲେ ବିଷ୍ଣୁଙ୍କର ତ୍ରିପାଦ -ବ୍ୟକ୍ତିର ଏକତ୍ୱରୁ ସମଷ୍ଟିର ଏକତ୍ୱ ଆଡେ। ପରିବାର ସମ୍ପନ୍ନ ହୋଇଛି। ରାଷ୍ଟ୍ରଜାତିକୁ ସମ୍ପନ୍ନ କରିବା ପାଇଁ ଆମେ ବର୍ତ୍ତମାନ ସଚେଷ୍ଟ। ମାନବଜାତି ଆଡକୁ ଆମେ ହାତ ପ୍ରସାରିତ କରିଛୁ। ତା'ର ଭିତ୍ତି ଆରମ୍ଭ ହୋଇଯାଇଛି। **-ଶ୍ରୀଅରବିନ୍ଦ**

# ତିନୋଟି ଆହ୍ୱାନ




ୱିଲିୟମ ଆର. ରୋଡେସ୍
ଉପାଧ୍ୟକ୍ଷ, ସୋଭେରିନ ଡେବିଟ ୱାର୍କିଂ ଗ୍ରୁପ(ବ୍ରିଟନ୍ ଉଡ୍ସ କମିଟି)

ଜନ୍ ଲିପସ୍କି
ଉପାଧ୍ୟକ୍ଷ, ସୋଭେରିନ ଡେବିଟ ୱାର୍କିଂ ଗ୍ରୁପ(ବ୍ରିଟନ୍ ଉଡ୍ସ କମିଟି)

ସେପ୍ଟେମ୍ବରରେ ଜି-୨୦ ନେତାଙ୍କ ସମ୍ମିଳନୀ, ଅକ୍ଟୋବରରେ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ଓ ବିଶ୍ୱବ୍ୟାଙ୍କର ବାର୍ଷିକ ବୈଠକ ଏବଂ ନଭେମ୍ବରରେ ସଂଯୁକ୍ତ ଆରବ ଏମିରେଟ୍ସରେ ମିଳିତ ଜାତିସଂଘର ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ (କପ୍୨୮) ଆୟୋଜିତ ହେବାକୁ ଯାଉଛି। ଏହି ୩ଟି ଅନ୍ତର୍ଜାତୀୟ ସମ୍ମିଳନୀ ବିଶ୍ୱର ଅଭିବୃଦ୍ଧି ବଜାୟ ରଖିବା ଓ ମୁଦ୍ରାସ୍ଫୀତି କମ୍ କରିବା ଲାଗି ରଣନୀତି ପ୍ରସ୍ତୁତ କରିବେ। ସରକାରୀ ଏବଂ ବେସରକାରୀ ଋଣ ରେକର୍ଡ ସ୍ତରରେ ଥିବାବେଳେ ଏବେ ରାଜନୈତିକ ନେତାମାନେ ଆର୍ଥିକ ସ୍ଥିରତା ବଜାୟ ରଖିବା ପାଇଁ ଦାୟିତ୍ୱର ସମ୍ମୁଖୀନ ହେବା ସହ ବିଶ୍ୱ ତାପମାତ୍ରା ଏବଂ ମହାମାରୀ ମୁକାବିଲା ପ୍ରସ୍ତୁତି ଭଳି ଜଟିଳ ଆହ୍ୱାନର ସମାଧାନ ପାଇଁ ସଂସାଧନ ବଣ୍ଟନ କରୁଛନ୍ତି। ଲଗାତର ବଢୁଥିବା ଚରମ ଜଳବାୟୁ ଘଟଣାଗୁଡ଼ିକ ନିର୍ଣ୍ଣାୟକ ପଦକ୍ଷେପର ଅପରିହାର୍ଯ୍ୟତାକୁ ସୂଚାଇଦିଏ। ବର୍ତ୍ତମାନ ଋଣ ସଙ୍କଟ ଉପରେ ଧ୍ୟାନଦେବାକୁ ପଡ଼ିବ, ଯେଉଁଥିରେ ବିକାଶଶୀଳ ଦେଶଗୁଡିକ ଅଧିକ ପ୍ରଭାବିତ ହେଉଛନ୍ତି। ଅନେକ ମଧ୍ୟମ ଏବଂ ସ୍ୱଳ୍ପ ଆୟକାରୀ ଦେଶଗୁଡ଼ିକ ପାଖରେ ଜଳବାୟୁ ପ୍ରଭାବ ମୁକାବିଲାରେ ନିବେଶ ପାଇଁ ଆବଶ୍ୟକ ସମ୍ବଳ ଅଭାବ ରହିଛି। ତାହାକୁ ଦୃଷ୍ଟିରେ ରଖି ଜଳବାୟୁ-ଆର୍ଥିକ ବ୍ୟବଧାନକୁ ହ୍ରାସ କରିବାକୁ ବିଶ୍ୱସ୍ତରୀୟ ନେତାମାନେ ନିଶ୍ଚିତ ଭାବରେ ଚାପଗ୍ରସ୍ତ ହେବେ।

କିନ୍ତୁ ପାରମ୍ପରିକ ପ୍ୟାରିସ୍ କ୍ଲବ ଆଧାରିତ ପୁନଃ ବୁଝାମଣା ପ୍ରକ୍ରିୟାର ପତନ ଏବଂ ଋଣ ପ୍ରଦାନ ପାଇଁ ଜି୨୦ ସାଧାରଣ ଢାଞ୍ଚାର ଏବକାର ବିଫଳତା ଯୋଗୁ ସ୍ୱଳ୍ପ ଓ ମଧ୍ୟମ ଆୟବର୍ଗ ଦେଶର ଋଣ ବୋଝ ହ୍ରାସ କରିବା ପାଇଁ ଏକ ପ୍ରଭାବୀ ନୀତଗତି ଢାଞ୍ଚା ପ୍ରତିଷ୍ଠା କରିବାରେ ବାଧା ସୃଷ୍ଟି ହୋଇଛି। ତେବେ ବିଶ୍ୱ ସ୍ତରରେ ସୁଧ ହାର ବୃଦ୍ଧି ପାଇବା ଏବଂ ବିକାଶଶୀଳ ବଜାର ଅର୍ଥନୀତିରେ ଘରୋଇ ପୁଞ୍ଜି ପ୍ରବାହ ହ୍ରାସ ଦ୍ୱାରା ବିକାଶଶୀଳ ଦେଶଗୁଡ଼ିକର ଋଣବୋଝଜନିତ ଦୁଃଖ ବୃଦ୍ଧିପାଇଛି। ୩ଟି ଆହ୍ୱାନ ଯଥା ଅର୍ଥନୈତିକ ଅଭିବୃଦ୍ଧି ବଜାୟ ରଖିବା, ଆର୍ଥିକ ସ୍ଥିରତା ସୁନିଶ୍ଚିତ କରିବା ଏବଂ ଜଳବାୟୁ ପରିବର୍ତ୍ତନ ବିପଦକୁ ଦୂରକରିବା ଲାଗି ଆବଶ୍ୟକ ଉତ୍ସଗୁଡିକୁ ଏକତ୍ରିତ କରିବାକୁ ଏବକାର ଅନେକ ପଦକ୍ଷେପ ଚେଷ୍ଟା କରୁଛି। ଏହିସବୁ ପଦକ୍ଷେପ ସହ ଜୁନ୍‌ରେ ପ୍ୟାରିସ୍‌ରେ ଅନୁଷ୍ଠିତ ବୈଠକରେ ନୀତି ନିର୍ଦ୍ଧାରକମାନେ ଗଢ଼ିଥିବା ନ୍ୟୁ ଗ୍ଲୋବାଲ ଫାଇନାନ୍ସିଂ ପ୍ୟାକ୍ଟ (ନୂତନ ବୈଶ୍ୱିକ ବିତ୍ତପୋଷଣ ବୁଝମଣା) ଏବଂ ଅନ୍ତର୍ଦ୍ଦେଶୀୟ ବ୍ୟାଙ୍କ ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ନୂତନ ଜି୨୦ ରିପୋର୍ଟ ସ୍ୱୀକାର କରିଛି। ଏହାଦ୍ୱାରା ସ୍ୱଳ୍ପ ଏବଂ ମଧ୍ୟମ ଆୟକାରୀ ଦେଶଗୁଡ଼ିକରେ ଘରୋଇ ପୁଞ୍ଜି ପ୍ରବାହକୁ ପୁନର୍ଜୀବିତ କରି ସଫଳତା ମିଳିପାରିବ।




ସାମ୍ପ୍ରତିକ ଆର୍ଥିକ ଧାରାକୁ ଲକ୍ଷ୍ୟକଲେ ଏହା କିଭଳି ହାସଲ କରାଯାଇପାରିବ ? ନିକଟରେ ଆମେ ଉଭୟ ଉପାଧ୍ୟକ୍ଷ ଥିବା ବ୍ରିଟନ୍ ଉଡ୍ସ କମିଟିର ସୋଭେରିନ ଡେବିଟ୍ ୱାର୍କିଂ ଗ୍ରୁପ୍ ଦ୍ୱାରା ପ୍ରସ୍ତୁତ ରିପୋର୍ଟ ଦର୍ଶାଇଛି ଯେ, ଏବକାର ୩ଟି ଆହ୍ୱାନକୁ ସମାଧାନ କରିବା ଲାଗି ଘରୋଇ ପୁଞ୍ଜି ସଂଗ୍ରହ କରିବା ଦାୟିତ୍ୱ ସମାନ ଭାବେ ସରକାରୀ ତଥା ବେସରକାରୀ କ୍ଷେତ୍ର ମଧ୍ୟରେ ବାଣ୍ଟିବା ପାଇଁ ଏକ ନୂତନ ନୀତିସମ୍ମତ ମଡେଲ ଆବଶ୍ୟକ। ତେବେ ଋଣ ନେଉଥିବା ଦେଶଗୁଡ଼ିକ ପାଇଁ ପର୍ଯ୍ୟାପ୍ତ ପାଣ୍ଠି ଯୋଗାଣକୁ ନିଶ୍ଚିତ କରିବାରେ ଏବେ ସବୁ କ୍ଷେତ୍ରର ଭୂମିକା ଓ ଦାୟିତ୍ୱ ସ୍ପଷ୍ଟ ଭାବେ ନିର୍ଦ୍ଧାରଣ କରାଯାଇନାହିଁ। ବ୍ୟବସାୟିକ ସଂସ୍ଥା ଓ ନୀତି ନିର୍ଦ୍ଧାରକମାନଙ୍କ ମଧ୍ୟରେ ସହମତି ଅଭାବରୁ ଏହା ହୋଇନାହିଁ। ଏଣୁ ସହଯୋଗ ବଢ଼ାଇବା ସକାଶେ ଜାତୀୟ ଓ ଦ୍ୱିପାକ୍ଷିକ ଋଣଦାତାଙ୍କ ସହ ଘରୋଇ ନିବେଶକଙ୍କୁ ଦିଆଯାଉଥିବା ପ୍ରୋତ୍ସାହନ ଓ ପ୍ରେରଣାର ବିଚାରକୁ ଉନ୍ନତ କରିବା ଦରକାର। ନିଶ୍ଚିତ ହେବାକୁ ପଡ଼ିବ ଯେ, ଋଣ କରୁଥିବା ଦେଶଗୁଡ଼ିକ ମଧ୍ୟ ଋଣଦାତାଙ୍କ ସମସ୍ୟାକୁ ସମାଧାନ କରିବା ସହ ସ୍ୱଚ୍ଛତା, ଉତ୍ତମ ଶାସନ ଏବଂ ସରଳ ବିତ୍ତୀୟ ନୀତି ପାଇଁ ପ୍ରସ୍ତୁତ ରହିବା ଆବଶ୍ୟକ। ଘରୋଇ ନିବେଶକଙ୍କ ଦୃଷ୍ଟିକୋଣରୁ ବଜାର ସ୍ଥିତି ସହିତ ସୁଯୋଗଗୁଡ଼ିକ ସମାନ ଏବଂ ଯୁକ୍ତିଯୁକ୍ତ ବିପଦ ନିୟନ୍ତ୍ରିତ ଲାଭ ପ୍ରଦାନ କରେ କି ନାହିଁ ତାହା ଦେଖିବାକୁ ହେବ। ଏହା ବ୍ୟତୀତ ଋଣ ପୁନର୍ଗଠନ ପ୍ରକ୍ରିୟା ଅର୍ଥନୈତିକ ଚାପଜନିତ ବୋଝକୁ ସହଜ କରିପାରିବ କି ନାହିଁ ତାହା ବିଚାରକୁ ନେବା ଦରକାର।

ସରକାରୀ ସଂସ୍ଥାଗୁଡ଼ିକ ଦ୍ୱାର ସ୍ୱୀକୃତ ଋଣଦାତାଙ୍କଠାରୁ ଲାଭ ପାଇବାକୁ ହେଲେ ନୀତିନିର୍ଦ୍ଧାରକଙ୍କୁ ଘରୋଇ ଓ ସରକାରୀ କ୍ଷେତ୍ରଗୁଡ଼ିକର ସ୍ୱାର୍ଥକୁ ସମର୍ଥନ କରିବା ସହ ନିର୍ଦ୍ଦିଷ୍ଟ ପ୍ରକାର ନିବେଶକୁ ବିପଦମୁକ୍ତ କରିବା, ବିକାଶଶୀଳ ଅର୍ଥ ବ୍ୟବସ୍ଥାଗୁଡ଼ିକ ପାଇଁ ପୁଞ୍ଜି ପ୍ରବାହ ବୃଦ୍ଧି କରିବା ଏବଂ ଗୁରୁତ୍ୱପୂର୍ଣ୍ଣ ଋଣଛାଡ଼ ପଦକ୍ଷେପ ସବୁକୁ ସଞ୍ଚାଳନ କରିବାକୁ ହେବ। ଅଧିକନ୍ତୁ, ସହଯୋଗର ଅନେକ ପ୍ରଭାବଶାଳୀ ମଡେଲ ରହିଛି ଯାହା ଘରୋଇ ପୁଞ୍ଜି ପ୍ରବାହ ଓ ଋଣ-ପୁନର୍ନିର୍ମାଣ ଚୁକ୍ତି ଉପରେ ଥିବା ଭାଗୀଦାରି ବିପଦକୁ ସୂଚାଇଦିଏ। ଏଣୁ ଏହି ସବୁ ମଡେଲ ସହ ଆଂଶିକ ଗ୍ୟାରେଣ୍ଟି ଓ ସରକାରୀ-ବେସରକାରୀ ଭାଗୀଦାରି ଯୋଜନା ଋଣଜନିତ ବିପଦ ହ୍ରାସ କରିପାରିବ। ସୋଭେରିନ ଡେବିଟ୍ ୱାର୍କିଂ ଗ୍ରୁପ୍‌ର ବିଶ୍ଳେଷଣରୁ ଜଣାପଡିଛି ଯେ, ଚୁକ୍ତିଭିତ୍ତିକ ମାନକ, ବଜାର ଭିତ୍ତିକ ପଦକ୍ଷେପ ଏବଂ ଜାତୀୟ ନିୟମ ସବୁ ବିଶ୍ୱ ଋଣ ପରିଚାଳନାରେ ଉନ୍ନତି ଆଣିପାରେ। ତେବେ ପୂର୍ବର ଋଣ-ପୁନର୍ଗଠନ ବ୍ୟବସ୍ଥାଗୁଡ଼ିକରୁ ଉଚିତ ଶିକ୍ଷା ଗ୍ରହଣ କରି ନୀତି ନିର୍ଦ୍ଧାରକ ଏବଂ ଅର୍ଥନୀତିଜ୍ଞମାନେ ଏକ ସର୍ବୋତ୍ତମ ଢାଞ୍ଚା ବିକାଶ କରିପାରିବେ।

କିନ୍ତୁ ପ୍ରଥମେ ସରକାରୀ କ୍ଷେତ୍ର ବେସରକାରୀ କ୍ଷେତ୍ରକୁ ଭାଗୀଦାରି ତଥା ସହଯୋଗୀ ଭାବେ ଦେଖିବ ଏବଂ ଘରୋଇ ପୁଞ୍ଜି ସଂଗ୍ରହରେ ଧ୍ୟାନ ଦେବ। ଯଦି ଗ୍ରହଣ କରେ, ତେବେ ଏହି ଦୃଷ୍ଟିକୋଣ ଏବର ଅପାରଗ ନୀତିଗତ ଢାଞ୍ଚାଠାରୁ ସମ୍ପୂର୍ଣ୍ଣ ନିଆରା ହେବ। ଆଇଏମ୍ଏଫ୍, ବିଶ୍ୱବ୍ୟାଙ୍କ ଏବଂ ଜି୨୦ ଅଧ୍ୟକ୍ଷତା କରୁଥିବା ଦେଶ (ଏବେ ଭାରତରେ ହେଉଛି) ଦ୍ୱାରା ଗଠିତ ଗ୍ଲୋବାଲ ସୋଭେରିନ ଡେବିଟ୍ ରାଉଣ୍ଡ ଟେବୁଲ ଏକ ଉଚିତ ପଦକ୍ଷେପ। ଉଭୟ ସରକାରୀ ଏବଂ ବେସରକାରୀ କ୍ଷେତ୍ରର ପ୍ରତିନିଧିଙ୍କୁ ନେଇ ଗଠିତ ଏହି ଉଚ୍ଚସ୍ତରୀୟ କମିଟି ସାମ୍ପ୍ରତିକ ଅସଙ୍ଗତି ଦୂରକରିବା ସହ ସାର୍ବଭୌମ ଋଣ ପରିଚାଳନା ପାଇଁ ଏକ ନୂତନ ସହମତି ସୃଷ୍ଟି କରିପାରିବ। ସେହିଭଳି, ବିଶ୍ୱବ୍ୟାଙ୍କ ନିକଟରେ ପ୍ରାଇଭେଟ୍ ସେକ୍ଟର ଇନଭେଷ୍ଟମେଣ୍ଟ ଲାଭ ଘୋଷଣା କରିଛି, ଯାହା ବିଶ୍ୱର ନୀତିନିର୍ଦ୍ଧାରକ ଏବଂ ବରିଷ୍ଠ ଆର୍ଥିକ କ୍ଷେତ୍ରର କାର୍ଯ୍ୟନିର୍ବାହୀମାନଙ୍କୁ ଏକତ୍ର କରିଛି। ଏହା ବିକାଶଶୀଳ ତଥା ଏହି ଧାରାକୁ ପ୍ରବେଶ କରୁଥିବା ଅର୍ଥ ବ୍ୟବସ୍ଥାଗୁଡ଼ିକ ପାଇଁ ଘରୋଇ ପୁଞ୍ଜି ପ୍ରବାହରେ ବାଧା ଆଣୁଥିବା ପ୍ରତିବନ୍ଧକକୁ ହଟାଇବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇପାରେ। ଯଦି ବୈଶ୍ୱିକ ଜଳବାୟୁ ନିବେଶକୁ ବୃଦ୍ଧି କରିବାକୁ ନୀତି ନିର୍ଦ୍ଧାରକମାନେ ପ୍ରକୃତରେ ପ୍ରତିବଦ୍ଧ, ତେବେ ସେମାନେ ନିଶ୍ଚିତ ଭାବରେ ଏହିଭଳି ପଦକ୍ଷେପସବୁ ଗ୍ରହଣ କରିବା ସହ ଘରୋଇ କ୍ଷେତ୍ରର ଯୋଗଦାନକୁ ବଢ଼ାଇବା ପାଇଁ ଆହୁରି ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ।

## ସଙ୍କୁଚିତ ପୃଥିବୀର ଦୂରନ୍ତ ସମ୍ପର୍କ



ସୁପ୍ରଭା ବେହେରା

ଦିନଥିଲା ଜହ୍ନ କେବଳ ରାତ୍ରି ଆକାଶର କୁହେଳିକାଟିଏ। ମା' କୋଳର ଅଝଟ ଶିଶୁ ପାଇଁ କେବେ ଛୁଇଁ ହେଉ ନ ଥିବା ମାମୁଟିଏ। ସ୍ପର୍ଦ୍ଧା ରଖୁଥିବା ପ୍ରେମସିକ୍ତ ପ୍ରେମିକର ପ୍ରେମିକା ହାତରେ ଜହ୍ନ ତୋଳି ଦେବାର ମିଛ ପ୍ରତିଶ୍ରୁତିଟିଏ। ହୁଏତ ଏସବୁ ବାକ୍ୟ ଦିନେ ବୁଢ଼ୀ ଅସୁରୁଣୀର କାହାଣୀ ପରି ଲାଗୁଥିଲା। ଏବେ କିନ୍ତୁ ଜହ୍ନ ରାଇଜ ଆଉ ଦୂର ନୁହଁ। ବିବାହ ବାର୍ଷିକୀରେ ଏବେ ସ୍ୱାମୀଟିଏ ଘର କରିବା ପାଇଁ ଜହ୍ନ ରାଇଜରୁ ଜାଗା ଖଣ୍ଡିଏ କିଣି ସ୍ତ୍ରୀକୁ ଉପହାର ଦେଲାଣି। ବିଜ୍ଞାନର ଜୟ ଯାତ୍ରା ଦୂରତାକୁ ସଙ୍କୁଚିତ କରିଛି। ଦିନ ଥିଲା ମନୁଷ୍ୟ ଚାଲିଚାଲି ହେଉ ଅବା ଭାରବାହୀ ପଶୁ ଦ୍ୱାରା ହେଉ, ଗୋଟିଏ ଜନପଦରୁ ଆଉଗୋଟିଏ ଜନପଦକୁ ଯାତ୍ରା କରୁଥିଲା। ଯାହା ଥିଲା ସମୟ ସାପେକ୍ଷ। ଦୁର୍ଗମ ବଣ ଜଙ୍ଗଲ ଥିଲା ମନୁଷ୍ୟର ଅପହଞ୍ଚ। ଏବେ ତ କୃତ୍ରିମ ଉପଗ୍ରହ ଦ୍ୱାରା ମନୁଷ୍ୟ ପୃଥିବୀର କୋଣ ଅନୁକୋଣ ସନ୍ଧାନ କରିସାରିଲାଣି। ଆଖିର ପଲକ ମାତ୍ରକେ ସୁପର ସୋନିକ ଜାହାଜରେ ବସି ହଜାର ହଜାର ମାଇଲ ଦୂରତାକୁ ଅତିକ୍ରମ କରୁଛି। ଝିଅକୁ ଶାଶୁଘରକୁ ପଠାଇବା ବେଳେ ମା'ବାପା ପ୍ରଥମେ ଦେଖୁଥିଲେ ଦୂରତା କେତେ। ଏବେ ତ ଆମ ପିଲାମାନଙ୍କୁ ସାତ ସମୁଦ୍ର ତେର ନଈ ପାରି ପଠାଇ ଦେଉଛୁ। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ସଫଳତା ଯୋଗୁ ଏହି ବିଶାଳ ପୃଥିବୀ ହୋଇଛି ସଙ୍କୁଚିତ। ଭୌଗୋଳିକ ଦୂରତା ଆଉ ସମସ୍ୟା ନୁହଁ। ଯାହା ସମସ୍ୟା, ତାହା ହେଉଛି ସାମାଜିକ ଦୂରତା। ଗୋଟିଏ ଛାତ ତଳେ, ଗୋଟିଏ ଘର ଭିତରେ ବସବାସ କରୁଥିବା ଦୁଇଟି ମଣିଷ ଭିତରେ ଭୌଗୋଳିକ ଦୂରତା ନ ଥିଲେ ମଧ୍ୟ ବଢୁଛି ଭାବର ଦୂରତା ଓ ତିକ୍ତତା। ସେ ଦୂରତା ସ୍ୱାମୀ-ସ୍ତ୍ରୀର। କେବେ ବୃଦ୍ଧ ମାତାପିତା ଓ ସନ୍ତାନର। କେବେ ଆତ୍ମୀୟର ତ କେବେ ପଡ଼ୋଶୀର।

ଗମନାଗମନକୁ ଛାଡିଦେଲେ ପୃଥିବୀର ଗୋଟିଏ କୋଣରେ ରହୁଥିବା ଲୋକଟିଏ ଅନ୍ୟ କୋଣରେ ରହୁଥିବା ଲୋକଟି ସହ ଯୋଡ଼ି ହୋଇଥାଏ ଯୋଗାଯୋଗ ବ୍ୟବସ୍ଥା ଦ୍ୱାରା। ଚିଠି, ଟେଲିଗ୍ରାମ ଏସବୁ ପୁରୁଣା ବ୍ୟବସ୍ଥା ହେଲେ ମଧ୍ୟ ନିଆରା ଥିଲା ତାହାର ଅନୁଭବ। ଚିଠିରେ ସନ୍ଦେଶ ପହଞ୍ଚିବା ସମୟସାପେକ୍ଷ ହେଲେ ମଧ୍ୟ ସ୍ୱତନ୍ତ୍ର ଥିଲା ସେ ଅପେକ୍ଷାର ଭାଷା। ନିଆରା ଥିଲା ସେ ଅକ୍ଷରର ଆପଣାପଣ। ଏବେ ଅଙ୍ଗୁଳି ଚାଳନା ମାତ୍ରେ ପୃଥିବୀର ଗୋଟିଏ କୋଣରୁ ଆଉ ଗୋଟିଏ କୋଣକୁ ସନ୍ଦେଶ ପହଞ୍ଚି ଯାଉଛି ତାହା ପୁଣି ଆଖି ପିଛୁଳାକେ। କିନ୍ତୁ ଦିନକୁ ଦିନ ହୁଗୁଳି ଯାଉଛି ସମ୍ପର୍କର ଗଣ୍ଠି। ସାମାଜିକ ଗଣମାଧ୍ୟମ ଦ୍ୱାରା କେତେ ବ୍ୟକ୍ତି ସହ ଯୋଡ଼ି ହୋଇ ବନ୍ଧୁତା ସ୍ଥାପନ କରୁଛି କିନ୍ତୁ ପ୍ରକୃତ ବନ୍ଧୁ ବିରଳ ହେଉଛି। ସବୁ କିଛି ଏଠାରେ ଆଭାସୀ। ବିସ୍ଫୋରଣ ଘଟୁଥିବା ଜନସଂଖ୍ୟାକୁ ଆଖିଆଗରେ ରଖିଲେ ବାସୋପଯୋଗୀ ଭୂମି ଏବେ ମୁଖ୍ୟ ସମସ୍ୟା। ତେଣୁ ସାହି, ପଡ଼ା ଭଳି ବିସ୍ତାରିତ ଜନବସତି ଅବଧାରଣାଟି କମି କମି ଯାଉଛି। ବିସ୍ତାରିତ ସାହି ଭିତରେ ତରକାରି ଦିଆନିଆର ଯେଉଁ ମଧୁର ସମ୍ପର୍କ, ପରସ୍ପରର ସୁଖଦୁଃଖରେ ଠିଆ ହେବାର ଯେଉଁ ଭଲପାଇବା ତାହା ସଙ୍କୁଚିତ ଆପାର୍ଟମେଣ୍ଟ ଘରେ ନାହିଁ। ଧୀରେ ଧୀରେ ରେଡିଓ ଓ ଦୂରଦର୍ଶନ ଆସିଲା। ଖୁବ୍ କ୍ୱଚିତ ଲୋକଙ୍କ ପାଖରେ ଏହି ଉପକରଣ ରହୁଥିବାରୁ ସେଠାରେ ଲୋକଙ୍କ ଭିଡ଼ ହେଉଥିଲା। ଏବେ ଗୋଟିଏ ଘରେ ଦୁଇ ତିନୋଟି ଟିଭି ଓ ହାତରେ ମୋବାଇଲ। ତେଣୁ ଘର ଭିତରେ ମଧ୍ୟ ଜଣେ ଆଉ ଜଣଙ୍କର ମୁହଁ ଦେଖିବା ସମ୍ଭବ ହେଉ ନାହିଁ।

ଜଗତୀକରଣ, ଯୋଗାଯୋଗ, ଗମନାଗମନ ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ଜୟଯାତ୍ରା ଫଳରେ ଏହି ବିଶାଳ ପୃଥିବୀ ସଙ୍କୁଚିତ ହୋଇଛି। ସାତ ସମୁଦ୍ର ତେର ନଈର ସେପାଖ ଭୂଖଣ୍ଡ ମଧ୍ୟ ଆଉ ଆମର ଅପରିଚିତ ନୁହଁ। କିନ୍ତୁ ଭୌଗୋଳିକ ଦୂରତ୍ୱକୁ ବାଦ୍ ଦେଇ ବଢିଛି ସାମାଜିକ ଦୂରତାର ପ୍ରତିଛବି। ପରିବାର, ପ୍ରତିବେଶୀ ପ୍ରତ୍ୟେକଙ୍କ ମଧ୍ୟରେ ହୁଗୁଳି ଯାଇଛି ବନ୍ଧନ। ଗୋଟିଏ ମଣିଷ ଅନ୍ୟ ଗୋଟିଏ ମଣିଷ ସହ ଗୋଟିଏ ଛାତ ତଳେ ରହି ମଧ୍ୟ ବଢି ଚାଲିଛି ମନର ଦୂରତ୍ୱ। ଯାହାର ଫଳାଫଳ ବିବାହ ବିଚ୍ଛେଦ, ବୃଦ୍ଧାଶ୍ରମର ସଂଖ୍ୟା ବୃଦ୍ଧି, ହତ୍ୟା, ଲୁଟତରାଜ, ବାଳ ଅପରାଧ, ଆତ୍ମହତ୍ୟା, ମାନସିକ ବିଷାଦ, ନିଶାଦ୍ରବ୍ୟ ସେବନ ଭଳି ଗୁଡ଼ାଏ ସାମାଜିକ ବ୍ୟାଧିରେ ଆକ୍ରାନ୍ତ ଆମର ସମାଜ। ଭୌଗୋଳିକ ଦୂରତ୍ୱକୁ ମିଟର, କିଲୋମିଟରରେ ମାପି ପାରୁଛନ୍ତି କିନ୍ତୁ ମଣିଷ ମନର ଦୂରତ୍ୱକୁ ମାପି ପ୍ରକାଶ କରିବା ପାଇଁ କୌଣସି ଏକକ ନାହିଁ। କିନ୍ତୁ ଏହା ସତ୍ୟ ଯେ ଏକ ସୁସମ୍ପର୍କ ପାଇଁ ମଣିଷ ହୃଦୟରେ ଦୂରତା ଓ ଆବିଳତାକୁ ପ୍ରଥମେ ପୋଛି ଦେବା ଆବଶ୍ୟକ।

**ମୁକୁନ୍ଦପୁର, ତିହିଡ଼ି, ଭଦ୍ରକ**
**ମୋ-୯୦୪୦୩୬୦୨୫୯**

## ଏଇ ଭାରତରେ

ଦିଲ୍ଲୀର ବାୟୁ ପ୍ରଦୂଷଣ ସ୍ୱାସ୍ଥ୍ୟଗତ ସଙ୍କଟ ସୃଷ୍ଟି କରିଚାଲିଥିବା ବେଳେ ରବି କୌଶିକଙ୍କ ଆବିଷ୍କାର ଏହି ସମସ୍ୟାକୁ ହ୍ରାସ କରିବାର ସମ୍ଭାବନା ସୃଷ୍ଟି କରିଛି। ବିଶେଷକରି ଘର ଭିତର ବାୟୁରୁ କ୍ଷତିକାରକ କଣିକା ଦୂର କରିବା ପାଇଁ ସେ ନିଜସ୍ୱ ଜ୍ଞାନକୌଶଳରେ ଏୟାର ପ୍ୟୁରିଫାୟର ନିର୍ମାଣ କରିଛନ୍ତି। ଏହା କମ୍ ସମୟରେ ଘର ଭିତରର ବାୟୁକୁ ବିଶୁଦ୍ଧ କରିପାରୁଛି। ରବି ଏରୋସୋଲ ସାଇନ୍ସରେ ମୁମ୍ବାଇ ଆଇଆଇଟିରୁ ଡିଗ୍ରୀ ହାସଲ କରିଛନ୍ତି। ୨୦୨୦ରେ ସେଠାରୁ ପଢ଼ା ଶେଷ ହେବା ପରେ ସେ ଏହା ଉପରେ କାମ କରିବା ଆରମ୍ଭ କରିଥିଲେ। ବର୍ଷେ ପରେ ସେ ଆଇଆଇଟି କାନପୁର ସହାୟତାରେ ଏହି ଛୋଟ ଏୟାର ପ୍ୟୁରିଫାୟର ନିର୍ମାଣ କରିଛନ୍ତି, ଯାହା ଏସିରୁ ବାହାରୁଥିବା ପବନକୁ ପୂରା ସଫା କରିଦେଉଛି। ରବି ୨୦୨୩ରେ 'ଏରିଥ' ଷ୍ଟାର୍ଟଅପ୍ ଗଠନ କରି ତାଙ୍କ ଉତ୍ପାଦକୁ ବିକ୍ରି କରିବା ଆରମ୍ଭ କରିଦେଇଛନ୍ତି। ସେ ନିର୍ମାଣ କରିଥିବା ଏୟାର ପ୍ୟୁରିଫାୟର ଦାମ୍ ବଜାରରେ ଉପଲବ୍ଧ ଅନ୍ୟ ବ୍ରାଣ୍ଡଠାରୁ ଶସ୍ତା, ଯାହା ପାଖାପାଖି ୨୦୦୦ ଟଙ୍କା ରହୁଛି। ଏବେ ସୁଦ୍ଧା ସେ ୧୦୦ରୁ ଅଧିକ ଏୟାର ପ୍ୟୁରିଫାୟର ବିକ୍ରି କରିସାରିଲେଣି।

## ୨୫ ବର୍ଷ ତଳର ଧରିତ୍ରୀ

**୨୫ ଅଗଷ୍ଟ ୧୯୯୮**

- ଗୃହ ନିର୍ମାଣ ଦୁର୍ନୀତି ମାମଲାରେ ଅଭିଯୁକ୍ତ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶୀଲା କାଉଲ ଏବଂ ପି.କେ. ଥୁଙ୍ଗନଙ୍କୁ ଦିଲ୍ଲୀ ହାଇକୋର୍ଟ ପକ୍ଷରୁ ଜାମିନ ମଞ୍ଜୁର।
- ରାଜ୍ୟ ଅର୍ଥ କମିଶନର ଅଧ୍ୟକ୍ଷ ଭାବେ ବିଶିଷ୍ଟ ଅର୍ଥନୀତିଜ୍ଞ ଡକ୍ଟର ବୈଦ୍ୟନାଥ ମିଶ୍ରଙ୍କୁ ନିଯୁକ୍ତି ପ୍ରଦାନ।
- ରାଜ୍ୟରେ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଉନ୍ନତି ନିମନ୍ତେ ଏକ ନୂତନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ବିଶ୍ୱବ୍ୟାଙ୍କର ୭.୬୪ କୋଟି ଡଲାର ସହାୟତା ମଞ୍ଜୁର।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 9 | | | | | | |
| | | 3 | | 5 | 7 | | 4 | |
| 6 | | | | | | | | |
| | | | | 8 | | | | 9 |
| | | | | 9 | 6 | 3 | | 7 |
| | 2 | | | | | | | |
| | 5 | | | 1 | | 4 | 2 | |
| 2 | | 1 | | | 4 | 9 | | |
| | | 4 | 8 | | 5 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 7 | 1 | 8 | 6 | 9 | 2 | 5 | 4 |
| 2 | 9 | 5 | 1 | 3 | 4 | 7 | 8 | 6 |
| 8 | 6 | 4 | 5 | 7 | 2 | 9 | 3 | 1 |
| 9 | 1 | 2 | 6 | 8 | 3 | 5 | 4 | 7 |
| 7 | 8 | 3 | 2 | 4 | 5 | 6 | 1 | 9 |
| 4 | 5 | 6 | 7 | 9 | 1 | 3 | 2 | 8 |
| 1 | 2 | 8 | 9 | 5 | 7 | 4 | 6 | 3 |
| 6 | 3 | 7 | 4 | 2 | 8 | 1 | 9 | 5 |
| 5 | 4 | 9 | 3 | 1 | 6 | 8 | 7 | 2 |

ଗତକାଲିର ଉତ୍ତର

# ୨୪ ମହାଭାରତ



ମାୟାଧର ନାୟକ

୨୦୨୪ରେ ଭାରତୀୟ ଭୋଟର କେନ୍ଦ୍ର ଓ ବିଭିନ୍ନ ରାଜ୍ୟରେ ରାଜନୈତିକ ନେତା ବାଛିବେ। ୨୪ ମହାଭାରତ ଯୁଦ୍ଧରେ ଶାସକ ପକ୍ଷ ୩୮ ଦଳ ବିରୋଧୀ ପକ୍ଷର ୨୬ ଦଳ ମଧ୍ୟରେ ଘମାଘୋଟ ଯୁଦ୍ଧହେବ। କିଛିଦଳ ଏପର୍ଯ୍ୟନ୍ତ ଏ ଦୁଇପକ୍ଷରେ ଯୋଗ ଦେଇନାହାନ୍ତି। ସେମାନେ ପରଖୁଛନ୍ତି - ଶୂଳିରେ ମଲେ ବେଶି ଲାଭ ନା ଫାଶୀରେ ମଲେ ବେଶି ଲାଭ। ବେଶିଲାଭ ଯୁଆଡ଼େ - ସେ ଆଡ଼କୁ ଯିବେ । ୨୪ ନିର୍ବାଚନ-ଧର୍ମଯୁଦ୍ଧ ନୁହେଁ - ଜଘନ୍ୟ କ୍ଷମତା ଯୁଦ୍ଧ। ବର୍ତ୍ତମାନ ସାପ-ଶିଡ଼ି ଖେଳ ଆରମ୍ଭ ହୋଇଛି। ଧରିନିଅନ୍ତୁ ୬୪ଦଳ ମଧ୍ୟରେ ମାନସମନ୍ଥନ ଚାଲିଛି। ବାକି ଏ ଦେଶରେ ବିଭିନ୍ନ ରାଜ୍ୟରେ ଛୋଟ ଛୋଟ ଦଳ ଓ ଗୋଷ୍ଠୀ ପାଖାପାଖି ୪୪ଟି ଅଛନ୍ତି। ସବୁ ଦଳ, ଗୋଷ୍ଠୀ ମିଶିଲେ ୧୦୦ଦଳ ଏଥର ୨୪ ନିର୍ବାଚନ ମହାଭାରତ ଯୁଦ୍ଧରେ ଅବତୀର୍ଣ୍ଣ ହେବାକୁ ଯାଉଛନ୍ତି। ଭାରତରେ କୌଣସି ନିର୍ବାଚନ ନୀତିଆଦର୍ଶରେ ପରିଚାଳିତ ହୋଇନି କି ହୋଇପାରିବ ନାହିଁ। ମୁହଁରେ ଯେତେ ବଡ଼ବଡ଼ କଥା, ଭାଷଣ, ପ୍ରତିଶ୍ରୁତି, ପ୍ରଚାର କଲେ ବି ବିନା ଲାଞ୍ଚରେ ଭୋଟ ଜିତିବା କଷ୍ଟକର। ଏବେ ଭୋଟ ଖଣ୍ଡକୁ ୫ ହଜାରରୁ ୧୦ହଜାର ଟଙ୍କା ଛୁଇଁଲାଣି। ୟା' ସାଙ୍ଗକୁ ମଦ, ଭୋଜି, ପୁଣି ଆଇଁଷଭୋଜି ନ ହେଲେ ନ ଚଳେ। ତା'ହେଲେ ଏ ଦଳ-ନେତାମାନେ ଏ ବସ୍ତାବସ୍ତା ଟଙ୍କା ନିର୍ବାଚନବେଳକୁ ଆଣୁଛନ୍ତି କେଉଁଠୁ? ଯେଉଁମାନଙ୍କୁ ଜିତେଇ ଅଣାଯାଏ - ସେମାନେ ନକଲିରାଜା ବନିଯାଆନ୍ତି - ତାଙ୍କ ଦସ୍ତଖତରେ ଦେଶର ଖଣି, ପାଣି, ମାଟି, ଆକାଶକୁ ଦଖଲ କରିଯାଆନ୍ତି। କେନ୍ଦ୍ର ଓ ରାଜ୍ୟରେ ଥିବା ଶାସକ ଦଳମାନେ କେବେ ବି ଜନସ୍ୱାର୍ଥକୁ ଦେଖନ୍ତି ନାହିଁ।

ବର୍ତ୍ତମାନ ଭାରତବର୍ଷରେ ଆଞ୍ଚଳିକ ଦଳଗୁଡ଼ିକର ଦବ୍‌ଦବା ଚାଲିଛି। ଏକଦା ଯେଉଁମାନେ କଂଗ୍ରେସ, ଜନତାପାର୍ଟି ଓ ଅନ୍ୟଦଳର ବଡ଼ନେତା ଥିଲେ - ସେମାନେ ନିଜନିଜ ରାଜ୍ୟରେ ଆଞ୍ଚଳିକ ଦଳଗଢ଼ି କ୍ଷମତାର ମହୁ ଅନେକବର୍ଷ ହେଲା ଚାଖିଲେଣି। ସେମାନଙ୍କ ଅବର୍ତ୍ତମାନରେ ସେମାନଙ୍କ ସମ୍ପର୍କୀୟମାନେ କ୍ଷମତାଭୋଗ କରିଛନ୍ତି, ଏବେ ବି କରୁଛନ୍ତି। ତେବେ ୨୪ ମହାଭାରତ ଯୁଦ୍ଧରେ ଉଭୟପକ୍ଷ ଅସ୍ତ୍ରଶସ୍ତ୍ର, ଖାଦ୍ୟ ସରଞ୍ଜାମ ଯୋଗାଡରେ ଲାଗିଛନ୍ତି। ଶାସକମାନଙ୍କ ପାଖରେ ଏସବୁ ଅଛି, ବଳକା ମଧ୍ୟ ଅଛି। କିନ୍ତୁ ଏମାନଙ୍କ ବିରୋଧରେ ଯେଉଁମାନେ ଯୁଦ୍ଧରେ ଅବତୀର୍ଣ୍ଣହେବେ- ସେମାନଙ୍କ ପାଖରେ ନିର୍ବାଚନ ଯୁଦ୍ଧାସ୍ତ୍ର ସରଞ୍ଜାମ କମ୍ ଅଛି। ନିର୍ବାଚନରେ ଭୋଟ ଦେବେ ଭିକାରିଠାରୁ କୋଟିପତି ପର୍ଯ୍ୟନ୍ତ। ସମସ୍ତଙ୍କର ଭୋଟ ଖଣ୍ଡ ମୂଲ୍ୟ ସମାନ। ସେମାନେ ଯାହାକୁ ଚାହିଁବେ - ତାକୁ ଦେଇପାରିବେ। ଯଦିଓ କେତେକ ବିକ୍ରୟଯୋଗ୍ୟ କୋଳାଶ୍ରିତ ଗଣମାଧ୍ୟମ ବେଳେବେଳେ ଭୋଟରମାନଙ୍କୁ ବିଭ୍ରାନ୍ତ କରିପକାନ୍ତି। ଏବେ ଶାସକମେଣ୍ଟ ବିରୋଧୀମେଣ୍ଟ ପରସ୍ପରକୁ ହରେଇବାପାଇଁ ଗର୍ଜନ ଆରମ୍ଭ କରିଦେଇଛନ୍ତି। ଭୋଟରମାନେ ସବୁ ଦେଖୁଛନ୍ତି, ଶୁଣୁଛନ୍ତି। ଉଭୟପକ୍ଷ ଭୋଟରଙ୍କୁ ମନେଇବା ପାଇଁ ଖାଳନାଳ। ରାଜକୋଷରୁ କୋଟିକୋଟି ଟଙ୍କା ମାଗଣାଖିଆଙ୍କ ପେଟ ଅଣ୍ଟିରେ ପୂରାଇ ଦେଉଛନ୍ତି। ମାଗଣା ସଂସ୍କୃତି ଯେତେ ବଳବତ୍ତର ହେଉଛି - ଅର୍ଥନୀତି ସେତେ ଦୁର୍ବଳ ହେଉଛି।




ଭାରତର ଭୋଟର ଏ ଭିତିରି କଥା ସମସ୍ତେ ଜାଣୁ ନ ଥିଲେ। ୨୦୧୯ ନିର୍ବାଚନରେ ନେତାମାନେ ଯେତେ ପ୍ରତିଶ୍ରୁତି ଦେଇଥିଲେ - ସେସବୁ ପୂରଣ ହୋଇ ନ ଥିବାରୁ ଭୋଟରମାନେ ଖପ୍ପା। ଶାସକଦଳ ନେତାମାନେ ପୁଣିଥରେ ଗାଦିରେ ବସିବା ପାଇଁ ପାଗଳ। ଶାସକଦଳଗୁଡ଼ିକରେ ପ୍ରାୟ ୯୫ଭାଗ ନେତା ରାଜକୋଷ ଲୁଣ୍ଠନକାରୀ। ସରକାରଙ୍କ କଥାରେ ଯିଏ ନ ଚାଲିବ - ତାଙ୍କ ବିରୋଧରେ ଦି'ଟା ସାଂଘାତିକ ଅସ୍ତ୍ର ସିବିଆଇ, ଇ.ଡି. ପ୍ରୟୋଗ କରାଯାଉଛି। ଏଭଳି ହେଲେ ଜନତା ରକ୍ଷା ପାଇବେ ତ?

ବିଭିନ୍ନ ସାଇନ୍‌ବୋର୍ଡ ଝୁଲାଇ ରାଜନୀତିର ଗୋଟାଏ ବିରାଟ ବଜାର ବିଛାଇ ବସିଛନ୍ତି କ୍ଷମତାଲୋଭୀମାନେ। ସମଗ୍ର ଭାରତବର୍ଷରେ ଚାଲିଛି କିଣାବିକାର ରାଜନୀତି, ଦୋକାନଦାରୀର ରାଜନୀତି, ଚାନ୍ଦାଭେଦାର ରାଜନୀତି, ଗୋଲକଧନ୍ଦାର ରାଜନୀତି। ଆଜି ଯିଏ ଶାସକ ଦଳରେ, କାଲି ତାକୁ ଦେଖିବାକୁ ମିଳୁଛି ବିରୋଧୀ ଦଳରେ। ଆଜି ଯିଏ ବିରୋଧୀ ଶିବିରରେ କାଲି ସିଏ ହାତ ମିଳାଉଛି ଶାସକ ଦଳର କାର୍ପଟଦାରମାନଙ୍କ ସହିତ। ଯେହେତୁ ନିର୍ଦ୍ଦିଷ୍ଟ ଆଦର୍ଶ କିମ୍ବା ଦୃଷ୍ଟିଭଙ୍ଗୀ ନାହିଁ - ସେଇଥିପାଇଁ ଭାରତବର୍ଷର ଗଣତନ୍ତ୍ରରେ ବାରମ୍ବାର ପ୍ରତ୍ୟକ୍ଷ କରିବାକୁ ପଡୁଛି ଏ ପ୍ରହସନର ପାଂଶୁଳ ପର୍ବ ! ଦଳବଦଳର ଦାରୁଣ ଦୃଷ୍ଟାନ୍ତ ସବୁ ଭାରତୀୟ ରାଜନୀତିରେ ଅତି ମାମୁଲି ଘଟଣା। କାହାକୁ ବିଶ୍ୱାସ କରିବା । କାହା କଥାକୁ ବେଦର ଗାରଭଳି ଗ୍ରହଣ କରିନେବା । ଆଜିର ଭାରତୀୟ ରାଜନୀତିର ମୂଳଦୁଆ ଛିଡାହୋଇଛି ଗୋଟାଏ ବିଶାଳ ବିଶ୍ୱାସଭଙ୍ଗ ଉପରେ ! ରାଜନେତାମାନେ ବିଶ୍ୱାସଘାତକତା କରୁଛନ୍ତି ଜନଗଣଙ୍କ ପ୍ରତି, ରାଜନୈତିକ ଦଳମାନେ ଆଖିଠାର ମାରୁଛନ୍ତି ସାରା ଦେଶକୁ। ଯିଏ ଯେତେ ବେଶି ଦୁର୍ନୀତିକରି ଧନ ଠୁଳକଲା, ସିଏ ବୋଲାଇଲା ସେତେବଡ ଛାମୁଆନେତା - ଯିଏ ଯେତେବେଶି ଗୁଣ୍ଡାପୋଷି ପାରିଲା, ସିଏ ହେଲା ସେତେ ବଡ କରିତ୍‌କର୍ମା କାର୍ପଟ୍‌ଦାର । କ୍ଷମତା ପାଗଳ ତଥାକଥିତ ନେତାମାନଙ୍କ ପାଇଁ ଏ ନିର୍ବାଚନ ଏକ ଜଘନ୍ୟ ଜୁଆଖେଳ, ମାତ୍ର ନିରୀହ, ନିରନ୍ନ ଜନସାଧାରଣଙ୍କ ପାଇଁ ଏହା ନିଶ୍ଚିତ ଭାବେ ଏକ କାଳ। ଏ ନିର୍ବାଚନ ପ୍ରତି କାହାର ମନରେ ସରାଗ ନାହିଁ- ନେତାମାନେ ଲୋକମାନଙ୍କୁ ଜୋର କରି କେବଳ ଟାଣୁଛନ୍ତି ବଳିଖୁଣ୍ଟକୁ। ଭୋଟପାଲା ସରିଯିବା ପରେ କାହାର ଦେଖାମିଳିବ ନାହିଁ। ଆଜି ଯେଉଁମାନେ ଆସି ପାଦ ଧରୁଛନ୍ତି, ହାତ ଓଠ ଧରି ନେହୁରା ହେଉଛନ୍ତି, ଭୋଟ ପରେ ସେମାନେ ଆମକୁ ଚିହ୍ନିପାରିବେ ତ?

ଏବେ କେନ୍ଦ୍ର ସରକାର ବୋଲ ମାନିବା ଲୋକମାନଙ୍କୁ ବ୍ୟବସ୍ଥାପିକା ଓ ନ୍ୟାୟପାଳିକାରେ ନିଯୁକ୍ତି ଦେବାକୁ ଚକ୍ରାନ୍ତ ଚଳାଇଛନ୍ତି। କିନ୍ତୁ ସୁପ୍ରିମ୍‌କୋର୍ଟ ପ୍ରଧାନ ବିଚାରପତିଙ୍କୁ ନା ବଦଳି ନା ବରଖାସ୍ତ କରିପାରିବେ। ସେ ୨୦୨୪ନଭେମ୍ବର ପର୍ଯ୍ୟନ୍ତ ରହିବେ। ବର୍ତ୍ତମାନର ନିର୍ବାଚନ କମିଶନ ୨୦୨୪ ଫେବୃୟାରୀରେ ଅବସରନେବେ। ସେ ସ୍ଥାନରେ କେନ୍ଦ୍ର ଇଚ୍ଛା ମୁତାବକ ଲୋକ ବସି ଲୋକ ସଭା ନିର୍ବାଚନ ପରିଚାଳନା କରିପାରିବେ। ଏବେ ଲୋକ ସଭାରେ ଯେଉଁମୁଖ୍ୟ ନିର୍ବାଚନ ଆୟୁକ୍ତ ଓ ଅନ୍ୟ ନିର୍ବାଚନ ଆୟୁକ୍ତମାନଙ୍କ ନିଯୁକ୍ତି ଓ କାର୍ଯ୍ୟକାଳ ବିଲ୍ ୨୦୨୩ ଆଗତ ହୋଇଛି, ସେଥିରେ ସୁପ୍ରିମ୍‌କୋର୍ଟ ପ୍ରଧାନ ବିଚାରପତି ବଦଳରେ ଜଣେ କ୍ୟାବିନେଟ ମନ୍ତ୍ରୀ ରହିବେ। ତେବେ ଏହା ଏକ ଭୟଙ୍କର ଖେଳ ବୋଲି ବୁଝିବାକୁ ହେବ।

**ଯାଜପୁରରୋଡ, ଯାଜପୁର**
**ମୋ : ୯୮୬୧୦୩୪୧୬୩**

## ପାଠକ ଶ୍ରେଷ୍ଠ ବିଚାରକ

### ପୋଖରୀର ପୁନରୁଦ୍ଧାର ହେଉନି

ମହାଶୟ,

ପୁରୀ ଜିଲା ସତ୍ୟବାଦୀ (ସାକ୍ଷୀଗୋପାଳ) ବ୍ଲକରେ କେନ୍ଦ୍ର ସରକାରଙ୍କ ମିଶନ ଅମୃତ ସରୋବର ଯୋଜନା ବାଟବଣା ହୋଇଛି । ବ୍ଲକର ୨୪ ଗୋଟି ପଞ୍ଚାୟତରେ ଶହ ଶହ ପୋଖରୀ ପୋତିହୋଇ ପଡ଼ିଥିବାବେଳେ ସେଗୁଡ଼ିକର ପୁନରୁଦ୍ଧାର କରାଯାଉନାହିଁ। ପୁରୀ ଜିଲାର ୧୧ ଗୋଟି ବ୍ଲକରେ ୬୪ଟି ପ୍ରାଚୀନ ଜଳାଶୟର ପୁନରୁଦ୍ଧାର କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଶ୍ରୀରାମଚନ୍ଦ୍ରପୁର ଗ୍ରାମପଞ୍ଚାୟତରେ ସମସ୍ତ ପୋଖରୀ ପୋତିହୋଇପଡ଼ିଥିବା ବେଳେ ସେଗୁଡିକର ପୁନରୁଦ୍ଧାର କରାଯାଉନାହିଁ। ଅଧିକାଂଶ ଗ୍ରାମପଞ୍ଚାୟତରେ ଜଳାଶୟଗୁଡିକ ପୋତିହେବା ଯୋଗୁ ଭୂତଳ ଜଳସ୍ତର ହ୍ରାସ ପାଉଛି। ସେହିପରି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ସ୍ଥାନୀୟ ଜବ୍‌କାର୍ଡଧାରୀଙ୍କ ପରିବର୍ତ୍ତେ ଜେସିବି ମେଶିନ ମାଧ୍ୟମରେ ପୋଖରୀ ଖୋଳାଯାଇଥିବା ଅଭିଯୋଗ ହୋଇଛି। ୨୦୨୨-୨୩ ଆର୍ଥିକ ବର୍ଷରେ ପ୍ରତ୍ୟେକ ଜିଲାର ୭୫ ପୁରୁଣା ପୋଖରୀ ପୁନରୁଦ୍ଧାର କିମ୍ବା ନୂଆ ପୋଖରୀ ଖନନ ନିମନ୍ତେ କେନ୍ଦ୍ର ଗ୍ରାମ୍ୟ ବିକାଶ ମନ୍ତ୍ରଣାଳୟ ସବୁ ରାଜ୍ୟକୁ ନିର୍ଦ୍ଦେଶ ଦେଇଥିଲା। କିନ୍ତୁ ସତ୍ୟବାଦୀ ବ୍ଲକରେ କେଉଁ ପୋଖରୀ ପୁନରୁଦ୍ଧାର ପାଇଁ ଏପର୍ଯ୍ୟନ୍ତ କେତେ ଟଙ୍କା ଖର୍ଚ୍ଚ କରାଯାଇଛି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜିଲା ପ୍ରଶାସନ ଓ ଗଣମାଧ୍ୟମକୁ ସ୍ପଷ୍ଟ ସୂଚନା ନ ଦେବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୋଖରୀ ଖୋଳାରେ ଦୁର୍ନୀତି ଅଭିଯୋଗର ତୁରନ୍ତ ତଦନ୍ତ କରାଯାଉ।

**-ଦେବଦତ୍ତ ମିଶ୍ର, ସାକ୍ଷୀଗୋପାଳ, ପୁରୀ**

### ଚିରନ୍ତନୀ

ମାନବ ନୟନେ ଯାହା ଶୂନ୍ୟ ବୋଲି ହୁଅଇ ପ୍ରତୀତି,
ସୂକ୍ଷ୍ମତମ ସେହି ଶୂନ୍ୟେ ପୂରିଅଛି ଜୀବନର ଗୀତି,
କୋଟି କୋଟି ଚେତନାର ଅଣୁ ପରମାଣୁ ରସେ
ରୂପେ ରୂପେ ଏ ସୃଷ୍ଟି ବିଳସେ!
(ସୃଜନ ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆର୍‌ଟିଆଇ ଆଇନକୁ ହତ୍ୟା କରିଛି କେନ୍ଦ୍ର: ଖାର୍ଗେ

**ନୂଆଦିଲ୍ଲୀ,୨୪।୮ :** ଗଣତନ୍ତ୍ରକୁ ଲୋପ କରିଦେବା ଷଡ଼ଯନ୍ତ୍ରର ଅଂଶ ସ୍ୱରୂପ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ସୂଚନା ଅଧିକାର (ଆର୍‌ଟିଆଇ) ଆଇନକୁ ହତ୍ୟା କରିଥିବା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେ ଗୁରୁବାର ଅଭିଯୋଗ କରିଛନ୍ତି। ଆର୍‌ଟିଆଇ ୱେବ୍‌ସାଇଟ୍‌ରୁ ବହୁସଂଖ୍ୟାରେ ଆବେଦନ ଉଭାନ ହୋଇଯିବା ଖବର ଉପରେ ଖାର୍ଗେ କହିଛନ୍ତି, ଏହା ଏକ ଖାମଖିଆଲି କାର୍ଯ୍ୟ। ତେବେ ଏହା ପଛର ଅନ୍ତର୍ନିହିତ ଉଦ୍ଦେଶ୍ୟ ବହୁତ ଗଭୀରରେ। ଏହା କେବଳ ବ୍ୟକ୍ତିର ସମ୍ବିଧାନିକ ଅଧିକାର ଉପରେ ଆକ୍ରମଣ ନୁହେଁ, ଗଣତନ୍ତ୍ରକୁ ଶେଷ କରିଦେବାର ଷଡ଼ଯନ୍ତ୍ର ବୋଲି କଂଗ୍ରେସ ମୁଖ୍ୟ କହିଛନ୍ତି। ଡେଟା ସୁରକ୍ଷା ଆଇନ ପଛରେ ଲୁଚ୍ଚାୟିତ ଭାବେ ଆର୍‌ଟିଆଇ ଆଇନର ପ୍ରସ୍ତାବିତ ସଂଶୋଧନକୁ ସରକାରଙ୍କ ଦ୍ୱାରା ସୂଚନ ଅଧିକାର ଉପରେ ଭୀରୁତାପୂର୍ଣ୍ଣ ଆକ୍ରମଣ ବୋଲି ଖାର୍ଗେ ଅଭିଯୋଗ କରିଛନ୍ତି। ନିକଟରେ ପାର୍ଲାମେଣ୍ଟରେ ଗୃହୀତ ହୋଇଥିବା ଡିଜିଟାଲ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ବିଲ୍ ଆର୍‌ଟିଆଇ ଆଇନର ବ୍ୟବସ୍ଥାକୁ କୋହଳ କରିଦେଇଥିବା ବିଭିନ୍ନ ବିରୋଧୀ ଦଳ ଏବଂ ସିଭିଲ ସୋସାଇଟି ସଂଗଠନ ଅଭିଯୋଗ କରିଥିବାବେଳେ ସରକାର ଏହାକୁ ଖଣ୍ଡନ କରୁଛନ୍ତି। ମୋଦି ସରକାର ସ୍ୱଚ୍ଛତା ପ୍ରତି ଚିନ୍ତିତ ନ ଥିବା କଂଗ୍ରେସ ଅଧ୍ୟକ୍ଷ କହିଛନ୍ତି।


ମଲ୍ଲିକାର୍ଜ୍ଜୁନ ଖାର୍ଗେ

# ଜଣେ ଓଡ଼ିଆଙ୍କ କବିତାକୁ ନେଇ ରାଜ୍ୟ ଶାସନ ବ୍ୟବସ୍ଥାକୁ ଧର୍ମେନ୍ଦ୍ରଙ୍କ ଟାର୍ଗେଟ

**ଭୁବନେଶ୍ୱର, ୨୪।୮(ସୁନିତ୍ ମିଶ୍ର):** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମାଜିକ ଗଣମାଧ୍ୟମରେ ଜଣେ ଓଡ଼ିଆ ଉଦ୍ୟମୀ ଶାକ୍ୟସିଂହ ମହାପାତ୍ରଙ୍କ ଦ୍ୱାରା ଓଡ଼ିଶାର ଶାସନ ଓ ସାମାଜିକ ବ୍ୟବସ୍ଥାକୁ ନେଇ ଲିଖିତ ଏକ କବିତା ପଢ଼ିବା ପରେ ଚିନ୍ତାବ୍ୟକ୍ତ କରିଛନ୍ତି। ଧର୍ମେନ୍ଦ୍ର ଟୁଇଟ୍ କରି କହିଛନ୍ତି, ଶାକ୍ୟସିଂହ କବିତା ମାଧ୍ୟମରେ ନିଜର ଉଦ୍‌ବେଗ ଓ ଅଭିବ୍ୟକ୍ତିକୁ ପ୍ରକାଶ କରିଛନ୍ତି। ତାଙ୍କର ଏହି କବିତା ପଢ଼ିବା ପରେ ବ୍ୟାସକବି ଫକୀରମୋହନ ସେନାପତି ୧୯୦୮ ମସିହାରେ ତାଙ୍କ 'ଅରଟ' ପ୍ରବନ୍ଧରେ ଲେଖିଥିବା ଏକ ପଦ୍ୟ ମନେପଡୁଛି। ଫକୀରମୋହନ ଲେଖିଥିଲେ, ଓଳି ତଳେ ଲୁଣ କୋଟିଏ ମହଣ, ଆଉ ମୋହ କଥା ଶୁଣ, ବୋଇଲେ କି ହେବ, ଖାଇବାକୁ ହେବ ଲିଭରୋପୁଲରୁ ଲୁଣ। ମାଞ୍ଚେଷ୍ଟର ତନ୍ତୀ ଲୁଗା ବୁଣୁଛନ୍ତି, ତୁମ୍ଭମାନଙ୍କ ସକାଶେ, ବୁଡୁ ତନ୍ତୀ ବଂଶ ହେଉ ସର୍ବନାଶ, ଯାଆନ୍ତୁ ସେ ବନବାସେ।

### ବିଜେଡି କହିଲା ରାଜ୍ୟବାସୀ ଜାଣନ୍ତି ତାଙ୍କ ସ୍ୱାର୍ଥ ପାଇଁ କିଏ କାମ କରୁଛି

ଧର୍ମେନ୍ଦ୍ରଙ୍କ ଟୁଇଟ୍‌କୁ ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର କାଉଣ୍ଟର କରିଛନ୍ତି। ଧର୍ମେନ୍ଦ୍ରଙ୍କ ନାଁ ନ ନେଇ ସସ୍ମିତ ଟୁଇଟ୍ କରି କହିଛନ୍ତି, ଗତ ୯ ବର୍ଷ ମଧ୍ୟରେ ରେଳବାଇକୁ ୨ ଲକ୍ଷ କୋଟି ଟଙ୍କାର ରାଜସ୍ୱ ପ୍ରଦାନ ସତ୍ତ୍ୱେ ଓଡ଼ିଶା ରେଳ ସଂଯୋଗରେ ଅସୁବିଧା ଭୋଗୁଥିଲା। ସମ୍ବଲପୁର-କଟକ ଏନ୍‌ଏଚ୍ ପରି ଜାତୀୟ ରାଜପଥ ଦୁର୍ବଳ ହେବା ଯୋଗୁ ଲୋକେ ଯନ୍ତ୍ରଣା ଭୋଗୁଛନ୍ତି। ସେତେବେଳେ ଓଡ଼ିଶା ପାଇଁ ଏହି ବ୍ୟକ୍ତିଙ୍କ ଚିନ୍ତା କେଉଁଠାରେ ଥିଲା। ରାଜ୍ୟବାସୀ ଜାଣନ୍ତି କିଏ ସେମାନଙ୍କ ପାଇଁ କାମ କରୁଛି ଏବଂ କିଏ ସେମାନଙ୍କ ସ୍ୱାର୍ଥ ରକ୍ଷା କରୁଛି।

# ନିଷ୍ପତ୍ତି କାହିଁକି ବଦଳିଲା: କଂଗ୍ରେସ

### କନିଷ୍ଠ ଶିକ୍ଷକଙ୍କୁ ଠିକା ନିଯୁକ୍ତି ପ୍ରସଙ୍ଗ

**ଭୁବନେଶ୍ୱର, ୨୪।୮(ସୁନିତ୍ ମିଶ୍ର)**

୨୦୨୨ ଅକ୍ଟୋବର ୧୫ରେ ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ଅନୁଯାୟୀ ଆଉ କୌଣସି ସରକାରୀ ପଦ ପଦବୀ ପାଇଁ ଠିକା ନିଯୁକ୍ତି ଦିଆଯିବ ନାହିଁ। ଏହା ସହ ଆଉଟ୍‌ସୋର୍ସିଂ ମଧ୍ୟ ହେବ ନାହିଁ ବୋଲି ସରକାରଙ୍କ ପକ୍ଷରୁ ପ୍ରଚାର କରାଗଲା। ଏପରିକି ଏହି ସମୟରେ ମିଷ୍ଟାନ୍ନ ବଣ୍ଟା ସହ କେକ୍ ମଧ୍ୟ କଟାଯାଇଥିଲା। ହେଲେ ଏହାର ୧୦ ମାସ ପରେ ରାଜ୍ୟ ସରକାର ଗତ ୨୩ ତାରିଖରେ ରାଜ୍ୟର ପ୍ରାଥମିକ ବିଦ୍ୟାଳୟ ତଥା ମାଧ୍ୟମିକ ବିଦ୍ୟାଳୟ ପାଇଁ କନିଷ୍ଠ ଶିକ୍ଷକ ଠିକାରେ ନିଯୁକ୍ତି କରିବା ନେଇ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ସରକାର ୧୦ ମାସ ଭିତରେ କାହିଁକି ନିଜ ନିଷ୍ପତ୍ତି ବଦଳାଇଲେ ସେନେଇ ରାଜ୍ୟବାସୀଙ୍କ ପାଖରେ ମତ ରଖିବାକୁ କଂଗ୍ରେସ ନେତା ରଜନୀ ମହାନ୍ତି ଦାବି କରିଛନ୍ତି। କଂଗ୍ରେସ ଭବନ ଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ରଜନୀ କହିଛନ୍ତି, ରାଜ୍ୟର ଶିକ୍ଷା ବ୍ୟବସ୍ଥାର ସମ୍ପୂର୍ଣ୍ଣ ବ୍ୟବସ୍ଥାଗତ ପରିବର୍ତ୍ତନ ହେବାର ଆବଶ୍ୟକତା ରହିଛି। ରାଜ୍ୟ କଂଗ୍ରେସ ପକ୍ଷରୁ ୨୦ ହଜାର କନିଷ୍ଠ ଶିକ୍ଷକଙ୍କୁ ଠିକା ଭିତ୍ତିରେ ନିଯୁକ୍ତି ଦେବା ନେଇ ସରକାର କରିଥିବା ବିଜ୍ଞପ୍ତିକୁ ଦୃଢ଼ ବିରୋଧ କରୁଛି। ଏଥିପାଇଁ କଂଗ୍ରେସ ଆଗାମୀ ଦିନରେ ଜନ ଆନ୍ଦୋଳନ କରିବ ବୋଲି ସେ ଚେତାବନୀ ଦେଇଛନ୍ତି।

# ମାଲିକଙ୍କୁ ଖୁସି କରୁଛନ୍ତି ବିଜେଡି ମୁଖପାତ୍ର: ସୂର୍ଯ୍ୟବଂଶୀ

**ଭୁବନେଶ୍ୱର, ୨୪।୮(ସୁନିତ୍ ମିଶ୍ର):** କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ରଙ୍କ ଯୁକ୍ତିତର୍କ ଭିତରେ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ମୁଣ୍ଡ ପୂରାଇଛନ୍ତି। ବିଜେଡି ନେତାଙ୍କୁ ଟାର୍ଗେଟକରି ସୂର୍ଯ୍ୟବଂଶୀ କହିଛନ୍ତି, ବିଜେଡି ମୁଖପାତ୍ର ସତ୍ୟକୁ ସାମ୍ନା କରିବାର ଅଭ୍ୟାସ କରନ୍ତୁ। ବିଜେଡି ମୁଖପାତ୍ର ଯାହାଙ୍କ ଉଦ୍ଦେଶ୍ୟରେ ଟୁଇଟ୍ କରି ଲେଖୁଛନ୍ତି ସେ ଆମ ନେତା। ସେ ଯାହା କୁହନ୍ତି କାମରେ କରି ଦେଖାଇବାର ଅନେକ ଉଦାହରଣ ରହିଛି। ପାଲଲହଡ଼ାରୁ ସେ ପ୍ରଥମ ବିଧାୟକ ହୋଇ ଶ୍ରେଷ୍ଠ ବିଧାୟକ ଭାବେ ସମ୍ମାନିତ ହୋଇଛନ୍ତି। ଦେବଗଡ଼ରୁ ଯୁବ ଏମ୍‌ପି ହୋଇ ସେତେବେଳେ ଚର୍ଚ୍ଚାରେ ଥିଲେ। ସେହି ସମୟରେ ଏହି ମୁଖପାତ୍ର ରାଜନୀତି ଜୀବନ ଆରମ୍ଭ କରି ନ ଥିବେ। ସେଥିପାଇଁ ସେ ଜାଣିନାହାନ୍ତି କେନ୍ଦ୍ରମନ୍ତ୍ରୀ କେବେ ନିର୍ବାଚନ ଜିତିଥିଲେ କି ନାହିଁ। ନିଜର ମାଲିକଙ୍କୁ ଖୁସି କରିବା ପାଇଁ ଗୁରୁବାର ମୁଖପାତ୍ର ଏହି ପୋଷ୍ଟ କରିଛନ୍ତି ବୋଲି ସୂର୍ଯ୍ୟବଂଶୀ କହିଛନ୍ତି।


## CLASSIFIED DISPLAY

ALL EDITION - B/W (Everyday)

for Booking Contact: 0674-2580385, 8637280816, 7894447167, 9338226625

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**SOCIAL SERVICE for JOB ASPIRANTS**
Through Pre-Recruitment Training
GOVT., PUBLIC & PRIVATE SECTORS
OUR ASSISTENCE, TILL APPOINTMENT,
NO TRAINING FEE
For Details, Contact
MAJOR DEFENCE ACADEMY
Dhauli Chhak, Bhubaneswar
Id : majorcdr@rediffmail.com
rautcdr@gmail.com
9938238840, 9938650175

**ଜଗନ୍ନାଥ ଫାଇନାନ୍ସ କମ୍ପାନୀ**
ଆଧାର କାର୍ଡ ଋଣ
ବ୍ୟକ୍ତିଗତ ଋଣ,ବ୍ୟବସାୟ ଋଣ, ସମ୍ପତ୍ତି ଋଣ, ଶିକ୍ଷା ଋଣ

କୌଣସି ଫାଇଲ୍ ଚାର୍ଜ ନାହିଁ,
୨% ସୁଧହାର, ୫୦% ସବ୍‌ସିଡି,
ଏଜେଣ୍ଟ ଆମନ୍ତ୍ରିତ, ଠକାମିରୁ ସାବଧାନ।
9667440436

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଯୁବ କଂଗ୍ରେସର ଦୁଇଗୋଷ୍ଠୀ ମୁହାଁମୁହିଁ

### ଖବରଦାତା ସମ୍ମିଳନୀ ବେଳେ

**ଭଦ୍ରକ, ୨୪।୮ (ସନାତନ ରାଉତ/ରବିନାରାୟଣ ଖିଲାର):** ଭଦ୍ରକ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ବିଧାନସଭା କ୍ଷେତ୍ର ଯୁବ କଂଗ୍ରେସ ପକ୍ଷରୁ ଗୁରୁବାର ଏକ ଖବରଦାତା ସମ୍ମିଳନୀ ଚାଲିଥିବା ବେଳେ ଦୁଇଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଯୁବ କଂଗ୍ରେସର ଆଉ ଏକ ଗୋଷ୍ଠୀ ପହଞ୍ଚି ସମ୍ମିଳନୀ ମଝିରେ ଗଣ୍ଡଗୋଳ ଆରମ୍ଭ କରିଥିଲେ। କିଛି ସମୟ ପାଇଁ କାର୍ଯ୍ୟାଳୟ ପରିସରରେ ଦୁଇ ଯୁବଗୋଷ୍ଠୀ ମଧ୍ୟରେ ହଟ୍ଟଗୋଳ ଦେଖିବାକୁ ମିଳିଥିଲା। ଏହାକୁ ନେଇ କଂଗ୍ରେସ ରାଜନୀତି ସରଗରମ ହୋଇଛି।

ଯୁବ କଂଗ୍ରେସର ବିଧାନସଭା ସଭାପତି ଇଲିୟାସ ଖାନ୍‌ଙ୍କ ଦ୍ୱାରା ଆହୂତ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ମୁଖପାତ୍ର ଶୁଭେନ୍ଦୁ ରାୟ ମହାପାତ୍ର, ଜିଲା ଯୁବ କଂଗ୍ରେସ ଉପସଭାପତି ବଳରାମ ରାଉତ ଏବଂ ଚାନ୍ଦବାଲି ବିଧାନସଭା କ୍ଷେତ୍ର ସଭାପତି ପ୍ରଫୁଲ୍ଲ ପୃଷ୍ଟି ଯୋଗଦେଇ ଭଦ୍ରକ ଜିଲାର ବିଭିନ୍ନ କଲେଜରେ ହୋଇଥିବା ଜାଲ୍ ସାର୍ଟିଫିକେଟ୍ ଦୁର୍ନୀତିରେ ବିଜେଡି ନେତାଙ୍କ ସମ୍ପୃକ୍ତି ନେଇ ଅଭିଯୋଗ କରିଥିଲେ। ଭଦ୍ରକ ବ୍ଲକ ଗେଲଟୁଆ ପଞ୍ଚାୟତର ସମିତିସଭ୍ୟ ଏହି ସାର୍ଟିଫିକେଟ୍ ଦୁର୍ନୀତିରେ ବହୁ ଟଙ୍କା ଆତ୍ମସାତ୍ କରିଥିବା ବେଳେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ କାହିଁକି ବୋଲି ସେମାନେ ପ୍ରଶ୍ନ କଠାଇଥିଲେ। ସେ ତାଙ୍କ ଘରୋଇ କଲେଜରେ ବିଭିନ୍ନ ଅଣଛାତ୍ରୀଛାତ୍ରଙ୍କୁ ଅନୁସୂଚିତ ଜାତି ଓ ଜନଜାତି ଦର୍ଶାଇ ସରକାରଙ୍କ ଦ୍ୱାରା ଆସୁଥିବା ସ୍କଲାରଶିପ୍ ଅନୁଦାନରେ ଲକ୍ଷାଧିକ ଟଙ୍କା ଆତ୍ମସାତ୍ କରିଥିବା ସେମାନେ ଅଭିଯୋଗ କରିଥିଲେ। ଓଡ଼ିଶା ପୋଲିସ ଇକୋନମିକ୍ ଅଫେନ୍ସ ଉଇଙ୍ଗ ତାଙ୍କ ବିରୋଧରେ ବାଲେଶ୍ୱର ଓ ଭଦ୍ରକ ଏସ୍‌ପିଙ୍କୁ ପତ୍ର ଲେଖିଥିଲେ ମଧ୍ୟ ଶାସକ ଦଳ ଛତ୍ରଛାୟାରେ ରହିଥିବାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଏହି ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ବିଧାନସଭା ଯୁବ କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ସଭାପତି ଖାନ୍ ଚେତାବନୀ ଦେଇଛନ୍ତି। ଶାସକ ଦଳ ବିରୋଧରେ ଏହି ସମ୍ମିଳନୀ ଚାଲିଥିବା ବେଳେ ଜିଲା ଯୁବ କଂଗ୍ରେସ ସଭାପତି ହେମନ୍ତ ମହାପାତ୍ର ଓ ତାଙ୍କ ସମର୍ଥକମାନେ ଏହି ସମ୍ମିଳନୀକୁ କାହିଁକି ଆମକୁ ଡକାଗଲା ନାହିଁ ବୋଲି ପ୍ରଶ୍ନ କରି ହୋହଲ୍ଲା ଆରମ୍ଭ କରିଥିଲେ। ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ଶୁଭେନ୍ଦୁ ରାୟ ମହାପାତ୍ରଙ୍କ ସକ୍ରିୟ ଭୂମିକାରେ ଆଉ ଏକ ଗୋଷ୍ଠୀ ଈର୍ଷାନ୍ୱିତ ହୋଇ ଏପରି ସ୍ଥିତି ସୃଷ୍ଟି କରୁଥିବା ଚର୍ଚ୍ଚା ହେଉଛି।


ଭଦ୍ରକ ଜିଲା କଂଗ୍ରେସ କାର୍ଯ୍ୟାଳୟ ପରିସରରେ ଯୁବ କଂଗ୍ରେସର ଦୁଇଗୋଷ୍ଠୀଙ୍କ ମଧ୍ୟରେ ଠେଲାପେଲା।

ଏନେଇ ଯୁବ କଂଗ୍ରେସର ବିଧାନସଭା ସଭାପତି ଖାନ୍ କହିଛନ୍ତି, ପୂର୍ବତନ ନଗର କଂଗ୍ରେସ କମିଟି ସଭାପତି ଅବଦୁଲ ମୋକିତ୍ ଖାଁ, ଜିଲା ଯୁବ କଂଗ୍ରେସ ସଭାପତି ମହାପାତ୍ର ଓ ତାଙ୍କ ସମର୍ଥକମାନେ ଅତର୍କିତ ଭାବେ ଗୃହ ଭିତରକୁ ପଶିଯାଇ ଏଠାରେ ନଳିନୀ ମହାନ୍ତିଙ୍କ ବିନା ଅନୁମତିରେ କୌଣସି ଖବରଦାତା ସମ୍ମିଳନୀ କରାଯାଇପାରିବ ନାହିଁ ବୋଲି କହି ପାଟିତୁଣ୍ଡ ଆରମ୍ଭ କରିଥିଲେ। ବିଜେଡିର ଦୁର୍ନୀତି ବିରୋଧରେ ଖବରଦାତା ସମ୍ମିଳନୀ ହେଉଥିବା ବେଳେ ଏହାକୁ ସ୍ୱାଗତ ନ କରି ବିରୋଧ କରିବାର କାରଣ ବୁଝାପଡୁ ନାହିଁ। ଏହି ବିଶୃଙ୍ଖଳା ବିରୋଧରେ ପିସିସି ସଭାପତି ଏବଂ ଓଡ଼ିଶା ପ୍ରଦେଶ ଶୃଙ୍ଖଳା କମିଟିକୁ ଅବଗତ କରାଯିବ। ଅପରପକ୍ଷେ ହେମନ୍ତ କହିଛନ୍ତି, ଆମକୁ ସୂଚନା ନ ଦେଇ ଖବରଦାତା ସମ୍ମିଳନୀ କରାଯାଉଥିଲା। ଏହାକୁ ନେଇ ଆମ ଭିତରେ ଭୁଲ୍ ବୁଝାମଣା ହୋଇଥିଲା। ତେବେ ପରେ ସମାଧାନ ହୋଇଯାଇଛି।

# ହାତ ଧରିଲେ ପୂର୍ବତନ ବିଧାୟକ ହୃଷୀକେଶ

**ପାଟଣା, ୨୪।୮(ବୀରକିଶୋର ଦାଶ):** କେନ୍ଦୁଝର ଜିଲା ପାଟଣା ବ୍ଲକ୍ ରାଜନଗର କଲ୍ୟାଣ ମଣ୍ଡପରେ ଗୁରୁବାର ପାଟଣା ନିର୍ବାଚନମଣ୍ଡଳୀସ୍ତରୀୟ କଂଗ୍ରେସର ମହା ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଏଥିରେ ପାଟଣାର ପୂର୍ବତନ ବିଧାୟକ ହୃଷୀକେଶ ନାଏକ, ବିଶ୍ୱ ଆଦିବାସୀ ସଂଘ ରାଜ୍ୟ ସଭାପତି ସୁଦର୍ଶନ ଲୋହାରଙ୍କ ସମେତ ବିଭିନ୍ନ ଦଳର ଶତାଧିକ କର୍ମୀ କଂଗ୍ରେସରେ ଯୋଗ ଦେଇଥିବା ବ୍ଲକ୍ ସଭାପତି ଶତ୍ରୁଘନ ସିଂ କହଛନ୍ତି।

ଜିଲା କଂଗ୍ରେସ ସଭାପତି ମୋହନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ପୂର୍ବତନ ପିସିସିସଭାପତିନିରଞ୍ଜନପଟ୍ଟନାୟକ, ଜୟଦେବ ଜେନା ଯୋଗଦେଇ ଥିଲେ। ଏହି ଅବସରରେ ୫ଥରର ପୂର୍ବତନ ପାଟଣା ବିଧାୟକ ହୃଷୀକେଶ ଶତାଧିକ ସମର୍ଥକଙ୍କ ସହ କଂଗ୍ରେସରେ ଯୋଗଦେଇଥିଲେ। ତାଙ୍କୁ ଦୁଇ ପୂର୍ବତନ ପିସିସି ସଭାପତି ଦଳକୁ ସ୍ୱାଗତ କରିଥିଲେ। ହୃଷୀକେଶଙ୍କ ଯୋଗଦାନ କଂଗ୍ରେସର ଶକ୍ତି ବୃଦ୍ଧି କରିବ ବୋଲି ନିରଞ୍ଜନ କହିଛନ୍ତି। ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ସଂଗ୍ରାମ ଦାସ, ପୂର୍ବତନ ଜିଲା କଂଗ୍ରେସ ସଭାପତି ବିପ୍ଳବ ମିଶ୍ର, ରାଜ୍ୟ ମିଡ଼ିଆ ସେଲ ଉପାଧ୍ୟକ୍ଷ ଇଂ. ବିନୋଦ ବିହାରୀ ନାୟକ, ପୂର୍ବତନ ପାଟଣା ବ୍ଲକ୍ ଅଧ୍ୟକ୍ଷ ଗୌରହରି ନାଏକ, ସାହାରପଡ଼ା ବ୍ଲକ୍ କଂଗ୍ରେସ ସଭାପତି ମୁକୁନ୍ଦ ମହାନ୍ତ, ଜିଲା ସେବାଦଳ ସଭାପତି ବୀରଭଦ୍ର ମହାନ୍ତ, ପାଟଣା ନିର୍ବାଚନମଣ୍ଡଳୀ ସଂଯୋଜକ ଶିବ କୁମାର ବେହେରା, ଜିଲା ଓବିସି ସେଲ୍ ଅଧ୍ୟକ୍ଷ ଯଦୁମଣି ବାରିକ, ପୂର୍ବତନ ପାଟଣା ବ୍ଲକ୍ ଅଧ୍ୟକ୍ଷ ଇଂ. ବିଦ୍ୟାଧର ଦାଶ, ବରିଷ୍ଠ ନେତା ଲକ୍ଷ୍ମଣ ଦାଶ, ବସନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।


## Classified Everyday 0674-2580101, 2549949


REAL ESTATE
**SALE**

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft., 3,00,000/-, ଛତାବର 1200sqft.-3,00,000/-, ନଖରା- 300/-. 7978663279. D-75204

2BHK/ 3BHK flat available at Jatani Gate with affordable price, near to handover position, all Banks, BDA, RERA approved. Booking Contact: 9776776644, 9776406644, 9337244895. D-74565

ଭୁବନେଶ୍ୱର ବାଲିଅନ୍ତାରେ **30ft road,** ଇଲେକ୍ଟ୍ରିସିଟି ଥାଇ ଘରବାରି ପ୍ଲଟ୍ ମିଳୁଅଛି। **9114121344, 7978203723.** D-74882

Bhubaneswar (BDA) investment Gharabari Land, all development near NISER, IIT. Owner sale- 9124289585. D-1123

Ready to move 2BHK and 3BHK flat for sale near to TATA Ariana and Sum Hospital at Kalinga Vihar. Contact: 9437309741. D-0993

Duplex sale at-Bhubaneswar, @ 57Lakhs only. Contact-9777433701. D-75206

Rajdhani Engineering College SC Plot 15,000sqft. @500/-, 7008711445, 6372801963. D-1114




Spa Kerala body Massage only best Therapist @699/- Bhubaneswar. 9337672475. D-1132

**Newly open Spa positively health benefits with expert therapist. 9938843929.** D-75144

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Reduce stres through professional massage, Spa station, Krishna Plaza, Nayapalli, Contact: 8118079281. D-74567

**Relax, Refresh your body, Mind at Saikrupa Spa with best therapies. 8984068077.** D-1048

Newly healthcare benefited SPA experience therapist Bhubaneswar. Please visit this SPA. 7749034655. D-75139

Asribadda Panchakarma herbal SPA Kesharimall, Bhubaneswar. Contact: 8926173473. D-75025

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

By virtue of an affidavit vide No. 848591 on 30.06.2023 before Executive Magistrate, Bhubaneswar, I Minakshi Sahu, Laxmi Vihar, Bhubaneswar, states that my name Minakhi Sahoo, husband name Suranjeet Sahoo and my daughter name Shushri Snehanjali, wrongly written in my daughter 10th CBSE pass Certificate instead of corrected name as Minakshi Sahu, Husband name- Suranjit Sahu, Daughter name:- Sushree Snehanjali as per Aadhaar and other records. D-1137

ଧରିତ୍ରୀ DHARITRI **Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

I Rashmita Swain, W/o Late Rabi Narayan Jena, At-MIG-1, 19/5, Phase-1, Housing Board Colony, P.O./P.S-Chandrasekharpur, Bhubaneswar, Dist.-Khurdha have changed my minor Son's name from RAJIV LOCHAN JENA to DEVANSH NARAYAN JENA vide affidavit No. CF-77 dtd. 04.03.2023 in the Executive Magistrate, Bhubaneswar for all future purposes.
Sd/.- Rashmita Swain D-1134

I, Aruna Kumar Nayak, S/o- Late Manguli Charan Nayak, resident of Gopalpur, Badhei Sahi, near Banadurga Mandir, Gopalpur, Dist- Cuttack, Pin-753011, Odisha declare by this affidavit No- 9039 dt 23.08.2023 that now onwards I shall be known as ARUN KUMAR NAYAK for all future purposes. D-1138

By virtue of an affidavit vide No. 848590 on 30.06.2023 before Executive Magistrate, Bhubaneswar, I Minakshi Sahu, Laxmi Vihar, Bhubaneswar, states that my name Minakhi Sahoo, husband name Suranjeet Sahoo and my daughter name Shriya Swapnanjali wrongly written in my daughter 10th CBSE pass Certificate instead of corrected name as Minakshi Sahu Husband name Suranjit Sahu, Daughter name:- Shreeya Swapnanjali as per Aadhaar and other records. D-1136

I, Preetish Kumar Dash, resident of At-B/L- 31, VSS Nagar, P.S.- Mancheswar, Bhubaneswar-751007, Odisha declare by this affidavit No. 39 dtd. 19/08/2023 that my father's name is Sidharth Sankar Dash instead of Sidhartha Sankar Dash wrongly mentioned in Passport and now onwards my father's name be known as Sidharth Sankar Dash for all future purpose. D-74572

## ମନେ ପଡ଼ନ୍ତି

**୪୭ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଡାକ୍ତର ହରିଶଙ୍କର ତରାସିଆ**
ତିରୋଧାନ: ୨୫।୦୮।୧୯୭୭
ଆପଣଙ୍କ ମଧୁମୟ ସ୍ମୃତି ଆମ ପ୍ରାଣରେ ଚିରକାଳ ସତେଜ ଓ ସଂଜୀବିତ ରହିଛି। ଦିବ୍ୟଧାମରୁ ଆମମାନଙ୍କୁ ଆଶୀର୍ବାଦ କରୁ ଥାଆନ୍ତୁ।
-:ଶୋକସନ୍ତପ୍ତ:-
ପତ୍ନୀ, ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀମାନେ।
ଧ-୭୧୦୫୯

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱ ସୁମିତ୍ରା ବିଶୋଇ**
ବଡ଼ଦାଣ୍ଡ ସାହି, ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ୦୮।୦୯।୧୯୪୨
ତିରୋଧାନ: ୦୬।୦୮।୨୦୨୨
ଶ୍ରାବଣ ଶୁକ୍ଳପକ୍ଷ ନବମୀ ତିଥି
ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା ବିଶ୍ୱାସ ହେଉନାହିଁ ଏବେ ବି ତୁମର ଅନୁପସ୍ଥିତି ଆମକୁ ମର୍ମାହତ କରୁଛି। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣାଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଲିଙ୍ଗରାଜ, ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁତ୍ର- ସନ୍ତୋଷ, ସନତ, ପୁତ୍ରବଧୂ- କୁନି, ଶାନ୍ତି, ସ୍ନେହ, ନାତି- ସୋନୁ, ଚିନ୍ତୁ, ନାତୁଣୀ- ରୋମି, ପ୍ରୀତି, ନାତୁଣୀଜ୍ୱାଇଁ- ପିଙ୍କୁନ, ନାତୁଣୀବୋହୂ- ସୁକନ୍ୟା ଓ ପରିବାରବର୍ଗ।
ଧ-୭୫୦୨୮

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୨୫/୨୦୨୩ Bhubaneswar, Friday, August 25/ 2023

# କଳିଙ୍ଗ ପୁଲ୍‌ରେ ଟ୍ରେନିଂ ନେବେ ମାନା



ମାନା ପଟେଲ

ଭୁବନେଶ୍ୱର, ୨୪।୮
(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ନବନିର୍ମିତ ଇନ୍‌ଡୋର ଆକ୍ୱାଟିକ୍ ସେଣ୍ଟରରେ ନିକଟରେ ଜାତୀୟ ଜୁନିୟର ଓ ସବ୍‌ଜୁନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍ ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ଏଠାରେ ଉପଲବ୍ଧ ସୁବିଧା ସୁଯୋଗକୁ ଖେଳାଳିଙ୍କଠାରୁ ଆରମ୍ଭ କରି ଅଭିଭାବକଙ୍କ ପର୍ଯ୍ୟନ୍ତ ପ୍ରଶଂସା ନ କରି ରହିପାରି ନାହାନ୍ତି। କଳିଙ୍ଗର ଅତ୍ୟାଧୁନିକ ପୁଲ୍ ଦେଶର ଅଲିମ୍ପିଆନଙ୍କୁ ମଧ୍ୟ ଆକୃଷ୍ଟ କରିବାରେ ଲାଗିଛି। ଫଳ ସ୍ୱରୂପ ହାଙ୍ଗଝୋ ଏସିଆନ ଗେମ୍ସ ପାଇଁ ତାରକା ବ୍ୟାକ୍‌ଷ୍ଟ୍ରୋକ୍ ସୁଇମର ଗୁଜରାଟର ମାନା ପଟେଲ କଳିଙ୍ଗ ପୁଲ୍‌ରେ ଟ୍ରେନିଂ ନେବାକୁ ନିଷ୍ପତ୍ତି ନେଇଛନ୍ତି। ସେ ଟୋକିଓ ଅଲିମ୍ପିକ୍ସରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଓଡ଼ିଶା ଜେଏସ୍‌ଡବ୍ଲ୍ୟୁ ସୁଇମିଂ ଏଚ୍‌ପିସି ଟେକ୍ନିକାଲ ଡାଇରେକ୍ଟର ଡଗ୍‌ଲାସ ଇଗରଙ୍କ ତତ୍ତ୍ୱାବଧାନରେ ମାନା ନିଜକୁ ପ୍ରସ୍ତୁତ କରିବେ।

ହାଇଦ୍ରାବାଦରେ ଗତ ଜୁଲାଇରେ ଅନୁଷ୍ଠିତ ଜାତୀୟ ସିନିୟର ସନ୍ତରଣରେ ଭଲ ପ୍ରଦର୍ଶନ କରିଥିବା ମାନା ଆସନ୍ତା ଏସିଆନ ଗେମ୍ସରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ‘‘ମୁଁ ଅତୀତରେ ଯେପରି ପ୍ରଦର୍ଶନ କରିଥିଲି ତାହାକୁ ପାଥେୟ କରି ଆଗାମୀ ପ୍ରତିଯୋଗିତାରେ ଭଲ କରିବାକୁ ଚେଷ୍ଟା କରିବି। ତେବେ ଏବେ ମୋର ପୂରା ଫୋକସ ଟ୍ରେନିଂ ଉପରେ ରହିଛି। ଏସିଆନ ଗେମ୍ସରେ ଭଲ ପ୍ରଦର୍ଶନ ଏକମାତ୍ର ଲକ୍ଷ୍ୟ’’ ବୋଲି ମାନା ପ୍ରକାଶ କରିଛନ୍ତି। ଭିନ୍ନ ପରିବେଶରେ ଅଭ୍ୟାସ ଲକ୍ଷ୍ୟରେ ମୁଁ ଓଡ଼ିଶାରେ ଟ୍ରେନିଂ ନେବାକୁ ନିଷ୍ପତ୍ତି ନେଇଛି। ଅନେକ ସମୟରେ ପରିବର୍ତ୍ତନ ହିଁ ଭଲ ଫଳ ଦେଇଥାଏ। ଏଠାକାର ପରିବେଶ ବହୁତ ଭଲ। ତେଣୁ ମୁଁ ନିଜ ଟ୍ରେନିଂ ଓ ସୁଇମିଂ ଉପରେ ଅଧିକ ଫୋକସ କରିପାରିବି। ଏଠାରେ ଉପଲବ୍ଧ ସୁବିଧା ସୁଯୋଗରେ ମୁଁ ବହୁତ ଖୁସି। କୋଚ୍ ଏବଂ ଆଥଲେଟ୍ ମଧ୍ୟରେ ଉତ୍ତମ ସମନ୍ୱୟ ଜରୁରୀ। ଏଠାରେ ମୁଁ ତାହା ପାଉଛି। ମୁଁ କୋଚ୍ ଡଗ୍‌ଲାସଙ୍କୁ ଜାଣିବା ଆରମ୍ଭ କରିଛି। ସେ ମଧ୍ୟ ମୋତେ ଜଣେ ବ୍ୟକ୍ତି ଏବଂ ଆଥଲେଟ୍‌ଭାବେ ବୁଝିବାକୁ ଚେଷ୍ଟା କରୁଛନ୍ତି। ଧିରେଧିରେ କୋଚ୍ ଓ ଖେଳାଳିର ସମ୍ପର୍କ ଆଗକୁ ବଢ଼ାଇବା ସହ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବା ନେଇ ଆଶା ରହିଛି ବୋଲି ବୋଲି ସେ କହିଛନ୍ତି। ନିକଟରେ କଳିଙ୍ଗରେ ଅନୁଷ୍ଠିତ ଜାତୀୟ ଜୁନିୟର ଓ ସବ୍‌ଜୁନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍‌ରେ ଅନେକ ପ୍ରତିଭା ସମ୍ପନ୍ନ ସନ୍ତରଣକାରୀ ଜାତୀୟ ରେକର୍ଡ ଭାଙ୍ଗିଛନ୍ତି। ଏ ସମ୍ପର୍କରେ ମାନାଙ୍କ ମତ ହେଲା ଭାରତୀୟ ସୁଇମିଂ ଉତ୍ତମ ଦିଶାରେ ଯାଉଛି ଦେଖି ଖୁସି ଲାଗୁଛି। ଏକ ନୂଆ ପିଢ଼ିର ସୁଇମର ଆସୁଛନ୍ତି। ସେମାନେ ଆଗାମୀ ଦିନରେ ଆହୁରି ଭଲ ପ୍ରଦର୍ଶନ କରିପାରିବେ। ଉଦାହରଣ ସ୍ୱରୂପ କର୍ଣ୍ଣାଟକର ଧିନିଧି ଦେସିଙ୍ଘୁ ଗତ ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରି ମୋ ରେକର୍ଡ ଭାଙ୍ଗିଥିଲେ। ଏହି ବୟସରୁ ଯଦି ସେ ଏଭଳି ପ୍ରଦର୍ଶନ କରିପାରୁଛନ୍ତି ତେବେ ଆଗାମୀ ଦିନରେ ନିଶ୍ଚିତ ଆହୁରି ଭଲ କରିପାରିବେ। ଭାରତୀୟ ସନ୍ତରଣରେ ଏପରି ହେଉଥିବା ଦେଖି ମୋତେ ବହୁତ ଖୁସି ଲାଗୁଛି। ଯୁବ ପିଢ଼ିଙ୍କ ପ୍ରଭାବ କିପରି ରହୁଛି ତାହା ଦେଖିବାକୁ ମୁଁ ଉତ୍ସାହିତ ଅଛି’’ ବୋଲି ମାନା ପ୍ରକାଶ କରିଛନ୍ତି।




# ଏସିଆ କପ୍ ପୂର୍ବରୁ କଣ୍ଡିଶନିଂ କ୍ୟାମ୍ପ

ବେଙ୍ଗାଲୁରୁ, ୨୪।୮ (ପି.ଟି.)

ଏସିଆ କପ୍ କ୍ରିକେଟ ୨୦୨୩ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି ଭାରତୀୟ କ୍ରିକେଟ ଦଳ। ଅଧିନାୟକ ରୋହିତ ଶର୍ମାଙ୍କ ଅଧୀନରେ ଭାରତୀୟ ଦଳର ସମସ୍ତ ଖେଳାଳି କଠିନ ଅଭ୍ୟାସ କରିବା ସହିତ ୟୋ ୟୋ ଟେଷ୍ଟରେ ଅଂଶଗ୍ରହଣ କରିଥିଲେ। ବେଙ୍ଗାଲୁରୁର ଆଲୁରସ୍ଥିତ କେସିଏସ୍‌ଏ ଷ୍ଟାଡିୟମରେ ୬ ଦିନିଆ କ୍ୟାମ୍ପ ଗୁରୁବାରଠାରୁ ଆରମ୍ଭ ହୋଇଛି। ଗୁରୁବାରର ୟୋ ୟୋ ଟେଷ୍ଟରେ ବିରାଟ କୋହଲି ସର୍ବାଧିକ ୧୭.୨ ପଏଣ୍ଟ ସ୍କୋର କରିଥିଲେ। ବିସିସିଆଇ ପକ୍ଷରୁ ୧୬.୫କୁ ପାସ୍ ମାର୍କ ରଖାଯାଇଥିଲା। ବିରାଟଙ୍କ ବ୍ୟତୀତ ଅଧିନାୟକ ରୋହିତ ଶର୍ମା ଓ ଉପ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ ୟୋ ୟୋ ଟେଷ୍ଟରେ ଭାଗ ନେବା ସହିତ ପାସ କରିଥିଲେ। ୟୋ ୟୋ ଟେଷ୍ଟ ସମାପନ ହୋଇଥିବା ବେଳେ ଖୁବ୍ ଶୀଘ୍ର ବିସିସିଆଇ ନିକଟକୁ ଏହାର ରିପୋର୍ଟ ପ୍ରେରଣ କରାଯିବ। ଅନ୍ୟ ଖେଳାଳିମାନେ ଏହି ଦଳରେ ଯୋଗ ଦେଇଥିବା ବେଳେ ଯଶପ୍ରୀତ୍ ବୁମରା, ପ୍ରସିଦ୍ଧ କ୍ରିଷ୍ଣା, ସଞ୍ଜୁ ସାମସନ୍ ଓ ତିଳକ ବର୍ମା ଶୁକ୍ରବାର ଦଳ ସହିତ ଯୋଗ ଦେବେ। ଆୟର୍ଲାଣ୍ଡରେ ଟି୨୦ ସିରିଜ୍ ଖେଳି ଏହି ୪ ଖେଳାଳି ପ୍ରତ୍ୟାବର୍ତ୍ତନ କରିବା ପରେ କଣ୍ଡିଶନିଂ କ୍ୟାମ୍ପରେ ଯୋଗ ଦେବେ।

କ୍ୟାମ୍ପର ପ୍ରଥମ ଦିନରେ ଅଧିକାଂଶ ଆକ୍ଟିଭିଟି ଇନ୍‌ଡୋର ରହିଥିବା ବେଳେ ୟୋ ୟୋ ଟେଷ୍ଟ ପରେ ଆଉଟଡୋର ଆକ୍ଟିଭିଟି ମଧ୍ୟ କରାଯାଇଥିଲା। ତେବେ ଆୟର୍ଲାଣ୍ଡରୁ ପ୍ରତ୍ୟାବର୍ତ୍ତନ କରିଥିବା ଖେଳାଳିଙ୍କୁ ୟୋ ୟୋ ଟେଷ୍ଟରେ ସାମିଲ କରାଯିବ ନାହିଁ। ଏହି କ୍ୟାମ୍ପରେ ଖେଳାଳିମାନଙ୍କୁ ବିଭିନ୍ନ ମେଡିକାଲ ଟେଷ୍ଟର ସାମ୍ନା କରିବାକୁ ପଡିବ। ଲିପିଡ୍ ପ୍ରୋଫାଇଲ, ବ୍ଲଡ୍ ସୁଗାର, ୟୁରିକ୍ ଏସିଡ୍, କ୍ୟାଲସିୟମ, ଭିଟାମିନ୍ ବି୧୨ ଓ ଡି, କ୍ରେଟାନିନ୍, ଟେଷ୍ଟୋଷ୍ଟେରନ ଓ ଡେକ୍ସା ଟେଷ୍ଟ ସମ୍ପନ୍ନ କରାଯିବ। ଆଉଟଡୋର ସେସନରେ ଖେଳାଳିମାନଙ୍କ ମଧ୍ୟରେ ମ୍ୟାଚ୍ କରାଯିବ। ବ୍ୟାଟିଂ କୋଚ୍ ବିକ୍ରମ ରାଠୋର ଓ ମୁଖ୍ୟ କୋଚ ରାହୁଲ ଦ୍ରାଭିଡ ଏହି ପ୍ରଦର୍ଶନର ସମୀକ୍ଷା କରିବେ।

ଏସିଆ କପ୍ ଦଳରେ ସ୍ଥାନ ପାଇଥିବା ଲୋକେଶ ରାହୁଲଙ୍କ ଉପରେ ସ୍ୱତନ୍ତ୍ର ଦୃଷ୍ଟି ରହିବ। ଏକ ନିଗଲ(ଛୋଟ ଆଘାତ) ରହିଥିଲେ ମଧ୍ୟ ସର୍ତ୍ତମୂଳକ ଭାବରେ ରାହୁଲଙ୍କୁ ଏସିଆ କପ୍ ଦଳରେ ସାମିଲ କରାଯାଇଥିଲା। ଏହି କାରଣରୁ ସଞ୍ଜୁ ସାମସନ୍ ବ୍ୟାକ ଅପ୍ ଖେଳାଳି ଭାବରେ ଭାରତୀୟ ଦଳ ସହିତ ଯାତ୍ରା କରୁଛନ୍ତି। ରାହୁଲଙ୍କ ବ୍ୟାଟିଂ ଫିଟ୍‌ନେସକୁ ନେଇ କୌଣସି ସମସ୍ୟା ନ ଥିବା ବେଳେ ଉଇକେଟ କିପିଂକୁ ନେଇ ମ୍ୟାନେଜମେଣ୍ଟ ଦ୍ୱନ୍ଦ୍ୱରେ ରହିଛି। ୩୧ ବର୍ଷୀୟ



ଗୁରୁବାର ଅନୁଷ୍ଠିତ ଟ୍ରେନିଂ କ୍ୟାମ୍ପରେ ବିରାଟ କୋହଲି।

## ଫୋକସରେ ଲୋକେଶ ରାହୁଲ

ରାହୁଲ ନେଟ୍‌ରେ କିଭଳି ପ୍ରଦର୍ଶନ କରୁଛନ୍ତି ଏହା ଦେଖିବା ପରେ ଚୂଡାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡିଛି। ଆହତ ସମସ୍ୟାରୁ ପ୍ରତ୍ୟାବର୍ତ୍ତନ କରିଥିବା ଅନ୍ୟତମ ଖେଳାଳି ଶ୍ରେୟସ ଆୟରଙ୍କ ଉପରେ ମଧ୍ୟ ସମସ୍ତଙ୍କ ନଜର ରହିବ। ଆୟର ଦୀର୍ଘ ଦିନ ଧରି ଆହତ ହୋଇ ଫେରିଥିବାରୁ ତାଙ୍କ ଅଭ୍ୟାସ ଉପରେ ମଧ୍ୟ ନଜର ରହିବ। ଲୋକେଶ ରାହୁଲ ୟୋ ୟୋ ଟେଷ୍ଟରେ ଭାଗ ନେବେ ନାହିଁ ବୋଲି ସ୍ପଷ୍ଟ ହୋଇଥିବା ବେଳେ ଆୟର କିନ୍ତୁ ୟୋ ୟୋ ଟେଷ୍ଟରେ ଅଂଶଗ୍ରହଣ କରିବେ। ଭାରତୀୟ ଦଳ ଆସନ୍ତା ଅଗଷ୍ଟ ୨୯ ତାରିଖ ପର୍ଯ୍ୟନ୍ତ ଆଲୁରରେ କ୍ୟାମ୍ପ କରିବା ପରେ ୩୦ ତାରିଖରେ କଲମ୍ବୋ ଗସ୍ତ କରିବ। ଅଗଷ୍ଟ ୩୦ରୁ ସେପ୍ଟେମ୍ବର ୧୭ ପର୍ଯ୍ୟନ୍ତ ଏସିଆ କପ୍ ଅନୁଷ୍ଠିତ ହେବ। ଭାରତ ସେପ୍ଟେମ୍ବର ୨ ତାରିଖରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ।

## ଭାରତ ପାଇଁ ସପ୍ତମ ଅଲିମ୍ପିକ କୋଟା ହାସଲ କଲେ ରାଜେଶ୍ୱରୀ

**ବାକୁ, ୨୪।୮ (ପି.ଟି.):** ଭାରତର ଟ୍ରାପ୍ ଶୁଟର ରାଜେଶ୍ୱରୀ କୁମାରୀ ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ୫ମ ସ୍ଥାନ ଅଧିକାର କରିଛନ୍ତି। ଏଥିସହ ସେ ୨୦୨୪ ପ୍ୟାରିସ ଅଲିମ୍ପି ପାଇଁ ଦେଶ ଲାଗି ୭ମ କୋଟା ହାସଲ କରିଛନ୍ତି। ୩୧ବର୍ଷୀୟା ରାଜେଶ୍ୱରୀ ହେଉଛନ୍ତି କିମ୍ବଦନ୍ତୀ ଶଟ୍‌ଗନ୍ ଶୁଟର ଏବଂ ଦେଶର ଅନ୍ୟତମ ଦକ୍ଷ କ୍ରୀଡ଼ା ପ୍ରଶାସକ ରଣଧୀର ସିଂଙ୍କ ଝିଅ। ସାଗୁନ ଚୌଧାରୀଙ୍କ ପରେ ମହିଳା ଟ୍ରାପ୍‌ରେ ଅଲିମ୍ପିକ କୋଟା ହାସଲ କରିବାରେ ସେ ଦ୍ୱିତୀୟ ଟ୍ରାପ୍ ଶୁଟର। ଫାଇନାଲରେ ସେ ୩୦ଟି ଶଟ୍‌ରୁ ମାତ୍ର ୧୯ସ୍କୋର କରିପାରିଥିଲେ। ସୂଚନାଯୋଗ୍ୟ, ଏସିଆନ ଗେମ୍ସ (୧୯୭୮, ବ୍ୟାଙ୍କକ୍)ରେ ଏକ ସ୍ୱର୍ଣ୍ଣ ଜିତିବାରେ ରାଜେଶ୍ୱରୀ ହେଉଛନ୍ତି ପ୍ରଥମ ଭାରତୀୟ ମାର୍କ୍ସମ୍ୟାନ। କ୍ୱାଲିଫିକେଶନର ସମସ୍ତ ୫ ରାଉଣ୍ଡରେ ସେ ଚମତ୍କାର ପ୍ରଦର୍ଶନ କରିଥିଲେ। ସର୍ବାଧିକ ୧୨୫ରୁ ୧୨୦ ସ୍କୋର ସହ ତୃତୀୟ ସ୍ଥାନ ଅଧିକାର କରି ଫାଇନାଲରେ ପ୍ରବେଶ କରିଥିଲେ। ଚାଇନାର ୟୁ ଲିନ୍ ୫୦ ଶଟ୍‌ରୁ ୪୦ ସ୍କୋର କରି ସ୍ୱର୍ଣ୍ଣ ପଦକ ଲାଭ କରିଥିବା ବେଳେ ଇଟାଲୀର ଜେସିକା ରୋସି ୩୯ ସ୍କୋର ସହ ରୌପ୍ୟ ଏବଂ ଜର୍ମାନୀର କାଥରିନ୍ ମୁର୍ଚି ୨୮/୪୦ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

## ରେସ୍‌ଲିଂ ଟ୍ରାଏଲ୍ସ ହେବ

**ନୂଆଦିଲ୍ଲୀ, ୨୪।୮(ପି.ଟି.):** ଠିକଣା ସମୟରେ ନିର୍ବାଚନ କରାଇପାରି ନ ଥିବାରୁ ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ଖେଳର ବିଶ୍ୱ ପରିଚାଳନ ପରିଷଦ (ୟୁଡବ୍ଲ୍ୟୁଡବ୍ଲ୍ୟୁ) ଦ୍ୱାରା ସସ୍‌ପେଣ୍ଡ ହୋଇଥିଲେ ମଧ୍ୟ ଆଗାମୀ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଭାରତୀୟ କୁସ୍ତି ଦଳ ଚୟନ ଲାଗି ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଅଗଷ୍ଟ ୨୫-୨୬ରେ ଟ୍ରାଏଲ୍ସ ଅନୁଷ୍ଠିତ ହେବ। ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ଦ୍ୱାରା ଗଠିତ ଆଡ୍‌ହକ ପ୍ୟାନେଲ ମୁଖ୍ୟ ଭୂପିନ୍ଦର ସିଂ ବାଜୱା ଏହା ପ୍ରକାଶ କରିଛନ୍ତି।

# ସେମିରେ ନର୍ଥ ଇଷ୍ଟ ୟୁନାଇଟେଡ୍ ଏଫ୍‌ସି

ଗୁଆହାଟୀ, ୨୪।୮ (ପି.ଟି.)

ଡୁରାଣ୍ଡ କପ୍ ଫୁଟବଲ ଟୁର୍ନାମେଣ୍ଟର ସେମି ଫାଇନାଲରେ ପ୍ରବେଶ କରିଛି ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି। ଗୁରୁବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚରେ ଦଳ ୧-୦ ଗୋଲରେ ଇଣ୍ଡିଆନ୍ ଆର୍ମିକୁ ପରାସ୍ତ କରିଛି। ମ୍ୟାଚର ୫୧ ତମ ମିନିଟରେ ଫାଲ୍ଗୁନି ସିଂ ନର୍ଥଇଷ୍ଟ ପକ୍ଷରୁ ନିର୍ଣ୍ଣାୟକ ଗୋଲ ସ୍କୋର କରିଥିଲେ।

ଇଣ୍ଡିଆନ୍ ଆର୍ମି ଦୁଇଟି ପରିବର୍ତ୍ତନ ସହିତ ଓହ୍ଲାଇଥିଲା। ବାସନ୍ଦ ପରେ ଅଧିନାୟକ ଭବୀନ୍ଦ୍ର ମଲ୍ଲ ଠାକୁରୀ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ଲିଟନ୍ ଶିଲ୍ ଷ୍ଟାର୍ଟିଂ ଲାଇନ୍ ଅପ୍‌ରେ ସାମିଲ ଥିଲେ। ନର୍ଥଇଷ୍ଟ କୋଚ୍ ଜୁଆନ୍ ପେଡ୍ରୋ ବେନାଲି ଦଳରେ ୫ ପରିବର୍ତ୍ତନ କରିଥିଲେ। ଆରମ୍ଭରୁ ନର୍ଥଇଷ୍ଟ ଦଳ ମ୍ୟାଚ ଓ ବଲ୍ ପଜେଶନକୁ ନିୟନ୍ତ୍ରଣରେ ରଖିଥିଲା। ତେବେ ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ଭାବରେ ଶେଷ ହୋଇଥିଲା। ଲିଟନ୍ ଶିଲ୍ ଗୋଲ ସ୍କୋର କରିବାର ସୁଯୋଗ ସୃଷ୍ଟି କରିଥିଲେ ହେଁ ବିଫଳ ହୋଇଥିଲେ। ଦ୍ୱିତୀୟାର୍ଦ୍ଧରେ ମାନବୀର ସିଂ ଓ ନେଷ୍ଟର ରଜର ସବଷ୍ଟିଚ୍ୟୁଟ ଭାବରେ ଆସିବା ପରେ ନର୍ଥଇଷ୍ଟ ଦୃଢ ପ୍ରଦର୍ଶନ କରିଥିଲା। ୫୧ ତମ ମିନିଟରେ ଫାଲ୍ଗୁନି ସିଂ ନିର୍ଣ୍ଣାୟକ ଗୋଲ ସ୍କୋର କରିଥିଲେ।



ନର୍ଥ ଇଷ୍ଟ ୟୁନାଇଟେଡ ଓ ଇଣ୍ଡିଆନ୍ ଆର୍ମି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।










4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ




**ଶ୍ରେଷ୍ଠ ଅଭିନେତା ଅଲ୍ଲୁ ଅର୍ଜୁନ**

୬୯ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ୨୦୨୩ରେ ଫିଲ୍ମ 'ପୁଷ୍ପା: ଦି ରାଇଜ୍'ର ଅଲ୍ଲୁ ଅର୍ଜୁନ ଶ୍ରେଷ୍ଠ ଅଭିନେତା ଭାବେ ବିବେଚିତ ହୋଇଛନ୍ତି। **୦୨**

**୦୭** **ଚମତ୍କାରୀ ଚିନ୍ମୟୀ**

ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଦକ୍ଷତା ଦେଖାଇ ରାଜ୍ୟ ଏବଂ ଦେଶକୁ ଗର୍ବିତ କରିଛନ୍ତି କରାଟେକା ଚିନ୍ମୟୀ ଭୂୟାଁ। ନିକଟରେ ସେ ୱାର୍ଲ୍ଡ ପୋଲିସ ଆଣ୍ଡ ଫାୟାର ଗେମ୍ସରେ ୨ଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି।




# ଭାରତୀୟ କୁସ୍ତି ମହାସଂଘ ସସ୍‌ପେଣ୍ଡ

**ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ)କୁ ଗୁରୁବାର ଶକ୍ତ ଧକ୍କା ଲାଗିଛି। ଠିକ୍ ସମୟରେ ନିର୍ବାଚନ କରି ନ ପାରିବାରୁ ଏହାକୁ ୟୁନାଇଟେଡ୍ ୱାର୍ଲ୍ଡ ରେସ୍‌ଲିଂ ସସ୍‌ପେଣ୍ଡ କରିଛି। ଫଳରେ ଆଗାମୀ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାରତୀୟ ରେସଲରମାନେ ଜାତୀୟ ପତାକା ଅଧୀନରେ ପ୍ରତିନିଧିତ୍ୱ କରିପାରିବେନି। ସେମାନଙ୍କୁ ନିରପେକ୍ଷ ଆଥଲେଟ ଭାବେ ଏହି ମେଗା ଇଭେଣ୍ଟରେ ଅଂଶଗ୍ରହଣ କରିବାକୁ ପଡ଼ିବ। ଡବ୍ଲ୍ୟୁଏଫ୍‌ଆଇର ପୂର୍ବତନ ସଭାପତି ତଥା ଭାଜପା ଏମ୍‌ପି ବ୍ରିଜ ଭୂଷଣ ଶରଣ ସିଂଙ୍କ ନାମରେ ମହିଳା କୁସ୍ତିଯୋଦ୍ଧାମାନେ ଯୌନ ଶୋଷଣ ଅଭିଯୋଗ ଆଣିବା ପରେ ଦେଶ ବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ତାଙ୍କୁ ସଂଘରୁ ବିଦା କରିବା ଲାଗି ଢେର ଦିନ ଲାଗିଯାଇଥିଲା। ଅନ୍ୟପଟେ କେତେକ ରାଜ୍ୟ ସଂଘ ଭୋଟ୍ ଅଧିକାର ଦାବି କରି କୋର୍ଟର ଆଶ୍ରୟ ନେବାରୁ ନିର୍ବାଚନ ସ୍ଥଗିତ ରହିଛି।**

**ନୂଆଦିଲ୍ଲୀ, ୨୪।୮ (ପି.ଟି.)**

ଠିକଣା ସମୟରେ ନିର୍ବାଚନ ନ କରିପାରିଥିବାରୁ ୟୁନାଇଟେଡ୍ ୱାର୍ଲ୍ଡ ରେସ୍‌ଲିଂ (ୟୁଡବ୍ଲ୍ୟୁଡବ୍ଲ୍ୟୁ) ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ)କୁ ସସ୍‌ପେଣ୍ଡ କରିଛି। ଫଳତଃ ଆଗାମୀ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାରତୀୟ କୁସ୍ତିଯୋଦ୍ଧାମାନଙ୍କୁ ଭାରତୀୟ ପତାକା ଅଧୀନରେ ଖେଳିବାକୁ ଅନୁମତି ମିଳିବ ନାହିଁ। ଭାରତୀୟ କୁସ୍ତି ଯୋଦ୍ଧାମାନେ ସେପ୍ଟେମ୍ବର ୧୬ରୁ ଆରମ୍ଭ ହେବାକୁଥିବା ଅଲିମ୍ପିକ କ୍ୱାଲିଫାଇଂ ବିଶ୍ୱ ଚାମ୍ପିୟନଶିପ୍‌ରେ ନିରପେକ୍ଷ ଆଥ୍‌ଲେଟ ଭାବେ ଅଂଶଗ୍ରହଣ କରିବେ। ଭୂପିନ୍ଦର ସିଂ ବାଜୱାଙ୍କ ନେତୃତ୍ୱାଧୀନ ଆଡହକ୍ ପ୍ୟାନେଲକୁ ୪୫ ଦିନ ମଧ୍ୟରେ ନିର୍ବାଚନ କରିବା ଲାଗି ନିର୍ଦ୍ଦେଶ ଥିଲା। ମାତ୍ର ତାହା କାର୍ଯ୍ୟକାରୀ ହୋଇପାରି ନ ଥିଲା। ପଟିଆଲାଠାରେ ବିଶ୍ୱ ଚାମ୍ପିୟନଶିପ୍ ଟ୍ରାଏଲ୍ସର ଦିନକୁ ପୂର୍ବରୁ ଡବ୍ଲ୍ୟୁଏଫ୍‌ଆଇ ସସ୍‌ପେଣ୍ଡ ହୋଇଛି। ମହିଳା କୁସ୍ତିଯୋଦ୍ଧା ଯୌନ ଶୋଷଣ ମାମଲାରେ ବିବାଦୀୟ ପରିସ୍ଥିତିରେ ବ୍ରିଜ ଭୂଷଣ ଶରଣ ସିଂ ସଭାପତି ପଦବୀରୁ ବହିଷ୍କୃତ ହେବାପରେ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ଡବ୍ଲ୍ୟୁଏଫ୍‌ଆଇର ଦୈନନ୍ଦିନ ବ୍ୟାପାର ସାମୟିକ ଭାବେ ବୁଝାଶୁଝା କରିବା ଲାଗି ଏପ୍ରିଲ ୨୭ରେ ଏକ ଆଡ୍‌ହକ ପ୍ୟାନେଲ ଗଠନ କରିଥିଲା। ଏହାକୁ ୪୫ ଦିନ ମଧ୍ୟରେ ନିର୍ବାଚନ କରିବାକୁ କୁହାଯାଇଥିଲା। ଧାର୍ଯ୍ୟ ସମୟସୀମା ମଧ୍ୟରେ ନିର୍ବାଚନ କାର୍ଯ୍ୟ ଯଦି ସମ୍ପାଦନ କରା ନ ଯାଏ ତେବେ ଭାରତୀୟ କୁସ୍ତି ମହାସଂଘକୁ ସସ୍‌ପେଣ୍ଡ କରିଦିଆଯିବ ବୋଲି ୟୁଡବ୍ଲ୍ୟୁଡବ୍ଲ୍ୟୁ ପକ୍ଷରୁ ଚେତାବନୀ ଦିଆଯାଇଥିଲା। ୟୁଡବ୍ଲ୍ୟୁଡବ୍ଲ୍ୟୁ ବୁଧବାର ରାତିରେ ଆଡ୍‌ହକ ପ୍ୟାନେଲ ସହ ଯୋଗାଯୋଗ କରିଥିଲା। କାର୍ଯ୍ୟନିର୍ବାହୀ କମିଟି ପାଇଁ ନିର୍ବାଚନ କରି ନ ପାରିଥିବାରୁ ଏହାକୁ ସସ୍‌ପେଣ୍ଡ କରାଗଲା ବୋଲି କହିଥିଲା। ଅନ୍ୟପକ୍ଷରେ ଆଡ୍‌ହକ ପ୍ୟାନେଲର ଜଣେ ଅନ୍ୟତମ ସଦସ୍ୟ ଜ୍ଞାନ ସିଂ କହିଛନ୍ତି, ଘଟଣାର ଅଗ୍ରଗତି ସମ୍ପର୍କରେ ବାଜୱା ସେମାନଙ୍କୁ ଅନ୍ଧାରରେ ରଖିଥିଲେ। ସେମାନେ ନିଷ୍ପତ୍ତି ନେବାର ଅଧିକାର ହରାଇଥିବା ବିଷୟ ଅବଗତ କରାଇ ନ ଥିଲେ। ଡବ୍ଲ୍ୟୁଏଫ୍‌ଆଇ ସସ୍‌ପେଣ୍ଡ ହୋଇଥିବା ବିଷୟ ସେ ଶୁଣିବାକୁ ପାଇଛନ୍ତି, କିନ୍ତୁ ବର୍ତ୍ତମାନ ଆଡ୍‌ହକ ପ୍ୟାନେଲ କ'ଣ କରିବ ତାହା ସେ ଜାଣିପାରୁ ନାହାନ୍ତି। ୱାର୍ଲ୍ଡ ଟ୍ରାଏଲ୍ସ ପାଇଁ ମାନଦଣ୍ଡ କିପରି ଚୂଡ଼ାନ୍ତ ହୋଇଛି ତାହା ମଧ୍ୟ ସେ ଜାଣନ୍ତି ନାହିଁ। ସୂଚନାଯୋଗ୍ୟ, ନିକଟରେ ଅମାନଠାରେ ଅନୁଷ୍ଠିତ ୨୦ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାରତୀୟ ମହିଳା ଦଳ ଜାପାନ ଓ ୟୁଏସ୍‌ଏ ଭଳି ପାୱାରହାଉସ୍‌କୁ ପଛରେ ପକାଇ ଭାରତୀୟ କୁସ୍ତି ଇତିହାସରେ ☞ପୃଷ୍ଠା–୬

## ୨୦୨୬ ସୁଦ୍ଧା ଡେଙ୍ଗୁ ଟିକା

**ହାଇଦ୍ରାବାଦ, ୨୪।୮**

୨୦୨୬ ଜାନୁୟାରୀ ସୁଦ୍ଧା ଡେଙ୍ଗୁ ଜ୍ୱର ଟିକା ବଜାରକୁ ଆଣିବା ଲାଗି ଭାକ୍ସିନ ଉତ୍ପାଦନକାରୀ ଇଣ୍ଡିଆନ୍ ଇମ୍ୟୁନୋଲୋଜିକାଲ୍ସ ଲିଃ (ଆଇଆଇଏଲ୍) ଆଶାବାଦୀ ଥିବା ଏହାର ଏମ୍‌ଡି ସୂଚନା ଦେଇଛନ୍ତି। ଭାରତରେ ଡେଙ୍ଗୁ ଜ୍ୱର ଗତ କିଛିବର୍ଷ ହେଲା ଏକ ବଡ଼ ସ୍ୱାସ୍ଥ୍ୟ ସମସ୍ୟା ହୋଇ ରହିଛି। ଚଳିତ ବର୍ଷ ଜାନୁୟାରୀରୁ ଜୁଲାଇ ୩୧ ମଧ୍ୟରେ ୩୧,୪୬୪ ଡେଙ୍ଗୁ ମାମଲା ଚିହ୍ନଟ ହୋଇଥିବାବେଳେ ୩୬ ଜଣଙ୍କ ମୃତ୍ୟୁ ଘଟିଛି। କୋଭିଡ୍ ମହାମାରୀ ସମୟରେ ଡେଙ୍ଗୁ ସଂକ୍ରମଣ ହ୍ରାସ ପାଇଥିବାବେଳେ ୨୦୨୧ ଓ ୨୦୨୨ ମଧ୍ୟରେ ଏହା ୨୧ ପ୍ରତିଶତ ବୃଦ୍ଧି ପାଇଥିଲା। ଡେଙ୍ଗୁ ଭାକ୍ସିନ୍‌ର ପ୍ରଥମ ପର୍ଯ୍ୟାୟ ପରୀକ୍ଷା ୧୮ରୁ ୫୦ ବର୍ଷ ବୟସର ୯୦ ଜଣଙ୍କ ଉପରେ କରାଯାଇଥିଲା, ଯେଉଁଥିରେ କୌଣସି ପ୍ରତିକୂଳ ପ୍ରଭାବ ଦେଖାଯାଇ ନ ଥିଲା ବୋଲି ପରିଚାଳନା ନିର୍ଦ୍ଦେଶକ କେ. ଆନନ୍ଦ କୁମାର କହିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ପାଇଁ ୨ରୁ ୩ ବର୍ଷ ଲାଗିଯିବ। ତେଣୁ ୨୦୨୬ ଜାନୁୟାରୀରେ ଡେଙ୍ଗୁ ଟିକାର ବ୍ୟବସାୟିକ ବିକ୍ରି ଆରମ୍ଭ କରିବାକୁ ଲକ୍ଷ୍ୟ ରଖାଯାଇଥିବା କୁମାର କହିଛନ୍ତି।

# ପ୍ରିଗୋଝିନ୍‌ଙ୍କ ମୃତ୍ୟୁରେ ପୁଟିନ୍‌ଙ୍କ ହାତ ସନ୍ଦେହ

**ମସ୍କୋ, ୨୪।୮**

ରୁଷିଆର ଶକ୍ତିଶାଳୀ ଘରୋଇ ସେନା ୱାଗନର ମୁଖ୍ୟ ୟେଭ୍‌ଗେନି ପ୍ରିଗୋଝିନ୍ ବୁଧବାର ରାତିରେ ଘଟିଥିବା ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ବିରୋଧରେ ସଶସ୍ତ୍ର ବିଦ୍ରୋହର ୨ ମାସ ପରେ ଏହା ଘଟିଥିବାରୁ ନାନା ସନ୍ଦେହ ଉପୁଜିଛି। ପ୍ରିଗୋଝିନ୍‌ଙ୍କ ମୃତ୍ୟୁକୁ ନେଇ କ୍ରେମ୍‌ଲିନ କିମ୍ବା ରୁଷିଆର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଆନୁଷ୍ଠାନିକ ଭାବେ କୌଣସି ମନ୍ତବ୍ୟ ଦିଆଯାଇନଥିଲେ ହେଁ, ଦୁର୍ଘଟଣାର ପ୍ରାୟ ୨୪ ଘଣ୍ଟା ପରେ ପୁଟିନଙ୍କ ମନ୍ତବ୍ୟ ଆସିଛି। ଏକ ଟେଲିଭିଜନ୍ ବାର୍ତ୍ତାରେ ପୁଟିନ ପ୍ରିଗୋଝିନ୍‌ଙ୍କୁ ଭୁଲ୍ କରିଥିବା ଜଣେ ନିପୁଣ ବ୍ୟକ୍ତିଭାବେ ଅଭିହିତ କରିଛନ୍ତି।

ମସ୍କୋରୁ ପ୍ରାୟ ୧୦୦ କି.ମି. ଦୂରରେ ଟିଭ୍ରେ ଅଞ୍ଚଳର ଏକ ଗାଁ ପାଖରେ ପ୍ରିଗୋଝିନ୍‌ଙ୍କ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବିମାନରେ ଥିବା ସମସ୍ତ ୩ କ୍ରିୟୁ ମେମ୍ବର ଓ ୭ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା, ଯାହାଙ୍କ ମଧ୍ୟରେ ପ୍ରିଗୋଝିନ୍ ଅଛନ୍ତି। ଦେଖିବାକୁ ଗଲେ ଷ୍ଟ୍ରଙ୍ଗମ୍ୟାନ୍ ପୁଟିନ୍‌ଙ୍କ ବିରୋଧରେ ବିଦ୍ରୋହ କିମ୍ବା ତାଙ୍କ ଶାସନକୁ ସମାଲୋଚନା କରିଥିବା କୌଣସି ବ୍ୟକ୍ତି ଜୀବିତ ରହି ନ ଥାନ୍ତି। ଗତବର୍ଷ ଡିସେମ୍ବରରେ ଓଡ଼ିଶାର ରାୟଗଡ଼ା ସ୍ଥିତ ଏକ ହୋଟେଲରେ ୨ ରୁଷୀୟ ପର୍ଯ୍ୟଟକଙ୍କ ରହସ୍ୟଜନକ ମୃତ୍ୟୁ ହେଉ କିମ୍ବା ଦେଶର ବିରୋଧୀ ଦଳ ନେତା ଆଲେକ୍ସି ☞ପୃଷ୍ଠା–୬



ୱାଗନର ମୁଖ୍ୟ ୟେଭ୍‌ଗେନି ପ୍ରିଗୋଝିନ୍

### ୟେଭ୍‌ଗେନି ପ୍ରିଗୋଝିନ୍ କିଏ

- ୨୦୨୨ ଫେବୃୟାରୀ ୨୪ରେ ୟୁକ୍ରେନ ବିରୋଧରେ ରୁଷୀୟ ସୈନ୍ୟଙ୍କ ଯୁଦ୍ଧ ପରେ ପ୍ରିଗୋଝିନ୍‌ଙ୍କ ପ୍ରାଧାନ୍ୟ ବଢ଼ିଥିଲା। ଜେଲରେ ଦଣ୍ଡାଦେଶ ଭୋଗୁଥିବା ତାଙ୍କ ସେନା ୱାଗନର ଫାଇଟର୍‌ମାନଙ୍କୁ ବାଖ୍‌ମୁଟ୍‌ରେ ଯୁଦ୍ଧ ପାଇଁ ନିଯୁକ୍ତି ଦିଆଯାଇଥିଲା। ବାଖ୍‌ମୁଟ୍‌ରେ ହିଁ ଚାଲିଥିଲା ୟୁକ୍ରେନ ବିରୋଧରେ ସବୁଠୁ ଦୀର୍ଘ ରକ୍ତାକ୍ତ ଯୁଦ୍ଧ। ସେତେବେଳେ ପ୍ରିଗୋଝିନ୍ ସୋସିଆଲ୍ ମିଡିଆରେ ୱାଗନରର ସଫଳତା ସମ୍ପର୍କରେ ଉଲ୍ଲେଖ କରିଥିଲେ।
- ଗତ ଜୁନରେ ପ୍ରିଗୋଝିନ୍‌ଙ୍କ ନେତୃତ୍ୱରେ ୱାଗନର୍ ସେନା ସାମରିକ ଦୁର୍ଗ ସହ ରୋଷ୍ଟୋଭ୍-ଅନ୍-ଡନ୍‌କୁ ଦଖଲ କରିଥିଲେ। ୱାଗନର ସୈନ୍ୟମାନେ ଅନେକ ସେନା ହେଲିକପ୍ଟରକୁ ☞ପୃଷ୍ଠା–୬







## ଖସିଲା ଶେୟାର ବଜାର କାରବାର

**ନୂଆଦିଲ୍ଲୀ:** ଭାରତୀୟ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଗୁରୁବାର ଷ୍ଟକ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୮୧ (୧୮୦.୯୬) ପଏଣ୍ଟ କମି ୬୫,୨୫୨(୬୫,୨୫୨.୩୪) ଅଙ୍କରେ କାରବାର ବନ୍ଦ ହୋଇଥିଲାବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୫୭(୫୭.୩୦) ପଏଣ୍ଟ ହ୍ରାସ ଘଟି ୧୯,୩୮୬ (୧୯,୩୮୬.୭୦) ଅଙ୍କରେ କାରବାର ବନ୍ଦ ହୋଇଛି।

# ଚଳିତ ଆର୍ଥିକ ବର୍ଷରେ ୨୫,୦୦୦ କୋଟିର ବ୍ୟବସାୟ ଆକଳନ

ଭୁବନେଶ୍ୱର,୨୪।୮ (ଅଭୟ ଦାଶ)

ବିଗତ କିଛିବର୍ଷ ମଧ୍ୟରେ ମାଇକ୍ରୋଫାଇନାନ୍ସ କମ୍ପାନୀଗୁଡ଼ିକର କାରବାର ପୂର୍ବାପେକ୍ଷା ବୃଦ୍ଧି ପାଇଛି। ବିଶେଷକରି ସହରାଞ୍ଚଳରୁ ଆରମ୍ଭକରି ଗ୍ରାମାଞ୍ଚଳର ଶେଷ ସ୍ତର ପର୍ଯ୍ୟନ୍ତ ମାଇକ୍ରୋଫାଇନାନ୍ସର ଦୃଢ଼ ନେଟ୍‌ୱର୍କ ବଳରେ ବିଭିନ୍ନ ବର୍ଗଙ୍କ ପାଇଁ ଆର୍ଥିକ ସହଯୋଗ ଯୋଗାଇବା ବେଶ୍ ସହାୟକ ହୋଇଛି। ଏ କ୍ଷେତ୍ରରେ ରହିଥିବା ଶିଳ୍ପ ସଙ୍ଗଠନ ତଥା ଆର୍‌ବିଆଇ ସ୍ୱୀକୃତିପ୍ରାପ୍ତ ସ୍ୱୟଂ ନିୟନ୍ତ୍ରିତ ସଂସ୍ଥା ମାଇକ୍ରୋଫାଇନାନ୍ସ ଇଣ୍ଡଷ୍ଟ୍ରି ନେଟ୍‌ୱର୍କ(ଏମ୍‌ଏଫ୍‌ଆଇଏନ୍)ର ଗୁରୁତ୍ୱ ମଧ୍ୟ ବୃଦ୍ଧି ପାଇଛି। ସେହିଭଳି ମାଇକ୍ରୋଫାଇନାନ୍ସ କମ୍ପାନୀଗୁଡ଼ିକ ଓଡ଼ିଶା ବଜାର ଉପରେ ଅଧିକ ଗୁରୁତ୍ୱ ଦେବା ସହ କାରବାର ବୃଦ୍ଧି ନେଇ ମଧ୍ୟ ବ୍ୟାପକ ଯୋଜନା ଓ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ବିଶେଷକରି ଗତ କିଛି ବର୍ଷ ମଧ୍ୟରେ ଓଡ଼ିଶାରେ ମାଇକ୍ରୋଫାଇନାନ୍ସ କମ୍ପାନୀଗୁଡ଼ିକର କାରବାର ବ୍ୟାପକ ଭାବେ ବୃଦ୍ଧି ପାଇଥିବାବେଳେ ୨୦୨୩-୨୪ ଆର୍ଥିକ ବର୍ଷରେ ପ୍ରାୟ ୨୫,୦୦୦କୋଟି ଟଙ୍କାର ବ୍ୟବସାୟ ପାଇଁ ଆକଳନ କରାଯାଇଛି। ଉଲ୍ଲେଖଯୋଗ୍ୟ, ଗତ ୫ ବର୍ଷ ମଧ୍ୟରେ ମାଇକ୍ରୋଫାଇନାନ୍ସ କମ୍ପାନୀଗୁଡ଼ିକ କ୍ରମାଗତ ଭାବେ କାରବାର ବୃଦ୍ଧିକରି ଚାଲିଛନ୍ତି। ବିଶେଷକରି ୨୦୧୯ରୁ ୨୦୨୩ ଆର୍ଥିକ ବର୍ଷରେ ଯଥାକ୍ରମେ ୧୧,୪୮୬ କୋଟି ବଢ଼ି ୨୦,୩୫୩ କୋଟି ଟଙ୍କାରେ ପହଞ୍ଚିଛି। ଏପରିକି ରାଜ୍ୟରେ ଗଞ୍ଜାମ ଜିଲା ସର୍ବାଧିକ ବ୍ୟବସାୟ ଦେଉଥିବାବେଳେ ସୋନପୁରରେ ସର୍ବନିମ୍ନ କାରବାର ହୋଇଥିବା ଜଣାପଡ଼ିଛି। ଅପରପକ୍ଷରେ ମାଇକ୍ରୋଫାଇନାନ୍ସ କମ୍ପାନୀଗୁଡ଼ିକ ସାରା ଦେଶରେ କାରବାର କରୁଥିବାବେଳେ ବିହାର ପ୍ରଥମ ସ୍ଥାନରେ ରହିଥିବାବେଳେ ଓଡ଼ିଶା ୮ସ୍ଥାନରେ ରହିଛି। ଗତ ୨ ବର୍ଷ ମଧ୍ୟରେ ଦେଶର ପ୍ରାୟ ୩.୫ ଲକ୍ଷ କୋଟି ଟଙ୍କାର ଋଣ ସହାୟତା ପ୍ରାୟ ୬.୬ କୋଟି ସ୍ୱତନ୍ତ୍ର ଋଣଦାତାଙ୍କ ଯୋଗାଇ ଦିଆଯାଇଛି। ସେହିପରି ଭାରତର ଦୁର୍ଗମ ଅଞ୍ଚଳରେ ଋଣ ଏବଂ ଅତ୍ୟାବଶ୍ୟକ ଆର୍ଥିକ ସେବା ଯେଭଳି ପହଞ୍ଚିବ ତାହା ସୁନିଶ୍ଚିତ କରିବା ଦିଗରେ ମାଇକ୍ରୋଫାଇନାନ୍ସ ଏକ ପ୍ରଭାବୀ ସାଧନ ଭାବେ ଉଭାହୋଇଛି। ସୂଚନାଯୋଗ୍ୟ, ଓଡ଼ିଶା ବଜାରରେ ମାଇକ୍ରୋଫାଇନାନ୍ସ ସଂସ୍ଥାଗୁଡ଼ିକ ମାଇକ୍ରୋ କ୍ରେଡିଟ୍ ଋଣ ଜରିଆରେ ୪୬ ଲକ୍ଷରୁ ଅଧିକ ବ୍ୟକ୍ତିବିଶେଷ (ଅନନ୍ୟ ଋଣକାରୀ)ଙ୍କ ଜୀବନରେ ରୂପାନ୍ତରଣ ଆଣିଛନ୍ତି।

ଏ ସମ୍ପର୍କରେ ଏମ୍‌ଏଫ୍‌ଆଇଏନ୍‌ର ଡେପୁଟି ହେଡ୍ (ଷ୍ଟେଟ୍ ଇନିସିଏସିଭ) ରାମ କାମରାଜୁ କହିଛନ୍ତି, ଆର୍‌ବିଆଇ ନିୟନ୍ତ୍ରିତ ମାଇକ୍ରୋଫାଇନାନ୍ସ ସଂସ୍ଥାଗୁଡ଼ିକ ବାସ୍ତବରେ ଓଡ଼ିଶାର ଅବହେଳିତ ବର୍ଗଙ୍କ ନିମନ୍ତେ ଆଶାର ଆଲୋକ ହୋଇପାରିଛି। ସେହିଭଳି ଅନ୍ନପୂର୍ଣ୍ଣା ଫାଇନାନ୍ସର ଡାଇରେକ୍ଟର ଦିବ୍ୟଜ୍ୟୋତି ପଟ୍ଟନାୟକ କହିଥିଲେ, ମାଇକ୍ରୋଫାଇନାନ୍ସ ଦୃଶ୍ୟପଟରେ ରାଜ୍ୟର ଦୃଢ଼ତା ଏବଂ ଏକାଗ୍ରତା ଲକ୍ଷ୍ୟ କରାଯାଉଛି। ଏପରିକି ମାଇକ୍ରୋଫାଇନାନ୍ସ ଋଣ ଯୋଗୁ ମହିଳା ଉଦ୍ୟୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ଆମେ ଲକ୍ଷ୍ୟ କରୁଛୁ। ଉଲ୍ଲେଖଯୋଗ୍ୟ, ଦେଶର ୨୮ ରାଜ୍ୟ ୮ କେନ୍ଦ୍ରଶାସିତ ଅଞ୍ଚଳର ୭୨୯ ଜିଲାରେ ୪୪ରୁ ଅଧିକ ମାଇକ୍ରୋଫାଇନାନ୍ସ କମ୍ପାନୀ କାର୍ଯ୍ୟ କରୁଥିବାବେଳେ ଉକ୍ତ କମ୍ପାନୀ ଭାରତର ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଋଣ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ସେବା ପହଞ୍ଚାଇବା ସୁନିଶ୍ଚିତ କରୁଛନ୍ତି।




## କେନ୍ଦୁଝରରେ ମାକଏ'ର ଡିଲର ମିଟ୍




ଭୁବନେଶ୍ୱର,୨୪।୮

ଦେଶର ପ୍ରମୁଖ ଆପ୍ଲାଏନ୍ସ ବ୍ରାଣ୍ଡ୍ ମାକଏ ପକ୍ଷରୁ କେନ୍ଦୁଝରର ଶ୍ରୀକ୍ଷେତ୍ର ଇଣ୍ଟନ୍ୟାଶନାଲଠାରେ ଏକ ଡିଲର ମିଟ୍ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଷ୍ଟ୍ରିବ୍ୟୁଟର ସାଇ ସେଲ୍‌ସ କେନ୍ଦୁଝର ପକ୍ଷରୁ ଆୟୋଜିତ ଉକ୍ତ ସମ୍ମିଳନୀରେ ପ୍ରାୟ ୬୦ ଡିଲର ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ କମ୍ପାନୀର ମାର୍କେଟିଂ ନିର୍ଦ୍ଦେଶକ ପ୍ରମୋଦ କୁମାର ଖୋସ୍‌ଲା ଏବଂ ଆଞ୍ଚଳିକ ପ୍ରବନ୍ଧକ ଲଲାଟେନ୍ଦୁ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବାବେଳେ ଆଞ୍ଚଳିକ ସର୍ଭିସ ମ୍ୟାନେଜର (ପ୍ରବନ୍ଧକ) ସ୍ମିତିରଞ୍ଜନ ମହାପାତ୍ରଙ୍କ ସମେତ ଏରିଆ ମ୍ୟାନେଜର ସୁବ୍ରତ ରଞ୍ଜନ ସାହୁ, ପ୍ରଦୀପ୍ତ କୁମାର ତ୍ରିପାଠୀ,ଜନ୍ମେଜୟ ବେହେରା ଏବଂ ରତିକାନ୍ତ ଶତପଥୀ ପ୍ରମୁଖ ଉପସ୍ଥିତ ରହି ଉକ୍ତ ସମ୍ମିଳନୀର ସୁପରିଚାଳନା କରିଥିଲେ। ସେହିଭଳି ଉକ୍ତ ସମ୍ମିଳନୀରେ କମ୍ପାନୀ ନୂତନ ଉତ୍ପାଦଗୁଡ଼ିକୁ ବଜାର ପ୍ରବେଶ କରାଯାଇଥିଲା। ଏପରିକି ବଜାରରେ ଉଚ୍ଚ ପ୍ରଦର୍ଶନ କରିଥିବା ଡିଲରମାନଙ୍କୁ ସମ୍ମିଳନୀରେ ପୁରସ୍କୃତ କରାଯାଇଥିଲା। ଆଗାମୀ ଦିନରେ ଏଭଳି କାର୍ଯ୍ୟକ୍ରମ ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ ଆୟୋଜନ କରିବାକୁ କମ୍ପାନୀ ପକ୍ଷରୁ ଯୋଜନା ରଖାଯାଇଛି।

## ଚନ୍ଦ୍ରୟାନ-୩ର ମୋଟର କେସିଂରେ ଜେଏସ୍‌ଏଲ୍ ଉତ୍ପାଦ

ଭୁବନେଶ୍ୱର,୨୪।୮

ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ (ଜେଏସ୍‌ଏଲ୍) ର ଗୁଣାତ୍ମକ ଉତ୍ପାଦ ନିକଟରେ ସଫଳତାର ସହ ଚନ୍ଦ୍ରରେ ପହଞ୍ଚିଥିବା ଭାରତୀୟ ମହାକାଶ ଅନୁସନ୍ଧାନ ସଙ୍ଗଠନ (ଇସ୍ରୋ)ର ଚନ୍ଦ୍ରୟାନ-୩ରେ ବ୍ୟବହୃତ ହୋଇଛି। ବିଶେଷକରି ଜେଏସ୍‌ଏଲ୍‌ର ସ୍ୱତନ୍ତ୍ର ଶକ୍ତିଶାଳୀ ଆଲୋୟ ଷ୍ଟିଲ୍ ଗ୍ରେଡ୍ ଚନ୍ଦ୍ରୟାନ-୩ର ମୋଟର କେସିଂରେ ବ୍ୟବହୃତ ହୋଇଛି। ଏପରିକି ଅତ୍ୟାଧୁନିକ ଜ୍ଞାନକୌଶଳରେ ବିକଶିତ ହୋଇଥିବା ଉତ୍ପାଦଗୁଡ଼ିକୁ କମ୍ପାନୀ ଇସ୍ରୋକୁ ଯୋଗାଣ କରିଛି, ଯାହାକି ତୃତୀୟ ଚନ୍ଦ୍ର ମିଶନ 'ଚନ୍ଦ୍ରୟାନ-୩'ର ମୋଟର କେସିଂରେ ବ୍ୟବହୃତ ହୋଇଛି। ସେହିଭଳି ଜେଏସ୍‌ଏଲ୍ ପକ୍ଷରୁ ଇସ୍ରୋକୁ ଯୋଗାଇ ଦିଆଯାଇଥିବା ସ୍ୱତନ୍ତ୍ର ଗ୍ରେଡ୍‌ର ଷ୍ଟିଲ ସାମଗ୍ରୀଗୁଡ଼ିକ ସାଧାରଣତଃ ବାହାର ଦେଶରୁ ଆମଦାନୀ କରାଯାଏ। ହେଲେ ପ୍ରଥମ ଥର ପାଇଁ ଜେଏସ୍‌ଏଲ୍ ଉନ୍ନତ ବିଶୋଧନ ପ୍ରକ୍ରିୟା ସହାୟତାରେ ଇସ୍ରୋକୁ ଆବଶ୍ୟକ ପରିମାଣର ଉତ୍ପାଦଗୁଡ଼ିକୁ କମ୍ପାନୀ ବିଗତ ୩ ବର୍ଷ ମଧ୍ୟରେ ବିକଶିତ କରାଯାଇ ଯୋଗାଇ ଦିଆଯାଇଥିଲା। ଏ ସମ୍ପର୍କରେ ଜେଏସ୍‌ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଆମେ ଚନ୍ଦ୍ରୟାନ-୩ର ସଫଳ ଅବତରଣ ସହ ଏହି ଐତିହାସିକ ମିଶନରେ ଏକ ଛୋଟ ଭୂମିକା ଗ୍ରହଣ କରିଥିବାରୁ ଗର୍ବିତ ମନେକରୁଛୁ। ସେହିପରି ଅତୀତରେ ମଧ୍ୟ ଜିନ୍ଦଲ ଷ୍ଟେନ୍‌ଲେସ୍ ଚନ୍ଦ୍ରାୟନ, ପିଏସ୍‌ଏଲ୍‌ଭି, ଜିଏସ୍‌ଏଲ୍‌ଭି, ଏମ୍‌କେ୩, ଆଣବିକ ବୁଡ଼ାଜାହାଜ, କ୍ଷେପଣାସ୍ତ୍ର ପ୍ରଣାଳୀ ଭଳି ସମସ୍ତ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ପାଇଁ କ୍ଷେପଣାସ୍ତ୍ର କ୍ୟାନିଷ୍ଟର ଏବଂ ରକେଟରେ ନିଷ୍କାସନ ୟୁନିଟ୍ ପ୍ରୟୋଗ ସହିତ ପ୍ରମୁଖ ଡିଆର୍‌ଡିଓ ଏବଂ ଇସ୍ରୋ ପ୍ରକଳ୍ପ ପାଇଁ ସାମଗ୍ରୀ ଯୋଗାଇଛୁ। ଏପରିକି ବିଶ୍ୱର କିଛି ହାତଗଣତି ମନୋନୀତ କମ୍ପାନୀ ମଧ୍ୟରେ ଜେଏସ୍‌ଏଲ୍ ଏଏସ୍ ୯୧୦୦ ଡି ପ୍ରମାଣପତ୍ର ପ୍ରାପ୍ତ କରିଛି, ଯାହା ବିମାନ ଚଳାଚଳ, ସ୍ଥାନ ଏବଂ ପ୍ରତିରକ୍ଷା ସଂଗଠନଗୁଡ଼ିକ ପାଇଁ ଏକ ଗୁଣାତ୍ମକ ପରିଚାଳନା ବ୍ୟବସ୍ଥା ବୋଲି କୁହାଯାଏ।

# ଦକ୍ଷତା ବିକାଶକୁ ଗୁରୁତ୍ୱ




ଭୁବନେଶ୍ୱର,୨୪।୮

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ରିଓଜିନାଲ କଲେଜ ଅଫ୍ ମ୍ୟାନେଜମେଣ୍ଟ (ଆର୍‌ସିଏମ୍) ପକ୍ଷରୁ ୱାର୍ଲ୍ଡ ଟ୍ରେନର୍ସ ଡେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଉଭୟ ଆର୍‌ସିଏମ୍ ଏବଂ ସିଏର୍‌ଡିଏନ୍‌ଏଲ୍‌ଆର୍‌ର ମିଳିତ ସହଯୋଗରେ ଏକ ଦିନିକିଆ ଏଚ୍‌ଆର୍ କନ୍‌କ୍ଲେଭ-୨୦୨୩ ଆର୍‌ସିଏମ୍ ସମ୍ମିଳନୀ କକ୍ଷରେ ଆୟୋଜନ କରାଯାଇଥିଲା। ଏହି ଅବସରରେ ଷ୍ଟାର୍ଟଅପ୍ ଓଡ଼ିଶାର ଇସି ଡ. ଓମ୍‌କାର ରାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ହିଣ୍ଡାଲ୍‌କୋ ଗ୍ରୁପ୍ ଅଫ୍ ଇଣ୍ଡଷ୍ଟ୍ରିର ଉପଦେଷ୍ଟା ବିଭୁ ମିଶ୍ର, ସିଏର୍‌ଡିଏନ୍‌ଏଲ୍‌ଆର୍‌ର ସଭାପତି ଡ. ମଙ୍ଗେଶ ଦାଶ, ଏମ୍‌ଡି ଡ. ଅଶୋକ ସାହୁ ଏବଂ ଆର୍‌ଜିବିଏସ୍‌ର ନିର୍ଦ୍ଦେଶିକା ଡ.ସଂଘମିତ୍ରା ପାଲ ପ୍ରମୁଖ ଯୋଗଦେଇଥିଲେ। ବିଶେଷକରି ସମ୍ମିଳନୀର ଶୁଭାରମ୍ଭରେ ଆର୍‌ସିଏମ୍‌ର ଅଧ୍ୟାପିକା ପ୍ରଫେସର ପ୍ରଜ୍ଞାପାରମିତା ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ ସମ୍ମିଳନୀ ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିବା ସହିତ ଅତିଥି ପରିଚୟ ଏବଂ ସେମାନଙ୍କ ବିଶେଷରେ ବିସ୍ତୃତ ଆଲୋକପାତ କରିଥିଲେ। ସେହିଭଳି ବର୍ତ୍ତମାନ ସମୟରେ ଦକ୍ଷ ଟ୍ରେନରଙ୍କ ଆବଶ୍ୟକ ସହ ଦକ୍ଷତା ବିକାଶକୁ ମଧ୍ୟ ସବୁ କ୍ଷେତ୍ରରେ ଗୁରୁତ୍ୱ ଦିଆଯାଉଛି ବୋଲି କନ୍‌କ୍ଲେଭର ଉଦ୍‌ଘାଟନୀ ଅଧିବେଶନରେ ଯୋଗଦେଇଥିବା ଅତିଥିମାନେ ବିସ୍ତୃତ ଭାବେ ମତପ୍ରକାଶ କରିବା ସହିତ ଭିନ୍ନ ଭିନ୍ନ ବିଷୟରେ ନଜର ମତ ଉପସ୍ଥାପନ କରିଛନ୍ତି। ସେହିପରି କନ୍‌କ୍ଲେଭର ୨ଟି ଅଧିବେଶନରେ ଆମନ୍ତ୍ରିତ ଅତିଥିମାନେ ବିଭିନ୍ନ ବିଷୟରେ ବ୍ୟାପକ ଚର୍ଚ୍ଚା ଆଲୋଚନା ସହ ଆଜିର ଦିନର ଆବଶ୍ୟକତା ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ।

## ଏଲ୍‌ଜିର ସ୍ୱତନ୍ତ୍ର ଅଭିଯାନ




ଭୁବନେଶ୍ୱର,୨୪।୮

ଏଲ୍‌ଜି ଇଲେକ୍ଟ୍ରୋନିକ୍ସ ପକ୍ଷରୁ ଏକ ଅଭିନବ ତଥା ବ୍ରାଣ୍ଡ୍ ନ୍ୟୁ ଲାଇଫ୍ସ ଇଜ୍ ଗୁଡ୍ ଗ୍ଲୋବାଲ କ୍ୟାମ୍ପେନର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସ୍ୱତନ୍ତ୍ର ଅଭିଯାନ ସାରା ବିଶ୍ୱରେ ଏଲ୍‌ଜିର ଉତ୍ପାଦ ଓ ଗୁଣବତ୍ତା ସମ୍ପର୍କରେ ପ୍ରଚାର ଓ ପ୍ରସାର କରିବ। ଏପରିକି କମ୍ପାନୀ ବିଭିନ୍ନ ବ୍ରାଣ୍ଡ୍ ଏବଂ କିଛି ନୂତନ ବ୍ରାଣ୍ଡ୍‌କୁ ମଧ୍ୟ ଏହି ଅଭିଯାନରେ ସାମିଲ କରାଇବା ସହ ଗ୍ରାହକଙ୍କ ଚାହିଦା ସମ୍ପର୍କରେ ଅବଗତ ହେବାକୁ ପ୍ରୟାସ କରାଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ସେହିଭଳି ନିକଟରେ ବ୍ରାଣ୍ଡ୍‌ର ଏହି ଅଭିଯାନ ବିଶ୍ୱସ୍ତରୀୟ ବଜାର ଅନାବରଣ କରାଯାଇଥିଲା। ଏପରିକି ଦୁବାଇ, ଲଣ୍ଡନ, ନ୍ୟୁୟର୍କ ଭଳି କିଛି ପ୍ରମୁଖ ସହରରେ କମ୍ପାନୀ କ୍ୟାମ୍ପେନିଂ ଡିଜିଟାଲ ମାଧ୍ୟମରେ କରାଯାଉଛି। ଉଲ୍ଲେଖଯୋଗ୍ୟ, କମ୍ପାନୀ ବିଶ୍ୱସ୍ତରୀୟ କଳାକାରଙ୍କ ଜରିଆରେ ଏହି ଅଭିଯାନକୁ ଗ୍ରାହକଙ୍କ ନିକଟତର କରିବା ସହ ବ୍ରାଣ୍ଡ୍‌ର ଚାହିଦା ଓ ଗ୍ରାହକଙ୍କ ଆବଶ୍ୟକତା ସମ୍ପର୍କରେ ମଧ୍ୟ ମତାମତ ହାସଲ କରୁଛୁ। ଫଳରେ ଆଗାମୀ ଦିନରେ କମ୍ପାନୀ ନୂତନ ଉତ୍ପାଦ ବଜାର ପ୍ରବେଶ କରାଇବା ସହ ଗ୍ରାହକଙ୍କ ଆବଶ୍ୟକତା ପୂରଣ କରିବ ବୋଲି କୁହାଯାଇଛି।

## ଫୁର୍‌ସତ୍

# ଆଲିଆ, କ୍ରୀତି ଶ୍ରେଷ୍ଠ ଅଭିନେତ୍ରୀ

### ପୁଷ୍ପା ପାଇଁ ଅଲ୍ଲୁ ଅର୍ଜୁନଙ୍କୁ ଶ୍ରେଷ୍ଠ ଅଭିନେତା ପୁରସ୍କାର


ଆଲିଆ ଭଟ୍ଟ

**ନୂଆଦିଲ୍ଲୀ:** ସିନେମା ଜଗତର ସମ୍ମାନଜନକ ପୁରସ୍କାର ୬୯ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ୨୦୨୩ ଗୁରୁବାର ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ପକ୍ଷରୁ ଘୋଷଣା କରାଯାଇଛି। ନୂଆଦିଲ୍ଲୀର ଜାତୀୟ ମିଡିଆ ସେଣ୍ଟରରେ ଏହି ବିଶେଷ ପୁରସ୍କାର ଉତ୍ସବ ଆୟୋଜିତ ହୋଇଥିଲା। ଫିଲ୍ମ 'ଗଙ୍ଗୁବାଇ କାଠିଆୱାଡ଼ି'ର ଆଲିଆ ଭଟ୍ଟ ଏବଂ 'ମିମି'ର କ୍ରୀତି ସାନନ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ବିବେଚିତ ହୋଇଛନ୍ତି। ଶ୍ରେଷ୍ଠ ଅଭିନେତା ଭାବେ 'ପୁଷ୍ପା: ଦି ରାଇଜ୍'ର ଅଲ୍ଲୁ ଅର୍ଜୁନଙ୍କ ମନୋନୀତ ହୋଇଛନ୍ତି। ସୁଜିତ ସରକାରଙ୍କ ନିର୍ଦ୍ଦେଶିତ ତଥା ଭିକି କୌଶଲଙ୍କ ଅଭିନୀତ ମୁଭି 'ସର୍ଦ୍ଦାର ଉଦ୍ଧମ'କୁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର୨୦୨୩ରେ ଏକ ବଡ଼ ସଫଳତା ମିଳିଛି। ସିନେମାଟି ସର୍ବୋତ୍ତମ ହିନ୍ଦୀ ଫିଚର ଭାବେ ମନୋନୀତ ହୋଇଛି। ଶ୍ରେଷ୍ଠ ଫିଚର ଫିଲ୍ମ ଭାବେ 'ରକେଟ୍ରି: ଦି ନାମ୍ବି ଇଫେକ୍ଟ', ଶ୍ରେଷ୍ଠ ସହଅଭିନେତା ଭାବେ 'ମିମି'ର ପଙ୍କଜ ତ୍ରିପାଠୀ, ଶ୍ରେଷ୍ଠ ସହଅଭିନେତ୍ରୀ ଭାବେ 'ଦି କଶ୍ମୀର ଫାଇଲ୍ସ'ର ପଲ୍ଲବୀ ଜୋଷୀ ବିବେଚିତ ହୋଇଛନ୍ତି। ଏଥିସହ ଶ୍ରେଷ୍ଠ ଏଡିଟିଂ ଭାବେ ଗଙ୍ଗୁବାଇ କାଠିଆୱାଡ଼ି', ଶ୍ରେଷ୍ଠ କୋରିଓଗ୍ରାଫି ଏବଂ ସବୁଠୁ ଲୋକପ୍ରିୟ ଫିଲ୍ମ ଭାବେ 'ଆର୍‌ଆର୍‌ଆର୍' ପୁରସ୍କୃତ ହେବ। ଜାତୀୟ ସଂହତି ପାଇଁ 'ଦି କଶ୍ମୀର ଫାଇଲ୍ସ'କୁ ମନୋନୀତ କରାଯାଇଛି। ଶ୍ରେଷ୍ଠ ଅଭିନେତ୍ରୀ ଆଲିଆ, କ୍ରୀତି ଓ ଅଭିନେତା ଅଲ୍ଲୁଙ୍କୁ ବିଭିନ୍ନ ଦିଗରୁ ଶୁଭେଚ୍ଛାର ସୁଅ ଛୁଟିଛି। ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଆଲିଆ ଏବଂ କଙ୍ଗନା ରାଣାୱତ ପ୍ରତିଯୋଗୀ ଭାବେ ଥିବାବେଳେ ଏଥିରେ ଆଲିଆ ବାଜିମାତ କରିଛନ୍ତି। ଏଥିରେ ଶିଶୁ କଳାକାର ଭାବେ 'ଛେଲୋ ଶୋ'ର ଭବିନ ରବରି ମନୋନୀତ ହୋଇଛନ୍ତି। ଆଲିଆ ସିନେମା 'ଗଙ୍ଗୁବାଇ କାଠିଆୱାଡ଼ି'ରେ ସାମାଜିକ କର୍ମୀ ଗଙ୍ଗୁବାଇ ହର୍ଜିବନ୍ଦାସଙ୍କ ଭୂମିକାରେ ନଜର ଆସିଥିଲେ। ଏହି ଫିଲ୍ମ ତାଙ୍କ ଉପରେ ପରିବେଶିତ। ଅନ୍ୟପଟେ ଫିଲ୍ମ 'ମିମି'ରେ କ୍ରୀତିଙ୍କୁ ଏକ ବିଦେଶୀ ଦମ୍ପତିଙ୍କ ସରୋଗେଟ୍ ମଦରଙ୍କ ଭୂମିକାରେ ଦେଖିବାକୁ ମିଳିଥିଲା। ଏଥିସହ ଶ୍ରେଷ୍ଠ ଅଭିନେତା ଅଲ୍ଲୁ 'ପୁଷ୍ପା: ଦି ରାଇଜ୍'ରେ ଜଣେ ଚନ୍ଦନ କାଠ ମାଫିଆ ଭୂମିକାରେ ନଜରକୁ ଆସିଥିଲେ। ଦର୍ଶକ ତାଙ୍କ ଚରିତ୍ରକୁ ବହୁତ ପସନ୍ଦ କରୁଥିଲେ। ପରେ ତାଙ୍କ ଷ୍ଟାଇଲଙ୍କୁ ଅନେକେ ନକଲ ମଧ୍ୟ କରିଥିଲେ।


ଅଲ୍ଲୁ ଅର୍ଜୁନ

**୬୯ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ୨୦୨୩**


କ୍ରୀତି ସାନନ

## ଆଖିପତାରେ ବୋହିଲେ ୧୦କେଜି ଓଜନ

**ଚଣ୍ଡିଗଡ଼:** ଦେଶରେ ବିଭିନ୍ନ ପ୍ରକାର ଲୋକ ଅଛନ୍ତି, ଯେଉଁମାନେ କି ଲୋକଙ୍କ ହିତ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଛନ୍ତି। ସେଥିମଧ୍ୟରୁ ଜଣେ ହେଉଛନ୍ତି ହରିୟାଣାର ଷ୍ଟିଲ୍ ମ୍ୟାନ୍ ନାମରେ ଜଣାଶୁଣା ଭିୱାନୀର ପହଲୱାନ୍ ବିଜେନ୍ଦ୍ର ସିଂ। ବିଜେନ୍ଦ୍ରଙ୍କୁ ଦେଶ ହିତର ଏପରି ନିଶା ଲାଗିଛି, ଯେଉଁଥିପାଇଁ ସେ ନିଜ ଜୀବନକୁ ବାଜି ଲଗାଇବାକୁ ମଧ୍ୟ ପଛାଉନାହାନ୍ତି। ବିଜେନ୍ଦ୍ର ଯୁବଶକ୍ତିଙ୍କୁ ନିଶା ଏବଂ ଫାଷ୍ଟଫୁଡ୍ ଖାଇବାରୁ ସଚେତନ କରାନ୍ତି। ଏବେ ତାଙ୍କ ସହିତ ହରିୟାଣାର ରାଜ୍ୟ ନାର୍କୋଟିକ୍ସ ବ୍ୟୁରୋ ମଧ୍ୟ ଏକଜୁଟ୍ ହୋଇଛନ୍ତି। ବିଜେନ୍ଦ୍ର ତାଙ୍କ ଶତକ ପ୍ରଦର୍ଶନୀ ଅଭିଯାନର ୬୫ତମ ଶକ୍ତି ପ୍ରଦର୍ଶନ କରି ନିକଟରେ ୱାର୍ଲ୍ଡ ରେକର୍ଡ କରିଛନ୍ତି। ତେବେ ସେ ୧୦ କେଜି ଓଜନକୁ ତାଙ୍କ ଆଖିପତା ସାହାଯ୍ୟରେ ବୋହି ଓଏମ୍‌ଜି ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ନିଜ ନାମ ଲେଖାଇଛନ୍ତି। ତାଙ୍କ କହିବା କଥା, ସେ ପୋଲିସ କିମ୍ବା ସେନାରେ ଭର୍ତ୍ତିହେବାକୁ ଚାହାନ୍ତି। ହେଲେ ସେ ଏଥିରେ ଭର୍ତ୍ତି ହୋଇ ନ ପାରି ଏବେ ଯୁବଶକ୍ତିଙ୍କୁ ନିଶା ଏବଂ ଫାଷ୍ଟଫୁଡ୍‌ରୁ ଦୂରେଇ ରଖିବାକୁ ପ୍ରୟାସ ଚଳାଇଛନ୍ତି। ଅଖିଳ ଭାରତୀୟ ଯୁବ ଜନକଲ୍ୟାଣ ସଂଗଠନ ଅଧ୍ୟକ୍ଷ ବିଜେନ୍ଦ୍ର ଯୁବକଙ୍କୁ ନିଶା ଜଗତରୁ ବାହାରିବା ପାଇଁ ସଚେତନ କରୁଛନ୍ତି। ଏହି ଉଦ୍ଦେଶ୍ୟରେ ସେ ସ୍ୱାଧୀନତା ଦିବସ ଅବସରରେ ବୁଧବାର ତାଙ୍କ ୬୫ତମ ଶକ୍ତି ପ୍ରଦର୍ଶନ କରିଥିଲେ। ଭିୱାନୀ ଟିମ୍‌ର ସବ୍ ଇନ୍ସପେକ୍ଟର ବିରେନ୍ଦ୍ର କହିଛନ୍ତି, ବିଜେନ୍ଦ୍ରଙ୍କ ଏଭଳି ପ୍ରୟାସ ପ୍ରେରଣାଦାୟୀ। କାରଣ ପିଲା ତାଙ୍କ ଭଳି ହେବାକୁ ନିଶାଠାରୁ ଦୂରରେ ରହିବେ। ତାଙ୍କ ବିଭାଗ ନିଶାଗ୍ରସ୍ତ ଲୋକଙ୍କ ମାନସିକ ଅବସ୍ଥା ସୁଧାରିବା ସହ ସଚେତନତା ସୃଷ୍ଟି କରିଥାଏ।

## ଗୁଗଲ୍‌ର ଡୁଡଲ୍ ମାଧ୍ୟମରେ ବିଜୟ ଉତ୍ସବ




**ନୂଆଦିଲ୍ଲୀ:** ଚନ୍ଦ୍ର ମିଶନରେ ଥିବା ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ)ର ଚନ୍ଦ୍ରୟାନ-୩ ବୁଧବାର ତା' ଲକ୍ଷ୍ୟ ସ୍ଥଳରେ ପହଞ୍ଚିଛି। ଭାରତ ପ୍ରଥମ ଦେଶ ଭାବେ ଚନ୍ଦ୍ରପୃଷ୍ଠର ଦକ୍ଷିଣ ଅଂଶରେ ସଫ୍ଟ ଲ୍ୟାଣ୍ଡିଂ କରି ଇତିହାସ ରଚିଛି। ଏଥିପାଇଁ ଭାରତକୁ ବିଭିନ୍ନ ଦିଗରୁ ଶୁଭେଚ୍ଛାର ସୁଅ ଛୁଟୁଛି। ଏଥିସହ ଗୁଗଲ୍ ମଧ୍ୟ ଭାରତର ଏହି ବିଜୟକୁ ପାଳନ କରିଛି। ଏହି ଅବସରରେ ସେ ସ୍ୱତନ୍ତ୍ର ଆନିମେଟେଡ୍ ଡୁଡଲ୍ ପ୍ରସ୍ତୁତ କରିଛି। ତେବେ ଭାରତ ଚନ୍ଦ୍ରପୃଷ୍ଠରେ ପାଦ ଥାପିବାରେ ଚତୁର୍ଥ ସ୍ଥାନରେ ରହିଛି। ଏହା ପୂର୍ବରୁ ରୁଷିଆ, ଆମେରିକା ଏବଂ ଚାଇନା ପହଞ୍ଚି ସାରିଛନ୍ତି। ଗୁଗଲ୍‌ର ଡୁଡଲ୍‌ରେ ଅକ୍ଷର 'GOOGLE' ଚନ୍ଦ୍ରର ବାହ୍ୟ ପୃଷ୍ଠରେ ଭାସୁଥିବାବେଳେ ତୃତୀୟ ଅକ୍ଷର 'ଓ' ଆନିମେଟେଡ୍ ଚନ୍ଦ୍ରକୁ ପ୍ରତିଫଳିତ କରୁଛି। ଏହାର ଅର୍ଥ ଦର୍ଶାଉଛି କି, ଚନ୍ଦ୍ରୟାନ-୩ ଚନ୍ଦ୍ରର ଦକ୍ଷିଣ ଭାଗରେ ସଫ୍ଟ ଲ୍ୟାଣ୍ଡିଂରେ ସଫଳ ହୋଇଛି। ତେବେ ଚନ୍ଦ୍ରୟାନ-୩ ଗତ ଜୁଲାଇ ୧୪ରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ସ୍ପେସ୍ ସେଣ୍ଟରରୁ ଚନ୍ଦ୍ରର ଦକ୍ଷିଣ ଭାଗ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା।

## ୧୧୫ ସେକେଣ୍ଡରେ ଭାରତ ନକ୍ସା ଯୋଡ଼ିଲେ

**ଲକ୍ଷ୍ନୌ:** ଅନେକ ସମୟରେ ପିଲାଙ୍କ ପ୍ରତିଭା ଛୋଟବେଳୁ ସାମ୍ନାକୁ ଆସିଥାଏ। ତାଙ୍କ ପ୍ରତିଭା ପାଇଁ ସେମାନେ ଅନେକ ରେକର୍ଡର ମଧ୍ୟ ଅଧିକାରୀ ହୋଇଥାନ୍ତି। ନିକଟରେ ୬ ବର୍ଷୀୟ ଆଭାସ୍ ବଂଶଲ ଅନ୍ତର୍ଜାତୀୟ ବୁକ୍ ଅଫ୍ ରେକର୍ଡକୁ ନିଜ ନାମରେ କରିଛନ୍ତି। ସେ ଅଳ୍ପ ସମୟରେ ଜିଗ୍‌ସା ପଜଲ ସାହାଯ୍ୟରେ ଭାରତ ନକ୍ସାକୁ ଯୋଡ଼ି ଏହି ରେକର୍ଡ ହାସଲ କରିଛନ୍ତି। ଝାନ୍ସିର ବାସିନ୍ଦା ଆଭାସ୍ ଭାରତ ନକ୍ସାର ଜିଗ୍‌ସା ପଜଲକୁ ୧୧୫ ସେକେଣ୍ଡରେ ଯୋଡ଼ିଛନ୍ତି। ସେ ୩ ବର୍ଷ ବୟସରୁ ବିଭିନ୍ନ ପ୍ରକାର ପଜଲ ଯୋଡ଼ିବା ଆରମ୍ଭ କରିଥିଲେ। ସେ ପ୍ରଥମ ଥର ପାଇଁ ତାଙ୍କ ବାପାଙ୍କ ସାହାଯ୍ୟରେ ଭାରତର ପଜଲ ଯୋଡ଼ିଥିଲେ। ତେବେ ଆଭାସ୍‌ଙ୍କ ବାପା ସୁନୀଲ ବଂଶଲ କହିଛନ୍ତି, ତାଙ୍କ ପୁଅ ପ୍ରଥମରୁ ଏଭଳି ଜିନିଷ ପ୍ରତି ରୁଚି ରଖୁଥିଲା, ଯେଉଁଥିରେ ବୁଦ୍ଧିର ଆବଶ୍ୟକତା ପଡ଼ିଥାଏ। ବର୍ତ୍ତମାନ ସମୟରେ ପିଲାମାନେ ଅଧିକ ମୋବାଇଲ ଦେଖୁଥିବାବେଳେ ଆଭାସ୍ ଅଧିକ ସମୟ ପଜଲକୁ ଯୋଡ଼ି ଅନେକ କାର୍ଯ୍ୟ କରିଥାଏ।



# ଡେଙ୍ଗୁ ମୁକାବିଲା: କାର୍ଯ୍ୟକାରୀ ହେଉନି ନିର୍ଦ୍ଦେଶ

**କ୍ୟାପିଟାଲ ହସ୍ପିଟାଲରେ ଦୟନୀୟ ସ୍ଥିତି**

- ଟେଷ୍ଟିଂ ଲାଗି ଲମ୍ବା ଲାଇନ୍‌ରେ ଅପେକ୍ଷା
- ବିନା ମଶାରିରେ ବାରଣ୍ଡାରେ ଡେଙ୍ଗୁ ରୋଗୀ
- ରାଜ୍ୟରେ ୨୩ ତାରିଖ ସୁଦ୍ଧା ୨୭୩୭ ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୪।୮(ଅଭିଜିତ ଦାସ)

ରାଜ୍ୟରେ ଡେଙ୍ଗୁ ସ୍ଥିତି ଦିନକୁ ଦିନ ଅଣାୟତ୍ତ ହେଉଛି। ୨୩ ତାରିଖ ସୁଦ୍ଧା ଆକ୍ରାନ୍ତଙ୍କ ସଂଖ୍ୟା ୨୭୩୭ରେ ପହଞ୍ଚିଥିବାବେଳେ ପ୍ରତିଦିନ ନୂଆ ଡେଙ୍ଗୁ ରୋଗୀ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି ହେଉଛନ୍ତି। ଏପଟେ ରୋଗୀ ସଂଖ୍ୟା ବଢ଼ିବାରୁ ରକ୍ତଭଣ୍ଡାରଗୁଡ଼ିକରେ ବ୍ଲଡ୍ ପ୍ଲେଟ୍‌ଲେଟ୍ ପାଇଁ ଭିଡ଼ ଲାଗୁଛି। ବିଶେଷକରି ରାଜଧାନୀର ସ୍ଥିତି ସମ୍ପୂର୍ଣ୍ଣ ବିଗିଡ଼ିବାରେ ଲାଗିଛି। ସହରବାସୀଙ୍କୁ ଡେଙ୍ଗୁ ଭୟ ଘାରିଥିବାବେଳେ ଜ୍ୱର ହେବାମାତ୍ରେ ପରିବାରରେ ଚହଳ ପଡୁଛି। ତେବେ ଡେଙ୍ଗୁ ପାଇଁ ଏତେ ଭୟ କାହିଁକି, ମୁକାବିଲା ପାଇଁ ସରକାରଙ୍କ ବ୍ୟାପକ ପ୍ରସ୍ତୁତି ସତ୍ତ୍ୱେ ସ୍ଥିତି କାହିଁକି ନିୟନ୍ତ୍ରଣକୁ ଆସିପାରୁ ନାହିଁ? ଏଭଳି ଅନେକ ପ୍ରଶ୍ନ ରାଜ୍ୟର ଶିକ୍ଷିତ ତଥା ସଚେତନ ବର୍ଗଙ୍କୁ ବ୍ୟଥିତ କରୁଥିବାବେଳେ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ କ୍ଷେତ୍ରସ୍ତରରେ ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବାରୁ ଏ ପରିସ୍ଥିତି ଉପୁଜୁଥିବା କୁହାଯାଉଛି। ଡେଙ୍ଗୁ ମୁକାବିଲା କେବଳ ଚିଠି, ନିର୍ଦ୍ଦେଶରେ ସୀମିତ ରହୁଛି। ଶନିବାର ଜନସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର କ୍ୟାପିଟାଲ ହସ୍ପିଟାଲ ଡେଙ୍ଗୁ ୱାର୍ଡର ସ୍ଥିତି ସମୀକ୍ଷା କରିଥିଲେ। ଏହାପରେ ବିଭିନ୍ନ ଆକ୍ସନ ପ୍ଲାନ କରି ସ୍ୱତନ୍ତ୍ର ଟେଷ୍ଟିଂ ସେଣ୍ଟର ସହ ଅନ୍ୟ କେତେକ ପଦକ୍ଷେପ ନେବାକୁ ଚିଠି ମାଧ୍ୟମରେ ହସ୍ପିଟାଲ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ନିର୍ଦ୍ଦେଶକୁ ୬ଦିନ ବିତିଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନାହିଁ। ଫଳରେ କ୍ୟାପିଟାଲ ହସ୍ପିଟାଲରେ ଏବେ ଦୟନୀୟ ସ୍ଥିତିରେ ଡେଙ୍ଗୁ ରୋଗୀ ପଡି ରହିଛନ୍ତି। ବହୁ ରୋଗୀ ବାରଣ୍ଡାରେ ଶୋଇ ରହିଥିବାବେଳେ ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ମିଳୁ ନ ଥିବା ଓ ମଶାରି ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ବିନା ମଶାରିରେ ବାରଣ୍ଡାରେ ଚିକିତ୍ସିତ ହେଉଥିବାରୁ ଡେଙ୍ଗୁ ବ୍ୟାପିବା ସମ୍ଭାବନା ଅଧିକ ରହୁଛି। ପୁଣି ଡେଙ୍ଗୁ ପରୀକ୍ଷା ପାଇଁ ରୋଗୀ ଓ ସମ୍ପର୍କୀୟଙ୍କୁ ଲମ୍ବା ଲାଇନ୍‌ରେ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ସେହିପରି ୱାର୍ଡରେ ଠିକ୍ ଭାବରେ ସଫେଇ କାର୍ଯ୍ୟ ହେଉ ନ ଥିବା ମଧ ରୋଗୀଙ୍କ ସମ୍ପର୍କୀୟମାନେ କହିଛନ୍ତି। କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡାକ୍ତର ଲକ୍ଷ୍ମୀଧର ସାହୁ କହିଛନ୍ତି, ଗତ କିଛିଦିନ ଧରି କ୍ୟାପିଟାଲ ହସ୍ପିଟାଲରେ ପ୍ରବଳ ଭିଡ ଲାଗି ରହୁଛି। ଦୈନିକ ୬ ହଜାର ରୋଗୀ ବିଭିନ୍ନ ବିଭାଗକୁ ଆସୁଛନ୍ତି। ସେଥି ମଧ୍ୟରୁ ପ୍ରାୟ ୬ଶହରୁ ଊର୍ଦ୍ଧ୍ୱ ରୋଗୀଙ୍କ ରକ୍ତ ନମୁନା ପରୀକ୍ଷା କରାଯାଉଛି। ପାଖାପାଖି ୮୦ ଜଣ ଡେଙ୍ଗୁ ପଜିଟିଭ ଚିହ୍ନଟ ହେଉଛନ୍ତି।


କ୍ୟାପିଟାଲ ହସ୍ପିଟାଲ ବାରଣ୍ଡାରେ ବିନା ମଶାରିରେ ଡେଙ୍ଗୁ ରୋଗୀ।


ରକ୍ତନମୁନା ପରୀକ୍ଷା ପାଇଁ ରୋଗୀମାନେ ଅପେକ୍ଷା କରିଛନ୍ତି।

## ଖୋର୍ଦ୍ଧା ଜିଲାରୁ ୧୩୩୨ ଚିହ୍ନଟ, ଭୁବନେଶ୍ୱର ହଟ୍‌ସ୍ପଟ୍

ସ୍ୱାସ୍ଥ୍ୟ ବିଭାଗର ତଥ୍ୟ ଅନୁଯାୟୀ, ରାଜ୍ୟରୁ ଚିହ୍ନଟ ହୋଇଥିବା ୨୭୩୭ ଡେଙ୍ଗୁ ରୋଗୀଙ୍କ ମଧ୍ୟରୁ କେବଳ ଖୋର୍ଦ୍ଧା ଜିଲାରୁ ୧୩୩୨ ରହିଛନ୍ତି। ସେହିପରି ପୁରୀ ଜିଲାରେ ୨୭୦, ବାଲେଶ୍ୱରରେ ୨୪୮, କଟକରେ ୧୭୩, ଜଗତ୍‌ସିଂହପୁରରେ ୧୫୬ଜଣ ଚିହ୍ନଟ ହୋଇଛନ୍ତି। ତେବେ ଖୋର୍ଦ୍ଧା ଜିଲା ଆକ୍ରାନ୍ତଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଞ୍ଚଳର। ନୟାପଲ୍ଲୀରୁ ୧୧୧ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବାବେଳେ ଆଚାର୍ଯ୍ୟ ବିହାର ୧୦୫, ଜୟଦେବ ବିହାର ୬୬, ୟୁନିଟ-୯ରେ ୫୯, ଶହୀଦନଗର ୫୬ ଓ ସତ୍ୟନଗରରୁ ୪୯ଜଣ ଆକ୍ରାନ୍ତ ରହିଛନ୍ତି। ତେବେ ବହୁ ଆକ୍ରାନ୍ତ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବାରୁ ଏହାର ତଥ୍ୟ ସ୍ୱାସ୍ଥ୍ୟ ବିଭାଗ ନିକଟରେ ପହଞ୍ଚୁ ନ ଥିବାରୁ ପ୍ରକୃତ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ଢେର୍ ଅଧିକ ହେବ ବୋଲି ଆଶଙ୍କା କରାଯାଉଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅକ୍ଷୟ


@ କାହ୍ନୁ


@ ପୁପୁଲ


@ ସୁବାସ


@ ଲିପି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଚାଲାଣବେଳେ ଗୋମାଂସ ଜବତ

**ଅଭିଯୁକ୍ତ ଗିରଫ**

ମଙ୍ଗୁଳି-ଜଗତପୁର,୨୪।୮(ମାନସ ସାମଲ)

ଜଗତ୍‌ପୁର ଥାନା ଅଧୀନ ଗୋଲେଇ ଛକରୁ ଗୁରୁବାର ସକାଳେ ପୋଲିସ ଗୋମାଂସ ବୋଝେଇ ଏକ ପିକ୍‌ଅପ୍ ଭ୍ୟାନ୍ ଜବତ କରିଛି। ଏହି ଘଟଣାରେ ନିଆଳି ଥାନା ଅନ୍ତର୍ଗତ ପସାଙ୍ଗ ଗ୍ରାମର ସୟଦ ରୋଶନ(୫୩)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଜବତ ଗୋମାଂସ ୧ଟନ୍ ୯୮ କେଜି ହେବ ବୋଲି ଜଣାପଡିଛି। ଗୁରୁବାର ସକାଳ ପ୍ରାୟ ସାଢ଼େ ୫ଟାରେ ଜଣେ ବ୍ୟକ୍ତି ଏକ ପିକ୍‌ଅପ୍ ଭ୍ୟାନ୍‌ରେ ଗୋମାଂସ ନେଇ କଟକ-ଚାନ୍ଦବାଲି ରାସ୍ତାରେ ସାଲେପୁର ଅଭିମୁଖେ ଯାଉଥିବା ପୋଲିସ ସୂଚନା ପାଇଥିଲା। ଗୋଲେଇ ଛକରେ ଉକ୍ତ ଗାଡି ପହଞ୍ଚିବା ପରେ ପୋଲିସ ଅଟକାଇଥିଲା। ଯାଞ୍ଚ କରାଯିବାରୁ ସେଥିରେ ଗୋମାଂସ ଥିବା ଦେଖିବାକୁ ମିଳିଥିଲା। ରୋଶନ ଉକ୍ତ ଗୋମାଂସକୁ ନିଆଳି ଥାନା ଅଧୀନ ଅଥରଙ୍ଗା ଅଞ୍ଚଳରୁ ଆଣି ବିକ୍ରି ପାଇଁ ସାଲେପୁର ନେଉଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୪୨୦/୨୩) ରୁଜୁ କରିଛି।

## ଓଡ଼ିଶୀ ନୃତ୍ୟକୁ ଲୋକପ୍ରିୟ କରାଇଥିଲେ ସଂଯୁକ୍ତା

ଭୁବନେଶ୍ୱର,୨୪।୮(ଶର୍ମିଷ୍ଠା ପାଣିଗ୍ରାହୀ)

**ସଂଯୁକ୍ତା ପାଣିଗ୍ରାହୀଙ୍କ ୭୯ତମ ଜୟନ୍ତୀ**

ବିଶିଷ୍ଟ ଓଡିଶୀ ନୃତ୍ୟାଙ୍ଗନା ସଂଯୁକ୍ତା ପାଣିଗ୍ରାହୀଙ୍କ ୭୯ତମ ଜୟନ୍ତୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ଗୁରୁ କେଳୁଚରଣ ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରସ୍ଥ ତାଙ୍କ ପ୍ରତିମୂର୍ତ୍ତିସ୍ଥଳୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବିଧାୟକ ପ୍ରଫୁଲ୍ଲ ସାମଲ, ପ୍ରବୀର ମହାନ୍ତି, ସାମାଜିକ କର୍ମୀ ଗିରିଜା ଶଙ୍କର ମହାପାତ୍ର, କବିତା ନାୟକ, ସ୍ମୃତିରେଖା ପ୍ରତିହାରୀ, ଜୟଗୁରୁ ପ୍ରଧାନ, ଜ୍ୟୋତିରାଣୀ ନାୟକ ଓ ନୀଳିମା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସଂଯୁକ୍ତା ପାଣିଗ୍ରାହୀ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ। ଗୁରୁ କେଳୁଚରଣ ମହାପାତ୍ରଙ୍କଠାରୁ ଓଡ଼ିଶୀ ନୃତ୍ୟ ଶିକ୍ଷା କରି ନିଜ ନୃତ୍ୟ ପ୍ରତିଭା ବଳରେ ସେ ଓଡ଼ିଶୀ ନୃତ୍ୟକୁ ବିଶ୍ୱର କୋଣ ଅନୁକୋଣରେ ପରିବେଷଣ କରି ଲୋକପ୍ରିୟ କରିପାରିଥିଲେ। ଏଥିପାଇଁ ସେ ବହୁତ ସମ୍ମାନର ଅଧିକାରୀ ହୋଇଥିଲେ। ଓଡ଼ିଶୀ ନୃତ୍ୟ ଓ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଥିବାବେଳେ ଓଡ଼ିଶୀ ଗୀତକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରାଯିବା ଆବଶ୍ୟକ ବୋଲି ଅତିଥିମାନେ କହିବା ସହ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଭାଗର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଲକ୍ଷ୍ମୀଧର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଓଡିଶା ପ୍ରତ୍ନତତ୍ତ୍ୱ ସଂସ୍ଥାର ଅଧୀକ୍ଷକ ଅଶ୍ୱିନୀ ଶତପଥୀ ଧନ୍ୟବାଦ ଦେଇଥିଲେ।



ସଂଯୁକ୍ତା ପାଣିଗ୍ରାହୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଅତିଥିମାନେ। (ଫଟୋ- ମନୋରଞ୍ଜନ ମିଶ୍ର)

## ଚେନ୍ନାଇରୁ ନାବାଳିକା ଉଦ୍ଧାର, ଅପହରଣକାରୀ ଗିରଫ

ଭୁବନେଶ୍ୱର,୨୪।୮
(ସୂର୍ଯ୍ୟକାନ୍ତ ବେହେରା)

ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର କରିବା ଅଭିଯୋଗରେ ଭରତପୁର ଥାନା ପୋଲିସ ଅପହରଣକାରୀ ଯୁବକଙ୍କୁ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଖଣ୍ଡଗିରି ଅଞ୍ଚଳର ସୁଶାନ୍ତ ଘଡେଇ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ, ଅଭିଯୋଗକାରୀ ଜଣକ ପରିବାର ସହିତ ଭରତପୁର ଥାନା ଅଞ୍ଚଳରେ ରହୁଥିବାବେଳେ ତାଙ୍କ ନାବାଳିକା ଝିଅ ନିକଟସ୍ଥ ସ୍କୁଲରେ ନବମ ଶ୍ରେଣୀରେ ପଢୁଥିଲେ। ଗତ ଜୁଲାଇ ମାସରେ ଅଭିଯୁକ୍ତ ସୁଶାନ୍ତ ତାଙ୍କ ଝିଅକୁ ସ୍କୁଲ ଯିବା ରାସ୍ତାରୁ ଅପହରଣ କରି ଚେନ୍ନାଇ ନେଇଯାଇଥିଲେ। ସେଠାରେ ତାଙ୍କୁ ପାଖରେ ରଖି ବଳାତ୍କାର କରିଥିଲେ। ଖବର ପାଇବା ପରେ ନାବାଳିକାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରିବା ସହିତ ଚେନ୍ନାଇରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ।

## ନଭେମ୍ବର ୧୭ରୁ କଳିଙ୍ଗ ପୁସ୍ତକ ମେଳା

ଭୁବନେଶ୍ୱର,୨୪।୮(ଶର୍ମିଷ୍ଠା ପାଣିଗ୍ରାହୀ)

୨୬ତମ କଳିଙ୍ଗ ପୁସ୍ତକ ମେଳା ଆସନ୍ତା ନଭେମ୍ବର ୧୭ରୁ ଆରମ୍ଭ ହୋଇ ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ହେବାକୁ ଥିବା ଏହି ୧୦ଦିନିଆ ପୁସ୍ତକ ପର୍ବରେ ରାଜ୍ୟ ତଥା ଦେଶର ୨୦୦ରୁ ଊର୍ଦ୍ଧ୍ୱ ଅଗ୍ରଣୀ ପ୍ରକାଶନୀ ସଂସ୍ଥାଙ୍କ ସହ ବହୁ ସଂଖ୍ୟାରେ ପୁସ୍ତକ ବିତରକ, ବିକ୍ରେତା ଏବଂ ଅନୁଷ୍ଠାନ ଅଂଶଗ୍ରହଣ କରିବେ। ପୁସ୍ତକ ମେଳା ମଞ୍ଚରେ ସାହିତ୍ୟ ତଥା ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ଆୟୋଜନ ହେବ। ସନ୍ଧ୍ୟାରେ ସ୍କୁଲ କଲେଜର ଛାତ୍ରୀଛାତ୍ର ଓ ଅନୁଷ୍ଠାନ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ। ଉଦ୍‌ଘାଟନୀ ଉତ୍ସବରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଅତିଥି ଭାବେ ନିମନ୍ତ୍ରଣ କରାଯାଇଛି। ଏ ନେଇ କଳିଙ୍ଗ ପୁସ୍ତକ ମେଳାର ସମ୍ପାଦିକା ରେଣୁକା ମିଶ୍ର ଓ କମିଟିର ଅନ୍ୟ ବରିଷ୍ଠ କର୍ମକର୍ତ୍ତାମାନେ ରାଷ୍ଟ୍ରପତିଙ୍କୁ ରାଷ୍ଟ୍ରପତି ଭବନରେ ସାକ୍ଷାତ କରି ନିମନ୍ତ୍ରଣ ଜଣାଇଛନ୍ତି। ପ୍ରତ୍ୟେକ ବର୍ଷ ପରି ଏବର୍ଷ ମଧ ଓଡ଼ିଆ ସାହିତ୍ୟର ୧୦ଟି ବିଭାଗରେ ଶ୍ରେଷ୍ଠ ବିବେଚିତ ପୁସ୍ତକକୁ କଳିଙ୍ଗ ପୁସ୍ତକ ମେଳା ସମ୍ମାନରେ ସମ୍ମାନିତ କରାଯିବ। ଆଗ୍ରହୀ ଲେଖିକାଲେଖକ, ପ୍ରକାଶନୀ ସଂସ୍ଥାଙ୍କଠାରୁ ପୁସ୍ତକ ଆହ୍ୱାନ କରାଯାଇଛି।


ପୁରୀ ରେଳଷ୍ଟେଶନ ସମ୍ମୁଖରେ ଥିବା ସ୍ମାରକୀ ଜାତୀୟ ପତାକା ଚିରିଯାଇଛି।
(ଫଟୋ-ଯଜ୍ଞେଶ୍ୱର ମହାନ୍ତି)

# ଦୁର୍ଦ୍ଦାନ୍ତ ପିନୁଙ୍କୁ ଏନ୍‌କାଉଣ୍ଟର

ପୁରୀ, ୨୪।୮(ଅଜିତ ମହାନ୍ତି)

**ବାମଗୋଡ଼ରେ ବାଜିଛି ଗୁଳି**

- ପିସ୍ତଲ, ୨ ଗୁଳି, ବାଇକ, ୩ ମୋବାଇଲ ଜବତ
- ପିନୁଙ୍କ ନାଁରେ ରହିଛି ୧୧ରୁ ଊର୍ଦ୍ଧ୍ୱ ମାମଲା
- କାବୁ କଲାବେଳେ ବାସେଳିସାହି ଥାନା ଏସ୍‌ଆଇ ଆହତ

ପୁରୀରେ ଗୁରୁବାର ଦୁର୍ଦ୍ଦାନ୍ତ ପିନୁ ଓରଫ ପିନାକୀ ବରାଳଙ୍କୁ ପୋଲିସ ଏନ୍‌କାଉଣ୍ଟର କରିଛି। ବାସେଳିସାହି ଥାନା ଅନ୍ତର୍ଗତ ଲୋକନାଥ ମନ୍ଦିର ନିକଟ ଶଙ୍କରେଶ୍ୱର ଜଙ୍ଗଲରେ ଏହି ଏନ୍‌କାଉଣ୍ଟର କରାଯାଇଛି। ପୋଲିସ ଗୁଳିରେ ପିନୁ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ବାମଗୋଡ଼ରେ ଗୁଳି ବାଜିଛି। ପୋଲିସ ତାଙ୍କୁ ଉଦ୍ଧାର କରି ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ତେବେ ପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ପଠାଯାଇଛି। ପିନୁଙ୍କ ନାଁରେ ପୁରୀର ବିଭିନ୍ନ ଥାନାରେ ୧୧ଟି ମାମଲା ରହିଛି।

ଏନ୍‌କାଉଣ୍ଟର ସମ୍ପର୍କରେ ଅତିରିକ୍ତ ଏସ୍‌ପି ସୁଶିଲ କୁମାର ମିଶ୍ର ସୂଚନା ଦେଇ କହିଛନ୍ତି, ପୁରୀକୁ ଅପରାଧମୁକ୍ତ କରିବା ପାଇଁ ଏସ୍‌ପି କନୱର ବିଶାଲ ସିଂହଙ୍କ ନେତୃତ୍ୱରେ ସ୍ପେଶାଲ ଡ୍ରାଇଭ ଚାଲିଛି। ଏଥିପାଇଁ ପୋଲିସର ବିଭିନ୍ନ ଟିମ୍ ଗଠନ କରାଯାଇଛି। ଦୁର୍ଦ୍ଦାନ୍ତ ପିନୁ ଓ ତାଙ୍କର କେତେଜଣ ସହଯୋଗୀ ଜାତୀୟ ରାଜପଥରେ ଲୁଟ୍ କରିବା ପାଇଁ ବିଭିନ୍ନ ମାରଣାସ୍ତ୍ର ଧରି ବୁଲୁଥିବା ପୋଲିସକୁ ସୂଚନା ମିଳିଥିଲା। ଏହି ଖବର ମିଳିବା ପରେ ପୋଲିସ ପକ୍ଷରୁ ଅଭିଯୁକ୍ତମାନଙ୍କୁ ଟ୍ରାକ୍ କରାଯାଇଥିଲା। ଅଭିଯୁକ୍ତମାନେ ଶଙ୍କରେଶ୍ୱର ଜଙ୍ଗଲ ପରିସରରେ ଥିବା ସୂଚନା ମିଳିଥିଲା। ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ ଏବଂ ବାସେଳିସାହି ଥାନା ଅଧିକାରୀ ମାନସ ବାରିକଙ୍କ ନେତୃତ୍ୱରେ ପୋଲିସର ଏକ ଟିମ୍ ଉକ୍ତ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଆତ୍ମସମର୍ପଣ କରିବା ପାଇଁ କହିଥିଲେ। ତେବେ ସେମାନେ ଆତ୍ମସମର୍ପଣ କରିବା ପରିବର୍ତ୍ତେ ପୋଲିସ ଟିମ୍ ଉପରକୁ ଗୁଳି ଚଳାଇଥିଲେ। ଫଳରେ ପୋଲିସ ନିଜର ଆତ୍ମରକ୍ଷା ପାଇଁ ପାଲଟା ଗୁଳିଚାଳନା କରିଥିଲା। ଅଭିଯୁକ୍ତ ପିନୁଙ୍କ ବାମଗୋଡ଼ରେ ଗୁଳି ବାଜିଥିଲା। ଏହି ସମୟରେ ପିନୁଙ୍କ ସହଯୋଗୀମାନେ ଜଙ୍ଗଲ ମଧ୍ୟରେ ଖସିଯିବାକୁ ସକ୍ଷମ ହୋଇଥିଲେ। ତେବେ ପୋଲିସ ପିନୁଙ୍କୁ ଗୁରୁତର ଅବସ୍ଥାରେ କାବୁ କରିବା ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ପଠାଯାଇଛି। ତାଙ୍କର ସହଯୋଗୀମାନଙ୍କୁ ଧରିବା ପାଇଁ ପୋଲିସ ପ୍ରୟାସ ଜାରି ରଖିଛି। ପୋଲିସ ଘଟଣାସ୍ଥଳରୁ ଗୋଟିଏ ପିସ୍ତଲ, ଦୁଇଟି ଜୀବନ୍ତ ଗୁଳି, ବାଇକ ଏବଂ ୩ଟି ମୋବାଇଲ ଫୋନ ଜବତ କରିଛି। ପିନୁଙ୍କୁ କାବୁ କରିବା ସମୟରେ ବାସେଳିସାହି ଥାନା ଏସ୍‌ଆଇ ବି. ମାଝି ଆହତ ହୋଇଥିବା ମିଶ୍ର କହିଛନ୍ତି। ଅପରପକ୍ଷରେ ପିନୁ ଜଣେ ହାର୍ଡକୋର ଅଭିଯୁକ୍ତ ହୋଇଥିବାବେଳେ ତାଙ୍କ ନାଁରେ ବିଭିନ୍ନ ଥାନାରେ ହତ୍ୟା ଉଦ୍ୟମ, ଡକାୟତି, ଦାଦାବଟି ଆଦାୟ ଭଳି ୧୧ରୁ ଅଧିକ ସଙ୍ଗିନ ମାମଲା ରହିଛି। ସହରରେ ଅପରାଧ ନିୟନ୍ତ୍ରଣ କରିବାକୁ ପୁରୀ ପୋଲିସ ସ୍ୱତନ୍ତ୍ର ଅପରେଶନ ଚଳାଇଛି। ଏହିକ୍ରମରେ ବିଭିନ୍ନ ଅପରାଧୀଙ୍କୁ ଗିରଫ କରାଯାଉଛି। ଏସ୍‌ପି ଭାବେ କନଓ୍ୱର ବିଶାଳ ସିଂହ ଦାୟିତ୍ୱ ନେବା ପରେ ପୁରୀରେ ଏହା ପ୍ରଥମ ଏନ୍‌କାଉଣ୍ଟର ଘଟଣା ବୋଲି କୁହାଯାଉଛି। ଅନ୍ୟପକ୍ଷରେ ପୁରୀ ଜିଲାରେ ପୋଲିସ ବିଭାଗରେ ବଡ଼ଧରଣର ଅଦଳବଦଳ ହେବା ପରେ ଗତ କିଛିଦିନ ଧରି ଶ୍ରୀକ୍ଷେତ୍ରରେ ଆପରାଧିକ ମାମଲା ବଢିବାରେ ଲାଗିଥିଲା। ତେଣୁ ପୋଲିସ ପକ୍ଷରୁ ଏ ନେଇ ସ୍ୱତନ୍ତ୍ର ନଜର ରଖାଯାଇଥିଲା।


ଚିକିତ୍ସାଧୀନ ଅବସ୍ଥାରେ ପିନୁ ଓରଫ ପିନାକୀ ବରାଳ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସ୍ଥପତି ବିପ୍ରଚରଣ ମହାନ୍ତିଙ୍କ ଚତୁର୍ଦ୍ଦଶ ବାର୍ଷିକ ଶ୍ରାଦ୍ଧୋତ୍ସବ, ଶାସ୍ତ୍ରୀନଗରସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା ୩୦।
- ଚକ୍ଷୁଦାନ ସଚେତନତା କାର୍ଯ୍ୟକ୍ରମ, ପଦ୍ମ ହସ୍ପିଟାଲ, ଲକ୍ଷ୍ମୀସାଗର, ପୂର୍ବାହ୍ନ ୧୦ଟା।
- ଜାତୀୟ ସେମିନାର, ରମାଦେବୀ ବିଶ୍ୱବିଦ୍ୟାଳୟ, ପୂର୍ବାହ୍ନ ୧୦ଟା।
- ୪ର୍ଥ ଆଇସିସି ହେଲ୍‌ଥ କେୟାର ସମିଟ୍, ସ୍ୱସ୍ତି ପ୍ରିମିୟମ୍, ପୂର୍ବାହ୍ନ ୧୦ଟା।
- ଚିନ୍ତା ଓ ଚେତନା ପକ୍ଷରୁ ୪୬ତମ ବର୍ଷା ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ମାଇମ୍ ଅଭିନୟ କର୍ମଶାଳା 'ଏମ୍-ଫାକ୍ଟର'ର ପ୍ରଦର୍ଶନୀ କାର୍ଯ୍ୟକ୍ରମ ଉଦ୍‌ଯାପନୀ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।

## ମତ୍ସ୍ୟ ବୈଜ୍ଞାନିକ ଡ. ଏସ୍.ଡି. ତ୍ରିପାଠୀଙ୍କ ପରଲୋକ

**ବାଲକାଟୀ,୨୪।୮(ମନୋଜ ମଣ୍ଡଳ):** ମତ୍ସ୍ୟ ବୈଜ୍ଞାନିକ ତଥା କୌଶଲ୍ୟାଗଙ୍ଗସ୍ଥିତ କେନ୍ଦ୍ରୀୟ ମଧୁର ଜଳ କୃଷି ଅନୁସନ୍ଧାନ ସଂସ୍ଥାର ପୂର୍ବତନ ନିର୍ଦ୍ଦେଶକ ଡ. ଏସ୍.ଡି. ତ୍ରିପାଠୀ(୮୮)ଙ୍କ ବୁଧବାର ପରଲୋକ ଘଟିଛି। ଭାରତରେ ଜଳ କୃଷି ବିଶେଷ କରି ମତ୍ସ୍ୟ ବିଜ୍ଞାନ କ୍ଷେତ୍ରରେ ଗବେଷଣା କରି ସାରା ବିଶ୍ୱରେ ଡ. ତ୍ରିପାଠୀ ପ୍ରସିଦ୍ଧି ଲାଭ କରିଥିଲେ। ସେ ସିଫ୍ରି/ଆଇଡି ଆର୍‌ସିରେ ଜଳକୃଷିର ଉନ୍ନତି ପାଇଁ ପ୍ରକଳ୍ପ ସଂଯୋଜକ ଭାବେ ନିଜର ବୃତ୍ତି ଆରମ୍ଭ କରିଥିଲେ। ୧୯୮୮ରୁ ୧୯୯୪ମସିହା ପର୍ଯ୍ୟନ୍ତ କୌଶଲ୍ୟାଗଙ୍ଗର ମଧୁର ଜଳ କୃଷି ଅନୁସନ୍ଧାନ ସଂସ୍ଥାର ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇଥିଲେ। ପରେ ମୁମ୍ବାଇସ୍ଥିତ କେନ୍ଦ୍ରୀୟ ମତ୍ସ୍ୟ ଶିକ୍ଷା ସଂସ୍ଥାନର କୁଳପତି ଭାବେ ୧୯୯୪ରୁ ୧୯୯୫ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ସ୍ୱର୍ଗତ ତ୍ରିପାଠୀଙ୍କ ଜୀବନକାଳ ମଧ୍ୟରେ ସ୍ୱପାରଦର୍ଶିତା ପାଇଁ ଆସୋସିଏଶନ ଅଫ ହାଇଡ୍ରୋ ବାୟୋଲୋଜିଷ୍ଟ ଗୋଲଡ଼ ମେଡାଲ, ଏମ୍‌ପେଡା ଆକ୍ୱାକଲଚର ଆୱାର୍ଡ, ସଫ୍‌ଟି ପୁରସ୍କାର ପାଇଥିଲେ। ନ୍ୟାଶନାଲ କାଉନସିଲ ଏକାଡେମୀ ଅଫ ଏଗ୍ରିକଲ୍‌ଚରାଲ ସାଇନ୍ସ ଫେଲୋଶିପ ପୁରସ୍କାର ପାଇଥିଲେ। ଜୁଲୋଜିକାଲ ସୋସାଇଟି ଅଫ ଇଣ୍ଡିଆ, ଦି ଇନଲଣ୍ଡ ଫିସେରିଜ ସୋସାଇଟି ଅଫ ଇଣ୍ଡିଆ ଆଦି ସଂସ୍ଥାର ସଦସ୍ୟ ଭାବେ କାର୍ଯ୍ୟ କରିଥିଲେ। ଏହି ଅବସରରେ ଆୟୋଜିତ ଶୋକସଭାରେ ସିଫାର ନିର୍ଦ୍ଦେଶକ ଡ. ପି.କେ ସାହୁ ଗଭୀର ଶୋକବ୍ୟକ୍ତ କରିଥିଲେ।

## 'ଚୁକ୍ତିଭିତ୍ତିକ ଶିକ୍ଷକ ନିଯୁକ୍ତି ଏକ କଳଙ୍କିତ ଅଧ୍ୟାୟର ଅୟମାରମ୍ଭ'

**ଭୁବନେଶ୍ୱର,୨୪।୮(ଅନୁରାଧା ମହାରଣା):** ରାଜ୍ୟରୁ ଚୁକ୍ତିଭିତ୍ତିକ ନିଯୁକ୍ତିକୁ ଉଚ୍ଛେଦ କରିବା ନେଇ ଘୋଷଣା କରିଥିବାବେଳେ ପୁଣିଥରେ ପ୍ରାଥମିକ ସ୍ତରରେ ଠିକା ଶିକ୍ଷକ ନିଯୁକ୍ତି ହେବ ବୋଲି ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାକୁ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ବିରୋଧ କରାଯାଇଛି। ଏହି ବିଜ୍ଞପ୍ତି ପ୍ରକାଶ ଫଳରେ ଶିକ୍ଷା ପ୍ରତି ଥିବା ସରକାରଙ୍କର ବୈମାତୃକ ମନୋଭାବ ସ୍ପଷ୍ଟ ହେଲା ବୋଲି ସଂଗଠନର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ କହିଛନ୍ତି। ଏହି ସ୍ତରରେ ୨୦୧୬ଠାରୁ ଜଣେ ମଧ୍ୟ ଶିକ୍ଷକ ନିଯୁକ୍ତି ହୋଇ ନାହିଁ। ଏବେ ୨୦ହଜାର ଶିକ୍ଷକ ନିଯୁକ୍ତି ଦିଆଯିବ ବୋଲି ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହାର ୩ଗୁଣାରୁ ଅଧିକ ଶିକ୍ଷକ ପଦବୀ ଶୂନ୍ୟ ପଡ଼ିଛି। ତଥାପି ଏକାସଙ୍ଗେ ଏତେ ସଂଖ୍ୟକ ଶିକ୍ଷକ ନିଯୁକ୍ତି ଦେବା ଏକ ବଡ଼ ନିଷ୍ପତ୍ତି ହୋଇଥିଲେ ମଧ୍ୟ ନିୟମିତ ଶିକ୍ଷକ ନିଯୁକ୍ତି ନ ଦେଇ ପୁନଃ ଠିକା ନିଯୁକ୍ତି ପ୍ରଚଳନ କରିବା ଆଉ ଏକ କଳଙ୍କିତ ଅଧ୍ୟାୟର ଅୟମାରମ୍ଭ ବୋଲି ଓଷ୍ଟା ପକ୍ଷରୁ କୁହାଯାଇଛି। ସରକାର ଅନେକ ଜାତିର ଶିକ୍ଷକ ସୃଷ୍ଟି କରିଥିବା ବେଳେ ଆଉ ଏକ ନୂତନ ଜାତି ସୃଷ୍ଟିକରିବାକୁ ଯାଉଛନ୍ତି, ଯେଉଁମାନେ ସମାଜରେ ସ୍କିମାଟିକ୍ ଶିକ୍ଷକର ପରିଚୟ ନେଇ ବଞ୍ଚିବେ। ପୁଣି ଏମାନେ ଏକବର୍ଷିଆ ଚୁକ୍ତିନାମାରେ ଦସ୍ତଖତ କରି ନିଯୁକ୍ତିପତ୍ର ନେବେ। ବର୍ଷେ ପରେ ଦକ୍ଷତା ପ୍ରମାଣପତ୍ର ଦେଇପାରିଲେ ନବୀକରଣ ହେବେ ନ ହେଲେ ଚାକିରି ଯିବ। ନିୟମିତ ଶିକ୍ଷକ ଭଳି ଏମାନେ ବିଦ୍ୟାଳୟର ସମସ୍ତ ଦାୟିତ୍ୱ ମୁଣ୍ଡାଇବେ ମାତ୍ର ଅଧିକାରରୁ ବଞ୍ଚିତ ହେବେ। ଏହା ସମାନ କାମ ପାଇଁ ସମାନ ଦରମା ନୀତିର ସିଧାସଳଖ ଉଲ୍ଲଂଘନ କରୁଛି। ଶିକ୍ଷକ ବାରମ୍ବାର ଆନ୍ଦୋଳନ କରିବାକୁ ବାଧ୍ୟ ହେଲେ ଗୁଣାତ୍ମକ ଶିକ୍ଷାଦାନ କିପରି ହେବ ବୋଲି ସଂଗଠନ ପ୍ରଶ୍ନ କରିଛି। ଠିକା ନିଯୁକ୍ତି ପରିବର୍ତ୍ତେ ନିୟମିତ ଶିକ୍ଷକ ନିଯୁକ୍ତି ଦିଅନ୍ତୁ ବୋଲି ଓଷ୍ଟାର ସଭାପତି ଅକ୍ଷୟ ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ ମହାପାତ୍ର, ଶିକ୍ଷା ପ୍ରଦୀପ ସମ୍ପାଦକ ଶଙ୍କର ସୁବୁଦ୍ଧି ସରକାରଙ୍କ ନିକଟରେ ଦାବି କରିଛନ୍ତି।

# ଭାଣିଜୀଙ୍କୁ ହତ୍ୟା କରିଥିଲେ ମାମୁ

### ନନ୍ଦନବିହାରରୁ ନାବାଳିକାଙ୍କ ମୃତଦେହ ଜବତ ଘଟଣା

- ଅଭିଯୁକ୍ତ ମାମୁ, ସହଯୋଗୀ ଗିରଫ
- ହତ୍ୟାରେ ବ୍ୟବହୃତ କାଠ ବାଡ଼ି ଜବତ


ଅଭିଯୁକ୍ତ ମାମୁ ଶୁଖଲାଲ୍ ସଏ।


ନରେନ୍ଦ୍ର ସିଂ।

**ଭୁବନେଶ୍ୱର,୨୪।୮(ସତ୍ୟଜିତ୍ ରାଉତ)** ଇନ୍‌ଫୋସିଟି ଥାନା ଅନ୍ତର୍ଗତ ନନ୍ଦନବିହାର ହାଉସିଂବୋର୍ଡ କଲୋନୀର ଏକ ଘର ପାର୍ଶ୍ୱରେ ନାବାଳିକାଙ୍କ ଗଳିତ ମୃତଦେହ ଜବତ ଘଟଣାର ଦୁଇ ସପ୍ତାହ ପରେ ଗୁରୁବାର ପର୍ଦ୍ଦାଫାଶ କରିଛି କମିଶନରେଟ ପୋଲିସ। କଥା ମାନୁ ନ ଥିବାରୁ ଭାଣିଜୀ ମାମା ଓରଫ ଦୁର୍ଗାଙ୍କୁ ତାଙ୍କ ମାମୁ ଶୁଖଲାଲ୍ ସଏ ବାଡ଼ିରେ ପିଟି ହତ୍ୟା କରିଥିଲେ। ବ୍ୟବଚ୍ଛେଦ ରିପୋର୍ଟ, ଡିଜିଟାଲ ପ୍ରମାଣ ଓ ପଚରାଉଚରାରୁ ଏହା ସ୍ପଷ୍ଟ ହେବା ପରେ ପୋଲିସ ଏକ ହତ୍ୟା ମାମଲା (ନଂ.୮୧/୨୦୨୩) ରୁଜୁ କରି ଅଭିଯୁକ୍ତ ଶୁଖଲାଲ୍‌ଙ୍କୁ ଗିରଫ କରିଛି। ଏଥିସହ ପ୍ରମାଣ ଲୁଚାଇବାରେ ତାଙ୍କୁ ସହଯୋଗ କରିଥିବା ସ୍ଥାନୀୟ ଅଞ୍ଚଳରେ ରହୁଥିବା ନରେନ୍ଦ୍ର ସିଂଙ୍କୁ ମଧ୍ୟ ଗିରଫ କରାଯାଇଛି। ପୋଲିସ ହତ୍ୟାରେ ବ୍ୟବହୃତ ଏକ କାଠ ବାଡ଼ିକୁ ଜବତ କରିଛି। ଅଭିଯୁକ୍ତ ଶୁଖଲାଲ୍ ଓ ନରେନ୍ଦ୍ରଙ୍କୁ କୋର୍ଟଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ପର ଘରକୁ କାମ କରିବାକୁ ନ ଯିବାରୁ ...

ମାମା ଜନ୍ମ ହେବା ପରେ ମା'ବାପା ତାଙ୍କୁ ଛାଡ଼ି ପଳାଇଥିଲେ। ଜେଜେବାପା ଦିନମଜୁରିଆ ଭାବେ କାମ କରି ବାହାରେ ରୁହନ୍ତି। ତେଣୁ ନନ୍ଦନ ବିହାର ହାଉସିଂବୋର୍ଡ କଲୋନୀ ନିକଟ ବସ୍ତିରେ ରହୁଥିବା ମାମୁ-ମାଇଁଙ୍କ ପାଖରେ ମାମା ରହୁଥିଲେ। ମାମାଙ୍କୁ ତାଙ୍କ ମାମୁ ଶୁଖଲାଲ୍ ଅନ୍ୟ ଘରକୁ କାମ କରିବାକୁ ପଠାଉଥିଲେ। ହେଲେ ମାମା ପ୍ରାୟ ସମୟରେ କଥା ମାନୁ ନ ଥିଲେ। ଶୁଖଲାଲ୍ ଯେଉଁ ଘରକୁ କାମ କରିବାକୁ ପଠାଉଥିଲେ ମାମା ସେଠାକୁ ନ ଯାଇ ଅନ୍ୟ ସ୍ଥାନକୁ ଚାଲି ଯାଉଥିଲେ। ଫଳରେ ଶୁଖଲାଲ୍ ତାଙ୍କୁ ଗାଳି କରୁଥିଲେ। ଅଗଷ୍ଟ ୯ ଦିନ ପ୍ରାୟ ୧୧ଟାରେ ମାମା'ଙ୍କୁ ଶୁଖଲାଲ୍ ଏକ ବାଡ଼ିରେ ନିସ୍ତୁକ ପିଟିଥିଲେ। ମୁଣ୍ଡରେ ଶକ୍ତ ଆଘାତ ଯୋଗୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା।

### ଦିନସାରା ଘରେ ଲୁଚାଇ ରଖିଥିଲେ

ମାମାଙ୍କ ମୃତ୍ୟୁ ପରେ ମାମୁ ଶୁଖଲାଲ୍ କେମିତି ଖସିବେ ସେହି ଯୋଜନା କରିଥିଲେ। ଦିନ ହୋଇଥିବାରୁ ମୃତଦେହକୁ ଘରେ ଲୁଚାଇ ରଖିଥିଲେ। ପରେ ରାତିରେ ମୃତଦେହକୁ ଅନ୍ୟ ସ୍ଥାନରେ ଫୋପାଡ଼ିବାକୁ ନରେନ୍ଦ୍ରଙ୍କ ସହଯୋଗ ଲୋଡ଼ିଥିଲେ। ଦୁହେଁ ମାମାଙ୍କ ମୃତଦେହକୁ ପ୍ରାୟ ୧୦୦ ମିଟର ଦୂର ଏଲ୍‌ଆଇଜି-୧୨୧ ଘର ପାର୍ଶ୍ୱ ଅନ୍ଧାରୁଆ ପରିତ୍ୟକ୍ତ ସ୍ଥାନରେ ଫୋପାଡ଼ି ଦେଇ ଆସିଥିଲେ। ଉକ୍ତ ସ୍ଥାନକୁ ସ୍ଥାନୀୟ ଲୋକଙ୍କ ଚଳପ୍ରଚଳ ନ ଥିବାରୁ ମୃତଦେହ ଉପରେ କାହାର ନଜର ପଡି ନ ଥିଲା। ଦୁଇଦିନ ପରେ ଅର୍ଥାତ ଅଗଷ୍ଟ ୧୧ରେ ପ୍ରବଳ ଦୁର୍ଗନ୍ଧ ହେବାରୁ ଲୋକେ ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ।

### ଘଟଣା ପ୍ରଘଟ ନ କରିବାକୁ ସ୍ତ୍ରୀଙ୍କୁ ଧମକ ଦେଇଥିଲେ

ମାମାଙ୍କ ମୃତଦେହ ପଚିଯାଇଥିବାରୁ ସ୍ଥାନୀୟ ଲୋକେ ଚିହ୍ନି ପାରି ନ ଥିଲେ। ପରିଚୟ ପାଇବାକୁ ପୋଲିସ ପ୍ରୟାସ ଆରମ୍ଭ କରିଥିଲା। ସେପଟେ ଏକଥା ପ୍ରଘଟ ନ କରିବାକୁ ସ୍ତ୍ରୀଙ୍କୁ ଶୁଖଲାଲ୍ ଧମକ ଦେଇଥିଲେ। ପଚରାଉଚରା ବେଳେ ସମସ୍ତେ ପୋଲିସକୁ ଭୁଲ ବୟାନ ଦେଇ ଭୁଆଁ ବୁଲାଇଥିଲେ। ଏପରିକି ମାମା ବହୁତ ଦିନ ହେଲା ଘରୁ ପଳାଇଯାଇଥିବା କହିଥିଲେ। ହେଲେ ଏନେଇ ଥାନାରେ ନିଖୋଜ ଏତଲା ଦିଆଯାଇ ନ ଥିବାରୁ ସେମାନଙ୍କ ବୟାନକୁ ନେଇ ପୋଲିସ ସନ୍ଦେହ କରିଥିଲା। ସିସିଟିଭି ଫୁଟେଜ୍, ସ୍ଥାନୀୟ ଲୋକଙ୍କ ବୟାନ ଓ ବ୍ୟବଚ୍ଛେଦ ରିପୋର୍ଟରୁ ପରଦା ପଛର ସତ ଜଣାପଡ଼ିଥିଲା।

# ନ୍ୟାୟ ପାଇଁ ପରିବାର ଲୋକଙ୍କ ଆତ୍ମହତ୍ୟା ଉଦ୍ୟମ



### ଦୈତ୍ୟରାଜ ନାୟକ ହତ୍ୟା ଘଟଣା
### ନବୀନ ନିବାସ ପୂର୍ବରୁ ଉଠାଇନେଲା ପୋଲିସ

**ଭୁବନେଶ୍ୱର,୨୪।୮ (ସୂର୍ଯ୍ୟକାନ୍ତ ବେହେରା)** ନବୀନ ବାବୁ ଆମକୁ ନ୍ୟାୟ ଦିଅନ୍ତୁ। ମୋ ପୁଅ ଦୈତ୍ୟରାଜର ହତ୍ୟାକାରୀ କେବଳ ଜଣେ ନୁହନ୍ତି, ବହୁ ବଡ଼ ବଡ଼ ଲୋକ ଏଥିରେ ସଂପୃକ୍ତ ଅଛନ୍ତି। ତେଣୁ ଗୁମର ଖୋଲିଯିବା ଭୟରେ ପୋଲିସ ଅଶୋକ ଜେନାଙ୍କୁ ଗିରଫ କରି ଚୁପ୍ ବସିଥିବାବେଳେ ଏବେବି ଅନେକ ଅଭିଯୁକ୍ତ ଖୁଲମଖୁଲା ବୁଲୁଛନ୍ତି। ପୋଲିସ ସେମାନଙ୍କୁ ଜାଣିଶୁଣି ଗିରଫ କରୁନାହିଁ ବୋଲି ଦୈତ୍ୟରାଜଙ୍କ ମା' ଅଭିଯୋଗ ଆଣିଛନ୍ତି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଦୈତ୍ୟରାଜଙ୍କ ପରିବାର ସଦସ୍ୟମାନେ ଗୁରୁବାର ସକାଳେ ନବୀନ ନିବାସ ଆଗରେ ଧାରଣା ଦେବାକୁ ଯିବା ସମୟରେ ବାଟରେ ପୋଲିସ ସେମାନଙ୍କୁ ଅଟକାଇଥିଲା। ଫଳରେ ସେମାନେ ଗାଡି ଆଗରେ ଶୋଇ ଆତ୍ମ ହୁତି ଉଦ୍ୟମ କରିଥିଲେ। ଏହି ସମୟରେ ପୋଲିସ ବହୁ କଷ୍ଟରେ ପରିବାରର ସମସ୍ତ ସଦସ୍ୟଙ୍କୁ ଉଠାଇ ନେଇଥିଲା। ପରେ କାଉନସେଲିଂ କରି ଛାଡିଦେଇଥିବା ଜଣାପଡିଛି। ଅପରପକ୍ଷେ ଘଟଣାକୁ ନେଇ ନ୍ୟାୟ ପାଇଁ ଲଢେଇ ଲାଗି ପରିବାରର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଜାତୀୟ ମାନବ ଅଧିକାର କମିଶନଙ୍କ ନିକଟରେ ଏତଲା ଦେଇଛନ୍ତି। ସୂଚନାନୁସାରେ, ନୀଳାଦ୍ରିବିହାର ପଣ୍ଡାପାର୍କ ବସ୍ତି ନିକଟ ଏକ ଖାଲରୁ ନାବାଳକ ଦୈତ୍ୟରାଜ ନାୟକଙ୍କ ସନ୍ଦେହଜନକ ଅବସ୍ଥାରେ ମୃତଦେହ ମିଳିଥିଲା। ୧୪ ମାସ ପରେ ଚନ୍ଦ୍ରଶେଖର ପୋଲିସ ଏହି ଘଟଣାର ପର୍ଦ୍ଦାଫାଶ କରିବା ସହ ଦୈତ୍ୟରାଜଙ୍କୁ କାଖରେ ଯାକି ହତ୍ୟା କରିଥିବା ଅଭିଯୁକ୍ତ ଅଶୋକ ଜେନାଙ୍କୁ ଗତ ୧୫ ତାରିଖରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ହେଲେ ଦୈତ୍ୟରାଜଙ୍କ ପରିବାର ଲୋକେ ଏଥିରେ ଅସନ୍ତୋଷ ପ୍ରକାଶ କରିବା ସହ ଘଟଣାରେ ଏକାଧିକ ଅଭିଯୁକ୍ତଙ୍କ ସମ୍ପୃକ୍ତ ଥିବା ଅଭିଯୋଗ ଆଣି ସମସ୍ତଙ୍କ ଗିରଫ ଦାବି କରିଛନ୍ତି।





**ରାସ୍ତା ପାଲଟିଛି ମରଣଯନ୍ତା:** ରସୁଲଗଡ଼ ଛକସ୍ଥିତ ରାସ୍ତା। ସତ୍ୟନଗର ଓଭରବ୍ରିଜ୍‌ରେ ଲୁହାରଡ୍ ଦେଖାଯାଉଛି। (ଫଟୋ : ମନୋରଞ୍ଜନ ମିଶ୍ର)

# ରାଷ୍ଟ୍ରୀୟ ମାନବାଧିକାର, ଜାତୀୟ ମହିଳା କମିଶନଙ୍କ ନିକଟରେ ଫେରାଦ ହେଲା ଭାଜପା

### ମହିଳା ହୋମ୍‌ଗାର୍ଡଙ୍କୁ ନିର୍ଯାତନା ଘଟଣା

**ଭୁବନେଶ୍ୱର, ୨୪।୮(ସୁନିତ୍ ମିଶ୍ର):** ଡିଆଇଜିଙ୍କ ସ୍ତ୍ରୀଙ୍କ ନିର୍ଯାତନା ସହି ନ ପାରି ଆତ୍ମହତ୍ୟା ଉଦ୍ୟମକରି ୨ ଗୋଡ଼ ହରାଇଥିବା ହୋମ୍‌ଗାର୍ଡ ସୌରିନ୍ଦ୍ରୀ ସାହୁଙ୍କୁ ନ୍ୟାୟ ଦେବା ଦାବିରେ ଗୁରୁବାର ନୂଆଦିଲ୍ଲୀ ଗସ୍ତକରି ରାଷ୍ଟ୍ରୀୟ ମାନବାଧିକାର କମିଶନଙ୍କୁ ଭାଜପାର ଏକ ପ୍ରତିନିଧି ଦଳ ସାକ୍ଷାତ କରିଛି। ଏହି ଅବସରରେ ଡିଆଇଜି ଓ ତାଙ୍କ ସ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଏହି ପ୍ରତିନିଧି ଦଳ ପକ୍ଷରୁ ଦାବି କରାଯାଇଛି। ଏହି ପ୍ରତିନିଧି ଦଳ ସୌରିନ୍ଦ୍ରୀଙ୍କୁ ନ୍ୟାୟ ଦାବିରେ ଜାତୀୟ ମହିଳା କମିଶନଙ୍କୁ ମଧ୍ୟ ଏକ ଦାବିପତ୍ର ପ୍ରଦାନକରି ଡିଆଇଜି ଦମ୍ପତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଦାବି କରିଛି। ଉଭୟ କମିଶନଙ୍କୁ ଭେଟିବା ପରେ ଗଣମାଧ୍ୟମକୁ ସୂଚନା ଦେଇ ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, ମହିଳା ହୋମ୍‌ଗାର୍ଡଙ୍କ ୨ ଗୋଡ଼ କଟିଯିବା ଘଟଣା କମିଶନଙ୍କ ଆଗରେ ରଖିଲୁ। ଏଥିରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ମିଳିଛି।

# ଅଭିଯୋଗ ପାଇଁ ଏସ୍‌ଟିଏଫ୍‌ର ଟୋଲ୍ ଫ୍ରି ନଂ. ଜାରି

### ସରକାରୀ ଅଧିକାରୀ ପରିଚୟରେ ବଡ଼ ଠକେଇ ମାମଲା

- ମାଷ୍ଟରମାଇଣ୍ଡ କାହ୍ନୁଙ୍କଠାରୁ ୫ଟି ନକଲି ପରିଚୟପତ୍ର ଜବତ

**ଭୁବନେଶ୍ୱର,୨୪।୮(ସତ୍ୟଜିତ୍ ରାଉତ)** ବିଭିନ୍ନ ସରକାରୀ ଅଧିକାରୀ ପରିଚୟରେ ଲୋକଙ୍କୁ ଚାକିରି ପ୍ରଲୋଭନ ସହ ବିଭିନ୍ନ ସରକାରୀ କାମ କରାଇଦେବାର ପ୍ରତିଶ୍ରୁତି ଦେଇ ହୋଇଥିବା ଠକେଇ ମାମଲାରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଅଧିକ ଖୋଳତାଡ଼ କରୁଛି। ଏହି ମାମଲାରେ ପ୍ରଥମେ ସହଯୋଗୀ କିଶୋର ମିଶ୍ର ଓ ପରେ ମାଷ୍ଟରମାଇଣ୍ଡ କାହ୍ନୁଚରଣ ପ୍ରଧାନ ଗିରଫ ହୋଇ ଏବେ ଜେଲରେ ଅଛନ୍ତି। ତଦନ୍ତବେଳେ ଏହା ଏକ ବଡ଼ ଠକେଇ ର୍‍ୟାକେଟ ବୋଲି ଜଣାପଡିବା ପରେ ଏସ୍‌ଟିଏଫ୍ ଏଥିରେ ଶିକାର ଲୋକଙ୍କଠାରୁ ଅଭିଯୋଗ ପାଇଁ ଏକ ଟୋଲ୍ ଫ୍ରି ନଂ.୧୮୦୦୩୪୫୭୧୦୩ ଜାରି କରିଛି। ଅନ୍ୟପକ୍ଷେ କାହ୍ନୁଙ୍କ ଠକେଇ ଇତିହାସ ଫର୍ଦ୍ଦ ଖୋଜି ଏସ୍‌ଟିଏଫ୍ ବହୁ ତଥ୍ୟ ପାଇଛି। ୨୦୨୦ରେ କାହ୍ନୁ ନୟାଗଡ଼ ଜିଲା ଚାନ୍ଦପୁର ଥାନାରେ ୬ଟି ଠକେଇ ମାମଲାରେ ସମ୍ପୃକ୍ତ ଥିବା ଏସ୍‌ଟିଏଫ୍ ପକ୍ଷରୁ କୁହାଯାଇଛି। ଏସବୁ ମାମଲାରେ ସେ ନିଜକୁ ବିଭିନ୍ନ ସରକାରୀ ଅଧିକାରୀ କହି ଲୋକଙ୍କୁ ଫସାଇ ଟଙ୍କା ହଡ଼ପ କରିଛନ୍ତି। ଏପରିକି ତାଙ୍କଠାରୁ ୫ଟି ନକଲି ପରିଚୟପତ୍ର ଜବତ କରାଯାଇଛି। କଟକସ୍ଥିତ ଓଡ଼ିଶା ସରକାରୀ ମୁଦ୍ରଣାଳୟର ସହକାରୀ ନିର୍ଦ୍ଦେଶକ, ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗର ଅଧ୍ୟକ୍ଷ, ଭାରତୀୟ ରାଷ୍ଟ୍ରୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ)ର ସିଜେଡ୍‌ଏମ୍ (ସ୍ପେଶାଲ୍ ପ୍ରୋଜେକ୍ଟ) ଓ ସିସିଏମ୍ (ସ୍ପେଶାଲ୍ ପ୍ରୋଜେକ୍ଟ) ଏବଂ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ସିସିଏମ୍ (ପ୍ରୋଜେକ୍ଟ) ନାଁରେ ଏସବୁ ପରିଚୟପତ୍ର ରହିଛି। ଏନେଇ ଅଧିକ ତଦନ୍ତ କରିବା ସହ ଅନ୍ୟ ଅଭିଯୁକ୍ତଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି। ଏଥିସହ କାହ୍ନୁ ଓ କିଶୋରଙ୍କୁ ରିମାଣ୍ଡରେ ଆଣି ଅଧିକ ତଥ୍ୟ ହାସଲ କରିବାକୁ ଏସ୍‌ଟିଏଫ୍ ଯୋଜନା କରୁଛି। ଉଲ୍ଲେଖଯୋଗ୍ୟ, ମାର୍ଚ୍ଚ ୨୫ରେ କିଶୋରଙ୍କୁ କୋରାପୁଟ ସଦର ଥାନାର ତତ୍କାଳୀନ ଥାନାଧିକାରୀ ଧରିବା ପରେ ନିଜ ଆଡୁ ଠକେଇ ମାମଲା (ନଂ.୧୨୨/୨୩) ରୁଜୁ କରି କିଶୋରଙ୍କୁ ନୋଟିସ୍ ଦେଇ ଛାଡ଼ିଥିଲା। ପରେ କ୍ରାଇମବ୍ରାଞ୍ଚ ତଦନ୍ତ ଜାରି ରଖିଛି।




## ସଂଭାବନାର ବାର୍ଷିକ ସମ୍ମିଳନୀ

**ଭୁବନେଶ୍ୱର,୨୪।୮(ଶର୍ମିଷ୍ଠା ପାଣିଗ୍ରାହୀ):** ଅନୁଷ୍ଠାନ ସଂଭାବନା ପକ୍ଷରୁ ବୁଧବାର ସ୍ଥାନୀୟ ଏକ ହୋଟେଲରେ ୧୭ତମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆଣୀ ସମିତିର ସଭାନେତ୍ରୀ ସୌଦାମିନୀ ସାମଲଙ୍କ ସଭାପତିତ୍ୱରେୟ ସମ୍ପାଦକ ଦେବ ପ୍ରସାଦ ପରିଜା, ତୃଷ୍ଟି ସ୍ମୃତି ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ। ଅନୁଷ୍ଠାନ ପକ୍ଷରୁ ଚଳିତ ବର୍ଷକୁ ଓଡ଼ିଆ ନିମନ୍ତ୍ରଣ ପତ୍ର ଓ ନାମଫଳକ ବର୍ଷ ଭାବେ ପାଳନ ପାଇଁ ସ୍ଥିର କରିଛି। ଓଡ଼ିଆଣୀ ସମିତିର ସମ୍ପାଦିକା ଅରୁନ୍ଧତୀ ମିଶ୍ର, ଉପସଭାନେତ୍ରୀ ରଶ୍ମି ସାହୁ, ମୀନା ପାଣିଗ୍ରାହୀ, ଯୁଗ୍ମ ସମ୍ପାଦିକା ସୌଭାଗ୍ୟ ଲକ୍ଷ୍ମୀ ମହାନ୍ତି, ସୌଦାମିନୀ ମହାନ୍ତି ପ୍ରମୁଖ ଥିଲେ। ଚଳିତବର୍ଷ ପାଇଁ ସୌଦାମିନୀ ସାମଲ ସଭାନେତ୍ରୀ, ମୀନା ପାଣିଗ୍ରାହୀ ଉପସଭାନେତ୍ରୀ ଭାବେ ପୁନଃ ନିର୍ବାଚିତା ହୋଇଥିବା ବେଳେ ସମ୍ପାଦିକା ରେଖା ସାହୁ ଓ ଯୁଗ୍ମ ସମ୍ପାଦିକା ଜ୍ୟୋତ୍ସ୍ନାମୟୀ ସେନାପତି ନୂତନ ଭାବେ ନିର୍ବାଚିତା ହୋଇଛନ୍ତି। ସେହିପରି ରାଜଶ୍ରୀ ଶତପଥୀ କୋଷାଧ୍ୟକ୍ଷା ଭାବେ ପୁନଃ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ସୌଭାଗ୍ୟଲକ୍ଷ୍ମୀ ମହାନ୍ତି ସଂଗଠନ ସମ୍ପାଦିକା ଓ ରଶ୍ମି ସାହୁ ସାହିତ୍ୟ ସମ୍ପାଦିକା ଭାବେ ପ୍ରଥମଥର ପାଇଁ ନିର୍ବାଚିତ ହୋଇଥିଲେ। ସଭ୍ୟା ଭାବେ ଜୟଶ୍ରୀ ମିଶ୍ର, ମୀନାକ୍ଷୀ ପଟ୍ଟନାୟକ, ସୁଜାତା ପାତ୍ର ଓ ରଶ୍ମିତା ରଥ ନିର୍ବାଚିତ ହୋଇଥିଲେ।

# ପୁରୁଣା ପାଣି-ସୋନପୁର ରେଳ ସେକ୍ସନ କାର୍ଯ୍ୟ ତଦାରଖ କଲେ ମହାପ୍ରବନ୍ଧକ



**ଭୁବନେଶ୍ୱର,୨୪।୮(ଅଭିଜିତ ଦାସ)** ପୂର୍ବତଟ ରେଳପଥ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ରେଳ ପ୍ରକଳ୍ପ କାର୍ଯ୍ୟ ଚାଲୁଛି। ଗୁରୁବାର ପୂର୍ବତଟ ରେଳପଥ ମହାପ୍ରବନ୍ଧକ ମନୋଜ ଶର୍ମା ନିର୍ମାଣାଧୀନ ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ପ୍ରକଳ୍ପର ପୁରୁଣାପାଣି-ସୋନପୁର ରେଳ ସେକ୍ସନ କାର୍ଯ୍ୟକୁ ତଦାରଖ କରିଛନ୍ତି। ଏଥିମଧ୍ୟରେ ତେଲ ନଦୀ ଉପରେ ନିର୍ମାଣାଧୀନ ରେଳ ବ୍ରିଜ୍ ରହିଛି। ସେହିପରି ପୁରୁଣା ପାଣି ଓ ସୋନପୁରରେ ନୀତନ ଷ୍ଟେଶନରେ ଯାତ୍ରୀଙ୍କ ଆରାମ ପାଇଁ ଆବଶ୍ୟକ ପରୀକ୍ଷେତ୍ର ଅଞ୍ଚଳ, କନ୍‌କୋର୍ସ, ପ୍ଲାଟଫର୍ମ ଆଲୋକ, ପ୍ରତୀକ୍ଷା କକ୍ଷ, ଶୌଚାଳୟ ଇତ୍ୟାଦି ଉପରେ କାର୍ଯ୍ୟରତ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏଥିସହ ରେଳ ଯାତ୍ରୀଙ୍କ ସୁବିଧା ଲାଗି ରାସ୍ତା ନିର୍ମାଣ ଲାଗି ପରାମର୍ଶ ଦେଇଛନ୍ତି। ଏହି ପରିଦର୍ଶନ ସମୟରେ ପୂର୍ବତଟ ରେଳପଥ ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ) ପି. ଶ୍ରୀନିବାସ, ସମ୍ବଲପୁର ରେଳ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଭିନୀତ ସିଂ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସେପ୍ଟେମ୍ବର ୩୦ରେ ଯୁଥ୍ ଆସେମ୍ବ୍ଲି




**ଭୁବନେଶ୍ୱର,୨୪।୮(ଅନୁରାଧା ମହାରଣା):** ଓଡ଼ିଶାରେ ପ୍ରଥମଥର ପାଇଁ ରାଜନୈତିକ ପ୍ରକ୍ରିୟାରେ ଯୁବ ଯୋଗଦାନକୁ ବୃଦ୍ଧିକରିବା ପାଇଁ ଆଇକନିକ ଟ୍ରାନ୍ସଫର୍ମେଶନ ପକ୍ଷରୁ ଯୁବ ଆସେମ୍ବ୍ଲି ଅନୁଷ୍ଠିତ ହେବ। ଯୁବପିଢ଼ିଙ୍କୁ ରାଜନୈତିକ ପ୍ରକ୍ରିୟାରେ ଯୋଡ଼ିବା ଏବଂ ବିଧାନସଭା ପ୍ରକ୍ରିୟା ବିଷୟରେ ବୁଝାଇବା ପାଇଁ ଏକ ପ୍ଲାଟଫର୍ମ ଯୋଗାଇବା ଏହି ଆସେମ୍ବ୍ଲିର ଲକ୍ଷ୍ୟ ରହିଛି। ସେପ୍ଟେମ୍ବର ୩୦ ଓ ଅକ୍ଟୋବର ୧ରେ ଯୁଥ ଫର୍ ନେସନର ସହଭାଗିତାରେ ଏହାର ଆୟୋଜନ କରାଯିବ। ଗୁରୁବାର ଆଇକନିକ ଟ୍ରାନ୍ସଫର୍ମେଶନ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ଡ.ଚିଦାତ୍ମିକା ଖଟୁଆଙ୍କ ସଭାପତିତ୍ୱରେ ସମ୍ମିଳନୀରେ ଅନ୍ୟତମ ପ୍ରତିଷ୍ଠାତା ଡ.ସଞ୍ଜୟ ଚୌଧୁରୀ ଏବଂ ଶେଖ ଅବଦୁଲ ସାମିମ, ଯୁଥ ଫର୍ ନେଶନ ଓଡ଼ିଶାର ସଭାପତି ଚନ୍ଦନ ମହାନ୍ତି ଓ ଆଇକୋନିକ ଟ୍ରାନ୍ସଫର୍ମେଶନର ଉପସଭାପତି ଡ.ରଜନୀକାନ୍ତ ମିଶ୍ର ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଚୟନ ପାଇଁ ରାଜ୍ୟସ୍ତରୀୟ ବୈଠକ

### ରାଜ୍ୟର ଶ୍ରେଷ୍ଠ ୧୦୦ଜଣଙ୍କୁ ୫୦ହଜାର, ଜିଲାର ୩ହଜାର ଜଣଙ୍କୁ ୧୦ହଜାର

**ଭୁବନେଶ୍ୱର,୨୪।୮ (ଅନୁରାଧା ମହାରଣା)** ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ମେଧାବୀଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ମିଳିବ। ଏ ନେଇ ଗୁରୁବାର ପ୍ରଥମ ରାଜ୍ୟସ୍ତରୀୟ କମିଟି ବୈଠକ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର **ଅଶ୍ୱଥୀ ଏସ୍** ବୈଠକରେ ଅଧ୍ୟକ୍ଷତା କରି କହିଥିଲେ, ମେଧାବୀ ପୁରସ୍କାର ଓ ଛାତ୍ରୀଛାତ୍ରମେଧା-ବୃତ୍ତି ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ଛାତ୍ରୀଛାତ୍ର ତାଲିକାକୁ ରାଜ୍ୟସ୍ତରୀୟ କମିଟି ଅନୁମୋଦନ କରିବା ପରେ ପୁରସ୍କାର ରାଶି ଛାତ୍ରୀଛାତ୍ରଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯିବ। ଏହାସହ ଜିଲାସ୍ତରୀୟ ମେଧାବୀ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ଛାତ୍ରୀଛାତ୍ରଙ୍କ ତାଲିକାକୁ ଖୁବ୍‌ଶୀଘ୍ର ଜିଲାସ୍ତରୀୟ କମିଟିକୁ ଅନୁମୋଦନ ପାଇଁ ପଠାଇବାକୁ ଅଶ୍ୱଥୀ କହିଥିଲେ। ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଏବଂ ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଏହି ପୁରସ୍କାର ମିଳିବ। ରାଜ୍ୟସ୍ତରରେ ଶ୍ରେଷ୍ଠ ୧୦୦ଜଣଙ୍କୁ ୫୦ହଜାର ଟଙ୍କା, ଜିଲାସ୍ତରରେ ଶ୍ରେଷ୍ଠ ୩୦୦୦ଜଣଙ୍କୁ ୧୦ହଜାର ଟଙ୍କା ଏବଂ ବ୍ଲକ ସ୍ତରରେ ଶ୍ରେଷ୍ଠ ୧୦୦ଜଣଙ୍କୁ ୫ହଜାର ଟଙ୍କା ଲେଖାଏ ପୁରସ୍କାର ରାଶି ମିଳିବ। ଅନ୍ୟପକ୍ଷେ ଦଶମବୋର୍ଡ ପରୀକ୍ଷାରେ ସର୍ବାଧିକ ମାର୍କ ରଖିଥିବା ଆର୍ଥିକ ଅନଗ୍ରସର ପରିବାରର ମେଧାବୀଙ୍କୁ ଛାତ୍ରୀଛାତ୍ରଙ୍କୁ ମେଧା ବୃତ୍ତି ପୁରସ୍କାର ମିଳିବ। ରାଜ୍ୟରେ ସର୍ବାଧିକ ନମ୍ବର ରଖିଥିବା ୨ହଜାର ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ) ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (ଏସ୍‌ଏଫ୍‌ଏସ୍‌ଏସ୍) ରାଶନ କାର୍ଡ ହିତାଧିକାରୀ ପରିବାରର ଛାତ୍ରୀଛାତ୍ରଙ୍କୁ ୫୦ହଜାର ଟଙ୍କା ଲେଖାଏ ଆର୍ଥିକ ପୁରସ୍କାର ଦିଆଯିବ। ବିଦ୍ୟାଳୟସ୍ତରରେ ନେତୃତ୍ୱ ନେବାର କଳା ଥିବା ଛାତ୍ରୀଛାତ୍ରଙ୍କୁ ନେତୃତ୍ୱ ପୁରସ୍କାର ପ୍ରଦାନ କରାଯିବ। ପ୍ରତ୍ୟେକ ସ୍କୁଲରୁ ଦଶମ ଶ୍ରେଣୀର ଜଣେ ଛାତ୍ର ଓ ଜଣେ ଛାତ୍ରୀଙ୍କୁ ଏହି ପୁରସ୍କାର ଦିଆଯିବ। ସମୁଦାୟ ୮୩୧୧ ଛାତ୍ର ଓ ୮୮୦୭ ଛାତ୍ରୀଙ୍କୁ ଏହି ପୁରସ୍କାର ମିଳିବ। କାର୍ଯ୍ୟକ୍ରମରେ କମିଟିର ସଦସ୍ୟ ଆବାହକ ତଥା 'ମୋ ସ୍କୁଲ ଅଭିଯାନ'ର ସଦସ୍ୟ ଅନୁପମ ସାହା ସ୍ୱାଗତ ଅଭିଭାଷଣ ଦେଇଥିଲେ। 'ମୋ ସ୍କୁଲ ଅଭିଯାନ'ର ଭାରପ୍ରାପ୍ତ ଅଧିକାରୀ କାବେରୀ ମୁଦୁଲି, ବିଭାଗୀୟ ସମସ୍ତ ସ୍ୱତନ୍ତ୍ର ସଚିବ, ଅତିରିକ୍ତ ସଚିବ, ନିର୍ଦ୍ଦେଶକ, ଅନୁସୂଚିତ ଜାତି ଓ ଜନଜାତି ବିକାଶ ବିଭାଗର ଯୁଗ୍ମ ନିର୍ଦ୍ଦେଶକ, ଏନ୍‌ସିଇଆର୍‌ଟି, ଏନ୍‌ସିପିସିଆର୍, ୟୁଏନଡିପି, ୟୁଏନ୍‌ଏଫ୍‌ପିଏ, ଡବ୍ଲ୍ୟୁଏଫ୍‌ପି, ୟୁନିସେଫର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। 'ମୋ ସ୍କୁଲ ଅଭିଯାନ'ର କାର୍ଯ୍ୟନିର୍ବାହୀ ଅଧିକାରୀ ଅମରଜିତ୍ ଜେନା ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଚନ୍ଦ୍ରୟାନ-୩ ସଫଳତା ଉତ୍ସବ ମନାଇଲେ ଛାତ୍ରୀଛାତ୍ର

ଖୋର୍ଦ୍ଧା,୨୪।୮ (ପ୍ରଭାତ ପାଣିଗ୍ରାହୀ)

ଚନ୍ଦ୍ରୟାନ-୩ ଚନ୍ଦ୍ରପୃଷ୍ଠରେ ଅବତରଣ କରିବା ସହିତ ଭାରତ ବିଶ୍ୱରେ ଇତିହାସ ସୃଷ୍ଟି କରିଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ସିଗ୍‌ମା ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ ଚନ୍ଦ୍ରୟାନ-୩ ସଫଳତା ଉତ୍ସବ ପାଳନ କରିଛନ୍ତି। ଇସ୍ରୋ ବୈଜ୍ଞାନିକଙ୍କୁ ଶୁଭେଚ୍ଛା ଜଣାଇବା ଉଦ୍ଦେଶ୍ୟରେ ଭବ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକ ଚନ୍ଦ୍ରୟାନ-୩ ଅଭିଯାନର ସଫଳ କାହାଣୀ ଉପରେ ପିଲାଙ୍କୁ କହିଥିଲେ। ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ଇସ୍ରୋ ଭାରତ ପାଇଁ ଗୌରବ ଆଣିଛନ୍ତି। ସାରା ବିଶ୍ୱ ଆଜି ଭାରତର ଗୁଣଗାନ କରୁଛି। ଛାତ୍ରୀଛାତ୍ରମାନେ ବଡ଼ ହୋଇ ଦେଶସେବାରେ ନିୟୋଜିତ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ହାତରେ ଜାତୀୟ ପତାକା ଧରି ଭାରତ ମାତା କୀ ଜୟ, ବନ୍ଦେ ମାତରମ୍ ସ୍ଲୋଗାନ ଦୋଇଥିଲେ। ଜୟ ଯବାନ, ଜୟ କିଷାନ ନାରାରେ ଏକ ଦେଶଭକ୍ତିଭରା ପରିବେଶ ସୃଷ୍ଟି ହୋଇଥିଲା। ପିଲାମାନେ ଚନ୍ଦ୍ରୟାନ ତୈଳଚିତ୍ର ସହ ସେଲ୍ଫି ନେଇ ଖୁସି ମନାଇଥିଲେ। ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ ଉପସ୍ଥିତ ଥିଲେ।

### ଡଙ୍ଗାରୁ ଖସିପଡ଼ି ମତ୍ସ୍ୟଜୀବୀଙ୍କ ମୃତ୍ୟୁ

ବାଲୁଗାଁ,୨୪।୮ (ସଂଗ୍ରାମ ପାଇକରାୟ)

ଚିଲିକାକୁ ମାଛ ଧରିବାକୁ ଯାଇ ଅସାବଧାନତାବଶତଃ ଡଙ୍ଗାରୁ ଖସିପଡ଼ି ଜଣେ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚନ୍ଦ୍ରାପୁଟ ଗ୍ରାମର ପ୍ରମୋଦ ଦାସ(୩୪)। ସୂଚନା ମୁତାବକ, ଦୈନନ୍ଦିନ ପରି ପ୍ରମୋଦ ବୁଧବାର ସକାଳେ ଚିଲିକାକୁ ଡଙ୍ଗାରେ ମାଛ ଧରିବା ପାଇଁ ଯାଇଥିଲେ। ତେବେ ଅସାବଧାନତା ବଶତଃ ମାଛ ଧରିବା ବେଳେ ଗୋଡ଼ ଖସିଯିବାରୁ ଚିଲିକାରେ ବୁଡ଼ି ଯାଇଥିଲେ। ନିକଟରେ ମାଛ ଧରୁଥିବା ଅନ୍ୟ ମତ୍ସ୍ୟଜୀବୀ ଦେଖିପାରି ସେଠାରେ ପହଞ୍ଚି ଗୁରୁତର ଅବସ୍ଥାରେ ପ୍ରମୋଦଙ୍କୁ ଉଦ୍ଧାର କରି ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୧/୨୩)ରୁଜୁ ହୋଇଛି।

### ସାମାଜିକକର୍ମୀ ସୁକାନ୍ତ ବିଶ୍ୱାଳ ସମ୍ବର୍ଦ୍ଧିତ



ବାଲୁଗାଁ,୨୪।୮ (ସଂଗ୍ରାମ ପାଇକରାୟ)

ବାଲୁଗାଁ ନିକଟ କୁମ୍ଭୀରପଡ଼ା ଗ୍ରାମର ବରିଷ୍ଠ ନାଗରିକ ତଥା ସାମାଜିକ କର୍ମୀ ସୁକାନ୍ତ ବିଶ୍ୱାଳଙ୍କୁ ଭୁବନେଶ୍ୱର ଜୟଦେବ ଭବନଠାରେ ଆୟୋଜିତ ୧୩ତମ ଜାତୀୟ ଓଡ଼ିଶା ସ୍ୱାଭିମାନ ସମ୍ମିଳନୀରେ ପ୍ରତିଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ବିଶ୍ୱାଳ ନିଜସ୍ୱ ଖର୍ଚ୍ଚରେ କୁମ୍ଭୀରପଡ଼ା ଗ୍ରାମଠାରେ ଏକ ଜରାଶ୍ରମ ଖୋଲି ସେବା ଯୋଗାଇ ଆସୁଛନ୍ତି। ଏଥିସହ ସୋଲରୀ ପାହାଡ଼ ନିକଟରେ ବୁଲା ଗୋରୁଗାଈଙ୍କ ସେବା ନିମନ୍ତେ ଏକ ଗୋଶାଳା ନିର୍ମାଣ କରିଛନ୍ତି । ଏବେ ଉକ୍ତ ବୃଦ୍ଧାଶ୍ରମକୁ କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ବିଭାଗ ଅଧୀନରେ ଖୋର୍ଦ୍ଧା ସ୍ଥିତ ବିଶ୍ୱଜୀବନ ସେବା ସଂଘ ପରିଚାଳନା ଦାୟିତ୍ୱ ତୁଲାଉଛି। କରୋନା ସମୟରେ ତିନିମାସ ବୁଲି ବୁଲି ଦୈନିକ ୭୦ଜଣ ଅସହାୟ ଲୋକଙ୍କୁ ମାଗଣାରେ ରନ୍ଧା ଖାଦ୍ୟ ବଣ୍ଟନ କରି ସେବା ଯୋଗାଇ ଆସୁଥିଲେ। ଶେଷ ନିଶ୍ୱାସ ଥିବା ଯାଏ ତାଙ୍କର ଏହି କାର୍ଯ୍ୟକ୍ରମ ଜାରି ରଖିବେ ବୋଲି ସୁକାନ୍ତ ପ୍ରକାଶ କରିଛନ୍ତି।

### ପୂର୍ବତନ ନାଏବ ସରପଞ୍ଚଙ୍କ ପରଲୋକ

ଟାଙ୍ଗୀ,୨୪।୮ (ରଘୁନାଥ ସାହୁ)

ଟାଙ୍ଗୀ ପଞ୍ଚାୟତର ପୂର୍ବତନ ନାଏବ ସରପଞ୍ଚ ପଥରବନ୍ଧ ଗ୍ରାମର ପ୍ରସନ୍ନ କୁମାର ଦାସଙ୍କ ଗୁରୁବାର ସକାଳେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୫୫ବର୍ଷ ହୋଇଥିଲା। ସେ କିଛିଦିନ ହେବ ଅସୁସ୍ଥ ଥିବା ବେଳେ ଚିକିତ୍ସିତ ହେଉଥିଲେ। ସେ ଜଣେ ସଙ୍ଗଠକ, ମିଷ୍ଟଭାଷୀ, ମେଳାପୀ, ପରୋପକାରୀ ବ୍ୟକ୍ତି ଭାବେ ଅଞ୍ଚଳରେ ଜଣାଶୁଣା ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ‘ସେପ୍ଟେମ୍ବର ୨୦ ସୁଦ୍ଧା କାଗଜପତ୍ର ପଠାଅ’

ଖୋର୍ଦ୍ଧା,୨୪।୮ (ପ୍ରଭାତ ପାଣିଗ୍ରାହୀ)




## ଖୋର୍ଦ୍ଧା ଜିଲାସ୍ତରୀୟ ପେନ୍‌ସନ ଅଦାଲତ

- ଅକ୍ଟୋବର ୧ରୁ ଅନ୍‌ଲାଇନରେ ଆବେଦନ
- ୨୦୨୭ଟି କେସ୍‌ର ହୋଇଥିଲା ଶୁଣାଣି

ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଏବଂ ଓଡ଼ିଶା ପ୍ରଧାନ ମହାଲେଖାକାର (ଲେଖା ଓ ହକଦାରୀ) ମିଳିତ ଆନୁକୂଲ୍ୟରେ ଏବଂ ଖୋର୍ଦ୍ଧା ଜିଲା ପ୍ରଶାସନ ସହଯୋଗରେ ଜିଲା ପରିଷଦ ସମ୍ମିଳନୀ ଗୃହରେ ଜିଲାସ୍ତରୀୟ ପେନ୍‌ସନ ଅଦାଲତ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପେନ୍‌ସନ ଅଦାଲତରେ ଏ.ଜି. କାର୍ଯ୍ୟାଳୟ ଉପମହାଲେଖାକାର (ପେନ୍‌ସନ) ଏସ୍. ଅରୁଣା, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ନିର୍ଦ୍ଦେଶକ ଶଶାଙ୍କ ଶେଖର ଦାଶ, ଅନୁସଚିବ ସୁବୋଧ କୁମାର ଦାସ, ବରିଷ୍ଠ ଲେଖାଧିକାରୀ ସରୋଜ କୁମାର ବେହେରା ପ୍ରମୁଖ ଯୋଗଦେଇ ପେନ୍‌ସନ ସମ୍ବନ୍ଧୀୟ ଅଭିଯୋଗର ଶୁଣାଣି କରିଥିଲେ। ବିଭିନ୍ନ ବିଭାଗର ପେନ୍‌ସନ ମଞ୍ଜୁର କର୍ତ୍ତାମାନେ ଠିକ୍ ସମୟରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପେନ୍‌ସନ କାଗଜ ଠିକ୍ ସମୟରେ ଏ.ଜି କାର୍ଯ୍ୟାଳୟକୁ ପଠାଉନଥିବାରୁ ପେନ୍‌ସନ ମଞ୍ଜୁରୀ ବିଳମ୍ବିତ ହେଉଛି ବୋଲି ନିର୍ଦ୍ଦେଶକ ଦାଶ ଅସନ୍ତୋଷ ପ୍ରକାଶ କରିଥିଲେ। ଅତିରିକ୍ତ ଜିଲାପାଳ ବେଉରା ଖୋର୍ଦ୍ଧା ଜିଲାରେ ପେନ୍‌ସନ ଓ ଗ୍ରାଚ୍ୟୁଇଟି ମଞ୍ଜୁର ହୋଇ ନ ଥିବା ଅବସରପ୍ରାପ୍ତ କର୍ମଚାରୀଙ୍କର ପେନ୍‌ସନ କାଗଜପତ୍ର ସେପ୍ଟେମ୍ବର ୨୦ ସୁଦ୍ଧା ପଠାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଉପମହାଲେଖାକାର ଏସ୍. ଅରୁଣା କହିଥିଲେ, ଅବସରଦିନ ଯେପରି ଅବସରପ୍ରାପ୍ତ କର୍ମଚାରୀମାନେ ସେମାନଙ୍କର ପେନ୍‌ସନ, ଭବିଷ୍ୟନିଧି ପ୍ରାପ୍ୟ ପାଇପାରିବେ ତା’ ଉପରେ ପଦକ୍ଷେପ ନେବା ପାଇଁ ପ୍ରଧାନ ମହାଲେଖାକାର ନିର୍ଦ୍ଦେଶ ଦେଇଛନ୍ତି । ଏହି ଲକ୍ଷ୍ୟ ହାସଲ ପାଇଁ ସମସ୍ତ ପେନ୍‌ସନ ମଞ୍ଜୁରକର୍ତ୍ତା ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ପୁରୁଣା ବ୍ୟବସ୍ଥା ବଦଳରେ ଅକ୍ଟୋବର ୧ରୁ ଅନ୍‌ଲାଇନ ମାଧ୍ୟମରେ ପେନ୍‌ସନ ଆବେଦନ ଏ.ଜି. କାର୍ଯ୍ୟାଳୟରେ ଗ୍ରହଣ କରାଯିବ ବୋଲି କହିଥିଲେ। ଏହି ପେନ୍‌ସନ ଅଦାଲତରେ ଖୋର୍ଦ୍ଧା ଜିଲାର ବିଭିନ୍ନ କାର୍ଯ୍ୟାଳୟର ଗ୍ରାଚ୍ୟୁଇଟି ମଞ୍ଜୁର ହୋଇ ନ ଥିବା ୨୦୨୭ଟି କେସ ଶୁଣାଣି ପାଇଁ ଉପସ୍ଥାପିତ ହୋଇଥିଲା। ଆସନ୍ତା ୨୯ ତାରିଖରେ କଟକ ଜିଲାସ୍ତରୀୟ ପେନ୍‌ସନ ଅଦାଲତ କଟକରେ ଅନୁଷ୍ଠିତ ହେବ। ଏହି ଅଦାଲତକୁ ବରିଷ୍ଠ ଲେଖାଧିକାରୀ ଦୁଃଶାସନ ନାୟକ, ପୁରୁଷୋତ୍ତମ ବଳ, ସହକାରୀ ଲେଖାଧିକାରୀ ସୁଦର୍ଶନ ସାହୁ, ଆଶୁତୋଷ ଦାଶ, ଶିବ ପ୍ରସାଦ ପଣ୍ଡା, ଚନ୍ଦ୍ରଶେଖର ବେହେରା, ଡେପୁଟି କଲେକ୍ଟର ସୁବ୍ରତ ରଞ୍ଜନ ଶତପଥୀ ପରିଚାଳନା କରିଥିଲେ। ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ, ଜିଲା ପଞ୍ଚାୟତ ଅଧିକାରୀ ଶ୍ୟାମଳେନ୍ଦୁ ନାୟକ ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।




ଜଟଣୀ ବ୍ଲକ ଛକଠାରେ ଗୁରୁବାର ରାସ୍ତା ଉପରେ ଜମି ରହିଥିବା ବର୍ଷାଜଳ।

# ପ୍ରାକୃତିକ ବିପର୍ଯ୍ୟୟ ସଚେତନତା କର୍ମଶାଳା

କୃଷ୍ଣପ୍ରସାଦ,୨୪।୮ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବା ନିମନ୍ତେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସିପକୁଦା ଓ ବନମାଳୀପୁରରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସିପକୁଦା ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସରପଞ୍ଚ ଇଂ. ମଳୟ କୁମାର ଜେନା ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା କରିବା ଦିଗରେ ସଚେତନ କରାଇଥିଲେ। ଗୋଷ୍ଠୀସ୍ତରୀୟ ବିପର୍ଯ୍ୟୟ ପ୍ରଶମନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଆଞ୍ଚଳିକ ଜନସେବା ଅନୁଷ୍ଠାନର ପ୍ରଶିକ୍ଷକ ଅମର କୁମାର ଜାଲି ଟାସ୍କଫୋର୍ସମାନଙ୍କର ଦାୟିତ୍ୱ ବିଷୟରେ ତାଲିମ ଦେବା ସହ ବିପନ୍ନଙ୍କୁ ଉଦ୍ଧାର ଓ ଚିକିତ୍ସା ସହିତ ବଜ୍ରପାତରୁ ରକ୍ଷାପାଇବା ନିମନ୍ତେ ପ୍ରଶିକ୍ଷଣ ଦେଇଥିଲେ। ସମୁଦ୍ର ଉପକୂଳବର୍ତ୍ତୀ ଜନବସତିଗୁଡ଼ିକୁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିଭଳି ସୁରକ୍ଷା ଦିଆଯାଇପାରିବ ସେ ସମ୍ପର୍କରେ ଗାଁ ମୁଖିଆ ମକୁନ୍ଦ କୁମାର ଜାଲି ମତବ୍ୟକ୍ତ କରିଥିଲେ। ବୈଠକରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ସ୍ଥାନୀୟ ଯୁବଗୋଷ୍ଠୀ ସମେତ ୫୫ଜଣ ଟାସ୍କଫୋର୍ସ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ସିପକୁଦା ଏବଂ ବନମାଳୀପୁରଠାରେ ପଲ୍ଲିସଭା ଅନୁଷ୍ଠିତ ହୋଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା।

# ଅନୁମୋଦନ ଅପେକ୍ଷାରେ ଅତ୍ରି ଉଷ୍ଣ ପ୍ରସ୍ରବଣ ବିକାଶ ନକ୍ସା

ବାଘମାରୀ,୨୪।୮ (ଶୁଭକାନ୍ତ ମହାପାତ୍ର)



ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରୀ ପଞ୍ଚାୟତର ଅନତି ଦୂରରେ ରହିଛି ବାବା ହଟକେଶ୍ୱରଙ୍କ ପୀଠ। ଏଠାରେ ଥିବା ଅତ୍ରି ଉଷ୍ଣ ପ୍ରସ୍ରବଣ ଅବହେଳିତ ଅବସ୍ଥାରେ ରହିଛି। ତେବେ ଏହି ଉଷ୍ଣ ପ୍ରସ୍ରବଣର ବିକାଶ ପାଇଁ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ସ୍ଥାନୀୟ ସରପଞ୍ଚ, ଗ୍ରାମ୍ୟ କମିଟିଙ୍କ ଉପସ୍ଥିତିରେ ପର୍ଯ୍ୟଟନ ବିଭାଗ ଓ ସ୍ଥାନୀୟ ପ୍ରଶାସନର ଏକ ପ୍ରତିନିଧି ମଣ୍ଡଳୀ ନକ୍ସା ପ୍ରସ୍ତୁତ କରିଛନ୍ତି। ଗତ ୨୨ତାରିଖରେ ୫-ଟି ସଚିବ ଭି.କେ. ପାଣ୍ଡିଆନ୍ ବେଗୁନିଆ ବିଜୁ ପଟ୍ଟନାୟକ ମିନିଷ୍ଟାଡିୟମଠାରେ ଆୟୋଜିତ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପ୍ରବେଶ ପଥରେ ଜିଲା ପ୍ରଶାସନ ଦ୍ୱାରା ସ୍ଥାନିତ ଅତ୍ରି ଉଷ୍ଣ ପ୍ରସ୍ରବଣର ବର୍ତ୍ତମାନ ସ୍ଥିତି, ବନ୍ୟା ସମୟର ସ୍ଥିତି ଓ ବିକାଶର ନକ୍ସାକୁ ସ୍ଥାନିତ କରାଯାଇଥିଲା। ଉକ୍ତ ନକ୍ସାକୁ ଅନୁଧ୍ୟାନ କରିବା ସହ ଖୁବ୍‌ଶୀଘ୍ର ଏହି ନକ୍ସା ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁମୋଦିତ ହେବ ବୋଲି ୫-ଟି ସଚିବ କହିଛନ୍ତି, ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଏହା ସହ ହଟକେଶ୍ୱରଙ୍କ ପୀଠର ଉନ୍ନତୀକରଣ ପାଇଁ ଜନସାଧାରଣ ଓ ପୂଜକମାନେ ଦସ୍ତଖତ ସମ୍ବଳିତ ଏକ ଦରଖାସ୍ତ ୫-ଟି ସଚିବଙ୍କୁ ପ୍ରଦାନ କରିଛନ୍ତି। କୁଆ କୁଣ୍ଡର ପୁନରୁଦ୍ଧାର, ଚତୁଃପାର୍ଶ୍ୱ ବନ୍ଧ ରାସ୍ତା ନିର୍ମାଣ, ନୂତନ ପାନ୍ଥଶାଳା ନର୍ମାଣ, ବୋଟିଂ କମ୍ପ୍ଲେକ୍ସ ସ୍ଥାପନ, ପିକନିକ୍ ପିଣ୍ଡି ନିର୍ମାଣ, ଶୌଚାଳୟ ସ୍ଥାପନ, ଗାଧୁଆ କୁଣ୍ଡଗୁଡ଼ିକର ପୁନଃ ନିର୍ମାଣ, ନୂତନ ଫାଟକ ନିର୍ମାଣ, ଆଲୋକୀକରଣ, ସୌନ୍ଦର୍ଯ୍ୟକରଣ ଏବଂ ଏହି ପର୍ଯ୍ୟଟନସ୍ଥଳୀକୁ ବନ୍ୟା ନିବୃତ୍ତ ରଖିବା ସହ ଏହାକୁ ସ୍ୱାସ୍ଥ୍ୟ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବା ପାଇଁ ସ୍ଥାନୀୟ ଲୋକେ ଦାବି କରିଆସୁଛନ୍ତି।

# ଦିବ୍ୟାଙ୍ଗ ଶିଶୁଙ୍କ ଅଭିଭାବକ ଓ ଶିକ୍ଷକଙ୍କ ତାଲିମ ଶିବିର

କୃଷ୍ଣପ୍ରସାଦ,୨୪।୮ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ପାରିକୁଦ ଲକ୍ଷ୍ମଣ ଚନ୍ଦ୍ର ନୋଡାଲ ବିଦ୍ୟାପୀଠ ପରିସରରେ ଦିବ୍ୟାଙ୍ଗ ଶିଶୁଙ୍କ ଅଭିଭାବକ ଏବଂ ଶିକ୍ଷକମାନଙ୍କ ଏକ ଦିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ମଙ୍ଗୁଳି ଚରଣ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଆରସିସି ସତ୍ୟବ୍ରତ ସାହୁ, ପ୍ରଧାନଶିକ୍ଷକ ବୈକୁଣ୍ଠ ନାଥ ନାୟକ, ହେମନ୍ତ କୁମାର ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇ ଦିବ୍ୟାଙ୍ଗ ଶିଶୁଙ୍କ ବିକାଶ ନିମନ୍ତେ ସମାଜର ପ୍ରତ୍ୟେକ ବ୍ୟକ୍ତି ସହଯୋଗ କରିବା ସହ ପ୍ରତି ବିଦ୍ୟାଳୟରେ ସରକାର ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ସିଆରସିସି ଅମିୟ କୁମାର ଜେନା ଧନ୍ୟବାଦ ଦେଇଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷକ ଦୀନବନ୍ଧୁ ପ୍ରଧାନ, ହରପ୍ରିୟା ବେହେରା, ମହନ୍ତ କୁମାର ଜେନା, ଅକ୍ଷୟ କୁମାର ପ୍ରଧାନ, ପ୍ରଦୀପ କୁମାର ପଲେଇ ପ୍ରମୁଖ ପ୍ରଶିକ୍ଷକଭାବେ ଯୋଗଦେଇ ବିଭିନ୍ନ ସରକାରୀ ସୁବିଧା, ସୁନେତ୍ର ଅସ୍ତ୍ରୋପଚାର, କୃତ୍ରିମ ଅଙ୍ଗ ନିରୂପଣ, ସ୍ଥାନ ସଂରକ୍ଷଣ ସାମଗ୍ରୀ ପ୍ରଦାନ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମ ୫ଦିନ ଧରି ବ୍ଲକର ବିଭିନ୍ନ ସ୍ଥାନରେ ଆୟୋଜନ କରାଯାଇଥିବା ବେଳେ ଦିବ୍ୟାଙ୍ଗ ଶିଶୁଙ୍କୁ ସହଯୋଗ କରିବାକୁ ଆହ୍ୱାନ ଦିଆଯାଇଥିଲା।

# ପଞ୍ଚାୟତ ଅଫିସ ଘେରିଲେ ଗ୍ରାମବାସୀ

## ପିଡିଏସ୍ ଚାଉଳ ହଡ଼ପ ଅଭିଯୋଗ

ଗମ୍ଭାରୀମୁଣ୍ଡା,୨୪।୮ (ଦିଲ୍ଲୀପ ସ୍ୱାଇଁ)



ହିତାଧିକାରୀଙ୍କୁ ଚାଉଳ ନ ଦେଇ ହଡ଼ପ କରାଯାଉଥିବା ଅଭିଯୋଗ ଆଣି ଗୁରୁବାର ଦେଓଗାଁ ପଞ୍ଚାୟତ ଓଡ଼ଗାଁ ଗ୍ରାମବାସୀ ପଞ୍ଚାୟତ ଅଫିସ ଘେରାଉ କରିବା ସହ ହୋହଲ୍ଲା କରିଥିଲେ। ସରକାର ଗରିବ ଜନସାଧାରଣଙ୍କୁ ଖାଦ୍ୟ ଯୋଗାଇ ଦେବା ନିମନ୍ତେ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରି ମୁଣ୍ଡ ପିଛା ୫କେଜି ଚାଉଳ ଦେଉଥିବା ବେଳେ ଆଉ କେତେକ ଗରିବ ପରିବାରକୁ ଅନ୍ତ୍ୟୋଦୟ ଯୋଜନାରେ ୩୫ କେଜି ଚାଉଳ ଯୋଗାଇ ଦେଉଛନ୍ତି। ତେବେ ହିତାଧିକାରୀଙ୍କ ଟିପ ଚିହ୍ନ କମ୍ପ୍ୟୁଟର ମାଧ୍ୟମରେ ହାତେଇନେବା ସହ ସେମାନଙ୍କୁ ମାସ ମାସ ଧରି ଚାଉଳ ଦିଆଯାଉ ନାହିଁ। ଏନେଇ ହିତାଧିକାରୀ ବାରମ୍ବାର ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳିଲା ନାହିଁ। ଏହାର ପ୍ରତିବାଦରେ ଗୁରୁବାର ଓଡ଼ଗାଁ ଗ୍ରାମବାସୀ ସ୍ଥାନୀୟ ପଞ୍ଚାୟତ ଅଫିସ ଘେରାଉ କରିଥିଲେ। ତେବେ ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ କହିଛନ୍ତି, ପିଡିଏସ୍ ଚାଉଳ ସମ୍ପର୍କରେ ମତାମତ ଦେଇପାରିବି ନାହିଁ। ଏଥିରେ ଯୋଗାଣ ସହାୟକ ହିଁ କହିପାରିବେ। ସେହିପରି ବିଡିଓ ଶୀତଲ ଅଗ୍ରୱାଲ କହିଛନ୍ତି, ଘଟଣାର ଖୁବ୍‌ଶୀଘ୍ର ତଦନ୍ତ କରାଯିବ। ଗରିବ ଜନସାଧାରଣଙ୍କୁ ନିଶ୍ଚିତ ନ୍ୟାୟ ମିଳିବ।

# ମରାମତି ହେଲା ଶ୍ରେଣୀଗୃହ ଛାତ



ଜଟଣୀ,୨୪।୮ (ରବୀନ୍ଦ୍ର ନାଥ ମହାକୁଡ଼)

## ପ୍ଲାଷ୍ଟର ଖସିବା ଘଟଣା

ଜଟଣୀ ବ୍ଲକ କନ୍ତିଆ ପଞ୍ଚାୟତରେ ୫-ଟି ସ୍କୁଲରେ ରୂପାନ୍ତର ହୋଇଥିବା ଭାଗବତ ବାସୁଦେବ ବିଦ୍ୟାପୀଠରେ ଏକ ଶ୍ରେଣୀଗୃହ ଛାତରୁ ବୁଧବାର ଏକ ପ୍ଲାଷ୍ଟର ଖଣ୍ଡ ଖସିପଡ଼ିଥିଲା। ଏନେଇ ‘ଧରିତ୍ରୀ’ରେ ଖବର ପ୍ରକାଶ ପାଇବା ପରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଗୁରୁବାର ଉକ୍ତ ଶ୍ରେଣୀଗୃହ ଛାତରୁ ପ୍ଲାଷ୍ଟର ଖଣ୍ଡ ଖସିଥିବା ସ୍ଥାନକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯାଇଛି। ପ୍ରକାଶ ଯେ, ଏହି ବିଦ୍ୟାପୀଠକୁ ପ୍ରାୟ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ କିଛିଦିନ ତଳେ ୫-ଟିରେ ରୂପାନ୍ତରିତ କରାଯାଇଛି। କାମ ସାରିବାର ୩ ମାସ ନପୂରୁଣୁ ବୁଧବାର ଏହି ସ୍କୁଲର ନବମ ଶ୍ରେଣୀ ଗୃହ ଛାତରୁ ପ୍ଲାଷ୍ଟର ଖସିଥିଲା। ତେବେ ଏହି ସମୟରେ ମଧ୍ୟାହ୍ନ ଭୋଜନ ବିରତି ହୋଇଥିବାରୁ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକମାନେ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ। ଏ ସମ୍ପର୍କରେ ବିଡିଓ ସରୋଜ କୁମାର ରାଉତ କହିଛନ୍ତି, ରୂପାନ୍ତର ହୋଇଥିବା ସମସ୍ତ ସ୍କୁଲର କାର୍ଯ୍ୟର ଯାଞ୍ଚ କରାଯିବ। ଯେଉଁଠି ତ୍ରୁଟି ପରିଲକ୍ଷିତ ହେବ, ସଙ୍ଗେ ସଙ୍ଗେ ପଦେକ୍ଷପ ଗ୍ରହଣ କରାଯିବ।

# ପୁନରୁଦ୍ଧାର ହେଲା କାଜୁପଡ଼ିଆ

ମିରାକାରପୁର,୨୪।୮ (ମାନସ ଚନ୍ଦ୍ର ପଟ୍ଟନାୟକ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ କମାଗୁରୁ ପଞ୍ଚାୟତ ଅଟଳା ପାହାଡ଼ ପାଦଦେଶରେ ବନ ବିଭାଗର ୫୨ ହେକ୍ଟର ୧୩୦ ଏକର ନାଲସିଂହ (ଡିପିଏଫ୍)ଲଟ୍-୧ ଜମି ରହିଛି। ଏହାକୁ ୧୯୭୮-୭୯ ମସିହାରେ ଓଡ଼ିଶା ବନ ଉନ୍ନୟନ ନିଗମ ଲିମିଟେଡ ଭୁବନେଶ୍ୱର ବାଣିଜ୍ୟ ଖଣ୍ଡ ଲିଜରେ ନେଇଥିଲା। ଗଙ୍ଗାଧରପୁର ବାଣିଜ୍ୟ ବୃକ୍ଷରୋପଣ ଉପଖଣ୍ଡ ସେଠାରେ କାଜୁ ଗଛ ରୋପଣ କରିଥିଲା। ଜଙ୍ଗଲ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ହୋଇଥିବା ବିଟ୍ ହାଉସରେ ବନ କର୍ମଚାରୀ ରହି ତଦାରଖ କରୁଥିଲେ। ୧୯୯୯ ମହାବାତ୍ୟାରେ ଏହି ଘର ଭାଙ୍ଗିଯିବାରୁ ଆଉ କୌଣସି କର୍ମଚାରୀ ରହିଲେ ନାହିଁ। ପରବର୍ତ୍ତୀ ସମୟରେ ସ୍ଥାନୀୟ ଅଞ୍ଚଳର କେତେଜଣ ମୁଷ୍ଟିମେୟ ବ୍ୟକ୍ତି କିଛି ଜାଗାକୁ ଜବରଦଖଲ କରି ବିକ୍ରି କରିବା ସହ ଘର କରି ରହିଛନ୍ତି। ଏନେଇ କେତେଜଣ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିବା ପରେ ଗଙ୍ଗାଧରପୁର ବାଣିଜ୍ୟ ବୃକ୍ଷରୋପଣ ଉପଖଣ୍ଡ ଅଧିକାରୀ ଜିତେନ୍ଦ୍ର ଦାସ ଉକ୍ତ ସ୍ଥାନରେ ପହଞ୍ଚି ବଳକା ଜମି ସଫା କରି ଫଳକ ଲଗାଇବା ସହିତ କାଜୁଗଛ ରୋପଣ କରିଛନ୍ତି। ଅଟଳା ବନ ସୁରକ୍ଷା କମିଟି ସଭାପତି ଲକ୍ଷ୍ମୀ ନାରାୟଣ ମହାନ୍ତି କହିଛନ୍ତି, ଏଠାରେ ଲାଗିଥିବା ଗଛଗୁଡିକ ମହାବାତ୍ୟାରେ ଉପୁଡି ନଷ୍ଟ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ଖୋର୍ଦ୍ଧା ବନଖଣ୍ଡ ଅଧିକାରୀଙ୍କ ସୁପାରିସକ୍ରମେ ଟାଙ୍ଗୀ ବନାଞ୍ଚଳ ଅଧିକାରୀ ମୋଟ୍ ୨୬୫ ଏକର ଜମି ଦେଇଥିଲେ। ସେଥିରୁ ୧୩୦ ଏକର କାଜୁ ଏବଂ ଅଟଳା ପାହାଡ଼ ପାଇଁ ୧୩୫ ଏକର। ବାତ୍ୟାରେ ଏହା ନଷ୍ଟ ହୋଇଯିବା ପରେ ବାରମ୍ବାର ଅଭିଯୋଗ ପରେ କେହି ଶୁଣିଲେ ନାହିଁ। ଏବେ ଏହାର ପୁନରୁଦ୍ଧାର ହୋଇଛି। ଏଠାରେ ଯେଉଁ ବିଟ୍ ହାଉସ ଥିଲା, ଏହାକୁ ମଧ୍ୟ ପୁନରୁଦ୍ଧାର କରାଯାଉ ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ଏ ସମ୍ପର୍କରେ ଗଙ୍ଗାଧରପୁର ବାଣିଜ୍ୟ ବୃକ୍ଷରୋପଣ ଉପଖଣ୍ଡ ଅଧିକାରୀ ଦାସ କହିଛନ୍ତି, ବାତ୍ୟାରେ ନଷ୍ଟ ହୋଇଯାଇଥିବା ସ୍ଥାନରେ ନୂଆ ଗଛ ଲଗାଯିବ। ଗଙ୍ଗାଧରପୁର ଅଧୀନରେ ଏଭଳି ୬୧ଟି ପଡିଆ ରହିଛି। ଏଗୁଡିକୁ ୩ବର୍ଷରେ ଥରେ ଲିଜ୍ ଆକାରରେ ଦିଆଯାଉଛି। କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ରାଜକୋଷକୁ ଯାଉଛି ବୋଲି ସେ ପ୍ରକାଶ କରିଛନ୍ତି।

# ‘ରାଷ୍ଟ୍ରର କଲ୍ୟାଣ ପାଇଁ କାମ କର’

## ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ

ଖୋର୍ଦ୍ଧା,୨୪।୮ (ପ୍ରଭାତ ପାଣିଗ୍ରାହୀ)




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ଅବସରରେ ଧର୍ମ ଜାଗରଣ ସମନ୍ୱୟ ବିଭାଗ ଖୋର୍ଦ୍ଧା ଜିଲା ଆନୁକୂଲ୍ୟରେ ଧର୍ମରକ୍ଷା ଦିବସ ସ୍ଥାନୀୟ ଗୀତାଭବନ ପରିସରରେ ଗୁରୁବାର ପାଳିତ ହୋଇଯାଇଛି। ଏଥିରେ ପୂର୍ବ କ୍ଷେତ୍ର ଧର୍ମ ଜାଗରଣ ପ୍ରମୁଖ ବିନୟ କୁମାର ଭୂୟାଁ ମୁଖ୍ୟବକ୍ତାଭାବେ ଯୋଗଦେଇ କହିଥିଲେ, ଓଡ଼ିଶାରେ ହିନ୍ଦୁ ଧର୍ମର ସଂରକ୍ଷଣ, ଗୋମାତାର ସୁରକ୍ଷା ଦିଗରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ନାମ ଅମର ହୋଇ ରହିଛି। କନ୍ଧମାଳରେ ହିନ୍ଦୁ ସମାଜକୁ ଏକତ୍ରିତ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରି ଦେଇଥିଲେ। କନ୍ଧମାଳ ଜିଲାରେ ହିନ୍ଦୁଙ୍କ ମଧ୍ୟରେ ଧର୍ମଜାଗରଣ ସହିତ ସ୍ୱଧର୍ମରକ୍ଷା ପାଇଁ ସଚେତନ କରିଛନ୍ତି। ଗାଁ ଗାଁରେ ପୁରୁଷ, ମହିଳା ନାମ ସଙ୍କୀର୍ତ୍ତନ ମଣ୍ଡଳୀ ଗଠନ କରି ସେମାନଙ୍କ ମଧ୍ୟରେ ଧର୍ମୀୟ ଭାବନାକୁ ଜାଗ୍ରତ କରିଥିଲେ। ପ୍ରଲୋଭିତ ହୋଇ ହିନ୍ଦୁ ଧର୍ମକୁ ପରିତ୍ୟାଗ କରିଥିବା ବ୍ୟକ୍ତିବିଶେଷଙ୍କୁ ପୁଣି ଥରେ ସ୍ୱଧର୍ମକୁ ଫେରାଇ ଆଣିଥିଲେ। ଏହି କାରଣରୁ ୨୦୦୮ ଅଗଷ୍ଟ ୨୩ରେ ତାଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ବର୍ତ୍ତମାନ ପର୍ଯ୍ୟନ୍ତ କମିଶନ ରିପୋର୍ଟକୁ ସାର୍ବଜନୀନ କରାଯାଇନାହିଁ। ଲକ୍ଷ୍ମଣାନନ୍ଦ କହୁଥିଲେ, ଭାରତ ଆତ୍ମା ଗାଁରେ ରହିଛି। ଗ୍ରାମୀଣ ସଂସ୍କୃତି, ପରମ୍ପରାରେ ସାମିଲ ହେବା ସହିତ ସତ୍‌ସଙ୍ଗ କର। ଗୀତା, ରାମାୟଣ, ବେଦ, ଉପନିଷେଦ ପାଠ କର। ସଚେତନ ହୁଅ। ଏକାଠି, ସଙ୍ଗଠିତ ହେବାକୁ ସେ ଆହ୍ୱାନ ଦେଇଥିଲେ। ଦିନ ଥିଲା ଭାରତ ଆଫଗାନିସ୍ତାନଠାରୁ ଢାକା ପର୍ଯ୍ୟନ୍ତ ଓ ବେଲୁଚିସ୍ଥାନ, ସିଂହଳ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା। ହିନ୍ଦୁ ଧର୍ମାନ୍ତରିତ ହେବାରୁ ସେ ଅଞ୍ଚଳ ଭାରତରୁ ଅଲଗା ହୋଇଗଲା। ହିନ୍ଦୁ ସମାଜ ସଙ୍ଗଠିତ ହେବାକୁ ସବୁବେଳେ କହୁଥିଲେ। ହିନ୍ଦୁ ଜାଗିଲେ ଧର୍ମାନ୍ତରଣ ବନ୍ଦ ହୋଇପାରିବ। ମତାନ୍ତରକୁ ଭୁଲି ଏକ ମନ ପ୍ରାଣରେ ସମାଜ, ରାଷ୍ଟ୍ରର କଲ୍ୟାଣ ପାଇଁ କାର୍ଯ୍ୟ କରିବାକୁ ସ୍ୱାମୀଜୀ ସର୍ବଦା କହୁଥିଲେ। ତାଙ୍କ ତ୍ୟାଗମୟ ଜୀବନ ଭାରତବର୍ଷ ଏକ ପ୍ରେରଣା। ଭାରତବର୍ଷରେ ଯେତେବେଳେ ସମସ୍ୟା ଆସିଛି ସାଧୁସନ୍ଥମାନେ ଧର୍ମରକ୍ଷକ ଭାବେ ଦଣ୍ଡାୟମାନ ହୋଇଛନ୍ତି। ସେମାନେ ହେଉଛନ୍ତି ସମାଜର ଆଦର୍ଶ। ସମାବେଶରେ ବରିଷ୍ଠ ଆଇନଜୀବୀ ତଥା ସଂସ୍କୃତି ଗବେଷକ ଶକ୍ତିଶଙ୍କର ମିଶ୍ର ଏବଂ ମହନ୍ତ ବିଶ୍ୱମ୍ଭର ଦାସ ମହାରାଜ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଧର୍ମ ଜାଗରଣ ନଗର ସଂଯୋଜକ ସୁଧାକର ସାହୁ ସଂଯୋଜନା କରିଥିଲେ। ଉତ୍କଳ ପୂର୍ବ ପ୍ରାନ୍ତ ପ୍ରମୁଖ ଆଲୋକ କୁମାର ଖଟୁଆ, ପୂର୍ବ ପ୍ରାନ୍ତ ସଂଯୋଜକ ମଙ୍ଗୁଲୁ ପାତ୍ରଙ୍କ ସମେତ ଶତାଧିକ କର୍ମକର୍ତ୍ତା, ସ୍ଥାନୀୟ ବୁଦ୍ଧିଜୀବୀ, ଶିକ୍ଷାବିତ୍ ଉପସ୍ଥିତ ଥିଲେ। ଏହି ଅବସରରେ ଭାରତମାତା ଆରତୀ ସହ ସ୍ୱାମୀଜୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

**ଚନ୍ଦ୍ରୟାନ-୩ର ସଫଳତା ପାଇଁ ପୁରୀ ଓକିଲ ସଂଘର ଶୁଭେଚ୍ଛା**

ପୁରୀ,(ଅଜିତ ମହାନ୍ତି): ଭାରତର ଚନ୍ଦ୍ରୟାନ-୩ ଚନ୍ଦ୍ରପୃଷ୍ଠରେ ସଫଳତାର ସହ ଅବତରଣ ପାଇଁ ପୁରୀ ଓକିଲ ସଂଘ ପକ୍ଷରୁ ପ୍ରଧାନମନ୍ତ୍ରୀ ଏବଂ ଇସ୍ରୋ ବୈଜ୍ଞାନିକମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଓକିଲ ସଂଘ ସଭାପତି ରାମପ୍ରସାଦ ଦାଶ, ସମ୍ପାଦକ ବିଭୂତି ଶଙ୍କର ତ୍ରିପାଠୀ, ଉପସଭାପତି କାଳିପ୍ରସାଦ ନାୟକ, ଯୁଗ୍ମ ସମ୍ପାଦକ ଚିତ୍ତରଞ୍ଜନ ବିଶ୍ୱାଳ, ବିଭୁଦତ୍ତ ପଟ୍ଟନାୟକ, ପ୍ରଶାନ୍ତ ରଣା ଏବଂ କାର୍ଯ୍ୟକାରୀ ସଦସ୍ୟ ଅନିଲ କୁମାର ସାହୁ, ସୋମନାଥ ରଣା, ତପନ କୁମାର ବାରିକ, ବିଶ୍ୱଭୂଷଣ ବାରିକ ଓ ଭାଗବତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଚନ୍ଦ୍ରୟାନ-୩ ଭାରତ ଓ ବିଶ୍ୱ ପାଇଁ ଏକ ଯୁଗାନ୍ତ ଅଧ୍ୟାୟ ସୃଷ୍ଟି କଲା ବୋଲି ସମସ୍ତେ ମତ ଦେଇଥିଲେ।





**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**

୨୪।୮।୨୦୨୩

| | |
|---|---|
| ୨,୯୩,୨୨୮ ଟଙ୍କା | |
| ସୁନା | ୧୦୦ ମିଲିଗ୍ରାମ୍ |
| ରୁପା | ୯୨.୧୦୦ ଗ୍ରାମ୍ |

# ଗଛ ତଳେ ପଢ଼ିଲେ ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ର

- ବିଡିଓଙ୍କୁ ଘେରିଲେ ଅଭିଭାବକ, ଆଜି ହେବ ବୈଠକ
- ଠିକାଦାରଙ୍କୁ ବ୍ଲାକ ଲିଷ୍ଟେଡ କରିବାକୁ ଦାବି

ଡେଲାଙ୍ଗ,୨୪।୮(ରଶ୍ମିରଞ୍ଜନ ପ୍ରଧାନ)



ଛାତ୍ରୀଛାତ୍ରମାନେ ଗଛ ତଳେ ପାଠ ପଢୁଛନ୍ତି ।

ସରକାର ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ସ୍ମାର୍ଟ ସ୍କୁଲ ରୂପାନ୍ତର ଓ ଆଦର୍ଶ ବିଦ୍ୟାଳୟର ବ୍ୟବସ୍ଥା କରିଛନ୍ତି। ପ୍ରତ୍ୟେକ ବ୍ଲକରେ ଉନ୍ନତମାନର ଶିକ୍ଷାଦାନ ପାଇଁ ଆଦର୍ଶ ବିଦ୍ୟାଳୟ ଖୋଲାଯାଇଛି। ହେଲେ ବିଦ୍ୟାର୍ଥୀମାନେ ଏବେ ବିଦ୍ୟାଳୟ ଗୃହରେ ପଢିବା ପରିବର୍ତ୍ତେ ଗଛ ତଳେ ପଢୁଥିବାର ଦୃଶ୍ୟ ପୁରୀ ଜିଲା ଡେଲାଙ୍ଗ ବ୍ଲକରେ ଗୁରୁବାର ଦେଖିବାକୁ ମିଳିଛି। ଘଟଣା ବିଷୟରେ ଅଭିଭାବକମାନେ ଅବଗତ ହେବା ପରେ ଅସନ୍ତୋଷ ପ୍ରକାଶ କରି ସ୍କୁଲ ଆଗରେ ଧାରଣା ଦେଇଥିଲେ।

ସୂଚନା ଥାଉକି, ୨୦୨୨ରେ ଏହି ଆଦର୍ଶ ବିଦ୍ୟାଳୟର ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ନଭେମ୍ବର ୨୦୨୩ ସୁଦ୍ଧା କାର୍ଯ୍ୟ ସାରିବା ପାଇଁ ସୂଚନା ଫଳକରେ ଲେଖାରହିଛି। ହେଲେ ଅଦ୍ୟାବଧି ବିଦ୍ୟାଳୟର ଅଧା କାର୍ଯ୍ୟ ମଧ୍ୟ ସରି ନାହିଁ। ଗତବର୍ଷ ବିଦ୍ୟାଳୟରେ ପ୍ରଥମକରି ବିଦ୍ୟାର୍ଥୀମାନେ ନାମ ଲେଖାଇଥିଲେ। ସେବେଠାରୁ ବିଦ୍ୟାର୍ଥୀମାନେ ବେରବୋଇ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଆଜବେଷ୍ଟସ ଗୃହରେ ପାଠ ପଢୁଛନ୍ତି। ଚଳିତବର୍ଷ ନୂତନ ଛାତ୍ରୀଛାତ୍ରଙ୍କ ନାମ ଲେଖା ପରେ ଆଦର୍ଶ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୧୬୦ରୁ ଊର୍ଦ୍ଧ୍ୱ ହୋଇଥିଲା। ଫଳରେ ବେରବୋଇ ବିଦ୍ୟାଳୟ ପରିସରରେ ଥିବା ୪ଟି ଆଜବେଷ୍ଟସ ଗୃହରେ ପଢା ଚାଲୁଥିଲା। ହେଲେ ଗୁରୁବାର ବେରବୋଇ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ୨ଟି ରୁମ୍‌କୁ କୌଣସି କାର୍ଯ୍ୟ ପାଇଁ ବ୍ୟବହାର କରାଯିବା ପରେ ଆଦର୍ଶ ଛାତ୍ରୀଛାତ୍ରଙ୍କୁ ସେଠାକୁ ବାରଣ କରାଯାଇଥିଲା। ଫଳରେ ବାକିଥିବା ୨ଟି ରୁମ୍‌ରେ ୧୬୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ବସିବା କଷ୍ଟକର ହୋଇଥିଲା। ପଢା ଚାଲୁଥିବାବେଳେ ଅସହ୍ୟ ଗରମ ହେବାରୁ ୩ଜଣ ଛାତ୍ରୀଛାତ୍ର ଅଚେତ ହୋଇପଡିଥିଲେ। ତେଣୁ ପରିସର ମଧ୍ୟରେ ଥିବା ଏକ ଗଛ ତଳେ ଛାତ୍ରୀଛାତ୍ରଙ୍କୁ ନେଇ ପାଠପଢ଼ା ଚାଲିଥିଲା। ଏହି କଥା ଅଭିଭାବକମାନେ ଜାଣିବା ପରେ ଅଭିଭାବକ ଅଶୋକ ପ୍ରଧାନଙ୍କ ନେତୃତ୍ୱରେ ମମତା ସାହୁ, ମୋହନ ମହାନ୍ତି, ପ୍ରସନ୍ନ ବିଶ୍ୱାଳ, ସୁପ୍ରଭା ରାଉତରାୟ, ଜୟନ୍ତୀ ପ୍ରଧାନ, ସସ୍ମିତା ମହାନ୍ତି, ସନାତନ ସାହୁ, ବିଜୟ ସେଠୀ, ପବିତ୍ର ଭୋଇଙ୍କ ସମେତ ୧୦୦ରୁ ଊର୍ଦ୍ଧ୍ୱ ଅଭିଭାବକ ବିଦ୍ୟାଳୟ ପରିସରରେ ପହଞ୍ଚି ଧାରଣା ଦେଇଥିଲେ। ଖବରପାଇ ବିଡିଓ ତଥା ଆଦର୍ଶ ବିଦ୍ୟାଳୟର ଉପସଭାପତି ଲାବନେନ୍ଦୁ ମହାନ୍ତି, ବ୍ଲକ ଶିକ୍ଷାଧିକାରୀ ବିନୋଦ ପାରମାଣିକ ଓ ଜିଲା ଉପଶିକ୍ଷାଧିକାରୀ ମମତା ମିଶ୍ର ଘଟଣା ସ୍ଥଳରେ ପହଞ୍ଚିଥିଲେ। ଉତ୍ୟକ୍ତ ଲୋକେ ବିଡିଓଙ୍କୁ ଘେରିଯାଇ ସମସ୍ୟାର ସମାଧାନ କରିବାକୁ ଅଡ଼ିବସିଥିଲେ। ପରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ବାସନ୍ତୀ ସାହୁ ଓ ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ ପହଞ୍ଚି ଉତ୍ୟକ୍ତ ଅଭିଭାବକଙ୍କୁ ବୁଝାଶୁଝା କରି ପିଲାଙ୍କ ପଢାରେ ଉପଯୁକ୍ତ ସ୍ଥାନ ନିର୍ଦ୍ଧାରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଉପସ୍ଥିତ ସମସ୍ତ ଅଧିକାରୀ ଆଦର୍ଶ ବିଦ୍ୟାଳୟ ନିର୍ମାଣ ସ୍ଥାନ ପରିଦର୍ଶନ କରିବା ସହ ପିଲାମାନଙ୍କ ପାଠପଢା ପାଇଁ ମହତାବ ଉଚ୍ଚ ବିଦ୍ୟାଳୟ ପରିସର ବୁଲି ଦେଖିଥିଲେ। ସେଠାରୁ ଫେରି ଅଭିଭାବକମାନଙ୍କୁ ମହତାବ ଉଚ୍ଚ ବିଦ୍ୟାଳୟରେ ୪ଟି ଶ୍ରେଣୀ ଗୃହରେ ଆଦର୍ଶ ଛାତ୍ରୀଛାତ୍ରଙ୍କ ପାଠପଢା ପାଇଁ ପ୍ରସ୍ତାବ ଦେଇଥିଲେ। ହେଲେ ଅଭିଭାବକମାନେ ଏହି ପ୍ରସ୍ତାବରେ ରାଜି ନ ହେବା ସହ ଛାତ୍ରୀଛାତ୍ରଙ୍କ ନିମନ୍ତେ ଠିକ୍ ଓ ସୁରକ୍ଷିତ ସ୍ଥାନର ବ୍ୟବସ୍ଥା ନ ହେଲେ, ପିଲାଙ୍କୁ ବିଦ୍ୟାଳୟ ଛାଡିବୁନି ବୋଲି ଚେତାବନୀ ଦେଇଛନ୍ତି। ତେଣୁ ଶୁକ୍ରବାର ବେରବୋଇ ଉଚ୍ଚ ବିଦ୍ୟାଳୟର ଅଭିଭାବକ, ଆଦର୍ଶ ବିଦ୍ୟାଳୟର ଅଭିଭାବକ ଓ ପ୍ରଶାସନିକ ଅଧିକାରୀଙ୍କୁ ନେଇ ସମସ୍ୟାର ସମାଧାନ ପାଇଁ ବୈଠକ ହେବ ବୋଲି ସ୍ଥିର କରାଯାଇଛି। ତେବେ ସମ୍ପୃକ୍ତ ଠିକାଦାରଙ୍କ ନିର୍ମାଣ କାର୍ଯ୍ୟ ମନ୍ଥର ଗତି ଯୋଗୁ ଏହି ସମସ୍ୟା ଉପୁଜିଛି। ଏଣୁ ଠିକାଦାରଙ୍କୁ ବ୍ଲାକ ଲିଷ୍ଟେଡ କରାଯାଇ ପୁନର୍ବାର ନୂତନ ଟେଣ୍ଡର ଡାକି କାର୍ଯ୍ୟ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି।

# ବୁଣା ସରି ବେଉଷଣ ହେଲାଣି, ହେଲେ ଏଯାଏଁ ମିଳିନି କୃଷିଋଣ

କଣାସ,୨୪।୮(ବିଭୂତି ଭୂଷଣ ତ୍ରିପାଠୀ)

ଧାନବୁଣା ସରି ବିଲରେ ବେଉଷଣ ଓ ବଛାଖେଳୁଆ ଚାଲିଲାଣି, କିନ୍ତୁ ଚାଷୀ କୃଷିଋଣକୁ ଅପେକ୍ଷା କରି ନିରାଶ ହେଲାଣି। ଏପରି ଘଟଣା ଘଟିଛି କଣାସ ବ୍ଲକ ଅଧୀନ ଗଡ଼ସାନପୁଟ ସେବା ସମବାୟ ସମିତିରେ। ଏପରିକି କୃଷକମାନେ ଧାନଫସଲ ଉଠିଆ କରିବାକୁ ଏହି ସମବାୟ ସମିତିକୁ ଯାଉଥିଲେ ମଧ୍ୟ ସମିତି ସମ୍ପାଦକ କି ସଭାପତି ଋଣ ଦେଉନାହାନ୍ତି। ଚଳିତବର୍ଷ ଋଣ ଦେବାକୁ ଆଶ୍ୱାସନା ଦେଇ ଚାଷୀଙ୍କଠାରୁ କାଗଜପତ୍ର ସଂଗ୍ରହ କରିଥିଲେ ମଧ୍ୟ ସମିତି ସମ୍ପାଦକ ଶେଷ ମୁହୂର୍ତ୍ତରେ ଋଣ ଦେବାକୁ ମନା କରିଦେଇଥିଲେ। କେନ୍ଦ୍ର ଓ ରାଜ୍ୟ ସରକାର କୃଷକଙ୍କୁ କୃଷି ଋଣ ଦେବାକୁ ପ୍ରୋତ୍ସାହିତ କରୁଥିବାବେଳେ ସମ୍ପୃକ୍ତ କର୍ତ୍ତୃପକ୍ଷ ନିରୁତ୍ସାହିତ କରୁଛନ୍ତି। ଖବରନେବାରେ ଜଣାପଡ଼ିଛି, ଏହି ସମବାୟ ସମିତିର ସମ୍ପାଦକ ବହୁ ବିଳମ୍ବରେ ଋଣ ନିମନ୍ତେ ପୁରୀ-ନିମାପଡ଼ା ସମ୍ମିଳିତ କୋଅପରେଟିଭ ବ୍ୟାଙ୍କରେ ପ୍ରସ୍ତାବ ଦାଖଲ କରିଥିବାରୁ ବ୍ୟାଙ୍କ କର୍ତ୍ତୃପକ୍ଷ ଋଣ ଦେବାକୁ ମନା କରିଦେଇଛନ୍ତି। ଫଳରେ ଚାଷୀ ଋଣକୁ ଅପେକ୍ଷା କରି ଏବେ ହଇରାଣ ହେଉଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଘଟଣାର ସତ୍ୟାସତ୍ୟ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାଷୀଙ୍କ ଦାବି ହୋଇଛି।

## ଏସ୍‌ସିଏସ୍ କଲେଜରେ ଅଭିମୁଖୀକରଣ କାର୍ଯ୍ୟକ୍ରମ

ପୁରୀ, ୨୪।୮(ଅଜିତ ମହାନ୍ତି):

ସାମନ୍ତ ଚନ୍ଦ୍ରଶେଖର(ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟରେ ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ନାମ ଲେଖାଇଥିବା ବିବିଏ ବିଭାଗର ନୂତନ ଛାତ୍ରୀଛାତ୍ରଙ୍କ ଅଭିମୁଖୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ନୂତନ ବ୍ଲକ ସମ୍ମିଳନୀ କକ୍ଷରେ ଗୁରୁବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପ୍ରଫେସର ଡ. ମିହିର ପ୍ରସାଦ ମିଶ୍ର ଅଧ୍ୟକ୍ଷତା କରିଥିଲେ। ମିଶ୍ର ତାଙ୍କ ଅଭିଭାଷଣରେ ବର୍ତ୍ତମାନ ସମୟରେ ବିବିଏ ପରି ଏକ ଉପଯୋଗୀ ପାଠ୍ୟକ୍ରମ ଚୟନ କରିଥିବାରୁ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏମ୍‌ବିଏ ଏବଂ ବିବିଏ ବିଭାଗର ସଂଯୋଜକ ଡ. ଚିତ୍ତରଞ୍ଜନ ଦ୍ୱିବେଦୀ ଅତିଥି ପରିଚୟ ପ୍ରଦାନ କରିବା ସହିତ ଜୀବନରେ ସଫଳତା ପାଇଁ ଶୃଙ୍ଖଳିତ ହେବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ବିବିଏ ମୁଖ୍ୟ ବିଜୟଲକ୍ଷ୍ମୀ ଭୋଳ ଯୁକ୍ତ୩ ବର୍ଷର ପାଠ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ବାଣିଜ୍ୟ ଓ ବ୍ୟବସାୟ ପରିଚାଳନା ବିଭାଗର ପ୍ରାକ୍ତନ ମୁଖ୍ୟ ପ୍ରଫେସର ଡ. ଭଗବାନ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବ୍ୟକ୍ତିତ୍ୱ ଓ ମନୋବୃତ୍ତିର ସକାରାତ୍ମକ ବିକାଶ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ, ଯାହାକି ସେମାନଙ୍କୁ ବୃତ୍ତିଗତ ଜୀବନରେ ସାଫଲ୍ୟ ମଣ୍ଡିତ କରିବ। ଜୀବନରେ ଆସୁଥିବା ସମସ୍ୟାରେ ହତୋତ୍ସାହିତ ନ ହୋଇ ସମାଧାନର ସୂତ୍ର କାଢ଼ିବା ଓ ନୂତନ ଚିନ୍ତାଧାରା ସହ ଆଗଭର ହେବାକୁ ସେ ପରାମର୍ଶ ଦେଇଥିଲେ। ବିଭାଗୀୟ ଅଧ୍ୟାପିକା ସୌମ୍ୟା ମହାନ୍ତି ସଭା କାର୍ଯ୍ୟ ପରିଚାଳନା କରିଥିଲେ। ବିଭାଗୀୟ ଅଧ୍ୟାପକ ଶିବପ୍ରସନ୍ନ ପଟ୍ଟନାୟକ, ପ୍ୟାରୀମୋହନ ଜେନା ଏବଂ ରାଜେଶ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପକ ଅଭିଷେକ ଶତପଥୀ ଧନ୍ୟବାଦ ଦେଇଥିଲେ।

### ସଂକ୍ଷେପରେ

## ସଡ଼କ ଦୁର୍ଘଟଣାରେ ଖବରଦାତା ଆହତ

ପିପିଲି,୨୪।୮(ଦୁର୍ଗାମାଧବ ମିଶ୍ର)

ଏକ ସଡ଼କ ଦୁର୍ଘଟଣାରେ ପିପିଲି ଅଞ୍ଚଳର ଧରିତ୍ରୀ ଖବରଦାତା ଦୁର୍ଗାମାଧବ ମିଶ୍ର ଏବଂ ତାଙ୍କ ସହଧର୍ମିଣୀ ଆହତ ହୋଇଛନ୍ତି। ପ୍ରକାଶ ଥାଉକି, ବୁଧବାର ସନ୍ଧ୍ୟାରେ ଖବରଦାତା ଦୁର୍ଗାମାଧବ ଖବର ସଂଗ୍ରହ କରିବା ପରେ ସହଧର୍ମିଣୀ ସହ ନିଜ ବାଇକ୍‌ରେ ମାର୍କେଟିଂ ସାରି ଜଇସପାଟଣା ପାଖ ସାଇ ଭିଲା ଆପାର୍ଟମେଣ୍ଟସ୍ଥିତ ଘରକୁ ଫେରୁଥିଲେ। ତେବେ ଜାତୀୟ ରାଜପଥର ଟୋଲ ଗେଟଠାରେ ହଠାତ୍ ୨ଟି କୁକୁର ବାଇକ୍ ଆଗକୁ ଚାଲି ଆସିଥିଲେ। ଫଳରେ ଦୁର୍ଗାମାଧବ ହଠାତ୍ ବ୍ରେକ ମାରିବା ବେଳେ ବର୍ଷା ହେଉଥିବାରୁ ଭାରସାମ୍ୟ ହରାଇ ଦୁହେଁ ରାସ୍ତା ଉପରେ ଛିଟିକିପଡିଥିଲେ। ସେଠାରେ ଉପସ୍ଥିତ ଥିବା କେତେଜଣ ଲୋକ ଦୁହିଁଙ୍କୁ ଟୋଲ୍ ଗେଟରେ ଥିବା ଆମ୍ବୁଲାନ୍ସ ଯୋଗେ ପିପିଲି ଡାକ୍ତରଖାନା ନେଇଥିଲେ। ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଗୁରୁବାର ଘରକୁ ଛାଡ଼ି ଦିଆଯାଇଛି। ଦୁର୍ଗାମାଧବଙ୍କର ହାତ ଗୋଡ଼ ସବୁ ଖଣ୍ଡିଆ ହେବା ସହ ମୁଣ୍ଡରେ ଆଘାତ ଲାଗିଥିବାବେଳେ ତାଙ୍କ ସହଧର୍ମିଣୀ ମଧ୍ୟ ଆହତ ହୋଇଛନ୍ତି।

## ବଟି ଆଦାୟ କରି ଯୁବକ ଗିରଫ

ଅସ୍ତରଙ୍ଗ,୨୪।୮(ମମତା ଜେନା)

ଅସ୍ତରଙ୍ଗ ଥାନା ଅଞ୍ଚଳରେ ଦାଦାବଟି ଆଦାୟ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଅସନ ଗ୍ରାମର କୁଲୁ ଖୁଣ୍ଟିଆ। ଏ ନେଇ ପୋଲିସ ଏକ ମାମଲା(ନଂ.୧୪୨/୨୩) ରୁଜୁ କରି ତଦନ୍ତ ଚଳାଇଛି। ବୁଧବାର ସନ୍ଧ୍ୟା ସମୟରେ ଅସ୍ତରଙ୍ଗ ମୁଖ୍ୟ ବଜାରରେ ନିଶାଶକ୍ତ ଅବସ୍ଥାରେ କୁଲୁ ସ୍ଥାନୀୟ ଦୋକାନୀ ଓ ଲୋକମାନଙ୍କୁ ଦାଦାବଟି ମାଗୁଥିଲେ। ବିଶେଷ ସୂତ୍ରରୁ ଅସ୍ତରଙ୍ଗ ଥାନା ସବଇନ୍‌ସ୍ପେକ୍ଟର ଦୀପକ ସାମନ୍ତସିଂହାର ଖବରପାଇ ପାଟ୍ରୋଲିଂ ଟିମ୍ ସହ ଯାଇ ଉକ୍ତ ଯୁବକଙ୍କୁ ଅସ୍ତରଙ୍ଗ କାବୁ କରିଥିଲେ। ଗତ କିଛି ଦିନ ହେଲା ଅସ୍ତରଙ୍ଗ ଥାନା ପୋଲିସ ପକ୍ଷରୁ ରାତ୍ର ପେଟ୍ରୋଲିଂ କଡାକଡି କରାଯିବା ସହ ନିଶାଡ଼ି ଓ ଜୁଆଡ଼ିଙ୍କ ଉପରେ ତୀକ୍ଷ୍ଣ ନଜର ରହିଛି।



ପୁରୀଠାରେ ଗୁରୁବାର ଆରମ୍ଭ ହୋଇଥିବା ଇଣ୍ଡିପେଣ୍ଡେନ୍ସ କପ୍ ଡାର୍ଟ୍ସ ନ୍ୟାଶନାଲ ଚାମ୍ପିୟନଶିପ୍‌ରେ ଭାଗନେଇଥିବା କ୍ରୀଡାବିତ୍‌ମାନେ ।

## ଇଣ୍ଡିପେଣ୍ଡେନ୍ସ କପ୍ ଡାର୍ଟ୍ସ ନ୍ୟାଶନାଲ ଚାମ୍ପିୟନଶିପ୍ ଉଦ୍‌ଘାଟିତ

ପୁରୀ,୨୪।୮(ଅଜିତ ମହାନ୍ତି)

ଓଡ଼ିଶା ଡାର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ପୁରୀର ଭିଆଇପି ରୋଡ୍‌ସ୍ଥିତ ପ୍ରାଇଡ୍ ଅନନ୍ୟା ରିସୋର୍ଟ ପରିସରରେ ଇଣ୍ଡିପେଣ୍ଡେନ୍ସ କପ୍ ଡାର୍ଟ୍ସ ନ୍ୟାଶନାଲ ଚାମ୍ପିୟନଶିପ୍ ୨୦୨୩ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନ ଅବସରରେ ଅଲ୍ ଇଣ୍ଡିଆ ଡାର୍ଟ୍ସ ଆସୋସିଏଶନ୍‌ର ସାଧାରଣ ସମ୍ପାଦକ ପ୍ରଶାନ୍ତ ସାହା, ଆସୋସିଏଶନ୍‌ର ଉପସଭାପତି ତଥା ଓଡ଼ିଶା ଡାର୍ଟ୍ସ ଆସୋସିଏଶନର ସଭାପତି ସୁଧାଂଶୁଶେଖର ହରିଚନ୍ଦନ, ଅନନ୍ୟା ପ୍ରାଇଡ୍ ହୋଟେଲର ନିର୍ଦ୍ଦେଶକ ମଧୁସୂଦନ ସିଂହାରୀ, କ୍ରୀଡ଼ା ସଂଗଠକ ରବିଶଙ୍କର ପ୍ରତିହାରୀ ଏବଂ ବରିଷ୍ଠ ସାମ୍ବାଦିକ ବିଶ୍ୱଜିତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ମାସ ୨୬ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ତେବେ ୭ଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ୧୫ଟି ରାଜ୍ୟରୁ ପ୍ରାୟ ୭୦ଜଣ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଛନ୍ତି। ଏହି ପ୍ରତିଯୋଗିତାରେ ବିଭିନ୍ନ ବୟସ ବର୍ଗର ପ୍ରତିଯୋଗୀମାନେ ଭାଗ ନେଇଛନ୍ତି। ଭାଗ ନେଇଥିବା ପ୍ରତିଯୋଗିତାମାନଙ୍କ ଭିତରେ ଉତ୍ତୀର୍ଣ୍ଣ ପ୍ରତିଯୋଗୀମାନଙ୍କ ନିମନ୍ତେ ପୁରସ୍କାର ବିତରଣ ଶେଷ ଦିନ କରାଯିବ। ତେବେ ଏହି ପ୍ରତିଯୋଗିତା ପୁରୀରେ ପ୍ରଥମଥର ପାଇଁ ଅନୁଷ୍ଠିତ ହୋଇଥିବାରୁ ବହୁ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରୁଥିବାର ଦେଖିବାକୁ ମିଳିଛି।

## ଅଗ୍ନିକାଣ୍ଡରେ ୨ ପରିବାରର ୨ ବଖରା ନଷ୍ଟ

ବଳଙ୍ଗା,୨୪।୮(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅନ୍ତର୍ଗତ ସମରେଇ ଶାସନ ଦଳିତ ସାହିରେ ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଦୁଇଟି ପରିବାରର ୨ ବଖରା ଘର ସମେତ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ପ୍ରକାଶ ଯେ, ସାହିରେ ସୁରେନ୍ଦ୍ର ବେହେରାଙ୍କ ପରିବାର ଖାଇପିଇ ଶୋଇଥିଲେ। ରାତି ପ୍ରାୟ ୧୨ଟା ସମୟରେ ହଠାତ୍ ଘରେ ପ୍ରବଳ ଗରମ ଅନୁଭୂତ ହେବା ସହ ଧୂଆଁ ଗନ୍ଧ ହୋଇଥିଲା। ଏଥିରେ ସୁରେନ୍ଦ୍ରଙ୍କ ନିଦ ଭାଙ୍ଗି ଯିବାରୁ ସେ ଘରେ ନିଆଁ ଲାଗିଥିବା ଦେଖି ସମସ୍ତଙ୍କୁ ଉଠାଇ ବାହାରକୁ ଯାଇଥିଲେ। ପରେ ପଡୋଶୀଙ୍କୁ ଡାକି ନିଆଁ ଆୟତ୍ତ କରିବାକୁ ଚେଷ୍ଟା କରିବା ସହ ପିପିଲି ଦମକଳ ବାହିନୀକୁ ଖବର ଦେଇଥିଲେ। ପିପିଲିରୁ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ସୁରେନ୍ଦ୍ର ଓ ପଡୋଶୀ ଘର ନରେନ୍ଦ୍ରଙ୍କ ଗୋଟିଏ ଗୋଟିଏ ବଖରା ଜଳିଯାଇଥିଲା। ଅଗ୍ନିକାଣ୍ଡରେ ଘରେ ଥିବା ଧାନ ଚାଉଳ ସହ ସମସ୍ତ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଆଶୁତୋଷ ସାହୁ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି।

## ଏନ୍‌ଏସ୍‌ଜି ଟିମ୍ ପକ୍ଷରୁ ମକ୍‌ଡ୍ରିଲ୍

ପୁରୀ,୨୪।୮(ଅଜିତ ମହାନ୍ତି)

ପୁରୀରେ ଏନ୍‌ଏସ୍‌ଜି ଟିମ୍ ପକ୍ଷରୁ ମକ୍‌ଡ୍ରିଲ କରାଯାଇଛି। ପୁରୀ ଏକ ପର୍ଯ୍ୟଟନ ସହ ଧାର୍ମିକ ସ୍ଥଳ ହୋଇଥିବାରୁ ଦେଶ ତଥା ଦେଶ ବାହାରୁ ପର୍ଯ୍ୟଟକମାନେ ଏଠାକୁ ବୁଲିବାକୁ ଆସିଥାନ୍ତି। ତେଣୁ ଅନେକ ସମୟରେ ପୁରୀରେ ଆତଙ୍କବାଦୀ ଆକ୍ରମଣର ସମ୍ଭାବନା ରହିଥାଏ। ତେଣୁ ଆତଙ୍କୀ କାର୍ଯ୍ୟକଳାପକୁ ପ୍ରତିରୋଧ କରିବା ପାଇଁ ମକ୍‌ଡ୍ରିଲ୍ କରାଯାଉଥିବା ନେଇ ଆଲୋଚନା କରାଯାଉଛି। ଏନ୍ ଏସ୍ ଜିର ତିନି କମ୍ପାନୀ ଫୋର୍ସ ପୁରୀରେ ପହଞ୍ଚି ମକ୍‌ଡ୍ରିଲ କରିଛନ୍ତି। ଜିଲା ସ୍କୁଲ ଓ ନୀଳାଚଳ ଅର୍ବାନ ହାଟ ନିକଟରେ ଅଫିସରଙ୍କ ଦ୍ୱାରା ମକ୍‌ଡ୍ରିଲ୍ କରାଯାଇଛି। ତେବେ ଏହି ମକ୍‌ଡ୍ରିଲ ୨ଦିନ ଧରି ଚାଲିବ ବୋଲି ସୂଚନା ମିଳିଛି। ପୁରୀର ପ୍ରମୁଖ ସ୍ଥାନ ବସ୍‌ଷ୍ଟାଣ୍ଡ, ରେଲ୍‌ୱେ ଷ୍ଟେଶନ, ଶ୍ରୀମନ୍ଦିର ସମ୍ମୁଖ ସହ ବିଭିନ୍ନ ସ୍ଥାନରେ ଏନଏସ୍‌ଜି ପକ୍ଷରୁ ମକ୍‌ଡ୍ରିଲ କରାଯିବ ବୋଲି ସୂଚନା ମିଳିଛି।

## ଇସ୍ରୋ ବୈଜ୍ଞାନିକଙ୍କୁ ଶୁଭେଚ୍ଛା ଜଣାଇ ମାନବ ଶୃଙ୍ଖଳ

ପୁରୀ, ୨୪।୮(ଅଜିତ ମହାନ୍ତି):

ଚନ୍ଦ୍ରପୃଷ୍ଠରେ ଚନ୍ଦ୍ରୟାନ-୩ର ସଫଳ ଅବତରଣ ପରିପ୍ରେକ୍ଷୀରେ ଏକ ମାନବ ଶୃଙ୍ଖଳ ମାଧ୍ୟମରେ ଇସ୍ରୋ ବୈଜ୍ଞାନିକମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଗୁରୁବାର ଅଠରନଳାଠାରେ ଭଗବତୀ ବିଦ୍ୟା ନିକେତନ ପକ୍ଷରୁ ଏକ ମାନବ ଶୃଙ୍ଖଳ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ଗୁରୁମା ଗୁରୁଜୀ ଏବଂ ଅଭିଭାବକମାନେ ଭାଗନେଇ ଭାରତମାତାର ଜୟଗାନ କରିବା ସହିତ ଜାତୀୟପତାକା ଉଡ଼ାଇ ଖୁସି ମନାଇଥିଲେ। ବିଦ୍ୟାର୍ଥୀଙ୍କ ମଧ୍ୟରେ ଦେଶପ୍ରେମ ଓ ଭ୍ରାତୃଭାବ ଜାଗ୍ରତ କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ମମତା ମିଶ୍ର, ବିଦ୍ୟାଳୟର ସମ୍ପାଦକ ମହେନ୍ଦ୍ର ବିଶୋଇ, ସହସମ୍ପାଦକ ଲକ୍ଷ୍ମୀଧର ମାଝୀ, ପ୍ରଧାନ ଶିକ୍ଷୟିତ୍ରୀ କ୍ରିଷ୍ଣା କୁମାରୀ ଦେଇ, ପ୍ରତିଷ୍ଠାତା ସଦସ୍ୟ ରମେଶ ଚନ୍ଦ୍ର ଦାଶ, ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି, ଶ୍ୟାମପ୍ରକାଶ ସେନାପତି, ପ୍ରଭାତ ଚନ୍ଦ୍ର ରଥ, ଡ. ହେମନ୍ତ ଛୋଟରାୟ, ବିଭୁତିଭୂଷଣ ପଟ୍ଟନାୟକ, ସୁକାନ୍ତ କୁମାର ପତି ଏବଂ ଡା. ପ୍ରଫୁଲ୍ଲ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କୃଷି ଯନ୍ତ୍ରପାତି କିଣା ଦୁର୍ନୀତିର ସିବିଆଇ ତଦନ୍ତ ହେଉ

ପୁରୀ,୨୪।୮(ଅଜିତ ମହାନ୍ତି)

**ଭାଜପା କୃଷକ ମୋର୍ଚ୍ଚା ପୁରୀ ଶାଖା ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

ରାଜ୍ୟ ସରକାରଙ୍କ ଚାଷୀ ବିରୋଧୀ ନୀତିର ନିରାକରଣ ଏବଂ ଚାଷୀଙ୍କ ସୁରକ୍ଷା ଦାବି କରି ଭାଜପା କୃଷକ ମୋର୍ଚ୍ଚା ପୁରୀ ଶାଖା ପକ୍ଷରୁ ଗୁରୁବାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଦାବିପତ୍ରରେ ଦର୍ଶାଯାଇଛି ଯେ, ରାଜ୍ୟରେ ଚାଷ ତଥା ଚାଷୀ ପାଇଁ କୌଣସି ଯୋଜନା ନାହିଁ। ଚାଷୀମାନେ ଦୁଃଖଦୁର୍ଦ୍ଦଶାରେ କାଳ କାଟୁଛନ୍ତି। କୃଷି ଯନ୍ତ୍ରପାତି କିଣାରେ ଦିଆଯାଉଥିବା ରିହାତି ନେଇ ବ୍ୟାପକ ଦୁର୍ନୀତି ହୋଇଛି। ଏହାର ସିବିଆଇ ତଦନ୍ତ କରାଯାଉ। ଧାନମଣ୍ଡିରେ ଅବ୍ୟବସ୍ଥା ଯୋଗୁ ଚାଷୀ କ୍ଷତିଗ୍ରସ୍ତ ଓ ଶୋଷଣର ଶିକାର ହେଉଛନ୍ତି। କେନ୍ଦ୍ର ସରକାରଙ୍କ ପ୍ରଦତ୍ତ ରିହାତି ମୂଲ୍ୟର ସାରକୁ ସମବାୟ ବିଭାଗକୁ କମ୍ ଓ ଘରୋଇ ବିତରକଙ୍କୁ ଅଧିକ ପରିମାଣର ଆବଣ୍ଟନ କାହା ସ୍ୱାର୍ଥରେ କରାଯାଇଛି। ସାରର କଳା ବଜାରୀ ଓ ଚଢା ଦରରେ ବିକ୍ରି ହେତୁ ଚାଷୀ ହଇରାଣ ହେଉଛନ୍ତି। ପ୍ରାୟ ୪ ବର୍ଷ ହେଲା ରାଜ୍ୟ ସରକାର ମାର୍କଫେଡ୍‌କୁ ସାର କିଣା ବାବଦକୁ ଶହେ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବକେୟା ରଖିଥିବାରୁ ସମବାୟ ସଂସ୍ଥା ଜରିଆରେ ଚାଷୀଙ୍କ ନିକଟରେ ସାର ଠିକ୍ ଭାବେ ପହଞ୍ଚି ପାରୁନାହିଁ। ପ୍ରଧାନମନ୍ତ୍ରୀ କିଶାନ ସମ୍ମାନ ନିଧି ଯୋଜନା ପାଇଁ କେନ୍ଦ୍ର ନିକଟରେ ରାଜ୍ୟ ସରକାର ସମସ୍ତ ଚାଷୀଙ୍କ ନିର୍ଭୁଲ ତାଲିକା ପ୍ରଦାନ କରନ୍ତୁ। ଅଗଷ୍ଟ ୨୨ ଚାଷୀ ପଞ୍ଜୀକରଣରେ ସମସ୍ତ ଚାଷୀ ସାମିଲ ହୋଇପାରିଲେ ନାହିଁ। ତେଣୁ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ପଞ୍ଜୀକରଣ ଅବଧି ବୃଦ୍ଧି କରାଯାଉ। ୨୦୧୯ ରୁ ୨୦୨୧ ମଧ୍ୟରେ ବିଭିନ୍ନ ଜିଲାରେ ମରୁଡି ହୋଇଥିଲେ ମଧ୍ୟ ଫସଲ ବୀମା ପ୍ରାପ୍ୟରୁ ଅନେକ ଚାଷୀ ବଞ୍ଚିତ ଅଛନ୍ତି। ବିଭିନ୍ନ ଜିଲାରେ ବୀମା ରାଶି ହଡ଼ପ ଅଭିଯୋଗ ଆସିଛି। ଏ ନେଇ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ମୋର୍ଚ୍ଚା ପକ୍ଷରୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଭାଜପା କୃଷକ ମୋର୍ଚ୍ଚା ପୁରୀ ଶାଖାର ସଭାପତି ଅଜୟ ପ୍ରଧାନ, କୈଳାଶ ଚନ୍ଦ୍ର ରାୟ, ଶରତ ଶ୍ରୀଚନ୍ଦନ ଏବଂ ଅନିଲ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଭାଜପା କୃଷକ ମୋର୍ଚ୍ଚା ପୁରୀ ଶାଖା ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି ।

# ୫-ଟିରେ ରୂପାନ୍ତରଣ ହେବ ବିଶ୍ୱନାଥ ଉଚ୍ଚ ବିଦ୍ୟାଳୟ

- ପିପିଲି ବିଧାୟକଙ୍କ ଦ୍ୱାରା ଭିତ୍ତିଭୂମିର ଶୁଭାରମ୍ଭ
- ପୂର୍ବତନ ବିଧାୟକ ଯୁଧିଷ୍ଠିର ସାମନ୍ତରାୟଙ୍କ ଅବଦାନକୁ ପ୍ରଶଂସା

ପିପିଲି,୨୪।୮(ପ୍ରଭାତ କୁମାର ମହାପାତ୍ର)



ବିଦ୍ୟାଳୟର ନୂତନ ଗୃହ ଭୂମିପୂଜନ କାର୍ଯ୍ୟକ୍ରମରେ ବିଧାୟକ ରୁଦ୍ରପ୍ରତାପ ମହାରଥୀ, ପୂର୍ବତନ ବିଧାୟକ ଯୁଧିଷ୍ଠିର ସାମନ୍ତରାୟ ଏବଂ ଅନ୍ୟମାନେ ।

ନୂଆ ରୂପରେ ସଜେଇ ହେବ ପିପିଲି ବ୍ଲକର ବିଶ୍ୱନାଥ ଉଚ୍ଚ ବିଦ୍ୟାଳୟ। ଭାରତୀପୁର ପଞ୍ଚାୟତ ମାଧିପୁର ଗ୍ରାମରେ ସ୍ଥାପିତ ଏହି ଉଚ୍ଚ ବିଦ୍ୟାଳୟକୁ ୫-ଟିରେ ଅନ୍ତର୍ଭୁକ୍ତ କରିଛନ୍ତି ରାଜ୍ୟ ସରକାର। ପ୍ରାୟ ୪୫ଲକ୍ଷ ଟଙ୍କାରେ ନିର୍ମାଣ ହେବାକୁ ଥିବା ଏହି ଉଚ୍ଚ ବିଦ୍ୟାଳୟରେ ଅତ୍ୟାଧୁନିକ ଶିକ୍ଷା ବ୍ୟବସ୍ଥା ପାଇପାରିବେ ଛାତ୍ରୀଛାତ୍ର। ଏ ନେଇ ବୁଧବାର ଏହି ଉଚ୍ଚ ବିଦ୍ୟାଳୟର ଭୂମି ପୂଜନ ଅନୁଷ୍ଠିତ ହୋଇଯାଇଛି। ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ, ପୂର୍ବତନ ବିଧାୟକ ଯୁଧିଷ୍ଠିର ସାମନ୍ତରାୟ, ବିଜେଡି ରାଜ୍ୟ ସମ୍ପାଦକ ପ୍ରିୟ ବ୍ରତ ସାମନ୍ତରାୟ, ବିଡିଓ ରଶ୍ମିତା ନାଥ, ଡିଇଓ ବିଶଜିତ ଘୋଷ, ବିଇଓ ରବୀନ୍ଦ୍ରନାଥ ନନ୍ଦ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ତେବେ ଏହି ବିଦ୍ୟାଳୟ ନବୀକରଣ କାର୍ଯ୍ୟ ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ବିଧାୟକ ମହାରଥୀ ନିର୍ଦ୍ଦେଶ ଦେଇଥିଲେ। ପୂର୍ବତନ ବିଧାୟକ ଯୁଧିଷ୍ଠିର ସାମନ୍ତରାୟ ନିଜ ପିତାଙ୍କ ନାମରେ ନାମିତ ଏହି ଉଚ୍ଚ ବିଦ୍ୟାଳୟ ଘର ନିର୍ମାଣ ପାଇଁ ନିଜ ୧୪ ଡିସିମିଲ ଘରାବରୀ ଜମି ଓ ବିଦ୍ୟାଳୟର ଖେଳ ପଡ଼ିଆ ନିମନ୍ତେ ପ୍ରାୟ ଦେଢ଼ ଏକର ଜମିକୁ ଉକ୍ତ ବିଦ୍ୟାଳୟ ନିମନ୍ତେ ଦାନ କରିଛନ୍ତି । ଅଞ୍ଚଳରେ ଶିକ୍ଷାର ବିକାଶ ନିମନ୍ତେ ଯୁଧିଷ୍ଠିରଙ୍କ ଏଭଳି ପଦକ୍ଷେପକୁ ସବୁ ବୁଦ୍ଧିଜୀବୀ ମହଲରେ ତାଙ୍କୁ ପ୍ରଶଂସା କରାଯାଇଛି। ୨୦୦୩ରେ ସ୍ଥାପିତ ଏହି ବିଦ୍ୟାଳୟରେ ଏବେ ୯୧ଜଣ ଛାତ୍ରୀଛାତ୍ର ନବମ ଓ ଦଶମ ଶ୍ରେଣୀରେ ପାଠ ପଢୁଛନ୍ତି। ଗ୍ରାମାଞ୍ଚଳରେ ଶିକ୍ଷାର ବିକାଶ ପାଇଁ ସପ୍ନ ଦେଖି ନିଜ ପିତା ବିଶ୍ୱନାଥଙ୍କ ନାମରେ ସ୍ଥାପିତ କରିଥିବା ଏହି ବିଦ୍ୟାଳୟ ନୂଆ ରୂପ ପାଉଥିବା ନେଇ ପୂର୍ବତନ ବିଧାୟକ ଯୁଧିଷ୍ଠିର ସାମନ୍ତରାୟ ଖୁସିବ୍ୟକ୍ତ କରିଛନ୍ତି। ସେପଟେ ସରକାରଙ୍କ ଦ୍ୱାରା ଏହି ବିଦ୍ୟାଳୟକୁ ୫-ଟିରେ ଅନ୍ତର୍ଭୁକ୍ତ କରିଥିବାରୁ ଏସ୍‌ଏମ୍‌ସି ସଭାପତି ଧୀରେନ୍ଦ୍ର ସାମନ୍ତରାୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। କାର୍ଯ୍ୟକ୍ରମରେ ପୁରୀ ଏମପି ପ୍ରତିନିଧି ନାରାୟଣ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ, ସୁଶ୍ରୀ ସଙ୍ଗୀତା ବେହେରା, ସୁଶାନ୍ତ ମଲିକ, ବ୍ଲକ ଅଧ୍ୟକ୍ଷା ଦେବସ୍ୱୀନୀ ନନ୍ଦ, ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ପିପିଲି ଏନ୍‌ଏସି ଅଧ୍ୟକ୍ଷ ସେକ ବାବୁ, ଉପାଧ୍ୟକ୍ଷ ଭାଗ୍ୟବତୀ ମହାରଣା, ପୁରୀ ନିମାପଡ଼ା ସମ୍ମିଳିତ ସେବା ସମବାୟ ବ୍ୟାଙ୍କ ସଭାପତି କିଶୋର ଛୋଟରାୟ, ସରପଞ୍ଚ ଜଗବନ୍ଧୁ ନନ୍ଦ, ବିଷ୍ଣୁ ଦଳାଇ ଓ ଏସ୍‌ଏମ୍‌ସି ସମ୍ପାଦକ ନଗେନ ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୫ ଅଗଷ୍ଟ, ୨୦୨୩

## ସ୍ୱଚ୍ଛତା ବାର୍ତ୍ତା ବାଣ୍ଟିଲେ ଯବାନ

ଫୁଲନଖରା,(ସତ୍ୟରଞ୍ଜନ ଦାସମହାପାତ୍ର): ଝାଡଖଣ୍ଡ ଜାମସେଦପୁରର ର୍ୟାପିଡ୍ ଆକ୍ସନ ଫୋର୍ସ(ଆର୍ଏଏଫ୍) ୧୦୬ ବାଟାଲିୟନ କିଛିଦିନ ପାଇଁ କଟକ ଜିଲାକୁ ଡ୍ୟୁଟିରେ ଆସିଥିଲେ। ଏହି ଅବସରରେ ବାଟାଲିୟନର ଡେପୁଟି କମାଣ୍ଡାଣ୍ଟ ଗୌତମ ମିତ୍ରାଙ୍କ ନେତୃତ୍ୱରେ ୪୦ଜଣ ଯବାନ କଟକ ସଦର ଥାନା ଅନ୍ତର୍ଗତ ଭାଣପୁର ବିଦ୍ୟାଳୟ ପରିସରକୁ ଗୁରୁବାର ସଫା କରିଥିଲେ। ଏଥିସହ କାର୍ଯ୍ୟକ୍ରମ ସ୍ଥଳରେ ଉପସ୍ଥିତ ଥିବା ଶିକ୍ଷୟିତ୍ରୀ, ଶିକ୍ଷକ ଓ ବିଦ୍ୟାର୍ଥୀମାନଙ୍କୁ ସ୍ୱଚ୍ଛ ଭାରତ ଅଭିଯାନର ବାର୍ତ୍ତା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଟାଲିୟନର ଇନ୍ସପେକ୍ଟର ଦୁର୍ଗା ନାହାରି, କଟକ ସଦର ଥାନା ଏସ୍ଆଇ ରଞ୍ଜନ କୁମାର ନାୟକ, ଏଏସ୍ଆଇ ପ୍ରଶାନ୍ତ କୁମାର ପରିଡା, ପି.କେ ଜେନା, ବି.ଡି ନାୟକ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ଚହଟା ଛକରେ କାର୍ଯ୍ୟର ସମୀକ୍ଷା କଲେ ମେୟର

କଟକ,୨୪।୮(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ(ସିଏମ୍ସି) ୮ନଂ. ୱାର୍ଡର ଚହଟା ଛକଠାରେ ଏକ ବିରାଟ ଗର୍ତ୍ତ ହୋଇଥିବା ସୋସିଆଲ ମିଡିଆରେ ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ଜାଣିବା ପରେ ମେୟର ସୁବାସ ସିଂ ଗୁରୁବାର ଉକ୍ତ ସ୍ଥାନରେ ପହଞ୍ଚି ସ୍ଥିତି ଅନୁଧାନ କରିଥିଲେ। ଉକ୍ତ ସ୍ଥାନ ବାରମ୍ବାର ଧସିଯାଉଥିବାରୁ ସେଠାକୁ କିପରି ସ୍ଥାୟୀ ଭାବେ କଂକ୍ରିଟ୍ ଢ଼ଳାଇ କରାଯିବ ସେ ସମ୍ପର୍କରେ ନିର୍ବାହୀଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ନମିତା ବାରିକ, ଦେବେନ୍ଦ୍ର ପାଣିଗ୍ରାହୀ, ବିନୋଦ କୁମାର ପଣ୍ଡା, ଦୀପ୍ତି ରଞ୍ଜନ ରାୟ, ବିଶ୍ୱନାଥ ଧୀର୍, ଶକିଲ ଅକ୍ତର୍ ପ୍ରମୁଖ ଉପସ୍ଥିତ ଥିଲେ।

### ଚନ୍ଦ୍ରୟାନ-୩ ସଫଳ ଅବତରଣ ପାଇଁ ଖୁସି ମନାଇଲେ ଛାତ୍ରୀଛାତ୍ର

କଟକ,୨୪।୮(ସୁପ୍ରିୟା ପ୍ରିୟଦର୍ଶିନୀ)

ଭାରତର ଚନ୍ଦ୍ରୟାନ-୩ ଚନ୍ଦ୍ରରେ ବୁଧବାର ସଫଳ ଭାବେ ଅବତରଣ କରିଛି। ଏହାକୁ ନେଇ ସବୁଆଡେ ଉତ୍ସବ ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ସିଏମ୍ସିର ୨୬ ନମ୍ବର ୱାର୍ଡ କର୍ପୋରେଟର ଗଗନ ଓଝା ୱାର୍ଡରେ ଥିବା ସମସ୍ତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ମିଠା ବାଣ୍ଟି ଉତ୍ସବ ପାଳନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ନିମସାହି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ରଜନୀରାଣୀ ମହାନ୍ତି, ରୁକ୍ସନା ବେଗମ୍, ସୁଜାତା ମଲ୍ଲିକ, ସଂଯୁକ୍ତା ଜେନା, ଭାରତୀ ମହାନ୍ତି, ମମତା ସିଂ, ସୋନାଲି ଶ୍ୱେତପଦ୍ମା, ସନ୍ତୋସିନୀ ଦାସ, ହେମନ୍ତ ସେଠୀ ଓ ସଞ୍ଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରାଥମିକ ଶିକ୍ଷକଙ୍କୁ ସ୍ଥାୟୀ ଭିତ୍ତିରେ ନିଯୁକ୍ତି ଦିଅ

କଟକ,୨୪।୮(ସୁପ୍ରିୟା ପ୍ରିୟଦର୍ଶିନୀ)

ନ୍ୟାଶନାଲ କାଉନସିଲ ଫର୍ ଟିଚର୍ସ ଏଜୁକେଶନ(ଏନ୍ସିଟିଇ) ଓ ସୁପ୍ରିମକୋର୍ଟଙ୍କ ଗତ ୧୧ ତାରିଖ ରାୟ ଆଧାରରେ ରାଜ୍ୟ ସରକାର ପ୍ରାଥମିକ ବିଦ୍ୟାଳୟଗୁଡିକରେ କନିଷ୍ଠ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଯେଉଁଥିରେ ଜୁନିୟର ଟିଚର୍ସ(ସ୍କିମାଟିକ) ବା କନିଷ୍ଠ ଶିକ୍ଷକ(ଯୋଜନାଭିତ୍ତିକ) ଜିଲା ପରିଷଦ ଅଧୀନରେ ଠିକା ନିଯୁକ୍ତି ପାଇବେ। ଏହି ନିଯୁକ୍ତି ପ୍ରକ୍ରିୟାକୁ ଏଆଇଡିଏସ୍ଓ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଏଆଇଡିଏସ୍ଓ ଓଡ଼ିଶା ରାଜ୍ୟ ପରିଷଦର ସଭାପତି ସୋମନାଥ ବେହେରା ଓ ସମ୍ପାଦକ ସିଦ୍ଧାର୍ଥ ରଥ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି, ୨୦୨୨ ଅକ୍ଟୋବର ୧୬ ତାରିଖ ରାଜ୍ୟ କ୍ୟାବିନେଟର ନିଷ୍ପତ୍ତି ଅନୁଯାୟୀ, ରାଜ୍ୟରେ ଠିକା ନିଯୁକ୍ତି ବନ୍ଦ ହେଲା ବୋଲି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ହେଲେ ଏବେ ରାଜ୍ୟରେ ଠିକା ନିଯୁକ୍ତି କରିବା ପାଇଁ ଯୋଜନା କରାଯାଇଛି। ଏହି ନିଷ୍ପତ୍ତି ବିରୋଧରେ ଆନ୍ଦୋଳନ କରିବା ପାଇଁ ରାଜ୍ୟର ଛାତ୍ରୀଛାତ୍ର, ଶିକ୍ଷକ, ଅଭିଭାବକ, ଆଶାୟୀ ଶିକ୍ଷକଙ୍କୁ ଏଆଇଡିଏସଓ ପକ୍ଷରୁ ଆହ୍ୱାନ ଦିଆଯାଇଛି।

# ଡ୍ରେନେଜ୍ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ୨୧୦ କୋଟି

କଟକ,୨୪।୮(ସୁପ୍ରିୟା ପ୍ରିୟଦର୍ଶିନୀ)

ସହରରେ ମୁକୁଳା ପଡିଥିବା ପ୍ରମୁଖ ଡ୍ରେନ୍ର ପୁନରୁଦ୍ଧାର ହେବ। ମୁଖ୍ୟ ଡ୍ରେନ୍‌ଗୁଡିକ ଉପରେ କଂକ୍ରିଟ ଢଳେଇ କରାଯିବ। ସହରର ଡ୍ରେନେଜ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ୨୧୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି ବୋଲି ସିଏମ୍ସି ବିଜୁଭବନରେ ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମେୟର ସୁବାସ ସିଂ ସୂଚନା ଦେଇଛନ୍ତି। ଏ ନେଇ ମେୟର ସିଂ କହିଛନ୍ତି, କଟକ ସହରରେ ୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ମୁକୁଳା ପଡିଥିବା ଶାଖା ଡ୍ରେନ୍‌ଗୁଡ଼ିକ ସ୍ଥାୟୀ ଭାବେ ନିର୍ମାଣ ଓ କଭର କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପାଣ୍ଠିରୁ ୨୧୦ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ଖାନ୍‌ନଗର ଲିଙ୍କ୍ କେନାଲ ପାଇଁ ସର୍ବାଧିକ ବ୍ୟୟବରାଦ ହୋଇଛି। ମାତୃଭବନଠାରୁ ଖାନ୍‌ନଗର ସ୍ୱେରେଜ ପର୍ଯ୍ୟନ୍ତ ଥିବା ୧୩୦୦ ମିଟର ଡ୍ରେନ୍ର ଉନ୍ନତୀକରଣ ପାଇଁ ୮୨.୨୯ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ସେହିପରି ପ୍ରଜାତନ୍ତ୍ର କାର୍ଯ୍ୟାଳୟରୁ ମେହେନ୍ଦିପଡା, କାଜିବଜାର ଓ ଖଟବିନ୍ ସାହି ଦେଇ ଯାଇଥିବା ୧୩୦୫ ମିଟର ଡ୍ରେନ୍ର ଉନ୍ନତୀକରଣ ପାଇଁ ୨୦.୩୯ କୋଟି ଟଙ୍କା ବ୍ୟୟବରାଦ ହୋଇଛି। କ୍ରିଷ୍ଣ ମଙ୍ଗଳା ମନ୍ଦିରଠାରୁ ଫେଣ୍ଡ୍ସ କଲୋନି ଓ ବଜ୍ରକବାଟି ନିକଟରେ ଥିବା ଶାନ୍ତ ମେମୋରିଆଲ ହସ୍ପିଟାଲ ନିକଟରୁ ୭୧୬ ମିଟର ଡ୍ରେନ୍ ପାଇଁ ୯.୧୮ କୋଟି, ସିପି ଅଫିସଠାରୁ ଆରମ୍ଭକରି ସନ୍‌ସାଇନ୍ ପଡିଆ, ଝୋଲାସାହି, ସେମିନାରି ଛକ, ରାଉସାପାଟଣାରେ ୨୮୦୦ ମିଟର ଡ୍ରେନ୍ ପାଇଁ ୫୯.୯୭ କୋଟି, ତ୍ରିସା ହସ୍ପିଟାଲଠାରୁ ରାଜାବଗିଚା, ବାଦାମବାଡି, ଦୋଳମୁଣ୍ଡାଇ ଛକ, ବଜ୍ରକବାଟିର ୨୪୨୨ ମିଟର ଡ୍ରେନ୍ ପାଇଁ ୩୯.୦୯ କୋଟି ଟଙ୍କା ବ୍ୟୟବରାଦ ହୋଇଛି।

ମେୟର କହିଛନ୍ତି, ସହରରେ ଜାଇକା କାର୍ଯ୍ୟ ଦୀର୍ଘ ୧୦ ବର୍ଷ ଧରି ଜାରି ରହିଛି। ଏବେସୁଦ୍ଧା ୮୦% କାର୍ଯ୍ୟ ଶେଷ ହୋଇଛି। ସହରରେ ଥିବା ପ୍ରମୁଖ ଡ୍ରେନ୍‌ଗୁଡିକର ଉନ୍ନତୀକରଣ କରାଯାଇ କଂକ୍ରିଟ ଢଳେଇ କରାଯିବ। ଏଥିପାଇଁ ୨୧୦ କୋଟି ବ୍ୟୟବରାଦ ହୋଇଛି। ଏନେଇ କଣ୍ଟ୍ରାକ୍ଟ କମିଟି ବୈଠକରେ ଏହାକୁ ଅନୁମୋଦନ ହୋଇଛି । ଖୁବ୍‌ଶୀଘ୍ର ଏହି କାର୍ଯ୍ୟ ଆରମ୍ଭ ହେବ । ଡ୍ରେନ୍ ଉପରୁ ଜବର ଦଖଲ ଉଚ୍ଛେଦ ହେବ। ଆସନ୍ତା କାଉନ୍‌ସିଲ ବୈଠକରେ ଅନୁମୋଦନ ପରେ ଟେଣ୍ଡର ପ୍ରକ୍ରିୟାକୁ ଅଗ୍ରସର କରାଯିବ ବୋଲି ମେୟର ସୂଚନା ଦେଇଛନ୍ତି।




ଚନ୍ଦ୍ରୟାନ-୩ ଚନ୍ଦ୍ରରେ ସଫଳ ଅବତରଣକୁ ନେଇ କଟକ ଝୋଲାସାହିସ୍ଥିତ ନିମସାହି ପ୍ରାଥମିକ ବିଦ୍ୟାଳୟରେ କର୍ପୋରେଟର ଗଗନ ଓଝା, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଖସି ମନାଉଛନ୍ତି।

## ଶୈଳବାଳାରେ ଜାତୀୟ ସେବା ଯୋଜନାର ସମୀକ୍ଷା

କଟକ,୨୪।୮ (କାର୍ତ୍ତିକ ସାହୁ)




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

ଶୈଳବାଳା ମହିଳା ସ୍ୱୟଂଶାସିତ କଲେଜରେ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ପକ୍ଷରୁ ଜାତୀୟ ସେବା ଯୋଜନା(ଏନ୍ଏସ୍ଏସ୍) କାର୍ଯ୍ୟକ୍ରମ ଅଧିକାରୀଙ୍କ ସମୀକ୍ଷା ଓ ଆଭିମୁଖ୍ୟ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରଫେସର ଡ. ଗାୟତ୍ରୀ ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ କଟକ, ଅନୁଗୋଳ, ଢେଙ୍କାନାଳ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାର ଯୁକ୍ତ ୨ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀମାନେ ଯୋଗଦେଇଥିଲେ। ଯୁକ୍ତ ୩ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ତଥା ମନସ୍ତତ୍ତ୍ୱ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ. ଯୋଗମାୟା ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ସେବା ଯୋଜନାର ଆଞ୍ଚଳିକ ନିର୍ଦ୍ଦେଶିକା ମିସ୍ ସରିତା ପଟେଲ ଯୋଗଦେଇ ଅନୁଷ୍ଠାନ ତଥା ପାରିପାର୍ଶ୍ୱିକ ପରିବେଶର ସ୍ୱଚ୍ଛତା ରକ୍ଷା, ଚାରାରୋପଣ, ଡେଙ୍ଗୁ ରୋଗ ନିରାକରଣ ଦିଗରେ କାର୍ଯ୍ୟ କରିବା ସହ ସାମାଜିକ ସମସ୍ୟା ସମାଧାନ ପାଇଁ ସଚେତନତାମୂଳକ କାର୍ଯ୍ୟକ୍ରମରେ ମୁଖ୍ୟ ଭୂମିକା ଗ୍ରହଣ କରିବାକୁ ସ୍ୱେଚ୍ଛାସେବୀମାନଙ୍କୁ ପ୍ରବର୍ତ୍ତାଇ ଥିଲେ। ସମ୍ମାନିତ ଅତିଥି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ସଚିବ ଶୁଭ୍ରବାଳା ବେହେରା ଛାତ୍ରୀ ଜୀବନରେ ବ୍ୟକ୍ତିତ୍ୱର ବଳିଷ୍ଠତା ପ୍ରତିପାଦିତ କରିବା ପାଇଁ ସେବା ଯୋଜନା ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ବୋଲି କହିଥିଲେ। ବିଶେଷ ଅତିଥି ଉଚ୍ଚ ଶିକ୍ଷା ବିଭାଗର ଉପସଚିବ ଡ. ରମେଶ ଚନ୍ଦ୍ର ବେହେରା ଯୋଗଦେଇ ନିଜର କାର୍ଯ୍ୟଶୈଳୀ ଦୃଢ଼ ଓ ନିଖୁଣ ରଖିବା ସହ ଏହାକୁ ନିଜେ ସମୀକ୍ଷା କରିବା ଉଚିତ ବୋଲି କହିଥିଲେ। ଅନ୍ୟତମ ବିଶେଷ ଅତିଥି ସେବା ଯୋଜନାର ପ୍ରଶିକ୍ଷକ ଡ. ନୀରଦ ବରଣ ଖୁଣ୍ଟିଆ ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ସଂଯୋଜକ ଡ. ବିଶ୍ୱମୋହନ ଜେନା କାର୍ଯ୍ୟକ୍ରମ ଅଧିକାରୀମାନଙ୍କୁ ନିୟମିତ ବିବରଣୀ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ୩ ମାସରେ ପଦକ୍ଷେପ ନେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ସାତଭାୟାର ୪୦ ଦଳିତ ପରିବାରକୁ ଜମିପଟ୍ଟା ଦେବା ମାମଲା**

କଟକ,୨୪।୮(କାର୍ତ୍ତିକ ସାହୁ)

କେନ୍ଦ୍ରାପଡ଼ା ଜିଲାର ୪୦ ଦଳିତ ପରିବାରକୁ ଜମିପଟ୍ଟା ଯୋଗାଇ ଦେବା ମାମଲାରେ ହାଇକୋର୍ଟ ୩ ମାସ ମଧ୍ୟରେ ପଦକ୍ଷେପ ନେବାକୁ କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଖଣ୍ଡପୀଠ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେବା ସହ ମାମଲାର ଅନ୍ତ ଘଟାଇଛନ୍ତି।

ମାମଲାର ବିବରଣୀ ଅନୁସାରେ, କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ସାତଭାୟା ପଞ୍ଚାୟତର ୪୦ ଦଳିତ ପରିବାରକୁ ସରକାରଙ୍କ ପକ୍ଷରୁ ଜମିପଟ୍ଟା ଦିଆଯିବା ନିମନ୍ତେ ସୁପାରିସ କରାଯାଇଥିଲା। ମାତ୍ର ଜିଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ଜମି ପଟ୍ଟା ଦିଆଯାଇ ନ ଥିଲା। ଫଳରେ ସମ୍ପୃକ୍ତ ଦଳିତ ପରିବାରର ଲୋକମାନେ ଗତ ଜୁନ୍ ୫ରେ ରାଜନଗର ତହସିଲ ସମ୍ମୁଖରେ ଅନଶନ ଓ ଧର୍ମଘଟ କରିଥିଲେ। ୨ ଦିନ ଅନଶନ ଓ ଧର୍ମଘଟ ଚାଲିବା ପରେ ବିଧାୟକ, ପଞ୍ଚାୟତ ସମିତି ଚେୟାରମ୍ୟାନ, ସ୍ଥାନୀୟ ତହସିଲଦାର, ବିଡିଓ ପ୍ରମୁଖ ଅନଶନ ସ୍ଥଳରେ ପହଞ୍ଚି ସେଥିରୁ ଓହରି ଯିବା ନିମନ୍ତେ ନିବେଦନ କରିଥିଲେ। ପଟ୍ଟା ମିଳିବାର ପ୍ରତିଶ୍ରୁତି ପାଇବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଜମିପଟ୍ଟା ଦିଆ ନ ଯିବାରୁ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀ ସସ୍ମିତା ମଲ୍ଲିକଙ୍କ ସମେତ ୪୦ ଜଣଙ୍କ ପକ୍ଷରୁ ରୁଜୁ ଏହି ମାମଲାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ସ୍ୱତନ୍ତ୍ର ସଚିବ, କେନ୍ଦ୍ରାପଡ଼ା ଜିଲାପାଳ ଓ ରାଜନଗର ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ମମତା ମିଶ୍ର ମାମଲା ପରିଚାଳନା କରୁଥିଲେ।

## ହାଇକୋର୍ଟ ବାର୍ ଆସୋସିଏଶନରେ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର



ସ୍ୱାସ୍ଥ୍ୟ ଚିକିତ୍ସା ଶିବିରରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୨୪।୮ (କାର୍ତ୍ତିକ ସାହୁ)

ସଦ୍‌ଗୁରୁ ହସ୍ପିଟାଲ ଓ ହାଇକୋର୍ଟ ବାର୍ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ବାର୍ ଆସୋସିଏଶନ ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟ ବିଚାରପତି ଭି. ନରସିଂହ ଓ ବିଚାରପତି ଶଶୀକାନ୍ତ ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବାର୍ ଆସୋସିଏଶନ ସଭାପତି ଧରଣୀଧର ନାୟକ, ସମ୍ପାଦକ ଚିତ୍ତରଞ୍ଜନ ସ୍ୱାଇଁ, ସଦ୍‌ଗୁରୁ ହସ୍ପିଟାଲର ଏମ୍‌ଡି ଡା. ପ୍ରଦୀପ କୁମାର ମହାନ୍ତି, କମ୍ୟୁନିକେଶନ ନିର୍ଦ୍ଦେଶିକା ନୋବିନା ବୋଥାଲୁ ମହାନ୍ତି ଉପସ୍ଥିତ ଥିଲେ। ହାଇକୋର୍ଟ ବିଚାରପତିମାନଙ୍କ ସମେତ ବାର୍ ଆସୋସିଏଶନର ଆଇନଜୀବୀ ଓ କର୍ମଚାରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସଦ୍‌ଗୁରୁ ହସ୍ପିଟାଲ ପକ୍ଷରୁ ମେଡିସିନ, କାର୍ଡିଓଲୋଜି, କ୍ୟାନ୍‌ସର, ନ୍ୟୁରୋଲୋଜି, ପାଥୋଲୋଜି ବିଭାଗର ବିଶେଷଜ୍ଞମାନେ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ସ୍ୱାସ୍ଥ୍ୟ ପରୀକ୍ଷା ମାଧ୍ୟମରେ ଆଇନଜୀବୀମାନଙ୍କ ସ୍ୱାସ୍ଥ୍ୟ ସେବା ଦିଗରେ ଅଧିକ ସଚେତନତା ସୃଷ୍ଟି କରାଯାଇଥିବା ବାର୍ ଆସୋସିଏଶନ ସଭାପତି ନାୟକ କହିଛନ୍ତି। ବାର୍ ଆସୋସିଏଶନ ସମ୍ପାଦକ ସ୍ୱାଇଁ କହିଥିଲେ, ଆଇନଜୀବୀମାନେ ଦୈନନ୍ଦିନର କାର୍ଯ୍ୟବ୍ୟସ୍ତତା ମଧ୍ୟରେ ନିଜର ସ୍ୱାସ୍ଥ୍ୟକୁ ଧ୍ୟାନ ଦେଇ ପାରି ନ ଥାନ୍ତି। ଆଇନଜୀବୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ସଦ୍‌ଗୁରୁ ହସ୍ପିଟାଲକୁ ଚୟନ କରାଯାଇଥିବାରୁ ହସ୍ପିଟାଲ ଏମ୍‌ଡି ମହାନ୍ତି ବାର୍ ଆସୋସିଏଶନକୁ ଶୁଭେଚ୍ଛା ଜଣାଇଥିଲେ। ଆଗାମୀ ଦିନରେ ସ୍ୱାସ୍ଥ୍ୟ ସଚେତନତା କର୍ମଶାଳା ଆୟୋଜନ କରିବା ଯୋଜନା ରହିଥିବା ନିର୍ଦ୍ଦେଶିକା ବୋଥାଲୁ କହିଥିଲେ। ହସ୍ପିଟାଲ ପକ୍ଷରୁ ଡା. ସୌମ୍ୟରଞ୍ଜନ ମିଶ୍ର, ଡା. ଦେବଶ୍ରୀ ପ୍ରଧାନ, ଡା. ଶୁଭ୍ରାଂଶୁ ଶେଖର ପଣ୍ଡା, ମାର୍କେଟିଂ ମ୍ୟାନେଜର ଶୁଭାଶିଷ ପ୍ରସାଦ ବେହେରା, କମ୍ୟୁନିକେଶନ ମ୍ୟାନେଜର ଜଗନ୍ନାଥ ପାତ୍ର, ସେବିକା ଇତିଶ୍ରୀ ବାରିକ, କବିତା ସ୍ୱାଇଁ, ସସ୍ମିତା ପତ୍ରୀ, ସସ୍ମିତା ମଲ୍ଲନ, କବିତାରାଣୀ ଜେନା, ଫାର୍ମାସିଷ୍ଟ ସଦାଶିବ ସ୍ୱାଇଁ, ଆଲୋକ ରଞ୍ଜନ ସେନାପତି, ଲ୍ୟାବ୍ ଟେକ୍ନିସିଆନ ସାଗରିକା ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ।

## ଦେବାଶିଷ ସିଏମ୍ସି କର୍ମଚାରୀ ସଂଘ ସଭାପତି



ସିଏମ୍ସି କର୍ମଚାରୀ ସଂଘ ସଭାପତି ଦେବାଶିଷ ସାମନ୍ତରାୟଙ୍କ ସହ ଅନ୍ୟମାନେ।

କଟକ,୨୪।୮(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ (ସିଏମ୍ସି) କର୍ମଚାରୀ ସଂଘର ସାଧାରଣ ପରିଷଦ ବୈଠକ ସ୍ଥାନୀୟ ଟାଉନ୍‌ହଲ୍‌ରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିତ୍ତରଞ୍ଜନ ପରିଡ଼ା ସଭାପତିତ୍ୱ କରିଥିଲେ। ଏହି ଅବସରରେ ସଂଘର କର୍ମକର୍ତ୍ତାଙ୍କୁ ମନୋନୀତ କରାଯାଇଥିଲା। ସଂଘ ସଭାପତି ଭାବେ ଜିଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟଙ୍କୁ ମନୋନୀତ କରାଯାଇଥିଲା। ସେହିପରି କାର୍ଯ୍ୟକାରୀ ସଭାପତି ଭାବେ ରଞ୍ଜନ କୁମାର ବିଶ୍ୱାଳ ଓ ଚିତ୍ତରଞ୍ଜନ ପରିଡ଼ା, ଉପ ସଭାପତି ଭାବେ ଦୁର୍ଗାପ୍ରସାଦ ଆଚାର୍ଯ୍ୟ, ସୁଜିତ୍ ରଞ୍ଜନ ଦାଶ ଓ ଗଙ୍ଗାଧର ମଲ୍ଲିକ, ସାଧାରଣ ସମ୍ପାଦକ ଭାବେ ପ୍ରମୋଦ କୁମାର ନାୟକ, ସମ୍ପାଦକ ଭାବେ ଦ୍ୱାରିକାନାଥ ନାୟକ, ଶଶିଭୂଷଣ ମିଶ୍ର, ନୀଳକଣ୍ଠ ନାୟକ, ଧରଣୀଧର ବେଜ୍‌ଙ୍କୁ ମନୋନୀତ କରାଯାଇଥିଲା। ଏଥିସହ ଯୁଗ୍ମ ସମ୍ପାଦକ ଭାବେ ଟି. ପ୍ରତାପ, ତ୍ରିଲୋଚନ ଦାସ, ଦୀପକ କୁମାର ସିଂ, ଶ୍ରଦ୍ଧାକର ମହାନ୍ତି, କୋଷାଧ୍ୟକ୍ଷ ଭାବେ କିଶୋର ଚନ୍ଦ୍ର ସାହୁ ଓ ଅଫିସ ସମ୍ପାଦକ ଭାବେ ମନୋରଞ୍ଜନ ପଣ୍ଡାଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା।



ପାଖେଇ ଆସୁଛି ରାଖୀ ପୂର୍ଣ୍ଣିମା: କଟକ କଲେଜ ଛକସ୍ଥିତ ଏକ ଷ୍ଟଲରୁ ଗୁରୁବାର ଯୁବତୀମାନେ ରାଖୀ କିଣୁଛନ୍ତି।

# 'ପୁରାତନ ଛାତ୍ର କଲେଜର ମେରୁଦଣ୍ଡ'

ଚୌଦ୍ୱାର,୨୪।୮(ଆଶୁତୋଷ ଦାସ)



ଉତ୍ସବରେ ମନ୍ତ୍ରୀ, ବିଧାୟକଙ୍କ ସହ ଅନ୍ୟମାନେ।

ପୁରାତନ ଛାତ୍ର କଲେଜର ମେରୁଦଣ୍ଡ ସଦୃଶ। ପୁରାତନ ଓ ନୂତନ ଛାତ୍ରୀଛାତ୍ରମାନେ ମିଳିତ ଭାବେ ନିଷ୍ଠାର ସହ ଉଦ୍ୟମ କଲେ ବିଦ୍ୟାଳୟର ଉନ୍ନତି ସୁନିଶ୍ଚିତ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି। ଚୌଦ୍ୱାର କଲେଜର ପୁରାତନ ଛାତ୍ର ସଂସଦ ପକ୍ଷରୁ କଲେଜର ପ୍ରତିଷ୍ଠାତା ସ୍ୱର୍ଗତ ରାଜକିଶୋର ରାମଙ୍କ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ କଲେଜ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ନାୟକ ଯୋଗଦେଇ ସ୍ଥାନୀୟ ଅଞ୍ଚଳରେ ଚୌଦ୍ୱାର କଲେଜକୁ ୧ନଂ. ସ୍ଥାନରେ ପହଞ୍ଚାଇବା ପାଇଁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି କହିଥିଲେ।

ସଂସଦର ସଭାପତି ବିବେକାନନ୍ଦ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ଟାଙ୍ଗୀ-ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ, କଲେଜ ଅଧ୍ୟକ୍ଷ ଡ. ଉମେଶ ଚନ୍ଦ୍ର ଦେବତା ପ୍ରମୁଖ ଯୋଗଦେଇ କଲେଜରେ ପାଠପଢାର ଉନ୍ନତି ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ରବୀନ୍ଦ୍ର କୁମାର ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା, ବିଭୂତି ଭୂଷଣ ସାହୁ ଅତିଥି ପରିଚୟ ଓ ସମ୍ପାଦକ କେଶବ ଚନ୍ଦ୍ର ସାହୁ ବିବରଣୀ ପାଠ କରିଥିଲେ। ଏହି ଅବସରରେ ରାଜକିଶୋରଙ୍କ ଉଦ୍ଦେଶ୍ୟରେ ସ୍ମରଣିକା ଉନ୍ମୋଚନ ସହିତ ତାଙ୍କ ସ୍ତ୍ରୀ ଇନ୍ଦୁମତୀ ରାମଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜକିଶୋରଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିଥିବା ଶିଳ୍ପୀ ମୁରଲୀଧର ବେହେରା ଓ ସ୍ଥାନୀୟ କାଉନ୍‌ସିଲର ଆଶୁତୋଷ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପୁରାତନ ଛାତ୍ର ବାପୁପ୍ରିୟ ରଘୁପତି ରାମ, ବିମଳ କୁମାର ବେଉରା, ସୁବାସ ପ୍ରଧାନ, ଝୁଲେନ୍ଦ୍ର ନାୟକ, ମୁରଲୀଧର ବେଉରା, ମୋହନ ଚାନ୍ଦ ନାୟକ, ରାଜକିଶୋର ସାମନ୍ତରାୟ, ଅମିତା ଦାସ, କବିତା ମାନଧାତା, ସୌମିତ୍ର ସ୍ୱାଇଁ, ହରିହର ପରିଡ଼ା, ଅଞ୍ଜନା ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ରେଣୁବାଳା ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ପ୍ରତିଷ୍ଠା ଉତ୍ସବ ପାଳିଲା ଓୟୁଏଟି

- କୃଷି ମହାବିଦ୍ୟାଳୟ ତୃତୀୟ ମହଲା ଉଦ୍‌ଘାଟିତ
- ଶ୍ରେଷ୍ଠ କୃଷିବିଜ୍ଞାନ କେନ୍ଦ୍ର, ଶିକ୍ଷକ, ବୈଜ୍ଞାନିକ, ଛାତ୍ରୀଛାତ୍ର ପୁରସ୍କୃତ

ଭୁବନେଶ୍ୱର,୨୪।୮ (ଅନୁରାଧା ମହାରଣା)



ପୁରସ୍କାର ପ୍ରଦାନ ଅବସରରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, କୁଳପତି ପ୍ରଭାତ ରାଉଳ ଓ ଅନ୍ୟମାନେ। (ଫଟୋ: ବିକାଶ ନାୟକ)

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି) ଗୁରୁବାର ୬୨ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ଏମ୍‌ଏସ୍ ସ୍ୱାମୀନାଥନ୍ ହଲ୍‌ରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କୃଷି ଓ କୃଷକ ସଶକ୍ତୀକରଣ ଏବଂ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ତଥା ବିଶ୍ୱବିଦ୍ୟାଳୟ ଉପକୁଳାଧିପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଓଡ଼ିଶାର ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ କୃଷି ମହାବିଦ୍ୟାଳୟର ତୃତୀୟ ମହଲା ଉଦ୍‌ଘାଟନ କରିଥିଲେ। ଏଥିରେ ୫ଟି ଅତ୍ୟାଧୁନିକ ବିଜ୍ଞାନାଗାର ରହିଛି। ଏଥିସହ ବିଶ୍ୱବିଦ୍ୟାଳୟର ନୂତନ ୱେବ୍‌ସାଇଟ୍, ବିଶ୍ୱବିଦ୍ୟାଳୟ ସଙ୍ଗୀତ, କୃଷକଙ୍କ ପାଇଁ ଆପ୍, ଭିଜନ୍ ପୁସ୍ତକ, ଶୈକ୍ଷିକ-ଶିଳ୍ପ ପୁସ୍ତକ ଆଦି ଉନ୍ମୋଚିତ ହୋଇଥିଲା। ସେହିପରି ସଫଳତା ହାସଲ କରିଥିବା ଶ୍ରେଷ୍ଠ କୃଷି ବିଜ୍ଞାନ କେନ୍ଦ୍ର, ଶ୍ରେଷ୍ଠ ବିହନ ଉତ୍ପାଦନ କେନ୍ଦ୍ର, ଶ୍ରେଷ୍ଠ ଶିକ୍ଷକ, ଶ୍ରେଷ୍ଠ ବୈଜ୍ଞାନିକ, ଶ୍ରେଷ୍ଠ ସମ୍ପ୍ରସାରଣ ବୈଜ୍ଞାନିକ, ଶ୍ରେଷ୍ଠ ମହିଳା ବୈଜ୍ଞାନିକ, ଶ୍ରେଷ୍ଠ ସ୍ନାତକ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

ଏହି ଅବସରରେ କୁଳପତି ପ୍ରଭାତ ରାଉଳ କହିଲେ, ବିଜୁ ପଟ୍ଟନାୟକଙ୍କ ପ୍ରଚେଷ୍ଟାରେ ୧୯୬୨ରେ ଓୟୁଏଟି ପ୍ରତିଷ୍ଠା ହୋଇଥିଲା। କୃଷି ଓ ଆନୁସଙ୍ଗିକ ବିଷୟରେ ଉଚ୍ଚ ଶିକ୍ଷା ପ୍ରଦାନ ପାଇଁ ବିଶ୍ୱବିଦ୍ୟାଳୟ ଅଧୀନରେ ୧୦ଟି ମହାବିଦ୍ୟାଳୟ, ଗୋଟିଏ ସ୍ନାତକୋତ୍ତର ଅଧ୍ୟୟନ କେନ୍ଦ୍ର ଓ ୧୦ଟି ଆଗ୍ରୋପଲିଟେକ୍‌ନିକ କେନ୍ଦ୍ର କାର୍ଯ୍ୟ କରୁଛି। ରାଜ୍ୟର ବିଭିନ୍ନ ଜଳବାୟୁ ମଣ୍ଡଳରେ ରହିଥିବା ୮ଟି ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତିବିଦ୍ୟା ପ୍ରସାରଣ କେନ୍ଦ୍ର, ୪ଟି ଉପକେନ୍ଦ୍ର, ୭ଟି ଦ୍ରବ୍ୟଭିତ୍ତିକ ଗବେଷଣା କେନ୍ଦ୍ର ଏବଂ ୫୧ଟି ସର୍ବଭାରତୀୟ ସଂଯୋଜିତ ପ୍ରକଳ୍ପ ମାଧ୍ୟମରେ ଗବେଷଣା କାର୍ଯ୍ୟ ଚାଲୁଥିବାବେଳେ କୃଷି କ୍ଷେତ୍ରରେ ସଂପ୍ରସାରଣ କାର୍ଯ୍ୟ ପାଇଁ ୩୧ଟି କୃଷି ବିଜ୍ଞାନ କେନ୍ଦ୍ର କାର୍ଯ୍ୟ କରୁଛି। ବିଶ୍ୱବିଦ୍ୟାଳୟରୁ ୩୦ ହଜାରରୁ ଅଧିକ ଛାତ୍ରୀଛାତ୍ର ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇଛନ୍ତି। ଚଳିତବର୍ଷ ଏହି ବିଶ୍ୱବିଦ୍ୟାଳୟର ୭୦ଜଣ ଛାତ୍ରୀଛାତ୍ର ଓଡିଶା ସିଭିଲ ସର୍ଭିସ୍ ପରୀକ୍ଷା ୨୦୨୧ରେ କୃତକାର୍ଯ୍ୟ ହୋଇଛନ୍ତି। ୩ ଜଣ ଛାତ୍ରୀଛାତ୍ର ଭାରତୀୟ ସିଭିଲ ସର୍ଭିସ୍ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ରଙ୍ଗୀନ କୁକୁଡା ଓୟୁଏଟି କଳିଙ୍ଗ ପଲ୍ଲିଶ୍ରୀର ପୁନଃବିକାଶ କରାଯାଇଛି। ବିଶ୍ୱବିଦ୍ୟାଳୟରୁ ବିକଶିତ ଜ୍ଞାନକୌଶଳର କ୍ଷେତ୍ରୀୟ ପ୍ରଦର୍ଶନ ଲାଗି ଏକ ଆଧୁନିକ ଟେକ୍ନୋପାର୍କ ମଧ୍ୟ ନିର୍ମାଣ କରାଯାଉଥିବା କୁଳପତି ସୂଚନା ଦେଇଛନ୍ତି।

# ଲୋକଙ୍କ ବିରୋଧର ସମ୍ମୁଖୀନ ହେଉଛି ଟିମ୍ 'ସାଇନ୍'

ଭୁବନେଶ୍ୱର, ୨୪।୮ (ବନ୍ଦନା ସେଠୀ)

ଭୁବନେଶ୍ୱରର ସ୍ୱଚ୍ଛତା ପରଖିବା ପାଇଁ ଗତ ୧୩ ତାରିଖରେ ବିଏମ୍‌ସି ପକ୍ଷରୁ ଏନ୍‌ଫୋର୍ସମେଣ୍ଟ ଟିମ୍ 'ସାଇନ୍' ଗଠନ କରାଯାଇଛି। ୧୬ ତାରିଖରୁ ଏହା କାର୍ଯ୍ୟ କରିଥିଲେ ମଧ୍ୟ ଅନେକ ସ୍ଥାନରେ ଟିମ୍‌ର ସଦସ୍ୟଙ୍କୁ ସାଧାରଣ ଲୋକଙ୍କ ରୋଷର ଶିକାର ହେବାକୁ ପଡୁଛି। କେଉଁଠି କର୍ପୋରେଟର ଟିମ୍‌ର କାର୍ଯ୍ୟକଳାପକୁ ନେଇ ଅଙ୍ଗୁଳି ଉଠାଉବାବେଳେ ଆଉ କେଉଁଠି ଲୋକମାନେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ନିକଟରେ ଦକ୍ଷିଣ ପଶ୍ଚିମ ଜୋନ୍ ଅନ୍ତର୍ଗତ ୟୁନିଟ-୮ ପାସ୍‌ପୋର୍ଟ ଅଫିସ ପାଖରେ ଥିବା ଏକ ଦୋକାନୀ କୋଇଲା ଜଳାଉଥିବା ସମୟରେ ଏପରି ନ କରିବା ପାଇଁ ଟିମ୍ ସଦସ୍ୟ ତାଙ୍କୁ ବୁଝାଇଥିଲା। ତେବେ ଦୋକାନୀ ଜଣକ ଏଥିରେ ଉତ୍‌କ୍ଷିପ୍ତ ହୋଇପଡିଥିଲେ। ବିଏମ୍‌ସି ଠିକ୍ ଭାବେ ନିଜ କାମ କରୁ ନ ଥିବାବେଳେ କେବଳ ଜରିମାନା ଆଦାୟ କରିବାକୁ ବାହାନା କରୁଥିବା ଅଭିଯୋଗ କରିଥିଲେ। ଆଗ ଜରି ଫ୍ୟାକ୍ଟ୍ରି ବନ୍ଦ କର, ତା' ପରେ ଆସିବ ବୋଲି କହିଥିଲେ। ଏନେଇ ବେଶ୍ କିଛି ସମୟ ପର୍ଯ୍ୟନ୍ତ ଟିମ୍ ସଦସ୍ୟ, ଦୋକାନୀ ଓ ତାଙ୍କ ସମର୍ଥକଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏବେ ପୁଣି ସମ୍ପୃକ୍ତ ଜୋନ୍‌ରେ ଟିମ୍ ଲୋକଙ୍କ ବିରୋଧର ଶିକାର ହୋଇଛି। ଜାଗମରା ବାରି ନାଳ ଉପରେ ବାଲି ଓ ଗୋଡି ଗଦା ହୋଇଥିବା ଦେଖି ଟିମ୍ ସାଇନ୍ ନିକଟରେ ଥିବା ଦୋକାନୀଙ୍କୁ ବାଲି କାହାର ବୋଲି ପଚାରିଥିଲେ। ଏହାକୁ ନେଇ ସ୍ଥାନୀୟ ଦୋକାନୀମାନେ ସମ୍ପୃକ୍ତ ୱାର୍ଡର ୱାର୍ଡ ଅଫିସର ଓ ଟିମ୍‌କୁ ଘେରି ଯାଇଥିଲେ।

ଆଖପାଖରେ ପାଇପ୍‌ଠାରୁ ଆରମ୍ଭ କରି ବିଭିନ୍ନ ଜିନିଷ ଗଦା ହୋଇ ରହିଥିବେଳେ କେବଳ ବାଲିଗଦାକୁ ନେଇ କାହିଁକି ପ୍ରଶ୍ନ କରାଯାଉଛି ବୋଲି କହିଥିଲେ। ପାଟିତୁଣ୍ଡ ତୀବ୍ର ହେବା ଫଳରେ କୌଣସି ଜରିମାନା ନ କରି ଟିମ୍ ସେଠାରୁ ଫେରି ଆସିଥିଲା।

ସହରର ରାସ୍ତାଘାଟ ଗଳିକନ୍ଦି ବୁଲି ଟିମ୍ ସାଇନ୍ ପରିମଳ ବ୍ୟବସ୍ଥା ଦେଖିବା ସହ ଏକକ ପ୍ଲାଷ୍ଟିକ ଦ୍ରବ୍ୟ ବ୍ୟବହାରରୁ ବିରତ ରହିବା, କୋଇଲା ଚୁଲି ବ୍ୟବହାର ନ କରିବା ଏବଂ ବର୍ଜ୍ୟ ନ ଜଳାଇବା ଆଦିକୁ ନେଇ ନାଗରିକଙ୍କୁ ସଚେତନ କରୁଛି। ଆବଶ୍ୟକ ପଡିଲେ ଜରିମାନା ଆଦାୟ କରିବାକୁ ଟିମ୍‌କୁ ନିର୍ଦ୍ଦେଶ ରହିଛି। ତେବେ ବିଭିନ୍ନ ସ୍ଥାନରେ ଟିମ୍ ସାଇନ୍‌କୁ ଯେଉଁଭଳି ବିରୋଧ କରାଯାଉଛି ଏଥିରୁ ଉଦ୍ଦେଶ୍ୟ ପୂରଣ ହେବା ନେଇ ସନ୍ଦେହ ଉପୁଜିଛି। ସେହିପରି ଦିନକୁ ଦିନ ପ୍ରତିବାଦ ବଢି ଚାଲିଥିବାବେଳେ ବିଏମ୍‌ସି ପକ୍ଷରୁ କିନ୍ତୁ କୌଣସି ଠୋସ୍ ପଦକ୍ଷେପ ବା କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ବିଏମ୍‌ସି ନିଜ କର୍ମଚାରୀ ସପକ୍ଷରେ ବାହାରୁ ନ ଥିବାରୁ ଟିମ୍‌କୁ ନିରାଶ ହୋଇ ଫେରିବାକୁ ପଡୁଛି।



ଏନ୍‌ଫୋର୍ସମେଣ୍ଟ ଟିମ୍ 'ସାଇନ୍' ସଦସ୍ୟଙ୍କୁ ଲୋକେ ଓ ବ୍ୟବସାୟୀ ବିରୋଧ କରୁଛନ୍ତି।

# ବାଇଗଣ ଖାଇବାରୁ ଛେଳିକୁ ମାରିଦେଲେ

## ଥାନାରେ ମାମଲା

ପୁରୁଣା ଭୁବନେଶ୍ୱର,୨୪।୮ (ସୁବାସ ଚନ୍ଦ୍ର ପ୍ରଧାନ)

ବାଇଗଣ କିଆରିରେ ଏକ ଛେଳି ପଶି ବାଇଗଣ ଖାଇବାରୁ ଜମି ମାଲିକ ଛେଳିଟିକୁ ମାରିଦେଇଥିବା ଅଭିଯୋଗ ହୋଇଛି। ଧଉଳି ଥାନା ଅଧୀନ ପଳାଶପୁର ଶାସନ ଗ୍ରାମରେ ଏଭଳି ଘଟଣା ଘଟିଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଗୁରୁବାର ଅପରାହ୍ନରେ ଏହି ଗ୍ରାମର ଝୁଲଣ ବାରିକଙ୍କ ଏକ ଛେଳି ଏକ କିଆରିରେ ପଶି ବାଇଗଣ ଖାଇଥିଲା। ସେଠାରେ କୁଡ଼ିଆରେ ଥିବା ଜମି ମାଲିକ ଛେଳିଟିକୁ ହଠାତ୍ ଆକ୍ରମଣ କରିଥିଲେ। ଫଳରେ ଛେଳିଟିର ମୃତ୍ୟୁ ଘଟିଥିଲା। ଝୁଲଣ ଖୋଜାଖୋଜି କରିବା ପରେ ଛେଳିର ମୁଣ୍ଡ ପାଇଥିଲେ। ଏହା ପରେ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏ ସମ୍ପର୍କରେ ଥାନା ଅଧିକାରୀ ଚିତ୍ତରଞ୍ଜନ ରାଉତ କହିଛନ୍ତି, ଅଭିଯୋଗକୁ ଭିତ୍ତିକରି ଏକ ମାମଲା ରୁଜୁ ହୋଇଛି। ଛେଳି ହତ୍ୟାକାରୀଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ।

# ଏନର୍ଜି ଅଡିଟର ନିଯୁକ୍ତ କରିବ ବିଏମ୍‌ସି

ଭୁବନେଶ୍ୱର, ୨୪।୮ (ବନ୍ଦନା ସେଠୀ)

ଶକ୍ତି ସଞ୍ଚୟ ନାମରେ ବିଏମ୍‌ସିରେ ହରିଲୁଟ୍ ଚାଲିଛି। ଏନେଇ ନିୟୋଜିତ ସଂସ୍ଥାକୁ କେହି ଜଗିବାକୁ ନ ଥିବାରୁ ସେମାନେ ମନଇଚ୍ଛା କାମ କରୁଛନ୍ତି। ଦୀର୍ଘ ୧୦ବର୍ଷ ଧରି ବିଏମ୍‌ସିରେ ଇଣ୍ଡିପେଣ୍ଡେଣ୍ଟ ଏନର୍ଜି ଅଡିଟର ନିଯୁକ୍ତ ନ ଥିବାରୁ ଠିକା ସଂସ୍ଥା ତାର ମନମାନୀ କରୁଛି। ତେବେ ଏନେଇ ବିଏମ୍‌ସି କର୍ପୋରେସନ ବୈଠକରେ ଆଲୋଚନା ହେବା ସହ ବାରମ୍ବାର ଦାବି ଖବର ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏହାପରେ ବିଏମ୍‌ସି ଏବେ ଏନର୍ଜି ଅଡିଟର ନିଯୁକ୍ତ କରିବାକୁ ଯାଉଛି। ଏନେଇ ବିଧିବଦ୍ଧ ବିଜ୍ଞାପନ ମଧ୍ୟ ପ୍ରକାଶ ପାଇଛି। ଚଳିତମାସ ୨୯ ସୁଦ୍ଧା ଆବେଦନ କରିବାକୁ ସଂସ୍ଥାମାନଙ୍କୁ କୁହାଯାଇଛି। ଶକ୍ତି ସଞ୍ଚୟ କରିବା ଲକ୍ଷ୍ୟରେ ବିଏମସି ୨୦୧୩ ମସିହାରେ ପିପିପି ମୋଡ୍‌ରେ 'ଏନର୍ଜି ସେଭିଂ ମୋଡ ପ୍ରକଳ୍ପ'ର ପରିକଳ୍ପନା କରିଥିଲା। ଏନେଇ ବିଏମ୍‌ସି ସୁପର ୱେଲ ଫାଇନାନ୍ସିଆଲ ଏଣ୍ଟରପ୍ରାଇଜର୍ସ ପ୍ରାଇଭେଟ ଲିମିଟେଡ ସହ ୧୦ ବର୍ଷ ପର୍ଯ୍ୟନ୍ତ ଓ ନିଲ୍ ପ୍ରାଇଭେଟ ଲିମିଟେଡ ସହ ୨୦୧୭ରେ ୭ ବର୍ଷ ପର୍ଯ୍ୟନ୍ତ ଚୁକ୍ତି କରିଥିଲା। ଏହି ଦୁଇ ଠିକା ସଂସ୍ଥା ସହରରେ ଲାଇଟ ଲଗାଇବା ସହ ସମସ୍ତ ପ୍ରକାରର ରକ୍ଷଣାବେକ୍ଷଣ କରୁଛନ୍ତି। ଚୁକ୍ତି ଅନୁଯାୟୀ, ପ୍ରକଳ୍ପ ଅନ୍ତର୍ଗତ ବିଏମ୍‌ସି ପୂର୍ବାପେକ୍ଷା ବିଜୁଳି ବିଲ ବାବଦକୁ ୮୦.୦୨ ପ୍ରତିଶତ କମ ପୈଠ କରିବ ଏବଂ ଏଥିରୁ ଅଧିକ ବିଲ୍ ଆସିଲେ ସମ୍ପୃକ୍ତ ସଂସ୍ଥାମାନେ ଜରିମାନା ଦେବେ। ସେହିପରି ଯଦି ସଂସ୍ଥାମାନେ ଭଲ ପ୍ରଦର୍ଶନ କରିବେ ତେବେ ସେମାନଙ୍କୁ ବିଏମ୍‌ସି ପୁରସ୍କୃତ କରିବ। ସଂସ୍ଥାର ପ୍ରଦର୍ଶନକୁ ଇଣ୍ଡିପେଣ୍ଡେଣ୍ଟ ଏନର୍ଜି ଅଡିଟର (ଆଇଇଏ) ତଦାରଖ କରିବା କଥା। ସେହିପରି ସହରରେ ଲାଗିଥିବା ସମସ୍ତ ବଲ୍‌ବ କ୍ଷମତା ଅନୁଯାୟୀ ବିଦ୍ୟୁତ୍ ଶକ୍ତି ବ୍ୟବହାର କରୁଛନ୍ତି କି ନାହିଁ, ଏଥିରେ ସ୍ୱଚ୍ଛତା ରହୁଛି କି ନାହିଁ ଏହାର ହିସାବ ପାଇଁ ବର୍ଷକୁ ଦୁଇଥର ଲକ୍ସ ଲେଭେଲ ମେଜରମେଣ୍ଟ (ଏଲ୍‌ଏଲ୍‌ଏମ୍) ହେବା କଥା। ମାତ୍ର ଆଇଇଏ ନ ଥିବାରୁ ଏସବୁ କିଛି ହେଉ ନଥିଲା। ଏପରିକି ଠିକା ସଂସ୍ଥାମାନେ ଯାହା ରିପୋର୍ଟ ଦେଉଥିଲେ ବିଏମ୍‌ସି ତାହାକୁ ମାନି ନେଉଥିଲା। ଫଳରେ ପ୍ରତିବର୍ଷ ଶକ୍ତି ସଞ୍ଚୟ ନାମରେ ବିଏମ୍‌ସିର ଲକ୍ଷଲକ୍ଷ ଟଙ୍କା ପାଣିରେ ପଡୁଥିଲା। ତେବେ ଆଇଇଏ ନିଯୁକ୍ତ ହେବାପରେ ଏଥିରେ ହେଉଥିବା ହେର୍‌ଫେର୍‌ର ଅନ୍ତ ଘଟିବ ବୋଲି ଆଶା କରାଯାଉଛି।

**ODISHA HYDRO POWER CORPORATION LTD.**
OHPC
(A Government of Odisha Undertaking)
Regd. Office: ODISHA STATE POLICE HOUSING & WELFARE CORPORATION BUILDING
VANIVIHAR CHOUK, JANPATH, BHOINAGAR, BHUBANESWAR-751022
Tel:91-0674-2542983, 2542802, 2545526, Fax:2542102, e-mail:ohpc.co@gmail.com
CIN: U40101OR1995SGC003963
No.OHPC:TECH:C&P:12/2023-24/ 8154 Dated 21.08.2023

**NOTICE INVITING TENDER No.12/2023-24**

**No.CAD-1833:** Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Registered Manpower Supply Agencies/ Service Provider having valid Licenses. PAN and GST Registration Certificate & fulfilling the eligibility criteria as per the tender specification for the work as mentioned below.

| Description of Work | Cost of Tender Papers (Non-refundable) in Rs. | EMD in Rs. |
|---|---|---|
| Providing Services of 06(Six) nos. of Computer Personnel, 05(five) nos of Jr Accountant (Semi qualified) , 06(six) nos of Qualified CA/ICWA account personnel and 02(Two) nos. of Young Professionals for OHPC Corporate Office, Bhubaneswar for a period of one year. | 11,800/- (10000+ 18% GST ) | 76,000.00 |

**For details of the tender documents, terms and conditions please visit our website www.ohpcltd.com from dated 29.08.2023**

OIPR-04012/11/0014/2324 **C & P Head**

No. B-755

**OFFICE OF THE ENGINEER-IN-CHIEF (CIVIL), ODISHA NIRMAN SOUDHA, UNIT-V, BHUBANESWAR**
E-mail ID: cebuildings_orissa@yahoo.co.in; cebuildings@rediffmail.com, Tel. -(0674)- 2391523

**INVITATIONS FOR BIDS (IFB)**

File No-B-I-Tourism-26/2023 35120/ Bhubaneswar, the 23rd Aug., 2023

**Invitation for Bids**
**2nd Corrigendum**

**Tender Reference No.C.E. (B) - 22 / 2023-24**
**Name of the Work - Renovation, Restoration & Beautification of Panchalingeshwar Temple, Oupada in Balasore District.**

The following changes have been made in Bid Identification No. C.E.(B)-22/2023-24
1. Bid documents such as DTCN / BOQ etc. can be seen / downloaded from the Govt. Website i.e. www.tendersorissa.gov.in, during the period from **dt.31.08.2023 to 17.00 hours of dt.14.09.2023** instead of **dt.23.08.2023 to dt.07.09.2023** for ONLINE BIDDING respectively.
2. Online bids shall be received till **17.00 Hours of dt.14.09.2023** instead of **dt.07.09.2023**.
3. The technical bids will be opened at **11.30 A.M. of dt.15.09.2023** instead of **dt.08.09.2023**.

All other terms and conditions remain unchanged.

Sd./- Chief Engineer, Buildings
Odisha, Bhubaneswar
OIPR-34117/11/0052/2324

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SUNABEDA**
email- serwsbd2003@yahoo.com

**e- Procurement Notice for Road & Bridge Works**

**No.O-741:** 1.Name of the work : Construction of Road & Bridge Works - (14 Nos.). 2. Class of contractor : "B", "A" & Special Class of (Odisha PWD) or relevant class of other licensing authority. 3. Estimated Cost : Various from Rs.126.05 Lakhs to Rs.825.66 Lakhs (Approximately). 4.Details projects as per Annexure attached:

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD-Online-20/2023-24 | 04.09.2023 at 11.00 A.M. | 21.09.2023 upto 5.00 P.M. | 18.09.2023 upto 2.00 P.M. | 22.09.2023 at 11.00 A.M. | To be intimated separately |

5. The details of works can be seen from the web site https://www.tendersodisha.gov.in
6. Any Corrigendum/Addendum will be displayed in the above e-tender website.

Sd./- Chief Construction Engineer
Rural Works Circle, Sunabeda
OIPR-25182/11/0023/2324

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୨୧୭ **ବିଜ୍ଞାପନ** ତା:୧୧।୦୮।୨୦୨୩

No. CAD-1826: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ପ୍ରଥମ ପର୍ଯ୍ୟାୟ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଫ୍ଲାଟ ଗୃହ ନଂ. ଇ.ଡବ୍ଲ୍ୟୁ.ଏସ୍.-୨୦/୪ (EWS-20/4)ଟିକୁ ଶ୍ରୀମତୀ ସାରିଆ ସାମଲ, ସ୍ୱାମୀ: ପ୍ରହ୍ଲାଦ ସାମଲ, ସା/ପୋ.: ପୁରୁଷୋତ୍ତମ ପ୍ରସାଦ, ଥା: ଖଣ୍ଡପଡ଼ା, ଜିଲ୍ଲା: ନୟାଗଡ଼ଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ସାରିଆ ସାମଲ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ମନୋରମା ରଥ, ସ୍ୱାମୀ: ଶ୍ରୀ ପ୍ରମୋଦ କୁମାର ରଥ, ସା: ବୃନ୍ଦାବନପୁର, ପୋ.: ରାହାସୋଇ, ଥା/ଜିଲ୍ଲା: ଯାଜପୁରଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଫ୍ଲାଟ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0305/2324

**ODISHA PUBLIC SERVICE COMMISSION, CUTTACK**

**NOTICE**

**No. 6660/PSC Dt.24.08.2023**
**PF-05-1E-01-2023/24 (DR-III)**

No. D-116: It is for information of all concerned that the written examination held on 03.07.2022 for recruitment to the Post of **Post Graduate Teachers in English,** pursuant to Advt. No. 12 of 2020-21, **73 (Seventy Three)** candidates bearing following Roll Nos. have been qualified for admission to Document Verification & Viva Voce Test. The physical verification of original certificates/documents etc. and Viva Voce Test in respect of above qualified candidates, will be conducted simultaneously in the Office of the Commission at 19, Dr. P.K. Parija Road, Cuttack - 753001 from **11.09.2023 to 14.09.2023** as per the programme detailed below.

The candidates are required to come with hard-copies of online application forms (indicating their Roll Nos. at the top right corner and **instructed to mask the Mobile No./alternative Mobile No. and Email ID through blackening)**, three passport size photographs, self-attested copies of all relevant certificates, documents, Aadhaar Card etc. **with original of the same** as per **Para - 10** of the aforesaid Advertisement and duly filled in **"Attestation Form" & "Bio-Data Form"** (to be downloaded from the website of the Commission) and submit the same **in person** on the day of verification.

It is also made clear that the candidature of these candidates for the recruitment is **purely provisional**. The candidature is liable to rejection in the event of inadequacy/deficiency found at any stage before or after the verification of original certificate/documents and is subject to fulfillment of terms and conditions laid down in the advertisement.

**Mere participation in the document verification does not reserve any right to appear the Viva Voce Test**. The candidates shall be allowed to the Viva Voce Test on scheduled date and time mentioned below subject to fulfillment of their eligibility in all respect as per verification of original certificate/documents. The decision of the Commission thereon shall be final.

**PROGRAMME OF DOCUMENT VERIFICATION & INTERVIEW**

| Sl. No. | Date | Time of Verification | Time of Interview | Roll No. of Candidates |
|---|---|---|---|---|
| 1 | 11.09.2023 | 8.30 A.M. | 10.30 A.M. | 300004, 300005, 300012, 300025, 300026, 300044, 300045, 300053, 300054 & 300073 **= 10 Candidates** |
| | | 12.30 P.M. | 2.30 P.M. | 300074, 300076, 300082, 300085, 300088, 300091, 300097 & 300100 **= 08 Candidates** |
| 2 | 12.09.2023 | 8.30 A.M. | 10.30 A.M. | 300116, 300136, 300137, 300163, 300201, 300202, 300204, 300206, 300207 & 300224 **= 10 Candidates** |
| | | 12.30 P.M. | 2.30 P.M. | 300225, 300233, 300245, 300249, 300251, 300270, 300278 & 300296 **= 08 Candidates** |
| 3 | 13.09.2023 | 8.30 A.M. | 10.30 A.M. | 300298, 300305, 300316, 300324, 300326, 300328, 300336, 300342, 300346 & 300348 **= 10 Candidates** |
| | | 12.30 P.M. | 2.30 P.M. | 300352, 300375, 300378, 300382, 300384, 300386, 300388 & 300392 **= 08 Candidates** |
| 4 | 14.09.2023 | 8.30 A.M. | 10.30 A.M. | 300395, 300398, 300405, 300410, 300411, 300432, 300448, 300454, 300456 & 300463 **= 10 Candidates** |
| | | 12.30 P.M. | 2.30 P.M. | 300467, 300471, 300493, 300509, 300523, 300530, 300535, 300549 & 300550 **= 09 Candidates** |

**N.B.:** The candidates are advised to report at the Office of the Commission **half an hour before the commencement of verification** on their scheduled dates & time as mentioned against each.
**Note:** The candidates are informed that the pedagogy skill is part of the interview. They are to come prepared to present a topic of their choice within 8 to 10 minutes before the Interview Board. White board shall be provided by the Commission for the purpose.

**OIPR-12002/11/0085/2324** **Sd./- Secretary**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION, CUTTACK**
**E Mail ID: rw_cuttack@yahoo.co.in, Ph.No.0671-2440662/Fax No.0671-2440653**
**No.Tender-Online-RWDCtc-09/2023-24** **Date:22.08.2023**

**e-Procurement Notice**

**No.O-752:** 1. Name of the Work :- Repair/Maintenance of road work. 2. Total No. of Road :- 01 No. 3. Class of Contractor :- a) Above Rs.20 lakh and upto 3 crore: 'B' Class(of Odisha PWD) or equivalent class of other licensing authorities. b) Upto Rs.40.00 lakh: 'C' Class (of Odisha PWD) or equivalent class of other licensing authorities. c) Upto Rs.20.00 lakh: 'D' Class (of Odisha PWD) or equivalent class of other licensing authorities.4. Estimate cost of individual project: Rs.50.72 Lakhs. 5. Time for Completion: 3 (Three) Calendar Months. 6. Other details:

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division, Cuttack | Tender Online-RWD CTC 09/2023-24 | 28.08.2023 at 11.00 Hours | 05.09.2023 upto 17.00 Hours | 04.09.2023 upto 17.00 Hours | 07.09.2023 at 11.00 A.M. | Will be Intimated Later on |

Further details can be seen from the website **www.tendersodisha.gov.in.**

**OIPR-25053/11/0018/2324** **Sd./- Superintending Engineer, Rural Works Division, Cuttack**

**GOVERNMENT OF ODISHA** **No.O-749:**
**OFFICE OF THE SUPERINTENDING ENGINEER, RURAL WORKS DIVISION, BHUBANESWAR**
**Ph.No.0674-2301787,Fax No.-0674-2300965, Email Id:eerw_bbsr@yahoo.co.in**
**No:-Tender-Online-BBSR Divn.-14** **Date:- 21.08.2023**

**e-Procurement NOTICE**

1. Name of the work : Repair / Maintenance of road work. 2. Total No. of Road : 03 Nos. of Roads
3. **Class of contractor**
a) Above Rs. 20 lakh and upto 3 crore : 'B' Class (of Odisha PWD) or equivalent class of other licensing authorities.
b) Upto Rs. 40.00 lakh : 'C' Class (of Odisha PWD) or equivalent class of other licensing authorities.
c) Upto Rs. 20.00 lakh : 'D' Class (of Odisha PWD) or equivalent class of other licensing authorities.
4. Estimate cost of Individual project : Rs. 5.00 lakh to Rs. 50.00 lakh
5. Time for completion : 2 (Two) calendar months
6. Other details

| Procurement Officer | Bid Identification No. | Availability of Tender Online for bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Bhubaneswar | Tender Online-BBSR Divn.-14 | 31.08.2023 at 11.00 A.M. | 11.09.2023 upto 5.00 P.M. | 12.09.2023 at 11.00 A.M. |

Further details can be seen from the website www.tendersorissa.gov.in.

**OIPR-25066/11/0018/2324** **Sd./- Superintending Engineer, Rural Works Divn., BBSR**

**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BALASORE**
**E Mail ID: serw_balasore@yahoo.in, Ph.No.-06782-260318, Balia, Balasore**

**"e" Procurement Notice for Bridge Work**
**Identification No.Online Tender Bridge N.C.B. No. 25 of 2023-24**
**Letter No. 3589/WE, Date: 19.08.2023**

**No.O-744:** 1. Name of the Work :- Bridge work. 2. Total No. of Work :- 01 No. (One). 3. Estimated Cost :- Rs.516.70 lakh (Approximately). 4. Eligible Class of Contractor :- "A" Class (of Odisha P.W.D.) or relevant Class of other licensing authorities (as per annexure). 5. Period of Completion :- 18 (Eighteen) Calendar Months (As per annexure). 6. Other details :

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & Time of Opening of Tender in O/o C.C.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No.25 of 2023-24 | 28.08.2023 at 11.00 AM | 12.09.2023 upto 5.00 PM | 11.09.2023 upto 5.00 PM | 13.09.2023 at 11.00 AM | Will be Intimated Later |

- Further details can be seen from the website **www.tendersodisha.gov.in.**

Sd./- Er. S.K. Rout
Chief Construction Engineer, R.W.Circle, Balasore
OIPR-25105/11/0027/2324

**GOVERNMENT OF ODISHA, "e" PROCUREMENT NOTICE**
**OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA**
**WORKS DEPARTMENT**
**TENDER CALL NOTICE**

**E-mail: rbcirclekhurda@gmail.com**
**Bid Identification No. CCE-Khordha (R&B) Circle - 14/2023-24**
**Memo No. 1690** **Dt.18.08.2023**

No. B-750: The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Building works as detailed in the table below:
1. Nature of work : District Court Buildings Work
2. No. of work : 1 No.
3. Tender Cost : Rs.10,000.00 (Online)
4. Class of Contractor : B & A Class
5. Available of Bid document in the website : From 10.00 A.M. of Dt.25.08.2023 upto 05.00 P.M. of Dt.04.09.2023 upto 5.00 P.M.
6. Date of opening of Bid : Dt.05.09.2023 at 11.30 A.M.
7. The bidders have to participate in ONLINE bidding only. Further details can be seen from the website **https://tenderodisha.gov.in**. Any Addendum/Corrigendum/Cancellation of tender can also be seen in the said website.

**Sd./- Chief Construction Engineer**
**Khordha (R&B) Circle, Khordha**
**OIPR-34127/11/0021/2324**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, SAMBALPUR (R&B) DIVISION No.-II, SAMBALPUR**
**E-mail:eesbprnbdivision2@gmail.com, Phone-0663-2410104**
**BID IDENTIFICATION No.SE/R and B/SBP II/08 (online)/2023-24**

**E-Procurement Notice**

**No.3136** **Dated:16.08.2023**

**No.B-752:**The **Superintending Engineer, Sambalpur (R&B) Division No-II, Sambalpur** on behalf of Governor of Odisha, invites **Percentage Rate** bids in **Single Cover System** in **ONLINE MODE**.
1. No. of work : **01 (One) no. (Road Work)**
2. Tender Cost : Rs.6,000/-
3. Class of Contractor : "B" Class Contractor
4. Availability of bid document in the website : **18.00 Hours of 25.08.2023 to 17.00 Hours of 04.09.2023**
5. Date of Opening of Tenders : **11.30 Hours on dt.05.09.2023**
6. The Bidders have to participate in ONLINE bidding only.Further details can be seen from the website.**www.tendersodisha.gov.in only. Any Corrigendum/Addendum/Cancellation of tender will be displayed in the website said only.**

**Sd./- Superintending Engineer**
**Sambalpur (R&B) Division No.II**
**OIPR-34136/11/0012/2324**

**କୃଷି ରଥ ପରିକ୍ରମା କାର୍ଯ୍ୟକ୍ରମ ଶୁଭାରମ୍ଭ**

କଟକ ସଦର,(ସୁଶାନ୍ତ କୁମାର ଜେନା): ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ କଟକ ସଦର ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର କୃଷି ରଥ ପରିକ୍ରମା ଶୁଭାରମ୍ଭ ହୋଇଛି। ଅତିରିକ୍ତ ବିଡିଓ ଝାଡେଶ୍ୱର ଦାସ ଏହାର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ କଟକ ଜିଲା କୃଷି ଅଧିକାରୀ ଅଶୋକ କୁମାର କର, ଆତ୍ମାର ସଭାପତି ରଜନୀକାନ୍ତ ସାହୁ, ବ୍ଲକ କୃଷି ଅଧିକାରୀ ଯଫନା ରାୟ, ସହକାରୀ କୃଷି ଅଧିକାରୀ ମୋନାଲିସା ଜେନା, ଶୁଭସ୍ମିତା ମହାପାତ୍ର, ଓଭରସିଅର ଦେବୀପ୍ରିୟା ମହାନ୍ତିଙ୍କ ସମେତ କୃଷି କର୍ମଚାରୀ ଓ କୃଷକ ସାଥୀ ଉପସ୍ଥିତ ଥିଲେ। ଏହି ରଥ ବିଭିନ୍ନ ପଞ୍ଚାୟତ ପରିକ୍ରମା କରି ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରିବ।

# 'ଗ୍ରାହକ ସେବା କେନ୍ଦ୍ରକୁ ସିଏସ୍‌ପି ପ୍ଲସରେ ଅନ୍ତର୍ଭୁକ୍ତ କର'

## ବିଡିଓଙ୍କ ଜରିଆରେ ଜିଲାପାଳଙ୍କୁ ଦାବିପତ୍ର

ନିଶ୍ଚିନ୍ତକୋଇଲି,୨୪।୮ (ଅଶୋକ କୁମାର ମହାପାତ୍ର)



ଗ୍ରାହକ ସେବା ସଂଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଗ୍ରାହକ ସେବା କେନ୍ଦ୍ରଗୁଡ଼ିକୁ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସୁବିଧାଗୁଡ଼ିକୁ ଦିନକୁ ଦିନ କାଟି ଦିଆଯାଉଥିବାର ଅଭିଯୋଗ ହୋଇଛି। ଫଳରେ ଗ୍ରାହକ ସେବାକେନ୍ଦ୍ରରେ କାର୍ଯ୍ୟରତ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷେ ସରକାର ମନମୁଖିଭାବେ ସିଏସପି (କଷ୍ଟମର ସର୍ଭିସ୍ ପଏଣ୍ଟ) ପ୍ଲସ ଯୋଜନା କାର୍ଯ୍ୟ କରି ଗ୍ରାହକ ସେବାକେନ୍ଦ୍ରଗୁଡ଼ିକୁ ଉପେକ୍ଷା କରୁଥିବା ନେଇ ନିଶ୍ଚିନ୍ତକୋଇଲି ଗ୍ରାହକ ସେବା ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ସିଏସ୍‌ପି ପ୍ଲସ ମାଧ୍ୟମରେ ଗ୍ରାହକ ସେବା କେନ୍ଦ୍ରଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ଏନେଇ ନିଶ୍ଚିନ୍ତକୋଇଲି ବିଡିଓଙ୍କ ଜରିଆରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ସଂଘର ଅଭିଯୋଗ ଅନୁଯାୟୀ, ନିଶ୍ଚିନ୍ତକୋଇଲି ବ୍ଲକରେ ଭାରତୀୟ ଷ୍ଟେଟବ୍ୟାଙ୍କ ଦ୍ୱାରା ୨୦ରୁ ଊର୍ଦ୍ଧ୍ୱ ଗ୍ରାହକ ସେବାକେନ୍ଦ୍ର ଖୋଲାଯାଇଛି। ଏହି ଗ୍ରାହକ ସେବାକେନ୍ଦ୍ର ଗୁଡ଼ିକ ଜରିଆରେ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା, ଅଟଳ ପେନ୍‌ସନ ଯୋଜନା ପ୍ରଭୃତି କରାଯାଉଥିଲାବେଳେ ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ ନିମନ୍ତେ ଅଧିକରୁ ଅଧିକ ଜମା ଖାତା ଖୋଲାଯାଉଛି। ଜନଧନ ଯୋଜନାରେ ଅଧିକରୁ ଅଧିକ ଅର୍ଥ ଜମା କରାଯିବା ଓ ସାମାଜିକ ସୁରକ୍ଷା ବୀମା ପାଇଁ ବିଭିନ୍ନ ଅଞ୍ଚଳରେ କ୍ୟାମ୍ପ କରି ଲୋକମାନଙ୍କୁ ଅନ୍ତର୍ଭୁକ୍ତ କରାଯାଉଛି। ଏପରିସ୍ଥଳେ ସରକାର ସିଏସପି ପ୍ଲସ ଯୋଜନା ଖୋଲିବାକୁ ଲକ୍ଷ୍ୟ ରଖିଛନ୍ତି। ଏହାଦ୍ୱାରା ଗ୍ରାହକ ସେବା କେନ୍ଦ୍ରଗୁଡ଼ିକ ଅନେକ କ୍ଷତି ସହିବାକୁ ପଡ଼ିବ ବୋଲି ସଂଘ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଗ୍ରାହକ ସେବା କେନ୍ଦ୍ରର ସ୍ୱତ୍ୱାଧିକାରୀ ପ୍ରମୋଦ କୁମାର ସ୍ୱାଇଁ, ଶିବ ପ୍ରସାଦ ବାରିକ,ଦୀପାଞ୍ଜଳି ନାୟକ, ହେମଲତା ପୃଷ୍ଟି, ଅକ୍ଷୟ କୁମାର ସାହୁ, ଭବାନୀ ସିଂ, ଗୋପାଳ ଚରଣ ଚାନ୍ଦ, ସ୍ମୃତିରଞ୍ଜନ ଖୁଣ୍ଟିଆ ଓ ସୁକାନ୍ତ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଡକାୟତି ଯୋଜନା:୫ ଗିରଫ

ସାଲେପୁର,୨୪।୮(ଅରବିନ୍ଦ ଭୂୟାଁ)

ସାଲେପୁର ପୋଲିସ ବୁଧବାର ରାତିରେ ଡକାୟତି ପୂର୍ବରୁ ଯୋଜନା ପଣ୍ଡ କରି ଦେଇଛି। ଏହି ଅଭିଯୋଗରେ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଞ୍ଚଳର ସେକ୍ ଆବ୍ରାର ହୁସେନ୍, ସେକ୍ ସକିଲ୍, ମିର ସରଫରାଜ, ମିର ରିଜୁଆନ୍, ମିର ସାହାବାଜ। ଏନେଇ ଥାନାରେ ମାମଲା (ନଂ.୨୭୫/୨୩) ରୁଜୁ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଅଭିଯୁକ୍ତମାନେ ଏହି ଥାନା ଅନ୍ତର୍ଗତ କୁଳିଆ ବଜାର ନିକଟରେ ଥିବା ଏକ ପରିତ୍ୟକ୍ତ ଘରେ ବସି ଡକାୟତି ଯୋଜନା କରୁଥିଲେ। କୌଣସି ସୂତ୍ରରୁ ପୋଲିସ ଏ ସମ୍ପର୍କରେ ଖବରପାଇ ସେଠାରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ କାବୁ କରିଛି। ସାଲେପୁର ଆଇଆଇସି ମନୋଜ କୁମାର ସ୍ୱାଇଁ ଏହାର ନେତୃତ୍ୱ ନେଇଥିଲେ।

# ଅଙ୍ଗନୱାଡ଼ି କର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଧାରଣା

ସାଲେପୁର,୨୪।୮(ଅରବିନ୍ଦ ଭୂୟାଁ)

ସାଲେପୁରର ୬ ନଂ.କେନାଲରୁ ବୁଧବାର ଜଣେ ୪ ବର୍ଷ ଶିଶୁପୁତ୍ରଙ୍କ ମୃତଦେହ ମିଳିଥିଲା। ସେ ହେଲେ ଏହି ଥାନା ଅନ୍ତର୍ଗତ ପିକୋଳ ପଞ୍ଚାୟତର ଚମାରିଗୋଳ ଗ୍ରାମର କ୍ଷୀତିଶ ରଞ୍ଜନ ଓଝାଙ୍କ ପୁଅ ତାପସ। ସେ ସ୍ଥାନୀୟ ଅଞ୍ଚଳର ଅଙ୍ଗନୱାଡ଼ି କେନ୍ଦ୍ରକୁ ପାଠ ପଢ଼ିବାକୁ ଯାଇ ଆଉ ଫେରି ନ ଥିଲେ। ଏନେଇ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଗୁରୁବାର ମୃତକଙ୍କ ସମ୍ପର୍କୀୟଙ୍କ ପକ୍ଷରୁ ଦାବି କରାଯାଇଛି। ସେମାନେ ପ୍ରତିବାଦରେ ଅଙ୍ଗନୱାଡ଼ି କେନ୍ଦ୍ରଗୃହରେ ତାଲା ପକାଇ ସେଠାରେ ଧାରଣା ଦେଇଥିଲେ। ଖବରପାଇ ସାଲେପୁର ବିଡିଓ ସୂର୍ଯ୍ୟକାନ୍ତ ରାଉତ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ପରିବାର ଲୋକଙ୍କୁ ବୁଝାଶୁଝା କଲାପରେ ଅଙ୍ଗନୱାଡ଼ି କେନ୍ଦ୍ରରେ ବସିଥିବା ଧାରଣାକାରୀମାନେ ଧାରଣାରୁ ଉଠିଥିଲେ। ସୂଚନାଯୋଗ୍ୟ, ପୁଅ ମୃତ୍ୟୁରେ ମର୍ମାହତ ହୋଇ ମା' କିରଣ ଓଝା ଅସୁସ୍ଥ ହୋଇପଡ଼ିଛନ୍ତି। ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଙ୍କ ଚିକିତ୍ସା କରାଯାଉଛି। ଅପରପକ୍ଷେ ଖବରପାଇ ଲୋକସେବା ଫାଉଣ୍ଡେଶନର ଅଧ୍ୟକ୍ଷ ହିମାଂଶୁ ମହାନ୍ତି ମୃତ ତାପସଙ୍କ ଘରେ ପହଞ୍ଚି ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

## ଶିଶୁପୁତ୍ର ମୃତ୍ୟୁ ଘଟଣା

# ଭୟରେ ନଦୀକୁ ଡେଇଁ ଯୁବକ ନିଖୋଜ

## ପିଲାର ଚିତ୍କାର ଶୁଣି ଲୋକେ ପିଛା କରିଥିଲେ

ସାଲେପୁର,୨୪।୮(ଅରବିନ୍ଦ ଭୂୟାଁ)

ଚିତ୍ରୋତ୍ପଳା ନଦୀର ସାଲେପୁର ପୋଲରୁ ଗୁରୁବାର ସନ୍ଧ୍ୟାରେ ଜଣେ ଯୁବକ ଡେଇଁ ନିଖୋଜ ହୋଇଯାଇଛନ୍ତି। ତାଙ୍କ ପରିଚୟ ମିଳିପାରିନାହିଁ। ସେ ଜଣେ ପିଲାକୁ ଉଠାଇନେଇ ପଳାଉଥିବା ଅଭିଯୋଗ ହୋଇଛି। ପିଲାଟିର ଚିତ୍କାର ଶୁଣି ସ୍ଥାନୀୟ ଲୋକେ ତାଙ୍କ ପିଛା କରିଥିଲେ। ଭୟଭୀତ ହୋଇ ଯୁବକ ଜଣକ ପିଲାଟିକୁ ଛାଡ଼ି ନଦୀକୁ ଡେଇଁ ପଡ଼ିଥିଲେ। ଖବରପାଇ ଦମକଳ କର୍ମଚାରୀ ଘଟଣାସ୍ଥଳରେ ଖୋଜାଖୋଜି କରିଛି। ମାତ୍ର ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ସମ୍ପୃକ୍ତ ଯୁବକଙ୍କ ପତ୍ତା ମିଳି ନ ଥିଲା।

# ବିଲୁଆ କାମୁଡ଼ାରେ ବୃଦ୍ଧ ଗୁରୁତର

ସାଲେପୁର,୨୪।୮(ଅରବିନ୍ଦ ଭୂୟାଁ)

ସାଲେପୁର ବ୍ଲକ ଅନ୍ତର୍ଗତ ମହଣ ପଞ୍ଚାୟତର ବଳଭଦ୍ରପୁର ଗ୍ରାମରେ ବିଲୁଆ କାମୁଡ଼ାରେ ଗୁରୁବାର ଜଣେ ବୃଦ୍ଧ ଗୁରୁତର ହୋଇଥିବାବେଳେ ୨ ଛେଳି ଆହତ ହୋଇଛନ୍ତି। ଗୁରୁତର ଜଣକ ହେଲେ ବଳଭଦ୍ରପୁର ଗ୍ରାମର ରଥ ବେହେରା (୭୦)। ତାଙ୍କୁ ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଏହି ବଳଭଦ୍ରପୁର ଗ୍ରାମର ନିତ୍ୟାନନ୍ଦ ବେହେରାଙ୍କ ଘର ବାଡ଼ିପଟରେ ଛେଳି ବନ୍ଧା ହୋଇଥିଲା। ଏକ ବିଲୁଆ ଆସି ୨ଟି ଛେଳିଙ୍କୁ କାମୁଡ଼ି ଦେଇଥିଲା। ଛେଳିର ପାଟି ଶୁଣି ଘର ଲୋକେ ଦଉଡ଼ିଯିବା ସମୟରେ ସେଠାରେ ଠିଆ ହୋଇଥିବା ରଥଙ୍କୁ ବିଲୁଆ ଆକ୍ରମଣ କରିଥିଲା। ଗ୍ରାମରେ ବିଲୁଆ ଆତଙ୍କ ନେଇ ଲୋକେ ତହସିଲଦାରଙ୍କୁ ଅବଗତ କରାଇବାପରେ ସେ ବନ ବିଭାଗକୁ ଜଣାଇବେ ବୋଲି କହିଛନ୍ତି।

# ପୂର୍ବତନ ମନ୍ତ୍ରୀ ଯୋଗେଶ ସମବାୟବିତ୍ ଭାବେ ସୁପରିଚିତ

ବାଙ୍କୀ,୨୪।୮(ଜ୍ଞାନେନ୍ଦ୍ର ମୋହନ ମିଶ୍ର)




ଯୋଗେଶ ଚନ୍ଦ୍ର ରାଉତଙ୍କ ଜୟନ୍ତୀରେ ଯୋଗଦେଇଥିବା ଅତିଥିମାନେ।

ବାଙ୍କୀର ବରପୁତ୍ର ତଥା ପୂର୍ବତନ କୃଷି ଓ ସମବାୟ ମନ୍ତ୍ରୀ ଡାକ୍ତର ଯୋଗେଶ ଚନ୍ଦ୍ର ରାଉତଙ୍କ ୯୯ତମ ଜୟନ୍ତୀ ବାଙ୍କୀ ପ୍ରେସକ୍ଲବ ବିଦ୍ୟାରତ୍ନ ଭବନରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ଯୋଗେଶ ଚନ୍ଦ୍ର ରାଉତଙ୍କ ଜୟନ୍ତୀ କମିଟି ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଜୟନ୍ତୀ କମିଟି ସଭାପତି ଗୋପବନ୍ଧୁ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବାଙ୍କୀ ଓକିଲ ସଂଘ ସଭାପତି ଆଇନଜୀବୀ ଶ୍ରୀନିବାସ ମହାପାତ୍ର ଯୋଗଦେଇ ସ୍ୱର୍ଗତ ରାଉତ ସମବାୟବିତ୍ ଭାବେ ସାରା ଭାରତରେ ସୁପରିଚିତ। ତାଙ୍କ ଉଦ୍ୟମରେ ବାଙ୍କୀ କଲେଜ, ସରଣ୍ଡା, ଡମପଡ଼ା, ବୈଦ୍ୟେଶ୍ୱର ଓ ରାଣୀ ଶୁକଦେଇ ମହିଳା କଲେଜ ପ୍ରତିଷ୍ଠା ହୋଇଛି ବୋଲି ମହାପାତ୍ର କହିଥିଲେ। ସମ୍ମାନିତ ଅତିଥିଭାବେ କଲେଜ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, ବାଙ୍କୀ କ୍ରେଡିଟ୍ କୋଅପରେଟିଭ୍ ବ୍ୟାଙ୍କର ସଭାପତି ସମରେନ୍ଦ୍ର ମହାପାତ୍ର, ବାଙ୍କୀ ଉପନଗରପାଳ ସନ୍ତୋଷ କୁମାର ରଣା, ନଗରପାଳଙ୍କ ପ୍ରତିନିଧି କାଉନସିଲର ସନାତନ ବେହେରା, ବାଙ୍କୀ ପ୍ରେସକ୍ଲବ ସଭାପତି ବଳଭଦ୍ର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ। କାର୍ଯ୍ୟକ୍ରମରେ ଇଂ.ସତ୍ୟବ୍ରତ ରଥ, କବି ସୁରେଶ ଚନ୍ଦ୍ର ସାହୁ, କେଶବ ଚନ୍ଦ୍ର ବେହେରା, ଖବରଦାତା ବିଭୁପ୍ରସାଦ ସାମଲ ଓ ଗୌରାଙ୍ଗଚରଣବେହେରାପ୍ରମୁଖଉପସ୍ଥିତଥିଲେ।

# ମାଣିଆବନ୍ଧର ୨ ମହାବିଦ୍ୟାଳୟକୁ ୫୦ ଲକ୍ଷ ମଞ୍ଜୁର

ମାଣିଆବନ୍ଧ, ୨୪।୮ (ଅଖିଳ କୁମାର ସାହୁ)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମାଣିଆବନ୍ଧ ସ୍ନାତକ କଲେଜ ଓ କନିଷ୍ଠ ମହାବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଯୋଜନାରେ ୫୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଏହା ଜଣାପଡ଼ିବା ପରେ ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଏହି ଅର୍ଥରେ ମହାବିଦ୍ୟାଳୟର ଭିତିଭୂମି ବିକାଶ ସ୍ମାର୍ଟ କ୍ଲାସରୁମ, ଅତିରିକ୍ତ ଶ୍ରେଣୀଗୃହ, ଇ-ପାଠାଗାର, ବିଜ୍ଞାନ ପରୀକ୍ଷାଗାର, ଶୌଚାଳୟ, ପାନୀୟଜଳ ବ୍ୟବସ୍ଥା ଏବଂ ଖେଳପଡ଼ିଆ ଆଦି ଉନ୍ନତୀକରଣ କରାଯିବ। ଏଥିପାଇଁ ୨ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଜୟ କୁମାର ଶତପଥୀ ଓ ବିଜୟ କୁମାର ପରିଡ଼ା ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ଉଚ୍ଚଶିକ୍ଷା ମନ୍ତ୍ରୀ ଓ ସ୍ଥାନୀୟ ବିଧାୟକ ଦେବୀ ପ୍ରସାଦ ମିଶ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି।


**ODISHA HYDRO POWER CORPORATION LTD.**
(A Government of Odisha Undertaking)
Regd. Office: ODISHA STATE POLICE HOUSING & WELFARE CORPORATION BUILDING
VANIVIHAR CHOUK, JANPATH, BHOINAGAR, BHUBANESWAR-751022
Tel:91-0674-2542983, 2542802, 2545526, Fax:2542102, e-mail:ohpc.co@gmail.com
CIN: U40101OR1995SGC003963
No.OHPC:TECH:C&P:12/2023-24/ 8154 Dated 21.08.2023

**NOTICE INVITING TENDER No.12/2023-24**

No.CAD-1833:Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Registered Manpower Supply Agencies/ Service Provider having valid Licenses. PAN and GST Registration Certificate & fulfilling the eligibility criteria as per the tender specification for the work as mentioned below.

| Description of Work | Cost of Tender Papers (Non-refundable) in Rs. | EMD in Rs. |
|---|---|---|
| Providing Services of 06(Six) nos. of Computer Personnel, 05(five) nos of Jr Accountant (Semi qualified) , 06(six) nos of Qualified CA/ICWA account personnel and 02(Two) nos. of Young Professionals for OHPC Corporate Office, Bhubaneswar for a period of one year. | 11,800/- (10000+ 18% GST ) | 76,000.00 |

**For details of the tender documents, terms and conditions please visit our website www.ohpcltd.com from dated 29.08.2023**
OIPR-04012/11/0014/2324 **C & P Head**

No. B-755
**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
E-mail ID: cebuildings_orissa@yahoo.co.in; cebuildings@rediffmail.com, Tel. -(0674)- 2391523

**INVITATIONS FOR BIDS (IFB)**

File No-B-I-Tourism-26/2023 35120/ Bhubaneswar, the 23rd Aug., 2023

**Invitation for Bids**
**2nd Corrigendum**

**Tender Reference No.C.E. (B) - 22 / 2023-24**
**Name of the Work - Renovation, Restoration & Beautification of Panchalingeshwar Temple, Oupada in Balasore District.**
The following changes have been made in Bid Identification No. **C.E.(B)-22/2023-24**
1. Bid documents such as DTCN / BOQ etc. can be seen / downloaded from the Govt. Website i.e. www.tendersorissa.gov.in, during the period from **dt.31.08.2023 to 17.00 hours of dt.14.09.2023** instead of **dt.23.08.2023 to dt.07.09.2023** for ONLINE BIDDING respectively.
2. Online bids shall be received till **17.00 Hours of dt.14.09.2023** instead of **dt.07.09.2023**.
3. The technical bids will be opened at **11.30 A.M. of dt.15.09.2023** instead of **dt.08.09.2023**.

All other terms and conditions remain unchanged.
**Sd./- Chief Engineer, Buildings Odisha, Bhubaneswar**
OIPR-34117/11/0052/2324

**ODISHA PUBLIC SERVICE COMMISSION, CUTTACK**
**NOTICE**
**No. 6660/PSC Dt.24.08.2023**
**PF-05-1E-01-2023/24 (DR-III)**

No. D-116: It is for information of all concerned that the written examination held on 03.07.2022 for recruitment to the Post of **Post Graduate Teachers in English,** pursuant to Advt. No. 12 of 2020-21, **73 (Seventy Three)** candidates bearing following Roll Nos. have been qualified for admission to Document Verification & Viva Voce Test. The physical verification of original certificates/documents etc. and Viva Voce Test in respect of above qualified candidates, will be conducted simultaneously in the Office of the Commission at 19, Dr. P.K. Parija Road, Cuttack - 753001 from **11.09.2023 to 14.09.2023** as per the programme detailed below.

The candidates are required to come with hard-copies of online application forms (indicating their Roll Nos. at the top right corner and **instructed to mask the Mobile No./alternative Mobile No. and Email ID through blackening)**, three passport size photographs, self-attested copies of all relevant certificates, documents, Aadhaar Card etc. **with original of the same** as per **Para - 10** of the aforesaid Advertisement and duly filled in **"Attestation Form" & "Bio-Data Form"** (to be downloaded from the website of the Commission) and submit the same **in person** on the day of verification.

It is also made clear that the candidature of these candidates for the recruitment is **purely provisional**. The candidature is liable to rejection in the event of inadequacy/deficiency found at any stage before or after the verification of original certificate/documents and is subject to fulfillment of terms and conditions laid down in the advertisement.

**Mere participation in the document verification does not reserve any right to appear the Viva Voce Test**. The candidates shall be allowed to the Viva Voce Test on scheduled date and time mentioned below subject to fulfillment of their eligibility in all respect as per verification of original certificate/documents. The decision of the Commission thereon shall be final.

**PROGRAMME OF DOCUMENT VERIFICATION & INTERVIEW**

| Sl. No. | Date | Time of Verification | Time of Interview | Roll No. of Candidates |
|---|---|---|---|---|
| 1 | 11.09.2023 | 8.30 A.M. | 10.30 A.M. | 300004, 300005, 300012, 300025, 300026, 300044, 300045, 300053, 300054 & 300073 **= 10 Candidates** |
| | | 12.30 P.M. | 2.30 P.M. | 300074, 300076, 300082, 300085, 300088, 300091, 300097 & 300100 **= 08 Candidates** |
| 2 | 12.09.2023 | 8.30 A.M. | 10.30 A.M. | 300116, 300136, 300137, 300163, 300201, 300202, 300204, 300206, 300207 & 300224 **= 10 Candidates** |
| | | 12.30 P.M. | 2.30 P.M. | 300225, 300233, 300245, 300249, 300251, 300270, 300278 & 300296 **= 08 Candidates** |
| 3 | 13.09.2023 | 8.30 A.M. | 10.30 A.M. | 300298, 300305, 300316, 300324, 300326, 300328, 300336, 300342, 300346 & 300348 **= 10 Candidates** |
| | | 12.30 P.M. | 2.30 P.M. | 300352, 300375, 300378, 300382, 300384, 300386, 300388 & 300392 **= 08 Candidates** |
| 4 | 14.09.2023 | 8.30 A.M. | 10.30 A.M. | 300395, 300398, 300405, 300410, 300411, 300432, 300448, 300454, 300456 & 300463 **= 10 Candidates** |
| | | 12.30 P.M. | 2.30 P.M. | 300467, 300471, 300493, 300509, 300523, 300530, 300535, 300549 & 300550 **= 09 Candidates** |

**N.B.:** The candidates are advised to report at the Office of the Commission **half an hour before the commencement of verification** on their scheduled dates & time as mentioned against each.
**Note:** The candidates are informed that the pedagogy skill is part of the interview. They are to come prepared to present a topic of their choice within 8 to 10 minutes before the Interview Board. White board shall be provided by the Commission for the purpose.
OIPR-12002/11/0085/2324 **Sd./- Secretary**

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, SUNABEDA**
email- serwsbd2003@yahoo.com
**e- Procurement Notice for Road & Bridge Works**

**No.O-741:**1.Name of the work : Construction of Road & Bridge Works - (14 Nos.). 2. Class of contractor : "B", "A" & Special Class of (Odisha PWD) or relevant class of other licensing authority. 3. Estimated Cost : Various from Rs.126.05 Lakhs to Rs.825.66 Lakhs (Approximately). 4.Details projects as per Annexure attached:

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD-Online-20/2023-24 | 04.09.2023 at 11.00 A.M. | 21.09.2023 upto 5.00 P.M. | 18.09.2023 upto 2.00 P.M. | 22.09.2023 at 11.00 A.M. | To be intimated separately |

5. The details of works can be seen from the web site https://www.tendersodisha.gov.in
6. Any Corrigendum/Addendum will be displayed in the above e-tender website.
**Sd./- Chief Construction Engineer Rural Works Circle, Sunabeda**
OIPR-25182/11/0023/2324

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION, CUTTACK**
E Mail ID: rw_cuttack@yahoo.co.in, Ph.No.0671-2440662/Fax No.0671-2440653
No.Tender-Online-RWDCtc-09/2023-24 Date:22.08.2023
**e-Procurement Notice**

**No.O-752:**1. Name of the Work :- Repair/Maintenance of road work. 2. Total No. of Road :- 01 No. 3. Class of Contractor :- a) Above Rs.20 lakh and upto 3 crore: 'B' Class(of Odisha PWD) or equivalent class of other licensing authorities. b) Upto Rs.40.00 lakh: 'C' Class (of Odisha PWD) or equivalent class of other licensing authorities. c) Upto Rs.20.00 lakh: 'D' Class (of Odisha PWD) or equivalent class of other licensing authorities.4. Estimate cost of individual project: Rs.50.72 Lakhs. 5. Time for Completion: 3 (Three) Calendar Months. 6. Other details:

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division, Cuttack | Tender Online-RWD CTC 09/2023-24 | 28.08.2023 at 11.00 Hours | 05.09.2023 upto 17.00 Hours | 04.09.2023 upto 17.00 Hours | 07.09.2023 at 11.00 A.M. | Will be Intimated Later on |

Further details can be seen from the website **www.tendersodisha.gov.in.**
OIPR-25053/11/0018/2324 **Sd./- Superintending Engineer, Rural Works Division, Cuttack**

**GOVERNMENT OF ODISHA** No.O-749:
**OFFICE OF THE SUPERINTENDING ENGINEER, RURAL WORKS DIVISION, BHUBANESWAR**
Ph.No.0674-2301787,Fax No.-0674-2300965, Email Id:eerw_bbsr@yahoo.co.in
No:-Tender-Online-BBSR Divn.-14 Date:- 21.08.2023
**e-Procurement NOTICE**

1. Name of the work : Repair / Maintenance of road work. 2. Total No. of Road : 03 Nos. of Roads
3. **Class of contractor**
a) Above Rs. 20 lakh and upto 3 crore : 'B' Class (of Odisha PWD) or equivalent class of other licensing authorities.
b) Upto Rs. 40.00 lakh : 'C' Class (of Odisha PWD) or equivalent class of other licensing authorities.
c) Upto Rs. 20.00 lakh : 'D' Class (of Odisha PWD) or equivalent class of other licensing authorities.
4. Estimate cost of Individual project : Rs. 5.00 lakh to Rs. 50.00 lakh
5. Time for completion : 2 (Two) calendar months
6. Other details

| Procurement Officer | Bid Identification No. | Availability of Tender Online for bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Bhubaneswar | Tender Online-BBSR Divn.-14 | 31.08.2023 at 11.00 A.M. | 11.09.2023 upto 5.00 P.M. | 12.09.2023 at 11.00 A.M. |

Further details can be seen from the website www.tendersorissa.gov.in.
OIPR-25066/11/0018/2324 **Sd./- Superintending Engineer, Rural Works Divn., BBSR**

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BALASORE**
E Mail ID: serw_balasore@yahoo.in, Ph.No.-06782-260318, Balia, Balasore
**"e" Procurement Notice for Bridge Work**
**Identification No.Online Tender Bridge N.C.B. No. 25 of 2023-24**
**Letter No. 3589/WE, Date: 19.08.2023**

**No.O-744:**1. Name of the Work :- Bridge work. 2. Total No. of Work :- 01 No. (One). 3. Estimated Cost :- Rs.516.70 lakh (Approximately). 4. Eligible Class of Contractor :- "A" Class (of Odisha P.W.D.) or relevant Class of other licensing authorities (as per annexure). 5. Period of Completion :- 18 (Eighteen) Calendar Months (As per annexure). 6. Other details :

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & Time of Opening of Tender in O/o C.C.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No.25 of 2023-24 | 28.08.2023 at 11.00 AM | 12.09.2023 upto 5.00 PM | 11.09.2023 upto 5.00 PM | 13.09.2023 at 11.00 AM | Will be Intimated Later |

● Further details can be seen from the website **www.tendersodisha.gov.in.**
**Sd./- Er. S.K. Rout**
**Chief Construction Engineer, R.W.Circle, Balasore**
OIPR-25105/11/0027/2324

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org
ପତ୍ର ସଂଖ୍ୟା: ୨୧୭ ତା:୧୧।୦୮।୨୦୨୩

**ବିଜ୍ଞାପନ**

No. CAD-1826: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ପ୍ରଥମ ପର୍ଯ୍ୟାୟ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଫ୍ଲାଟ ଗୃହ ନଂ. ଇ.ଡବ୍ଲ୍ୟୁ.ଏସ୍.- ୨୦/୪ (EWS-20/4)ଟିକୁ ଶ୍ରୀମତୀ ସାରିଆ ସାମଲ, ସ୍ୱାମୀ: ପ୍ରହଲ୍ଲାଦ ସାମଲ, ସା/ପୋ.: ପୁରୁଷୋତ୍ତମ ପ୍ରସାଦ, ଥା: ଖଣ୍ଡପଡ଼ା, ଜିଲ୍ଲା: ନୟାଗଡ଼ଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ସାରିଆ ସାମଲ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ମନୋରମା ରଥ, ସ୍ୱାମୀ: ଶ୍ରୀ ପ୍ରମୋଦ କୁମାର ରଥ, ସା: ବୃନ୍ଦାବନପୁର, ପୋ.: ରାହାସୋଇ, ଥା/ଜିଲ୍ଲା: ଯାଜପୁରଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଫ୍ଲାଟ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।
ସ୍ୱା./– ପ୍ରଶାସନିକ ଅଧିକାରୀ
OIPR-13030/11/0305/2324 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

**GOVERNMENT OF ODISHA, "e" PROCUREMENT NOTICE**
**OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA**
**WORKS DEPARTMENT**
**TENDER CALL NOTICE**
E-mail: rbcirclekhurda@gmail.com
**Bid Identification No. CCE-Khordha (R&B) Circle - 14/2023-24**
**Memo No. 1690** Dt.18.08.2023

No. B-750: The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Building works as detailed in the table below:
1. Nature of work : District Court Buildings Work
2. No. of work : 1 No.
3. Tender Cost : Rs.10,000.00 (Online)
4. Class of Contractor : B & A Class
5. Available of Bid document in the website : From 10.00 A.M. of Dt.25.08.2023 upto 05.00 P.M. of Dt.04.09.2023 upto 5.00 P.M.
6. Date of opening of Bid : Dt.05.09.2023 at 11.30 A.M.
7. The bidders have to participate in ONLINE bidding only. Further details can be seen from the website **https://tenderodisha.gov.in**. Any Addendum/Corrigendum/Cancellation of tender can also be seen in the said website.

**Sd./- Chief Construction Engineer Khordha (R&B) Circle, Khordha**
OIPR-34127/11/0021/2324

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, SAMBALPUR (R&B) DIVISION No.-II, SAMBALPUR**
E-mail:eesbprnbdivision2@gmail.com, Phone-0663-2410104
BID IDENTIFICATION No.SE/R and B/SBP II/08 (online)/2023-24
**E-Procurement Notice**
No.3136 Dated:16.08.2023

**No.B-752:**The **Superintending Engineer, Sambalpur (R&B) Division No-II, Sambalpur** on behalf of Governor of Odisha, invites **Percentage Rate** bids in **Single Cover System** in **ONLINE MODE**.
1. No. of work : **01 (One) no. (Road Work)**
2. Tender Cost : Rs.6,000/-
3. Class of Contractor : "B" Class Contractor
4. Availability of bid document in the website : **18.00 Hours of 25.08.2023 to 17.00 Hours of 04.09.2023**
5. Date of Opening of Tenders : **11.30 Hours on dt.05.09.2023**
6. The Bidders have to participate in ONLINE bidding only.Further details can be seen from the website.**www.tendersodisha.gov.in only. Any Corrigendum/Addendum/Cancellation of tender will be displayed in the website said only.**

**Sd./- Superintending Engineer Sambalpur (R&B) Division No.II**
OIPR-34136/11/0012/2324

## ପୁଅ ହାତୁଡ଼ି ପାହାରରେ ବାପାଙ୍କ ମୃତ୍ୟୁ

କଳିଙ୍ଗନଗର,୨୪।୮(ଶୁଭାଶିଷ ରାଉତ): ଯାଜପୁର ଜିଲା କଳିଙ୍ଗନଗର ଥାନା ଅନ୍ତର୍ଗତ ଶାଳିଜଙ୍ଗା ପଞ୍ଚାୟତ ବଜ୍ରପଲ୍ଲୀ ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ଏକ ହତ୍ୟାକାଣ୍ଡ ଘଟିଛି। ପୁଅର ହାତୁଡ଼ି ପାହାରରେ ବାପାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ଭରତ ପରିଡ଼ା। ଭରତ ଓ ତାଙ୍କ ପୁଅ ଅର୍ଜୁନଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା। ଏହାପରେ ଝଗଡ଼ା ଉଗ୍ରରୂପ ନେଇଥିଲା। ଏହି ସମୟରେ ଅର୍ଜୁନ ଏକ ହାତୁଡ଼ିରେ ଭରତଙ୍କ ମୁଣ୍ଡରେ ପାହାର କରିଥିଲେ। ଫଳରେ ସେଠାରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ଏହାପରେ ଅର୍ଜୁନ ଫେରାର ହୋଇ ଯାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।



# ସ୍ଥଗିତ ପ୍ରକଳ୍ପର ଡିପିଆର୍ ୭ ଦିନରେ ଦିଅ

## ବିଭାଗୀୟ ଅଧିକାରୀଙ୍କୁ ଗ୍ରାମ୍ୟ ଉନ୍ନୟନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୨୪।୮ (ସୁନିତ୍ ମିଶ୍ର)

ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ସମସ୍ତ ଯୋଜନା ଓ ପ୍ରକଳ୍ପ ଧାର୍ଯ୍ୟ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ପୂର୍ବାହ୍ନରେ ଲୋକସେବା ଭବନସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗ ଓ୍ୱାନ ହଲ୍‌ରେ ବିଭାଗର ମାସିକ ସମୀକ୍ଷା ବୈଠକରେ ପ୍ରମୁଖ ଶାସନ ସଚିବ ଅଧ୍ୟକ୍ଷତା କରି କହିଛନ୍ତି, ରାସ୍ତା, ସେତୁ ଓ କୋଠାବାଡ଼ି ନିର୍ମାଣ କାମ ତ୍ୱରାନ୍ୱିତ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ହେବା ବିଭାଗର ଗୁରୁଦାୟିତ୍ୱ। ପ୍ରକଳ୍ପ ସମ୍ପୂର୍ଣ୍ଣ ପାଇଁ ଡିଭିଜନଗୁଡ଼ିକ ବିଭାଗକୁ ପଠାଇବା ସମୟସୀମା ଉପରେ ଧ୍ୟାନ ଦିଆଯିବା ଜରୁରୀ। ସେହିପରି ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠରୁ ଆସୁଥିବା ବିଭାଗ ସମ୍ବନ୍ଧୀୟ ସମସ୍ତ ଅଭିଯୋଗର ତ୍ୱରିତ ସମାଧାନ ପୂର୍ବକ ଏହାର ରିପୋର୍ଟ ବିଭାଗରେ ପହଞ୍ଚିବା ଆବଶ୍ୟକ। ଏଣିକି ଏ ଦିଗରେ ବିଭାଗୀୟ ଯନ୍ତ୍ରୀମାନେ ସମସ୍ତ ଡିଭିଜନ ମୁଖ୍ୟଙ୍କୁ ଫୋନ କରି ସମାଧାନ ଦିଗରେ ଯତ୍ନବାନ ହେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ରାସ୍ତା ଓ ସେତୁ ଯୋଜନା ଅଧୀନରେ ସ୍ଥଗିତ ପ୍ରକଳ୍ପଗୁଡ଼ିକର ଡିଟେଲ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର୍) ୭ ଦିନ ଭିତରେ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଅନୁମୋଦିତ ହୋଇଥିବା ପ୍ରକଳ୍ପର ଜିଲାୱାରି ତାଲିକା ପ୍ରସ୍ତୁତ କରି ଆସନ୍ତା ୩ ଦିନ ମଧ୍ୟରେ ବିଭାଗକୁ ପଠାଇବାକୁ ମୁଖ୍ୟଯନ୍ତ୍ରୀମାନଙ୍କୁ କୁହାଯାଇଛି। ବର୍ତ୍ତମାନ ସୁଦ୍ଧା ବିଭାଗର ପ୍ରକଳ୍ପଜନିତ ବ୍ୟୟ ୪୩%ରୁ ଉର୍ଦ୍ଧ୍ୱ, ଯାହା ସନ୍ତୋଷଜନକ। ଆସନ୍ତା ସେପ୍ଟେମ୍ବର ଶେଷ ସୁଦ୍ଧା ସମସ୍ତ ଡିଭିଜନ ଅନ୍ୟୂନ ୪୫ ପ୍ରତିଶତ ଅନୁଦାନ ଖର୍ଚ୍ଚ କରିବା ସହ ସମସ୍ତ ଡିଭଜନ ସର୍ବନିମ୍ନ ୧୦ କୋଟି ଟଙ୍କା ଖର୍ଚ୍ଚ କରି ରିପୋର୍ଟ ଦେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ବିଜୁ ସେତୁ ଯୋଜନା ଅଧୀନରେ ଥିବା ଅସମ୍ପୂର୍ଣ୍ଣ କାମଗୁଡ଼ିକ ଆସନ୍ତା ସେପ୍ଟେମ୍ବର ଶେଷ ସୁଦ୍ଧା ସାରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଛି।

# ମରୁଡ଼ି ପରିବେଶକୁ ସହ୍ୟ କରିପାରିବ କୋରାପୁଟର ଦେଶୀ ମାଣ୍ଡିଆ

କୋରାପୁଟ,୨୪।୮ (ଅମିତାଭ ବେହେରା)

କୋରାପୁଟ ଅଞ୍ଚଳର ଆଦିବାସୀମାନେ ପାରମ୍ପରିକ ଭାବେ ଚାଷ କରୁଥିବା ମାଣ୍ଡିଆ ମରୁଡ଼ି ପରିବେଶକୁ ସହ୍ୟ କରିବାର କ୍ଷମତା ରଖିଛି ବୋଲି ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସହାୟକ ପ୍ରଫେସର ଡ ଦେବବ୍ରତ ପଣ୍ଡା କହିଛନ୍ତି। ଦୀର୍ଘ ୧୦ ବର୍ଷ ହେଲା କୋରାପୁଟରେ ବିଭିନ୍ନ ଦେଶୀ ମାଣ୍ଡିଆର ଜଳବାୟୁ ବିପର୍ଯ୍ୟୟ ସହନଶୀଳତା ଉପରେ ସେ ଗବେଷଣା କରି ଏହି ତଥ୍ୟ ଦର୍ଶାଇଛନ୍ତି । ଉକ୍ତ ଗବେଷଣାରୁ ଜଣାପଡ଼ିଛି ଯେ ୬ ପ୍ରକାରର ମାଣ୍ଡିଆ ଯଥା ଲଡ୍ଡୁ, ଲାଲା,ବାଟି, ବିରି, ଗୁମୁକା ଓ ଭାଲୁ ମାଣ୍ଡିଆର ମରୁଡ଼ି ପରିବେଶକୁ ସହ୍ୟ କରିବାର କ୍ଷମତା ରହିଛି। ଏହି ମାଣ୍ଡିଆ ଚାଷ କମ ପାଣିରେ ମଧ୍ୟ କରାଯାଇପାରିବ ।

### କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଗବେଷଣା

ଏହି ମାଣ୍ଡିଆର ଗୁଣସୂତ୍ରରେ ବିଭିନ୍ନ ପ୍ରକାର ସହନଶୀଳତା ଜିନ୍ ରହିଥିବା ପରୀକ୍ଷାରୁ ଜଣାପଡ଼ିଛି। ସଂପ୍ରତି ଯେପରି ଭାବେ ଜଳବାୟୁ ପରିବର୍ତ୍ତନ ଘଟୁଛି, ଏହି ପରିପ୍ରେକ୍ଷୀରେ ସହନଶୀଳ ମାଣ୍ଡିଆ ମରୁଡ଼ି ପ୍ରତିକୂଳ ପରିବେଶରେ ଚାଷ ହୋଇପାରିବ। ଏହା ଆଦିବାସୀଙ୍କୁ ଖାଦ୍ୟ ସୁରକ୍ଷା ଯୋଗାଇଦେବ ବୋଲି ଡ ପଣ୍ଡା ମତ ରଖିଛନ୍ତି। ଏହି ୬ ପ୍ରକାରର ମାଣ୍ଡିଆକୁ ସରକାରଙ୍କର ମିଲେଟ ମିଶନ ମାଧ୍ୟମରେ ପ୍ରଚାର, ପ୍ରସାର ଓ ସଂରକ୍ଷଣ କରାଗଲେ ଏହା ଖାଦ୍ୟ ଓ ପୁଷ୍ଟିକର ସୁରକ୍ଷା ଦେଇ ଆଦିବାସୀମାନଙ୍କ ଆର୍ଥିକ ଉନ୍ନତି ଘଟାଇପାରିବ ବୋଲି ସେ କହିଛନ୍ତି ।

# ଭାଜପା ନଗର ସଭାପତି, ସହଯୋଗୀ ଗିରଫ

ରେଢ଼ାଖୋଲ,୨୪।୮ (ଅଚ୍ୟୁତାନନ୍ଦ ପୁରୋହିତ)

ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ବିଭାଗୀୟ ଅଧିକାରୀଙ୍କୁ ଚାନ୍ଦା ମାଗିବା ସହ କର୍ମଚାରୀଙ୍କୁ ମାରପିଟ କରି ତାଲା ପକାଇବା ଅଭିଯୋଗରେ ସମ୍ବଲପୁର ଜିଲା ରେଢ଼ାଖୋଲ ଭାଜପା ନଗର ସଭାପତି ରାମାନୁଜ ମହାପାତ୍ର ଓ ଯୁବମୋର୍ଚ୍ଚା ଉପସଭାପତି ସୂର୍ଯ୍ୟପ୍ରକାଶ ମହାପାତ୍ରଙ୍କୁ ପୋଲିସ ଗିରଫ କରିଛି। ଘଟଣା ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ନରେଶ ଚନ୍ଦ୍ର ସାହୁ ରେଢ଼ାଖୋଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଆଇପିସି ଦଫା ୩୪୧, ୨୯୪, ୩୨୩, ୩୩୨, ୩୮୫, ୫୦୬ରେ ଏକ ମାମଲା (ନଂ.୧୯୨/୨୩) ରୁଜୁ କରି ଉଭୟଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଥିଲା। ସେମାନଙ୍କ ଜାମିନ ଆବେଦନର ବିଚାର ପାଇଁ ଶୁକ୍ରବାର ଧାର୍ଯ୍ୟ ହୋଇଥିବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ଚାନ୍ଦା ମାଗିବା ଅଭିଯୋଗ

କନିଷ୍ଠଯନ୍ତ୍ରୀ ସାହୁ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ଭାଜପା ନଗର ସଭାପତି ରାମାନୁଜ ତାଙ୍କୁ ବାରମ୍ବାର ଫୋନ କରି ଦଳୀୟ ଚାନ୍ଦା ମାଗୁଥିଲେ। ଏପରିସ୍ଥଳେ ବୁଧବାର ଅପରାହ୍ନ ୨ଟା ବେଳେ ରାମାନୁଜ, ସୂର୍ଯ୍ୟପ୍ରକାଶ ଓ ଅନ୍ୟ ୨ଜଣ ରେଢ଼ାଖୋଲସ୍ଥିତ କାର୍ଯ୍ୟାଳୟକୁ ଯାଇ ତାଙ୍କୁ ଖୋଜିଥିଲେ। ତେବେ କାର୍ଯ୍ୟାଳୟରେ ଥିବା ଦୁଇ କର୍ମଚାରୀ ବିଭୁଦତ୍ତ ସାହୁ, ଆଶୁତୋଷ ପ୍ରଧାନ ସାହୁ ବାବୁ ଖାଇବାକୁ ଯାଇଥିବା କହିଥିଲେ। ପରେ ଫୋନ ଲଗାଇବାକୁ କହିବାରୁ କର୍ମଚାରୀ ଦ୍ୱୟ ମନାକରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ନେତାମାନେ ଉଭୟ କର୍ମଚାରୀଙ୍କୁ ମାଡ଼ମାରିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏହାସହ ସେମାନଙ୍କୁ କାର୍ଯ୍ୟାଳୟରୁ ବାହାର କରି ଏବଂ ତାଲା ପକାଇ ସେମାନେ ପଳାଇଥିଲେ। ଏ ନେଇ କନିଷ୍ଠଯନ୍ତ୍ରୀ ସାହୁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ କରିବା ସହ କାର୍ଯ୍ୟାଳୟର ଚାବି ଜବତ କରି ଉଭୟଙ୍କୁ ଗିରଫ କରିଥିଲା। ଏ ସମ୍ପର୍କରେ ଭାଜପା ନଗର ସଭାପତି ରାମାନୁଜଙ୍କୁ ପଚାରିବାରୁ ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ଅମୃତ ସରୋବର ଯୋଜନା ଅଧୀନରେ ପୋଖରୀ ଖୋଳାରେ ବିଭାଗ ପକ୍ଷରୁ ବ୍ୟାପକ ଦୁର୍ନୀତି ହେଉଥିବା ନେଇ ଅଭିଯୋଗ କରିବାକୁ ଅଫିସକୁ ଯାଇଥିଲୁ। ଆମ ବିରୋଧରେ ଯାହାସବୁ ଅଭିଯୋଗ କରାଯାଇଛି ତାହା ସମ୍ପୂର୍ଣ୍ଣ ମିଥ୍ୟା। ପୋଲିସ ମିଥ୍ୟା ଅଭିଯୋଗରେ ଗିରଫ କରିଛି ବୋଲି ସେ କହିଛନ୍ତି।

# ନେପାଳରେ ଦୁର୍ଘଟଣା: ୬ ଭାରତୀୟଙ୍କ ମୃତ୍ୟୁ

କାଠମାଣ୍ଡୁ,୨୪।୮

ନେପାଳର ମାଧେଶରେ ଏକ ବସ୍ ପାର୍ବତ୍ୟ ରାସ୍ତାରୁ ୫୦ ମିଟର ତଳକୁ ଖସିପଡ଼ିବାରୁ ୬ ଜଣ ଭାରତୀୟଙ୍କ ସମେତ ୭ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୧୯ ଜଣ ଆହତ ହୋଇଛନ୍ତି। ମାଧେଶ ପ୍ରଦେଶର ବାରା ଜିଲାରେ ଗୁରୁବାର ସକାଳେ ଏହି ଦୁର୍ଘଟଣା ଘଟିଥିଲା। ବସ୍‌ରେ ରାଜସ୍ଥାନର ତୀର୍ଥଯାତ୍ରୀମାନେ ଥିଲେ। ବସ୍‌ରେ ମୋଟ ୨୬ ଯାତ୍ରୀ ଥିଲେ।



ଭୂସ୍ଖଳନ ଯୋଗୁ ହିମାଚଳପ୍ରଦେଶର କୁଲ୍ଲୁ ଜିଲା ଅନ୍ତର୍ଗତ ଅନ୍ନି ସହରରେ ୮ କୋଠା କ୍ଷତିଗ୍ରସ୍ତ ହୋଇଛି।

# ହିମାଚଳରେ ଭୂସ୍ଖଳନ: ୮ କୋଠା କ୍ଷତିଗ୍ରସ୍ତ

ଶିମ୍‌ଲା,୨୪।୮

ବର୍ଷାଜନିତ ଭୂସ୍ଖଳନ ଯୋଗୁ ହିମାଚଳପ୍ରଦେଶର କୁଲ୍ଲୁ ଜିଲା ଅନ୍ତର୍ଗତ ଅନ୍ନି ସହରରେ ୮ କୋଠା କ୍ଷତିଗ୍ରସ୍ତ ହୋଇଛି। କୋଠାଗୁଡ଼ିକରେ ଫାଟ ସୃଷ୍ଟି ହେବା ସହ ଅସୁରକ୍ଷିତ ବୋଲି ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଛି। ଗୁରୁବାର ଏହି ଅଞ୍ଚଳରେ ପ୍ରବଳ ବର୍ଷା ହେବା ସହ ଭୂସ୍ଖଳନ ଘଟିଥିଲେ ସୁଦ୍ଧା କୌଣସି ମୃତାହତ ସୂଚନା ମିଳିନାହିଁ। ଅନୁରୂପ ଭାବେ ୪/୫ ଦିନ ତଳେ କିଛି କୋଠା, ଦୋକାନ, ବ୍ୟାଙ୍କ ଏବଂ ଅନ୍ୟାନ୍ୟ ବ୍ୟବସାୟିକ ଅନୁଷ୍ଠାନ ଗୁଡ଼ିକ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା ବୋଲି ସ୍ଥାନୀୟ ଜିଲାପାଳ ନରେଶ ବର୍ମା କହିଛନ୍ତି। ୩୦୫ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଅସୁରକ୍ଷିତ କୋଠାଗୁଡ଼ିକ ଖାଲି କରାଯିବା ସହ କ୍ଷୟକ୍ଷତି ଆକଳନ କରାଯାଉଛି। ରାଜ୍ୟରେ ଦୀର୍ଘ ମାସେ ହେଲା ବର୍ଷା ବିତ୍ପାତ ଲାଗି ରହିଥିବାବେଳେ ୨୩୮ ଜଣ ଲୋକ ପ୍ରାଣ ହରାଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଭାରତୀୟ କୁସ୍ତି ...

ପ୍ରଥମ ପୃଷ୍ଠାରୁ...

ପ୍ରଥମଥର ଟିମ୍ ଟାଇଟଲ ଜିତିଥିଲା। କୁସ୍ତିଯୋଦ୍ଧାମାନେ ସେମାନଙ୍କ ଦେଶରୁ ପ୍ରତିନିଧିତ୍ୱ କଲେ ପଏଣ୍ଟ ଅର୍ଜନ କରିଥାନ୍ତି। କିନ୍ତୁ ସର୍ବିଆରେ ହେବାକୁଥିବା ବିଶ୍ୱ ଚାମ୍ପିୟନଶିପ୍‌ରେ ଭାରତୀୟମାନେ 'ନିରପେକ୍ଷ ଆଥଲେଟ' ଭାବେ ଅଂଶଗ୍ରହଣ କରିବେ। ସେମାନଙ୍କ ପ୍ରଦର୍ଶନ ଭାରତର ବୋଲି ଗଣାଯିବ ନାହିଁ। ତେବେ ସେପ୍ଟେମ୍ବର ୨୩ ରେ ହାଙ୍ଗ୍‌ଝୋଠାରେ ଆରମ୍ଭ ହେବାକୁଥିବା ଏସିଆନ ଗେମ୍ସରେ କୁସ୍ତିଯୋଦ୍ଧାମାନେ ଭାରତୀୟ ପତାକା ଅଧୀନରେ ପ୍ରତିଯୋଗିତାରେ ଭାଗ ନେଇପାରିବେ , କାରଣ ଏଥିଲାଗି ଆଇଓଏକୁ ପ୍ରତିଯୋଗୀମାନଙ୍କ ତାଲିକା ପଠାଇବାକୁ ହୋଇଥାଏ। ବିଶ୍ୱ ଚାମ୍ପିୟନଶିପ୍ ଲାଗି କିନ୍ତୁ ଡବ୍ଲ୍ୟୁଏଫ୍ଆଇ ଟ୍ରାଏଲ୍ସ ଜରିଆରେ ଏକ ଦଳ ମନୋନୟନ କରିଥାଏ। ଡବ୍ଲ୍ୟୁଏଫ୍ଆଇ ପ୍ରକୃତରେ ମେ' ୭ରେ ନିର୍ବାଚନ କରାଇଥାନ୍ତା। ମାତ୍ର କ୍ରୀଡ଼ା ମନ୍ତ୍ରଣାଳୟ ନିର୍ବାଚନ ପ୍ରକ୍ରିୟାକୁ ଅସିଦ୍ଧ ଘୋଷଣା କରିଥିଲା। ପରେ ନିର୍ବାଚନରେ ଭାଗ ନେବା ଲାଗି ଅଧିକାର ସାବ୍ୟସ୍ତ କରିବା ଲାଗି କେତେକ ରାଜ୍ୟ ଆସୋସିଏଶନ କୋର୍ଟର ଆଶ୍ରୟ ନେବାରୁ ନିର୍ବାଚନକକୁ ଅନେକଥର ସ୍ଥଗିତ ରଖିବାକୁ ହୋଇଛି।

### ପ୍ରିଗୋଝିନ୍‌ଙ୍କ ମୃତ୍ୟୁରେ ...

ନଭାଲ୍‌ନିଙ୍କୁ ଜେଲ୍ ଭିତରେ ବିଷଦେଇ ହତ୍ୟା ଉଦ୍ୟମ ଏବଂ ପରିଶେଷରେ ପ୍ରାୟ ୩ ଦଶନ୍ଧି ପର୍ଯ୍ୟନ୍ତ ତାଙ୍କୁ କାରାଗାରରେ ରହିବା ପାଇଁ ବାଧ୍ୟ କରାଯିବା ହେଉ ସବୁକ୍ଷେତ୍ରରେ ଏହା ପ୍ରମାଣିତ ହୋଇଛି। ପ୍ରିଗୋଝିନ୍‌ଙ୍କ ମୃତ୍ୟୁ ଖବର ଆସିବା ପରେ ରୁଷୀୟ ସାମରିକ ବଳ ଦ୍ୱାରା ତାଙ୍କୁ ହତ୍ୟା କରାଯାଇଥିବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇବାରେ ଲାଗିଛି। ଜୁନ୍ ୨୩-୨୪ରେ ପ୍ରିଗୋଝିନ୍ ପୁଟିନଙ୍କ ବିରୋଧରେ ବିଫଳ ବିଦ୍ରୋହ କରିଥିବାରୁ ତାଙ୍କୁ ହତ୍ୟା କରାଯିବା ଅଭିଯୋଗକୁ ଅମୂଳକ ମନେକରାଯାଇ ନ ପାରେ। ପ୍ରଥମେ ଦୁର୍ଘଟଣାଗ୍ରସ୍ତ ବିମାନର ଯାତ୍ରୀ ତାଲିକାରେ ପ୍ରିଗୋଝିନ୍‌ଙ୍କ ନାମ ଥିବା କୁହାଯାଇଥିଲା। ଗୁରୁବାର ରାଷ୍ଟ୍ରପତି ପୁଟିନ୍ କହିଛନ୍ତି, ୱାଗନର ମୁଖ୍ୟ ୟୁକ୍ରେନ ବିରୋଧରେ ଚାଲିଥିବା ଯୁଦ୍ଧରେ ବଡ଼ ଭୂମିକା ନେଇଥିଲେ। ପୁଟିନ୍‌ଙ୍କ ଏଭଳି ଶୋକ ପରେ ପ୍ରିଗୋଝିନ୍‌ଙ୍କ ମୃତ୍ୟୁ ଖବରରେ ମୋହର ଲାଗିଛି।

### ୟେଭ୍‌ଗେନି ପ୍ରିଗୋଝିନ୍ ...

ଖସାଇବା ସହ ପାଇଲଟମାନଙ୍କୁ ହତ୍ୟା କରିଥିଲେ। ସେମାନେ ରାଜଧାନୀ ମସ୍କୋ ଅଭିମୁଖେ ଅଗ୍ରସର ହେଉଥିବାବେଳେ ପୁଟିନ୍ ଏହାକୁ ବିଶ୍ୱାସଘାତର ଆଖ୍ୟା ଦେଇ କଡ଼ା କାର୍ଯ୍ୟାନୁଷ୍ଠାନର ଚେତାବନୀ ଦେଇଥିଲେ।

■ ପୁଟିନଙ୍କ ଘନିଷ୍ଠ ସହଯୋଗୀ ତଥା ବେଲାରୁଷ୍ ରାଷ୍ଟ୍ରପତି ଆଲେକଜାଣ୍ଡାର ଲୁକାଶେଙ୍କୋଙ୍କ ହସ୍ତକ୍ଷେପ ପରେ ୱାଗନର୍ ସେନା ପଛଘୁଞ୍ଚା ଦେଇ ପଡ଼ୋଶୀ ଦେଶରେ ଥିବା ୟୁକ୍ରେନ ବିରୋଧୀ ଶିବିରଗୁଡ଼ିକରେ ଅବସ୍ଥାନ କରିଥିବା କୁହାଯାଇଥିଲା। ସେତେବେଳେ କ୍ରେମ୍‌ଲିନ୍ କହିଥିଲା, ରକ୍ତପାତ ଏଡ଼ାଇବା ପାଇଁ ହୋଇଥିବା ଚୁକ୍ତି ଅନୁସାରେ ୱାଗନର ମୁଖ୍ୟଙ୍କ ବିରୋଧରେ ଆପରାଧିକ ମାମଲା ଚାଲିବ ନାହିଁ।

■ ଲୁକାଶେଙ୍କୋଙ୍କ ଜରିଆରେ ପ୍ରିଗୋଝିନ୍‌ଙ୍କ ସହ ପୁଟିନ୍ କରିଥିବା ଡିଲ୍‌ର ଭିତିରି କଥା ସାମ୍ନାକୁ ଆସି ନ ଥିଲା। ବିଦ୍ରୋହର ୫ ଦିନ ପରେ ପ୍ରିଗୋଝିନ୍ ପୁଟିନ୍‌ଙ୍କୁ ସାକ୍ଷାତ କରିଥିବା କ୍ରେମ୍‌ଲିନ୍ ପକ୍ଷରୁ କୁହାଯାଇଥିଲା। ଜୁଲାଇ ୫ରେ ସରକାରୀ ଟିଭି ଚ୍ୟାନେଲ୍‌ରେ ପ୍ରସାରିତ ଏକ ରିପୋର୍ଟ ଅନୁଯାୟୀ ପ୍ରିଗୋଝିନ୍‌ଙ୍କ ବିରୋଧରେ ଥିବା ମାମଲାଗୁଡ଼ିକର ତଦନ୍ତ ଜାରି ରହିଥିଲା। ଏପରିକି ତାଙ୍କର ଏକ ଘର ଉପରେ ଚଢ଼ାଉ କରି ଅର୍ଥ, ପାସ୍‌ପୋର୍ଟ, ଅସ୍ତ୍ରଶସ୍ତ୍ର ଆଦି ଜବତ କରାଯାଇଥିବା ଏଥିରେ ଦର୍ଶାଯାଇଥିଲା। କିନ୍ତୁ, ଜୁଲାଇ ଶେଷ ଆଡ଼କୁ ସେନ୍ ପିଟର୍ସବର୍ଗରେ ଅନୁଷ୍ଠିତ ରୁଷିଆ ଆଫ୍ରିକା ସମିଟ୍‌ରେ ପ୍ରିଗୋଝିନଙ୍କୁ ଦେଖିବାକୁ ମିଳିଥିଲା। ପ୍ରିଗୋଝିନ୍‌ଙ୍କ ଶେଷ ଭିଡିଓ ଚଳିତ ସପ୍ତାହରେ ସାମ୍ନାକୁ ଆସିଥିଲା, ଯାହାକି ଆଫ୍ରିକାରେ ସୁଟ୍ କରାଯାଇଥିବା ସେ କହିଥିଲେ।

# ଦୁର୍ଘଟଣାରେ ୯ ମୃତ

ଲକ୍ଷ୍ନୌ,୨୪।୮

ଉତ୍ତରପ୍ରଦେଶର ଶାହରନପୁର ଜିଲା ଅନ୍ତର୍ଗତ ରେଡିବୋଡକି ଗାଁରେ ବୁଧବାର ସନ୍ଧ୍ୟାରେ ଏକ ଟ୍ରାକ୍ଟର ଦୁର୍ଘଟଣା ଘଟିଛି। ଫଳରେ ୪ ଜଣଙ୍କ ଶିଶୁଙ୍କ ୯ ଜଣଙ୍କ ମୃତ୍ୟୁ ଘଟିଛି। ନିକଟସ୍ଥ ରଣ୍ଡାଉଲ ଗାଁରେ ଧାର୍ମିକ କାର୍ଯ୍ୟକ୍ରମ ଚାଲିଥିବାବେଳେ ଟ୍ରାକ୍ଟରଟି ବୁଧବାର ସନ୍ଧ୍ୟାରେ ପ୍ରାୟ ୫୦ଜଣ ଭକ୍ତଙ୍କୁ ନେଇ ସେଠାକୁ ଯାଉଥିଲା। ଏତିକିବେଳେ ରେଡିବୋଡକି ଗାଁରେ ଥିବା ଏକ ଡ୍ରେନ୍‌ରେ ଟ୍ରାକ୍ଟରର ଟ୍ରଲି ପଶିଯାଇଥିଲା। ପୋଲିସ ବୁଧବାର ୪ ଜଣଙ୍କ ମୃତଦେହ ଜବତ କରିଥିବାବେଳେ ଗୁରୁବାର ସକାଳେ ଅନ୍ୟ ୫ ଜଣଙ୍କ ମୃତଦେହ ଜବତ କରିଛି। ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ପୋଖରୀରେ ବୁଡ଼ି ୨ ମୃତ

ଛେଣ୍ଡିପଦା,୨୪।୮(ଅଜିତ ଧଳ)/ ବଅଁରପାଳ (ଉପେନ୍ଦ୍ର ରାଉତ)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ବାଲିପଟା ଗ୍ରାମର ଜିରା ସେଠୀ (୬୬) ବୁଧବାର ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ଜିରା ଗ୍ରାମ ଡାକ୍ତରଖାନା ନିକଟସ୍ଥ ପୋଖରୀକୁ ଶୌଚ ପାଇଁ ଯାଇ ଫେରି ନ ଥିଲେ। ଗୁରୁବାର ପୋଖରୀରେ ତାଙ୍କ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ଅଗ୍ନିଶମ ବାହିନୀ ଓ ପୋଲିସକୁ ସୂଚନା ଦେଇଥିଲେ। ଅଗ୍ନିଶମ ବାହିନୀ ମୃତଦେହ ଉଦ୍ଧାର କରିବା ପରେ ପୋଲିସ ତାହାକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସେହିପରି ବଅଁରପାଳ ଥାନା ନଳଚନ୍ଦ୍ରପୁର ଗ୍ରାମ ପୋଖରୀରେ ବୁଡ଼ି ହିରୋନ ମାଝୀ(୪୦)ଙ୍କ ମୃତ୍ୟୁ ହୋଇଛି। ହିରୋନଙ୍କ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପୋଖରୀରେ ତାଙ୍କ ଚପଲ ଭାସୁଥିବା ଦେଖାଯିବା ପରେ ବଅଁରପାଳ ବୁଢ଼ାପଙ୍ଗ ଅଗ୍ନିଶମ କର୍ମଚାରୀ ପହଞ୍ଚି ହିରୋନଙ୍କ ମୃତଦେହ ପୋଖରୀରୁ ଉଦ୍ଧାର କରିଥିଲେ।


GOVERNMENT OF ODISHA No. B-756
"e" - PROCUREMENT NOTICE
WORKS DEPARTMENT
E-mail: ceworldbankprojects@gmail.com
Bid Identification No. CE-W.B.P.(O) - 14/2023-24

1. The Chief Engineer (World Bank Project), Odisha on behalf of Governor of Odisha invites percentage rate bid in Double Cover System in ONLINE MODE from eligible contractors for construction of Road & Bridge work as detailed below:
2. Nature of Work : Bridge Works
3. No. of Work : 02 Nos.
4. Tender Cost : Rs.10,000.00 (Online)
5. Class of Contractor : A/Special Class Contractor
6. Available of Bid document in the Website : From 10.00 A.M. of 25.08.2023 to 5.00 P.M. of 14.09.2023
7. Date of Opening of Bid : Dt.15.09.2023 at 11.30 A.M.
8. The bidders have to participate in ONLINE bidding only. Further details can be seen from the website https://tenderodisha.gov.in. Any addendum/corrigendum/cancellation of tender can also be seen in the said website.

Sd./- Chief Engineer
World Bank Project, Odisha
OIPR-34003/11/0028/2324



OFFICE OF THE MUNICIPAL COUNCIL
BHAWANIPATNA, DIST-KALAHANDI, PIN-766001
'e' Procurement NOTICE
Bid Identification No. BPM/03/2023-24

No.C-1185:The Executive Officer on behalf of Bhawanipatna Municipality invites tenders in Single Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. https://tendersodisha.gov.in.
1.Number of Civil Works: 75 (Seventy Five) numbers
2.Estimated Costs: 2.22 Lakhs to 33.9 Lakhs
3.Period of Completion : As per NIT.
4.Date and time of availability of the bid documents in the portal: From 11.00 A.M. of 25.08.2023 to 05.00 PM of 07.09.2023.
5. Last date/time for receipt of bids in the portal: 05.00 PM of 07.09.2023
6. Bids will be opened on: 10.00 AM of Dt.08.09.2023.
7. Name and address of the Officer Inviting Bid: Executive Officer, Bhawanipatna Municipality.

Sd./- Executive Officer
Bhawanipatna Municipality
OIPR-13100/11/0007/2324



ODISHA CONSTRUCTION CORPORATION LIMITED
BHUBANESWAR, ODISHA
PIN-751012, Tel.No.(0674) 2562020
e-Mail:theoccltd@odishaconstruction.com, GSTIN-21AAACO2571K2ZM
No.CAD-1811: "e"-Procurement Notice No.33/OCCL/2023-24 (online)
Online percentage rate tenders are invited for the following works.

| Sl. No. | Name of Work | Bid Identification No. | Approx value of work (Rs. in Lakhs) | Bid Security (through on-line transfer) (in Rs.) | Period of Completion | Availability of Tender (online) | Submission of tender (online) |
|---|---|---|---|---|---|---|---|
| 01 | Construction of Gated Culvert near new Crematorium site at Mandalia, Sambalpur (Civil Work) | OCCL-SMP/ 02/ 2023-24 | Rs.34.81 Lakhs | Rs.35,000/- | 03 (Three) Calendar Months | From 25.08.2023 03.30 PM to 04.09.2023 5.30 PM | From 25.08.2023, 03.30 PM to 04.09.2023, 5.30 PM |

Procurement Officer : Managing Director, OCCL, Date of Opening of the Tender: 05.09.2023, 12.00 Noon onwards.
Further details can be seen from the e-Procurement portal:https://www.tendersodisha.gov.in.
OIPR-34120/11/0045/2324
Sd./- Managing Director



OFFICE OF THE NOTIFIED AREA COUNCIL
G.UDAYAGIRI, KANDHAMAL
Email id: orissagudnac@gmail.com
No. 1987 CORRIGENDUM Date: 23.08.2023
E Tender Notice No. 1934 / Dated: 21.08.2023
Bid Identification No. GUDGR-NAC-06/2023-24
No. C-1181: As per Letter No. 15468/Dated: 03.08.2023 of H&UD Department, in Point No. VIII, in DTCN, Page No. 3, kindly read the below matter with adding Sl. No. 5.
"The Paver Road must cover concurrent three years of defect liability period and maintenance period of the constructed roads to ensure quantitative work & good condition of road for at least 3 years period. In addition to that 10% Security Deposit (2% towards initial security deposit at the time of singing of the agreement + 8% security deposit to be deducted from running or final bill amount cover the maintenance period of the roads), which shall be realised to the Executing Agency @ 2% end of the of 1st year after completion of the road @ 3% at the end of 2nd year after completion of the road and 5% at the end of the 3rd year after completion of the Road. In case, the executing agency fails to maintain the road properly during the above mentioned three years, the ULB shall incur expenditure and maintain the road at cost and risk of the Executing Agency and the entire expenditure so incureed by the ULB shall be recoved form the 10% security deposite available with the ULB, apart from blacklisting the contractor".
Sd./- Executive Officer
NAC, G. Udayagiri
OIPR-13066/11/0012/2324



ବିଜ୍ଞପ୍ତି

No. g-75: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ ନିମ୍ନଲିଖିତ ବାଳକ **ବିପ୍ଳବ** ଓରଫ୍ **ବାୟାକୁ** ଗତ ତା୩୧।୦୮।୨୦୧୫ରିଖରେ ଜଣେ ସହୃଦୟ ବ୍ୟକ୍ତି କଟକ ଚୌଦ୍ୱାର ଅଞ୍ଚଳରେ ନିଃସହାୟ ଅବସ୍ଥାରେ ବୁଲୁଥିବା ଅବସ୍ଥାରେ ସେ ତାକୁ ଆଣି ଜିଲ୍ଲା ଶିଶୁ ମଙ୍ଗଳ ସମିତିରେ ଉପସ୍ଥାପିତ କରିଥିଲେ ଏବଂ ଜିଲ୍ଲା ଶିଶୁ ମଙ୍ଗଳ ସମିତି, କଟକଙ୍କ ନିର୍ଦ୍ଦେଶନାମା ନଂ. ୧୭୨୩/୨୦୧୫ ଅନୁଯାୟୀ ସେ ଆଣି ବସୁନ୍ଧରାର ଶିଶୁ ଗୃହରେ ଛାଡ଼ିଥିଲେ। ଏ ବିଷୟରେ ଗତ ତା୦୧।୦୯।୨୦୧୫ରିଖରେ ବିଡ଼ାନାସୀ ଥାନାରେ ମଧ୍ୟ ଲିଖିତ ଭାବେ ଜଣାଯାଇଛି। ଅନୁଷ୍ଠାନ ତରଫରୁ ବାଳକଟିର ପିତା, ମାତା ତଥା ଘର ପରିବାର ବିଷୟରେ ଖୋଜ ଖବର କରାଯାଇଥିଲା କିନ୍ତୁ ଏ ପର୍ଯ୍ୟନ୍ତ ତା'ର ନିଜ ପରିବାର ବିଷୟରେ କୌଣସି ଖବର ମିଳିଲା ନାହିଁ। ତେଣୁ ଉକ୍ତ ବାଳକଟିର ମାତା, ପିତା ତଥା ଯଦି କେହି ଘର ପରିବାର କିମ୍ବା ଆଇନ୍ ସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ ସମିତି, ରେଡକ୍ରସ ଭବନ, କଲେକ୍ଟୋରିଏଟ କ୍ୟାମ୍ପସ, କଟକ - ୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋଠରି ନଂ. ୫୪, କଲେକ୍ଟୋରିଏଟ ବିଲ୍ଡିଂ, କଟକ, ଫୋନ୍ ନଂ. ୦୬୭୧-୨୫୦୯୦୦୯ କିମ୍ବା ସମ୍ପାଦିକା, ବସୁନ୍ଧରା, ବିଡ଼ାନାସୀ, କଟକ - ୭୫୩୦୧୪କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଏହି ବାଳକଟିକୁ କିଶୋର ନ୍ୟାୟ (ଶିଶୁ ଯତ୍ନ ଓ ସୁରକ୍ଷା) ଆଇନ୍ - ୨୦୧୫ (ସଂଶୋଧିତ - ୨୦୨୧) ଅନୁଯାୟୀ ଆବଶ୍ୟକ ଥଇଥାନ କରାଯିବ।



ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ
OIPR-33038/11/0008/2324



GOVERNMENT OF ODISHA eerwbnjr@gmail.com
OFFICE OF THE SUPERINTENDING ENGINEER, RURAL WORKS DIVISION, BHANJANAGAR
NATIONAL COMPETITIVE BIDDING THROUGH e-Procurement
Identification No.Online Tender/06/RWDBNJ/2023-2024
No.O-746: Ltr.No.2423, Date:21.08.2023

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender/ RWDB-NJ/06/2023-2024 | Road Work | 3 Nos. | 51.30 Lakhs to 85.08 Lakhs | "B" Class as applicable | 04 (Four) Calendar Months |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W.Division, Bhanjanagar | Online Tender/06/ RWDBNJ/2023-2024 | 29.08.2023 at 10.00 A.M. | 07.09.2023 upto 3.00 P.M. |

Further details can be seen from the website: www.tendersodisha.gov.in.
Sd./- Superintending Engineer, R.W.Division, Bhanjanagar
OIPR-25174/11/0012/2324



ଜିଲ୍ଲା ଅବକାରୀ କାର୍ଯ୍ୟାଳୟ, ସମ୍ବଲପୁର
ସମ୍ବଲପୁର ଅବକାରୀ ଜିଲ୍ଲାରେ ଠିପି ବନ୍ଦ ବିଦେଶୀ ମଦ ଦୋକାନର ୨୦୨୩-୨୪ ବର୍ଷ ପାଇଁ ବନ୍ଦୋବସ୍ତ ନିମନ୍ତେ
ପତ୍ର ସଂଖ୍ୟା: ୧୪୩୭ ତା:୨୩।୦୮।୨୦୨୩
No. F-114: ସମ୍ବଲପୁର ଅବକାରୀ ଜିଲ୍ଲାରେ ୨୦୨୩-୨୪ ବର୍ଷ ପାଇଁ ଦୁଇ ଗୋଟି ଠିପି ବନ୍ଦ ବିଦେଶୀ ମଦ ଦୋକାନର ଲଟେରି ମାଧ୍ୟମରେ ବନ୍ଦୋବସ୍ତ ନିମନ୍ତେ ଆବେଦନପତ୍ର ଆହ୍ୱାନ କରାଯାଇଛି। ଲଟେରିରେ ଭାଗନେବା ନିମନ୍ତେ ଇଚ୍ଛୁକ ବ୍ୟକ୍ତି "http//stateexcise.odisha.gov.in" ୱେବସାଇଟରେ ଉପଲବ୍ଧ Form - "B"ରେ ଅନ୍‌ଲାଇନ ମାଧ୍ୟମରେ ତା୨୩।୦୮।୨୦୨୩ରିଖଠାରୁ ତା୦୫।୦୯।୨୦୨୩ରିଖ ୫.୦୦ P.M. ମଧ୍ୟରେ ଆବେଦନ କରିପାରିବେ। ଉପରୋକ୍ତ ଦୋକାନ ଗୁଡ଼ିକ ତା୧୨।୦୯।୨୦୨୩ରିଖ ୪.୦୦ P.M. ଜିଲ୍ଲାପାଳଙ୍କ ଦ୍ୱାରା ଏସ୍.ଏସ୍. ସମ୍ମିଳନୀ କକ୍ଷ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସମ୍ବଲପୁରଠାରେ ଉଠାଣ କରାଯିବ।
ଠିପି ବନ୍ଦ ବିଦେଶୀ ମଦ ଦୋକାନର ସମ୍ପୂର୍ଣ୍ଣ ବିବରଣୀ ତଥା ଲଟେରୀ ନିୟମ ଓ ସର୍ତ୍ତାବଳୀ ଉପଲବ୍ଧ ୱେବସାଇଟ୍ ଏବଂ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ, ସମ୍ବଲପୁର ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସମ୍ବଲପୁର ନୋଟିସ୍ ବୋର୍ଡ଼ରେ ଉପଲବ୍ଧ।
ସ୍ୱା./- ଜିଲ୍ଲାପାଳ, ସମ୍ବଲପୁର
OIPR-15013/11/0022/2324



idco Your power to grow — ODISHA NEW OPPORTUNITIES
No. CAD-1816
OFFICE OF THE CHIEF GENERAL MANAGER (P&C), IDCO, IDCO TOWER, BHUBANESWAR
Tender Call Notice No. File No.: IDCO/HO-P&C/O-2889/04/2023/V-2 26425 Date: 21.08.2023
NOTICE INVITING TENDER THROUGH e-Procurement
Name of the work : SITC OF 3.3 kV cables, panels & soft starter for Intake well of river Budhabalanga at Balasore.
Estimated Cost put to tender : Rs.3,74,39,398.00
Period of Completion : 02 (Two) Calendar months

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Tower, Bhubaneswar | Bid Identification No:- P&C/ EST/E-110/2023-24 | 17.00 hours of dt.28.08.2023 | 17.00 hours of dt.18.09.2023 |

Further details can be seen from the e-Procurement Portal, www.Tendersodisha.gov.in and Corrigendum if any will be published in newspapers and can only be seen in the e-Procurement portal as well as in IDCO website.
OIPR-14003/11/0191/2324 Sd./- Chief General Manager (P&C), IDCO, Bhubaneswar


See Career Appointment on every Wednesday & Saturday

# ଏସିଆନ୍ ଗେମ୍ସରେ ଓଡ଼ିଶା କ୍ରୀଡ଼ାବିତ୍


ଅଶୋକ ମହାନ୍ତି

ସେପ୍ଟେମ୍ବର ୧୩ରୁ ଅକ୍ଟୋବର ୮ ପର୍ଯ୍ୟନ୍ତ ଚାଇନାର ହାଙ୍ଗଝୋରେ ହେବାକୁ ଯାଉଛି ଏସିଆନ ଗେମ୍ସର ୧୯ତମ ସଂସ୍କରଣ। ପ୍ରତିଯୋଗିତାର ଅବ୍ୟବହିତ ପୂର୍ବରୁ ଏଥିରେ ଏପର୍ଯ୍ୟନ୍ତ ଭାଗ ନେଇଥିବା ଏବଂ ଭାଗ ନେବାକୁ ଯାଉଥିବା ଓଡ଼ିଶା କ୍ରୀଡ଼ାବିତ୍‌ଙ୍କୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...

ଆସନ୍ତା ସେପ୍ଟେମ୍ବର ୧୩ରୁ ଅକ୍ଟୋବର ୮ ପର୍ଯ୍ୟନ୍ତ ଚାଇନାର ହାଙ୍ଗଝୋ ସହରରେ ହେବାକୁ ଯାଉଛି ଏସିଆ ମହାଦେଶର ସର୍ବବୃହତ କ୍ରୀଡ଼ା ମହୋତ୍ସବ ୧୯ ତମ ଏସିଆନ୍ ଗେମ୍ସ। ୪ ବର୍ଷ ବ୍ୟବଧାନରେ ହେଉଥିବା ଏସିଆନ୍ ଗେମ୍ସ ବା ଏସିଆଡ୍ ଏକ ମହାଦେଶୀୟ ବହୁ କ୍ରୀଡ଼ା ଶୃଙ୍ଖଳା ବିଶିଷ୍ଟ ପ୍ରତିଯୋଗିତା ଯେଉଁଥିରେକି ଏସିଆ ମହାଦେଶ ଅନ୍ତର୍ଭୁକ୍ତ ସମସ୍ତ ଦେଶର କ୍ରୀଡ଼ାବିତ୍‌ମାନେ ଭାଗନେଇଥାନ୍ତି। ନୂଆଦିଲ୍ଲୀରେ ୧୯୫୧ରୁ ଆରମ୍ଭ ହୋଇଥିବା ବିଶ୍ୱର ଏହି ଦ୍ୱିତୀୟ ବୃହତ୍ କ୍ରୀଡ଼ା ସମାରୋହ (ଅଲିମ୍ପିକ୍ସ ପଛକୁ) ୧୯୭୮ ପର୍ଯ୍ୟନ୍ତ ଏସିଆନ ଗେମ୍ସ ଫେଡେରେଶନ ଦ୍ୱାରା ପରିଚାଳିତ ହେଉଥିଲା। ୧୯୮୨ରେ ଏହି ପ୍ରତିଯୋଗିତା ନୂତନ ଭାବେ ଗଠିତ ଅଲିମ୍ପିକ୍ କାଉନସିଲ୍ ଅଫ୍ ଏସିଆ ଦ୍ୱାରା ଦ୍ୱିତିୟ ଥର ପାଇଁ ନୂଆଦିଲ୍ଲୀରେ ଅନୁଷ୍ଠିତ ହେଲା ଏବଂ ଅନ୍ତର୍ଜାତୀୟ ଅଲିମ୍ପିକ୍ ସଂଘର ସ୍ୱୀକୃତି ପାଇଲା।

୧୯୫୧ରେ ଅନୁଷ୍ଠିତ ପ୍ରଥମ ଏସୀୟ କ୍ରୀଡ଼ାରେ ଆୟୋଜକ ଭାରତର ପ୍ରଦର୍ଶନ ଉଚ୍ଚକୋଟୀର ଥିଲା। ସମୁଦାୟ ୫୧ଟି ପଦକ (ସ୍ୱର୍ଣ୍ଣ–୧୫, ରୌପ୍ୟ–୧୬, ବ୍ରୋଞ୍ଜ୍–୨୦) ଜିତି ଭାରତ ପଦକ ତାଲିକାରେ ଜାପାନ (୬୦ ପଦକ) ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲା। ପରବର୍ତ୍ତୀ ସମୟରେ ଚାଇନା, ଜାପାନ ଓ ଦକ୍ଷିଣ କୋରିଆ ପ୍ରଭୃତି ଦେଶ ଏସିଆ ମହାଦେଶର କ୍ରୀଡ଼ା ଶକ୍ତି ଭାବେ ଉଭାହେଲେ ଏବଂ ଭାରତୀୟ କ୍ରୀଡ଼ାବିତ୍‌ଙ୍କ ପ୍ରଦର୍ଶନ ହ୍ରାସ ହେବାକୁ ଲାଗିଲା। ଗତ ୨୦୧୮ ଜାକର୍ତ୍ତା କ୍ରୀଡ଼ାରେ ଭାରତ ସମୁଦାୟ ୨୦ଟି ପଦକ ହାସଲ କରି ପଦକ ତାଲିକାରେ ୮ମ ସ୍ଥାନରେ ରହିଥିଲା। ଏହି ପୃଷ୍ଠଭୂମିରେ ଏସୀୟ କ୍ରୀଡ଼ାର ପ୍ରଥମ ସଂସ୍କରଣ (୧୯୫୧) ଠାରୁ ୧୮ ତମ ସଂସ୍କରଣ (୨୦୧୮) ମଧ୍ୟରେ ଆମ ରାଜ୍ୟର କ୍ରୀଡ଼ାବିତ୍‌ମାନଙ୍କ ଯୋଗଦାନ ଏବଂ ପ୍ରଦର୍ଶନ ଉପରେ ଏକ ସଂକ୍ଷିପ୍ତ ଉପସ୍ଥାପନା...

ବିଭିନ୍ନ ସୂତ୍ରରୁ ସଂଗ୍ରହ ହୋଇଥିବା ସୂଚନା ଅନୁସାରେ ୧୯୫୧ଠାରୁ ୨୦୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ୧୮ଟି ସଂସ୍କରଣରେ ଓଡ଼ିଶାର ସମୁଦାୟ ୨୬ ଜଣ କ୍ରୀଡ଼ାବିତ୍ ହକି (ପୁରୁଷ ଓ ମହିଳା), ଫୁଟବଲ (ପୁରୁଷ ଓ ମହିଳା), ଆଥଲେଟିକ୍ସ, ଭାରୋତ୍ତୋଳନ, ରଗ୍‌ବି ସେଭେନ୍ସ (ମହିଳା) ଏବଂ ନୌକା ଚାଳନା (ରୋଇଂ) ପ୍ରତିଯୋଗିତାରେ ଭାଗନେଇଛନ୍ତି। ତନ୍ମଧ୍ୟରୁ ୧୮ ଜଣ (ହକି–୧୪, ଆଥଲେଟିକ୍ସ–୨, ନୌକାଚାଳନା–୨) ପଦକ ଜିତିବାରେ ସଫଳ ହୋଇଛନ୍ତି।

ଓଡ଼ିଶା କ୍ରୀଡ଼ାବିତ୍‌ଙ୍କର ଏସୀୟକ୍ରୀଡ଼ାରେ ଯୋଗଦାନର ଧାରା ଆରମ୍ଭ ହୋଇଥିଲା ୧୯୫୧ ମସିହା ପ୍ରଥମ ସଂସ୍କରଣରୁ। ରାଜ୍ୟର ସୁନାମଧନ୍ୟ ଫୁଟବଲ ଖେଳାଳି ଅବଦୁଲ ମଜିଦ (ବଚନ) ଭାରତୀୟ ଫୁଟବଲ ଦଳର ସଦସ୍ୟ ଭାବେ ଯୋଗଦେଇ ସ୍ୱର୍ଣ୍ଣପଦକ ଜିତାଇବାରେ ସଫଳ ହୋଇଥିଲେ। ଅନୁରୂପ ଭାବେ ଲଙ୍ଗ୍ ଡିଷ୍ଟାନ୍ସ ରନର ଆଥ୍‌ଲେଟ୍ ସେକ୍ ଗୁଲଜାର ୧୦,୦୦୦ମିଟର ଦୌଡ଼ରେ ଭାରତକୁ ପ୍ରତିନିଧିତ୍ୱ କରି ୫ମ ସ୍ଥାନ ଅଧିକାର କରିଥିଲେ। ଏସୀୟ କ୍ରୀଡ଼ାର ୨ୟ ସଂସ୍କରଣ ଅନୁଷ୍ଠିତ ହୋଇଥିଲା ଫିଲିପାଇନ୍ସର ରାଜଧାନୀ ମାନିଲାଠାରେ ଏବଂ ଭାରତୀୟ ଆଥ୍‌ଲେଟିକ୍ସ ଦଳର ସଦସ୍ୟ ଭାବେ ଓଡ଼ିଶାର ଖ୍ୟାତିନାମା ସ୍ପ୍ରିଣ୍ଟର ଡ. ସତିକାନ୍ତ ଘୋଷ ୪x୧୦୦ମି ରିଲେ ଦୌଡରେ ଭାଗନେଇଥିଲେ। ଏହାର ୩୬ବର୍ଷ ପରେ ଓଡ଼ିଶାର ପ୍ରତିଭାବାନ୍ ମହିଳା ଆଥ୍‌ଲେଟ୍ ପ୍ରଣତି ମିଶ୍ର ପ୍ରଥମ ଓଡ଼ିଆ ଆଥଲେଟ ଭାବେ ବେଜିଂ ଏସୀୟ କ୍ରୀଡ଼ାରେ ଭାରତୀୟ ମହିଳା ୪x୪୦୦ ମି. ରିଲେ ଦଳର ସଦସ୍ୟ ଭାବେ ଅନ୍ୟ ଆଥ୍‌ଲେଟ୍ସ ପି.ଟି. ଉଷା, କେ.ସରମ୍ମା ଏବଂ ଶାନ୍ତିମୋଲ ଫିଲିପ୍ସଙ୍କୁ ସାଥୀ କରି ରୌପ୍ୟ ପଦକ ଜିତିଥିଲେ।


ପ୍ରଣତି ମିଶ୍ର

ଏସୀୟ କ୍ରୀଡ଼ାର ପ୍ରାୟ ସାତ ଦଶନ୍ଧିର ଅବଧି ମଧ୍ୟରେ ଆମ ରାଜ୍ୟର ଯେଉଁ ସୀମିତ ସଂଖ୍ୟାର କ୍ରୀଡ଼ାବିତ୍‌ମାନେ ଭାରତୀୟ ଦଳରେ ସାମିଲ ହୋଇ ଭାଗନେଇଛନ୍ତି ଏବଂ ପଦକ ହାସଲ କରିଛନ୍ତି ତାହାର ଏକ ତାଲିକା ପ୍ରସ୍ତୁତ କରାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ହକିରେ ଆମର କ୍ରୀଡ଼ାବିତ୍‌ମାନେ ସର୍ବାଧିକ ପଦକ ଜିତିବାରେ ସକ୍ଷମ ହୋଇଛନ୍ତି।

**ହକି (ପୁରୁଷ)**

୧. ଦିଲୀପ ତିର୍କୀ – ସ୍ୱର୍ଣ୍ଣ (୧୯୯୮ ବ୍ୟାଙ୍କକ୍), ରୌପ୍ୟ (୨୦୦୨ ବୁସାନ), ୪ର୍ଥ ସ୍ଥାନ (୨୦୦୬ କାତାର)
୨. ଲାଜରୁସ୍ ବାର୍ଲା – ସ୍ୱର୍ଣ୍ଣ (୧୯୯୮ ବ୍ୟାଙ୍କକ୍)
୩. ଇଗ୍ନେସ ତିର୍କୀ – ରୌପ୍ୟ (୨୦୦୨, ବୁସାନ), ୪ର୍ଥ ସ୍ଥାନ (୨୦୦୬ କାତାର)
୪. ପ୍ରବୋଧ ତିର୍କୀ – ବ୍ରୋଞ୍ଜ୍ (୨୦୧୦ ଗୁଆଙ୍ଗଝୋ)
୫. ବୀରେନ୍ଦ୍ର ଲାକ୍ରା – ସ୍ୱର୍ଣ୍ଣ (୨୦୧୪ ଇଞ୍ଚିଅନ), ବ୍ରୋଞ୍ଜ (୨୦୧୮ ଜାକର୍ତ୍ତା)
୬. ଅମିତ ରୋହି ଦାସ – ବ୍ରୋଞ୍ଜ (୨୦୧୮ ଜାକର୍ତ୍ତା)

**ହକି (ମହିଳା)**

୧. ଜ୍ୟୋତି ସୁନୀତା କୁଲୁ – ରୌପ୍ୟ (୧୯୯୮ ବ୍ୟାଙ୍କକ୍), ୪ର୍ଥ ସ୍ଥାନ (୨୦୦୨ ବୁସାନ୍), ବ୍ରୋଞ୍ଜ (୨୦୦୬ କାତାର)
୨. ସୁଭଦ୍ରା ପ୍ରଧାନ – ବ୍ରୋଞ୍ଜ (୨୦୦୬ କାତାର)
୩. ବିନିତା ଖେସ୍ – ବ୍ରୋଞ୍ଜ (୨୦୦୬ କାତାର)
୪. ବିନିତା ଟପୋ – ବ୍ରୋଞ୍ଜ (୨୦୦୬ କାତାର)
୫. ଦୀପଗ୍ରେସ ଏକ୍କା– ୪ର୍ଥ (୨୦୧୦ ଗୁଆଙ୍ଗଝୋ), ବ୍ରୋଞ୍ଜ (୨୦୧୪ ଇଞ୍ଚିଅନ), ରୌପ୍ୟ (୨୦୧୮ ଜାକର୍ତ୍ତା)
୬. ନମିତା ଟପୋ– ୪ର୍ଥ (୨୦୧୦ ଗୁଆଙ୍ଗଝୋ), ବ୍ରୋଞ୍ଜ (୨୦୧୪ ଇଞ୍ଚିଅନ), ରୌପ୍ୟ (୨୦୧୮ ଜାକର୍ତ୍ତା)
ସୁନୀତା ଲାକ୍ରା– ୪ର୍ଥ (୨୦୧୦ ଗୁଆଙ୍ଗଝୋ), ବ୍ରୋଞ୍ଜ (୨୦୧୪ ଇଞ୍ଚିଅନ), ରୌପ୍ୟ (୨୦୧୮ ଜାକର୍ତ୍ତା)
ଲିଲିମା ମିଞ୍ଜ୍– ୪ର୍ଥ (୨୦୧୦ ଗୁଆଙ୍ଗଝୋ), ବ୍ରୋଞ୍ଜ (୨୦୧୪ ଇଞ୍ଚିଅନ), ରୌପ୍ୟ (୨୦୧୮ ଜାକର୍ତ୍ତା)

**ଆଥଲେଟିକ୍ସ (ପୁରୁଷ)**

(୧) ସେକ୍ ଗୁଲଜାର: (୧୯୫୧ ନୂଆଦିଲ୍ଲୀ) ୧୦,୦୦୦ ମିଟର ଦୌଡ଼
(୨) ଡ. ସତିକାନ୍ତ ଘୋଷ (୧୯୫୪ ମାନିଲା) ୪x୧୦୦ ମିଟର ରିଲେ

**ଆଥଲେଟିକ୍ସ (ମହିଳା)**

(୧) ପ୍ରଣତି ମିଶ୍ର (୧୯୯୦ ବେଜିଂ) ୪x୪୦୦ ମିଟର ରିଲେରେ ରୌପ୍ୟ ପଦକ
(୨) ଦୂତୀ ଚାନ୍ଦ (୨୦୧୮ ଜାକର୍ତ୍ତା) ୧୦୦ ଓ ୨୦୦ ମିଟର ରେସ୍‌ରେ ରୌପ୍ୟ ପଦକ

**ଫୁଟବଲ (ପୁରୁଷ)**

(୧) ଅବଦୁଲ ମଜିଦ– (୧୯୫୧ ନୂଆଦିଲ୍ଲୀ) ସ୍ୱର୍ଣ୍ଣ ପଦକ

**ଫୁଟବଲ (ମହିଳା)**

(୧) ଶ୍ରଦ୍ଧାଞ୍ଜଳି ସାମନ୍ତରାୟ (୧୯୯୮ ବ୍ୟାଙ୍କକ୍), (୨) ସସ୍ମିତା ମଲ୍ଲିକ (୨୦୧୦ ଗୁଆଙ୍ଗଝୋ, (୩) ସୁପ୍ରଭା ସାମଲ (୨୦୧୦ ଗୁଆଙ୍ଗଝୋ)

**ନୌକା ଚାଳନା (ରୋଇଂ)**

(୧) ପ୍ରତିମା ପୁହାଣ, (୨) ପ୍ରମିଳା ପ୍ରଭା ମିଞ୍ଜ୍ (୨୦୧୮ ଜାକର୍ତ୍ତା) କକ୍ସଲେସ୍ ପେଆର –ବ୍ରୋଞ୍ଜ ପଦକ)

**ଭାରୋତ୍ତୋଳନ (ପୁରୁଷ)**

(୧) କେ. ରବିକୁମାର (୨୦୧୦ ଗୁଆଙ୍ଗଝୋ) ୫ମ ସ୍ଥାନ

**ରଗ୍‌ବୀ ସେଭେନ୍ସ (ମହିଳା)**

(୧) ଭାଗ୍ୟ ଲକ୍ଷ୍ମୀ ବାରିକ (୨୦୧୦ ଗୁଆଙ୍ଗଝୋ)

ଆସନ୍ତା ଏସୀୟ କ୍ରୀଡ଼ା ପାଇଁ ଅଧିକାଂଶ ଶୃଙ୍ଖଳାରେ ଭାରତ ତା'ର କ୍ରୀଡ଼ାବିତ୍‌ଙ୍କୁ ଚୟନ କରିସାରିଲାଣି। ହକି (ପୁରୁଷ, ମହିଳା) ଏବଂ ଫୁଟବଲ୍ (ମହିଳା) ଚୂଡ଼ାନ୍ତ ଦଳର ଖେଳାଳିଙ୍କ ନାମ ଘୋଷଣା ବାକିଅଛି। ଘୋଷଣା ସରିଥିବା କ୍ରୀଡାବିତ୍‌ମାନଙ୍କ ମଧ୍ୟରେ ଓଡ଼ିଶାର କ୍ରୀଡ଼ାବିତ୍‌ମାନେ ହେଲେ ଜୁ–ଜିତ୍‌ସୁରେ ଅନୁପମା ସ୍ୱାଇଁ, ନୌକାଚାଳନାରେ ସୋନାଲି ସ୍ୱାଇଁ ଏବଂ ଋତୁ କୌଡି, ସାଇକେଲ ଚାଳନାରେ ସ୍ୱସ୍ତି ସିଂ। ଜିମ୍ନାଷ୍ଟିକ୍ସରେ ରାକେଶ ପାତ୍ର ଓ ତପନ ମହାନ୍ତି ଯୋଗ୍ୟତା ପାଇଥିଲେ ମଧ୍ୟ ଅଂଶଗ୍ରହଣକୁ ନେଇ ସଂଶୟ ଜାରି ରହିଛି। ପୁରୁଷ ହକିରେ ଅମିତ ରୋହି ଦାସ ଏବଂ ମହିଳା ହକିରେ ଦୀପଗ୍ରେସ ଏକ୍କା ସ୍ଥାନ ପାଇବା ଏକପ୍ରକାର ନିଶ୍ଚିତ ହୋଇଛି। ସେହିପରି ମହିଳା ଫୁଟ୍‌ବଲ୍‌ରେ ଓଡ଼ିଶାର ମନୀଷା ପାନ୍ନା, ପ୍ୟାରି ଖାଖା, ଜୁଲି କିଷାନ ଏବଂ ଯବାମଣି ଟୁଡୁଙ୍କର ଚୂଡ଼ାନ୍ତ ଦଳରେ ସ୍ଥାନ ପାଇବା ସମ୍ଭାବନା ରହିଛି। ଓଡ଼ିଶା କ୍ରୀଡ଼ା ଓ ଓଡ଼ିଆ କ୍ରୀଡ଼ାବିତ୍‌ଙ୍କ ପାଇଁ ଏହା ଏକ ଶୁଭ ସୂଚନା।



ଦୂତୀ ଚାନ୍ଦ


ପ୍ରତିମା ପୁହାଣ ଓ ପ୍ରମିଳା ପ୍ରଭା ମିଞ୍ଜ୍

## ବିଗ୍

ଚନ୍ଦ୍ରୟାନ ତିନିର ଲ୍ୟାଣ୍ଡର ବିକ୍ରମ
ପରାକ୍ରମ ବିଗ୍ ହସ
ବିଶ୍ୱରେ ଚତୁର୍ଥ ଚନ୍ଦ୍ର ଛୁଇଁବାରେ
ବିଗ୍ ମୋ ଭାରତ ଦେଶ
ଇସ୍ରୋ ରଚି ଇତିହାସ
ବିଗ୍ ମିଶନ ମୁନ୍ ସଫଳତା ପାଇ
ଜୟ ହୋ ଭାରତ ଦେଶ।

ଏକ ଶୂନ୍ ବିଗ୍ ଗୋଲରେ ଓଲ୍‌ଗା
ଚେଞ୍ଜ୍ କରି ଫିଫା ଖେଳ
ବିଗ୍ ଆଶାରୁ ବିଦା କରି ଇଂଲଣ୍ଡକୁ
ସ୍ପେନ୍ ହେଲା ବିଗ୍ ଦଳ
ଡାଡ୍ ହୋଇଥିଲେ କାଳ
ଦେଶ ବିଗ୍ ସ୍ୱାର୍ଥ ପାଇଁ ଓଲ୍‌ଗାଙ୍କୁ
ଖବର ଦେଲେନି ଧଳ।


ଓଲ୍‌ଗା

ଭାରତୀୟ ଶୁଟର ମେହୁଲି ଘୋଷଙ୍କୁ
ବ୍ରୋଞ୍ଜ୍, ଅଲିମ୍ପିକ୍ କୋଟା
ବିଗ୍ ପ୍ୟାରିସ ଅଲିମ୍ପିକ୍ ଖେଳି ଯିବ
କୌର ପିନ୍ଧିଲେଣି ମଠା
ଧନ ଥାଉ ଯେତେ ମୋଟା
ଶ୍ରମ ଯଦି ଦେଶ ହିତରେ ନ ଲାଗେ
ସେ ବିଗ୍ ନୁହଁଇ ବେଟା।

–ସୁବାସ ଚନ୍ଦ୍ର ପ୍ରଧାନ

---

ଆକ୍ସନ ଫିଲ୍ମ ପ୍ରତି ଆଗ୍ରହରୁ ଫାଇଟିଂ ଶିଖିବାର ସଉକ। ନିଷ୍ଠା ଏବଂ କଠିନ ପରିଶ୍ରମ ବଳରେ ସେ ଏବେ ବନିଯାଇଛନ୍ତି ସଫଳ କ୍ରୀଡ଼ାବିତ୍। କେବଳ ସେତିକି ନୁହେଁ, ଅନ୍ତର୍ଜାତୀୟ ସ୍ତରରେ ୱାର୍ଲ୍ଡ ପୋଲିସ ଆଣ୍ଡ ଫାୟାର ଗେମ୍ସରେ ୨ଟି ସ୍ୱର୍ଣ୍ଣ ପଦକ ଜିତି ସେ ରାଜ୍ୟ ଓ ଦେଶକୁ ଗର୍ବିତ କରିଛନ୍ତି। ଓଡ଼ିଶା କ୍ରୀଡ଼ା ଜଗତରେ ଏପରି ଏକ କାହାଣୀର ସଫଳ ନାୟିକା ହେଲେ କରାଟେକା ଚିନ୍ମୟୀ ଭୂୟାଁ। ତାଙ୍କ କ୍ୟାରିୟର ଏବଂ ଯାତ୍ରାକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...

–ପ୍ରସ୍ତୁତି: ତପନ ସ୍ୱାଇଁ

# ଚମତ୍କାରୀ ଚିନ୍ମୟୀ



କୋଚ୍ ହରିପ୍ରସାଦଙ୍କ ସହ ଚିନ୍ମୟୀ

ଫାଇଟିଂ ଶିଖିବାର ସଉକରୁ ସଫଳ କ୍ରୀଡ଼ାବିତ୍। ସେ କେବଳ ରାଜ୍ୟ କିମ୍ବା ଜାତୀୟ ସ୍ତରରେ ପ୍ରଦର୍ଶନର ଛାପ ଛାଡ଼ି ନାହାନ୍ତି, ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ଦକ୍ଷତା ଦେଖାଇ ରାଜ୍ୟ ଏବଂ ଦେଶକୁ ଗର୍ବିତ କରିଛନ୍ତି। ଓଡ଼ିଶା କ୍ରୀଡ଼ା ଜଗତରେ ଏପରି ଏକ କାହାଣୀର ସଫଳ ନାୟିକା ହେଲେ କରାଟେକା ଚିନ୍ମୟୀ ଭୂୟାଁ। ଆକ୍ସନ ଫିଲ୍ମ ଦେଖିବାରେ ତାଙ୍କର ପ୍ରବଳ ଆଗ୍ରହ। ଏଥିରୁ ନିଜେ ଫାଇଟ୍ କରିବାର ମନୋବୃତ୍ତି ଜନ୍ମ ନେଇଥିଲା। ଫିଟ୍‌ନେସ ଗୁରୁ ହରି ପ୍ରସାଦ ପଟ୍ଟନାୟକଙ୍କ ସଂସ୍ପର୍ଶରେ ଆସିବା ପରେ ତାଙ୍କ ସ୍ୱପ୍ନ ସାକାର ହେଲା। କାନାଡ଼ାରେ ନିକଟରେ ଶେଷ ହୋଇଥିବା ବିଶ୍ୱ ପୋଲିସ ଆଣ୍ଡ ଫାୟାର ଗେମ୍ସରେ ୨ଟି ସ୍ୱର୍ଣ୍ଣ ପଦକ ଜିତି ନିଜ କ୍ୟାରିୟରକୁ ଋଦ୍ଧିମନ୍ତ କରିଛନ୍ତି ଏହି ସାହସୀ ଯୁବତୀ। ଚିନ୍ମୟୀଙ୍କ ମା' ମଞ୍ଜୁଲତା ଏବଂ ବାପା କ୍ଷୀରୋଦ କୁମାର ଭୂୟାଁ। ଘର ଭଦ୍ରକ, ମାତ୍ର ଦୀର୍ଘ ୨୦ ବର୍ଷ ଧରି ଭୁବନେଶ୍ୱରରେ ରହୁଛନ୍ତି।

**ଟିମ୍ ଫାଇଟ୍ ସ୍ୱର୍ଣ୍ଣ ସ୍ମରଣୀୟ**

କାନାଡ଼ାରେ ଅନୁଷ୍ଠିତ ୱାର୍ଲ୍ଡ ପୋଲିସ ଆଣ୍ଡ ଫାୟାର ଗେମ୍ସରେ ୨୦ଟି ଭିନ୍ନଭିନ୍ନ ଦେଶରୁ ପ୍ରତିଯୋଗୀମାନେ ଆସିଥିଲେ। ଯେହେତୁ ବିଶ୍ୱ ଚାମ୍ପିୟନଶିପ୍ ଥିଲା ତେଣୁ ସବୁ ଦେଶରୁ ଶ୍ରେଷ୍ଠ ପ୍ରତିଯୋଗୀମାନେ ହିଁ ଚୟନ ହୋଇଥିଲେ। ତେଣୁ ପ୍ରତିଯୋଗିତା ଅତ୍ୟନ୍ତ ଟଫ୍ ଥିଲା। କାମ୍ବୋଡ଼ିଆ, ବ୍ରାଜିଲ, ଫ୍ରାନ୍ସ, ଫିଲିପାଇନ୍ସ, ନାଇଜେରିଆ ଦେଶର ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ତାଙ୍କୁ ଲଢ଼ିବାକୁ ପଡ଼ିଥିଲା। ତେବେ ନାଇଜେରିଆ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷ ଫାଇଟ ଅତ୍ୟନ୍ତ ଚ୍ୟାଲେଞ୍ଜିଂ ଥିଲା ବୋଲି ଚିନ୍ମୟୀ କହିଛନ୍ତି। ବିଶ୍ୱ ପ୍ରତିଯୋଗିତାରେ ଚିନ୍ମୟୀ ୨ଟି ସ୍ୱର୍ଣ୍ଣ ପଦକ ପାଇଥିଲେ। ଏଥିରୁ ଗୋଟିଏ ଥିଲା ୬୦ ବର୍ଷରୁ କମ୍ ବର୍ଗ ବ୍ୟକ୍ତିଗତ ଫାଇଟ୍ ଏବଂ ଅନ୍ୟଟି ଟିମ୍ ଫାଇଟ୍। ଏଥିରେ ଚିନ୍ମୟୀଙ୍କ ସମେତ ଭାରତ ପକ୍ଷରୁ ୩ ଜଣ ଅଂଶଗ୍ରହଣ କରିଥିଲେ। ଟିମ୍ ଫାଇଟ୍ ସମୟରେ ଟିମ୍ ଇଣ୍ଡିଆ ସମ୍ବୋଧନ ତାଙ୍କ ପାଇଁ ଅତ୍ୟନ୍ତ ଗର୍ବର ମୁହୂର୍ତ୍ତ ଥିଲା। ଫାଇଟ୍ ପାଇଁ ଦେଶର ନାଁ ଡକା ଯାଉଥିବାବେଳେ ଯେଉଁ ରୋମାଞ୍ଚ ସୃଷ୍ଟି ହେଉଥିଲା ତାହାକୁ ଭାଷାରେ ବର୍ଣ୍ଣନା କରିବା ସମ୍ଭବ ନୁହେଁ ବୋଲି ସେ କହିଛନ୍ତି। ଚିନ୍ମୟୀଙ୍କ ସହିତ ଆଇଟିବିପିର ବୈଶାଳୀ ଚକ୍ରବର୍ତ୍ତୀ ଓ ସିଆଇଏସ୍‌ଏଫ୍‌ର ଆଭା ସିଂ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ।

**ଆରମ୍ଭର କଥା**

କ୍ୟାରିୟର ଆରମ୍ଭର କଥା ସମ୍ପର୍କରେ ଚିନ୍ମୟୀ କୁହନ୍ତି ଯେ, ''୨୦୧୪ରେ ଓଡ଼ିଶା ସରକାରଙ୍କ ପକ୍ଷରୁ ସେଲ୍ଫ ଡିଫେନ୍ସ (ଆତ୍ମରକ୍ଷା କୌଶଳ) ଆରମ୍ଭ ହେଲା। ମୁଁ ସେତେବେଳେ ଉତ୍କଳ କରାଟେ ସ୍କୁଲ ଆସି କୋଚ୍ ଡ. ହରିପ୍ରସାଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସେଲ୍ଫ ଡିଫେନ୍ସର ରିଆକ୍ଟ କୋର୍ସ କରିଥିଲି। ସେତେବେଳେ ଗ୍ରାଜୁଏଶନ କରୁଥିଲି। ସେଲ୍ଫ ଡିଫେନ୍ସ କରିବାପରେ ମୋତେ କରାଟେ ଭଲ ଲାଗିଥିଲା। ତେବେ ଏହି ଖେଳରେ ରାଜ୍ୟ କିମ୍ବା ଜାତୀୟ ସ୍ତରରେ ପ୍ରତିଦ୍ୱନ୍ଦ୍ୱିତା କରିବି ବୋଲି କେବେ ଭାବି ନ ଥିଲି। କେବଳ ଫାଇଟିଂ ଶିଖିବି ବୋଲି ଆସିଥିଲି। ଏଇଠୁ ମୋ କରାଟେ ଯାତ୍ରା ଆରମ୍ଭ ହେଲା। ଏହାପରେ ରାଜ୍ୟ ପ୍ରତିଯୋଗିତା ଏବଂ ଜାତୀୟ ପ୍ରତିଯୋଗିତାରେ ପଦକ ପାଇଲି। ପ୍ରଦର୍ଶନକୁ ଦୃଷ୍ଟିରେ ରଖି ୨୦୨୧ରେ ମୋତେ ଓଡ଼ିଶା ପୋଲିସରେ ନିଯୁକ୍ତି ମିଳିଲା। ୨୦୨୨ରେ ଦିଲ୍ଲୀରେ ଅନୁଷ୍ଠିତ ପୋଲିସ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ପାଇବାପରେ ମୁଁ ୱାର୍ଲ୍ଡ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲି। ଆକ୍ସନ ଫିଲ୍ମ ବହୁତ ପସନ୍ଦ ଥିବାରୁ ଫାଇଟିଂ ପ୍ରତି ଆଗ୍ରହ ଥିଲା, ମାତ୍ର ଫାଇଟିଂ ପ୍ରକୃତରେ କ'ଣ ମୋତେ ଜଣା ନ ଥିଲା। କିଛି ନୂଆ ଶିଖିବାର ଇଚ୍ଛା ଏବଂ ଫାଇଟ୍ କରିବାର ନିଶାରୁ ହିଁ ମୁଁ କରାଟେକୁ ଆସିଯାଇଥିଲି''।

**କରାଟେ ଶୃଙ୍ଖଳା ଶିଖାଇଥାଏ**

ମୁଁ କରାଟେରେ ଥିବାରୁ ବହୁତ ଖୁସି ଲାଗୁଛି। କାରଣ ଜଣେ ଝିଅର ସେଲ୍ଫ ଡିଫେନ୍ସ ପାଇଁ କରାଟେ ନିହାତି ଆବଶ୍ୟକ। ଶାରୀରିକଭାବେ ଫିଟ୍ ସହିତ ପୂରା ଫୋକସ ରହିଥାଏ। ମୁଁ ଯେଉଁ ପରିବେଶ (ଉତ୍କଳ କରାଟେ ସ୍କୁଲ)ରେ ଟ୍ରେନିଂ ନେଉଛି ସେଠାରେ ଶୃଙ୍ଖଳାକୁ ହିଁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ତେଣୁ କରାଟେ ଦ୍ୱାରା ପୂରା ଜୀବନ ଶୃଙ୍ଖଳିତ ହୋଇଯାଇଥାଏ ବୋଲି ନିଜ ଅନୁଭବରୁ ପ୍ରକାଶ କରିଛନ୍ତି ଚିନ୍ମୟୀ।

**ଚର୍ଚ୍ଚିତ ୨୦୧୭:** ୨୦୧୭ରେ ଚିନ୍ମୟୀ ବହୁତ ଚର୍ଚ୍ଚାରେ ରହିଥିଲେ। ସେ ଉତ୍କଳ କରାଟେ ସ୍କୁଲରୁ ରାତି ୯ଟାରେ ଟ୍ରେନିଂ ସାରି ଫେରୁଥିବାବେଳେ ୩ ଜଣ ଲୁଟେରା ଆସି ତାଙ୍କ ସୁନା ଚେନ୍ ଓ ମୋବାଇଲ ଝାମ୍ପିନେଇ ପଳାଇ ଯାଉଥିଲେ। ସାହସୀ ଚିନ୍ମୟୀ ଡରି ନ ଯାଇ ସେମାନଙ୍କୁ ଫଲୋ କରି କିଛି ବାଟ ଯିବାପରେ ସେମାନଙ୍କ ସହ ଲଢ଼ିଥିଲେ। ଶେଷରେ ତାଙ୍କର ବିଜୟ ହୋଇଥିଲା ଏବଂ ସେ ନିଜ ଜିନିଷ ଫେରି ପାଇଥିଲେ। ଏହି ଘଟଣାରେ ତାଙ୍କୁ ସ୍ପେଶାଲ ପୋଲିସ ଆୱାର୍ଡ ଦିଆ ଯାଇଥିଲା।

**ସ୍ୱପ୍ନ ସାକାର**

ୱାର୍ଲ୍ଡ ଗେମ୍ସରେ ଭାରତ ସ୍ୱର୍ଣ୍ଣ ପଦକ ଜିତିବା ପରେ ଜାତୀୟ ସଙ୍ଗୀତ ବାଜିଥିଲା। ତାହା ଚିନ୍ମୟୀଙ୍କୁ ଅତ୍ୟନ୍ତ ରୋମାଞ୍ଚିତ କରିଥିଲା। ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିବା ସବୁ କ୍ରୀଡ଼ାବିତ୍‌ଙ୍କର ଇଚ୍ଛା ଥାଏ। ତାହା ପୂରଣ ହୋଇଥିବାରୁ ସେ ବହୁତ ଖୁସି ଅନୁଭବ କରୁଛନ୍ତି ବୋଲି କହିଛନ୍ତି।

**କୋଚ୍‌ଙ୍କୁ ଶ୍ରେୟ**

ନିଜ ସଫଳତା ପାଇଁ କୋଚ୍ ହରିପ୍ରସାଦ ପଟ୍ଟନାୟକଙ୍କୁ ସମସ୍ତ ଶ୍ରେୟ ଦେଇଛନ୍ତି ଚିନ୍ମୟୀ। ''କୋଚ୍ ମୋତେ ଜଣେ ଭଲ ମଣିଷଭାବେ ଗଢ଼ିଛନ୍ତି। ମୁଁ ଖୁସିରେ ଫାଇଟିଂ ଶିଖିବାକୁ ଆସିଥିଲି। ମାତ୍ର ସେ ମୋତେ ଜଣେ ସଫଳ ଆଥଲେଟ୍‌ରେ ପରିଣତ କରିଛନ୍ତି। ତାଙ୍କ ପ୍ରଶିକ୍ଷଣ ଯୋଗୁ ମୁଁ ୱାର୍ଲ୍ଡ ଗେମ୍ସରେ ପ୍ରତଦ୍ୱନ୍ଦ୍ୱିତା କରିବା ସମ୍ଭବ ହୋଇଛି। ଓଡ଼ିଶା ପୋଲିସକୁ ମଧ୍ୟ ଧନ୍ୟବାଦ ଦେବାକୁ ଚାହିଁବି। କାରଣ କମିଶନରେଟ ପୋଲିସ ସମ୍ପୂର୍ଣ୍ଣ ଦାୟିତ୍ୱ ନେଇଥିବାରୁ ମୁଁ କାନାଡ଼ା ଯାଇ ବିଶ୍ୱ ପୋଲିସ କ୍ରୀଡ଼ାରେ ଭାଗ ନେଇପାରିଲି'' ବୋଲି ଚିନ୍ମୟୀ ପ୍ରକାଶ କରିଛନ୍ତି।


ଚିନ୍ମୟୀ ଭୂୟାଁ

ଫଟୋ: ବିକାଶ ରଞ୍ଜନ ନାୟକ

ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୨୫/୨୦୨୩ | Bhubaneswar, Friday, August 25/ 2023

## ଭାରତୀୟ ଦୃଷ୍ଟିବାଧିତ ମହିଳା ଦଳ ଫାଇନାଲରେ

**ବର୍ମିଂହାମ୍, ୨୪।୮ (ପି.ଟି.):** ଭାରତୀୟ ଦୃଷ୍ଟିବାଧିତ ମହିଳା କ୍ରିକେଟ ଦଳ ପ୍ରଥମ ଦଳ ଭାବେ ଏଠାରେ ଚାଲିଥିବା ଇଣ୍ଟରନ୍ୟାଶନାଲ ବ୍ଲାଇଣ୍ଡ ସ୍ପୋର୍ଟ୍ସ ଆସୋସିଏଶନ୍ସ (ଆଇବିଏସ୍ଏ) ୱାର୍ଲ୍ଡ ଗେମ୍ସ ୨୦୨୩ର ଫାଇନାଲରେ ପ୍ରବେଶ କରିଛି। ଆଇବିଏସ୍ଏ ୱାର୍ଲ୍ଡ ଗେମ୍ସରେ ଦୃଷ୍ଟିବାଧିତ କ୍ରିକେଟକୁ ଗତ ସପ୍ତାହରେ ସାମିଲ କରାଯାଇଛି। ଭାରତୀୟ ମହିଳା ଦଳ ଅଗଷ୍ଟ ୨୦ରେ ଅଷ୍ଟ୍ରେଲିଆ ବିପକ୍ଷରେ ଏହାର ଓପନିଂ ଗେମ୍ ଖେଳିଥିଲା। ଭାରତ ଏହି ମ୍ୟାଚ ୮ ଉଇକେଟରେ ଜିତି ପ୍ରତିଯୋଗିତାରେ ଏହାର ଅଭିଯାନ ଆରମ୍ଭ କରିଥିଲା। ଦଳ ଅଷ୍ଟ୍ରେଲିଆକୁ ୫୯/୬ରେ ସୀମିତ କରିବା ପରେ ବିଜୟ ଲକ୍ଷ୍ୟକୁ ସହଜରେ ହାସଲ କରିନେଇଥିଲା। ଭାରତ ଏହାର ପରବର୍ତ୍ତୀ ଗେମ୍ ଇଂଲଣ୍ଡ ବିପକ୍ଷରେ ଖେଳିଥିଲା। ଦଳ ପ୍ରଥମେ ବ୍ୟାଟିଂ କରି ୨୦ଓଭରରେ ୨ଉଇକେଟ ବିନିମୟରେ ୨୬୮ରନ ସଂଗ୍ରହ କରିଥିଲା। ଦଳର ଶ୍ରେଷ୍ଠ ବ୍ୟାଟର ଗଙ୍ଗୱା ୬୦ ବଲ୍‌ରୁ ୧୧୭ ରନ କରିଥିଲେ। ଇଂଲଣ୍ଡ ଏହି ମ୍ୟାଚ ୧୮୫ ରନରେ ହାରିଯାଇଥିଲା। ଭାରତ ବୁଧବାର ଦ୍ୱିତୀୟ ଥର ଅଷ୍ଟ୍ରେଲିଆକୁ ଭେଟିଥିଲା। ଦଳ ଏହାର ଆଧିପତ୍ୟ ବଜାୟ ରଖି ୧୬୩ ରନରେ ବିଜୟ ଲାଭ କରିଥିଲା। ଶନିବାର ଫାଇନାଲ ଖେଳାଯିବ। ଏହାପୂର୍ବରୁ ଭାରତ ଏହାର ଅନ୍ତିମ ଲିଗ୍ ମ୍ୟାଚରେ ଦ୍ୱିତୀୟ ଥର ଇଂଲଣ୍ଡକୁ ଭେଟିବ। ପୁରୁଷ ବିଭାଗରେ ଭାରତ ଶୁକ୍ରବାର ସେମିଫାଇନାଲ ଖେଳିବ।

# ବିନା କୋଚ୍‌ରେ ସଫଳ ପ୍ରଜ୍ଞାନନ୍ଦ



ଫିଡେ ଚେସ୍ ବିଶ୍ୱକପ୍‌ର ଫାଇନାଲ୍‌ର ଟାଇବ୍ରେକର ମୁକାବିଲା ଅବସରରେ ମାଗ୍ନସ କାର୍ଲସେନ ଓ ଆର୍. ପ୍ରଜ୍ଞାନନ୍ଦ।

**ଚେନ୍ନାଇ,୨୪।୮(ପି.ଟି.)**

ଟିନ୍‌ଏଜ୍ ସେନସେସନ୍ ଭାରତୀୟ ଗ୍ରାଣ୍ଡମାଷ୍ଟର ଆର୍. ପ୍ରଜ୍ଞାନନ୍ଦ ଫିଡେ ଚେସ୍ ବିଶ୍ୱକପ୍‌ରେ ଇତିହାସ ସୃଷ୍ଟି କରିଛନ୍ତି। ପ୍ରଜ୍ଞାନନ୍ଦ ସଫଳତାର ଗୋଟିଏ ପରେ ଗୋଟିଏ ଶିଡି ଚଢି ଚାଲିଥିବା ବେଳେ ବିନା କୋଚ୍‌ରେ ସେ ଚେସ୍ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିଛନ୍ତି। ପ୍ରଜ୍ଞାନନ୍ଦଙ୍କ ବ୍ୟକ୍ତିଗତ କୋଚ୍ ରହିଥିବା ଆର୍. ବି. ରମେଶ ଏହି ସୂଚନା ଦେଇଛନ୍ତି। ରମେଶ ଚେନ୍ନାଇରେ ରହିଥିବା ବେଳେ ପ୍ରଜ୍ଞାନନ୍ଦ ଆଜରବୈଜାନର ବାକୁରେ ଖେଳୁଥିଲେ ଚେସ୍ ବିଶ୍ୱକପ୍। କୋଚ୍‌ଙ୍କ ବିନା ଖେଳୁଥିଲେ ମଧ୍ୟ ପ୍ରଜ୍ଞାନନ୍ଦ ନିଜ ଖେଳର ରଣନୀତି ନିଜେ ନିର୍ଦ୍ଧାରଣ କରୁଥିଲେ ବୋଲି କହିଛନ୍ତି ରମେଶ। ଏହା ସହିତ ରମେଶ କହିଛନ୍ତି, ପ୍ରଜ୍ଞାନନ୍ଦଙ୍କ ସହିତ କେବଳ ସମୟ ସମୟରେ ହ୍ୱାଟ୍ସଆପ୍‌ରେ ଚାଟ୍ କରିଥାନ୍ତି।

ଏହା ସହିତ ପ୍ରଜ୍ଞାନନ୍ଦଙ୍କ ରୁଟିନ୍ ସମ୍ପର୍କରେ ସୂଚନା ଦେଇଛନ୍ତି ରମେଶ। ରାତିରେ ୯ ଘଣ୍ଟା ଶୋଇବା ସହିତ କୌଣସି ମିଲ୍ ମିସ୍ କରୁ ନ ଥିଲେ। ବିନା ବ୍ୟକ୍ତିଗତ କୋଚ୍‌ରେ ଖେଳି ମଧ୍ୟ ପ୍ରଜ୍ଞାନନ୍ଦ ବିଶ୍ୱର ଟପ୍ ରେଟେଡ ଖେଳାଳିମାନଙ୍କୁ ପରାସ୍ତ କରିବା ଏକ ବୃହତ୍ତର ଉପଲବ୍ଧି ବୋଲି କହିଛନ୍ତି ରମେଶ। ପ୍ରଜ୍ଞାନନ୍ଦ ବିଶ୍ୱ ମାନ୍ୟତାର ଦୁଇ ନମ୍ବର ଖେଳାଳି ହିକାରୁ ନାକାମୁରା ଓ ବିଶ୍ୱ ମାନ୍ୟତାର ୩ ନମ୍ବର ଖେଳାଳି ଫାବିଆନୋ କାରୁଆନାଙ୍କୁ ପରାସ୍ତ କରିଥିଲେ। ଭାରତୀୟ ଦଳର କୋଚ୍ ରହିଥିବା ଗ୍ରାଣ୍ଡମାଷ୍ଟର ଆର୍. ଶ୍ୟାମସୁନ୍ଦର ମଧ୍ୟ ପ୍ରଜ୍ଞାନନ୍ଦଙ୍କ ଖେଳିବା ଶୈଳୀରେ ବେଶ୍ ପ୍ରଭାବିତ ହୋଇଛନ୍ତି। ପ୍ରଜ୍ଞାନନ୍ଦ ଜଣେ ସ୍ୱତନ୍ତ୍ର ଟ୍ୟାଲେଣ୍ଟ ଏବଂ ଆଗାମୀ ଦିନରେ ସେ ଆହୁରି ସଫଳତା ହାସଲ କରିବେ। କୋଚ୍ ଭାବରେ ଖେଳାଳିଙ୍କ ରୁଟିନ୍‌ରେ ମୁଁ କୌଣସି ପରିବର୍ତ୍ତନ କରି ନ ଥାଏ। ସେମାନଙ୍କ ସହ ଚାଲିବାକୁ ଯିବା ସହିତ ବେଳେ ବେଳେ ବ୍ୟାଡ୍‌ମିଣ୍ଟନ ମଧ୍ୟ ଖେଳିଥାଏ। ମାନସିକ ଭାବରେ ଖେଳାଳିଙ୍କୁ ସତେଜ ରଖିବାକୁ ମୁଁ ଯଥାସମ୍ଭବ ପ୍ରୟାସ କରିଥାଏ ବୋଲି ଶ୍ୟାମସୁନ୍ଦର କହିଛନ୍ତି। ଏହା ସହିତ ବେଳେ ବେଳେ ଖେଳକୁ ନେଇ ମଧ୍ୟ ଆଲୋଚନା କରିଥାଉ ବୋଲି ସୁନ୍ଦର କହିଛନ୍ତି। ପ୍ରଜ୍ଞାନନ୍ଦଙ୍କ ସଫଳତାର ଶ୍ରେୟ ନାଗଲକ୍ଷ୍ମୀଙ୍କୁ ଦେଇଛନ୍ତି ରମେଶ। ମା'ଙ୍କ ଉପସ୍ଥିତି ପ୍ରଜ୍ଞାନନ୍ଦଙ୍କ ପ୍ରଦର୍ଶନରେ ନଜର ଆସିଥିଲା ବୋଲି କହିଛନ୍ତି ଭାରତୀୟ ଦଳର କୋଚ୍।

## ରୋଡ୍ ଟୁ ଫାଇନାଲ

**ବାକୁ (ପି.ଟି.):** ସର୍ବକନିଷ୍ଠ ଭାରତୀୟ ଭାବରେ ଫିଡେ ଚେସ୍ ବିଶ୍ୱକପ୍‌ର ଫାଇନାଲରେ ପ୍ରବେଶ କରିଥିବା ଆର୍. ପ୍ରଜ୍ଞାନନ୍ଦ ବିଶ୍ୱ ମାନ୍ୟତାର ଏକ ନମ୍ବର ସ୍ଥାନରେ ଥିବା ମାଗ୍ନସ୍ କାର୍ଲସେନଙ୍କ ନିକଟରୁ ପରାଜିତ ହୋଇଥିଲେ। ଭାରତୀୟ ଚେସ୍ ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଲେଖିଥିଲେ ୧୮ ବର୍ଷୀୟ ପ୍ରଜ୍ଞାନନ୍ଦ। କିମ୍ବଦନ୍ତୀ ବିଶ୍ୱନାଥନ ଆନନ୍ଦଙ୍କ ପରେ ଦ୍ୱିତୀୟ ଭାରତୀୟ ଭାବେ ପ୍ରଜ୍ଞାନନ୍ଦ ବିଶ୍ୱକପ୍ ଫାଇନାଲ ଖେଳିଥିଲେ। ୨୦୦୨ରେ ଶେଷ ଥର ପାଇଁ ଆନନ୍ଦ ଫାଇନାଲ ଖେଳିଥିବା ବେଳେ ଦୀର୍ଘ ୨୧ ବର୍ଷ ଧରି କୌଣସି ଭାରତୀୟ ଖେଳାଳି ଫାଇନାଲରେ ପହଞ୍ଚିବାରେ ସମର୍ଥ ହୋଇ ନ ଥିଲେ। ୧୮ ବର୍ଷର ଏହି ବିସ୍ମୟ ବାଳକଙ୍କ ଟୁର୍ନାମେଣ୍ଟର ଯାତ୍ରା ଉପରେ ଏକ ନଜର...

**ପ୍ରଥମ ରାଉଣ୍ଡ:** ବାଇ

**ଦ୍ୱିତୀୟ ରାଉଣ୍ଡ:** ଫ୍ରେଞ୍ଚ ଗ୍ରାଣ୍ଡମାଷ୍ଟର ମାକ୍ସିମ ଲାଗାର୍ଡେଙ୍କୁ ୧.୫-୦.୫ ପଏଣ୍ଟରେ ପରାସ୍ତ କରିଥିଲେ।

**ତୃତୀୟ ରାଉଣ୍ଡ:** ଚେକ୍ ରିପବ୍ଲିକ୍‌ର ଗ୍ରାଣ୍ଡମାଷ୍ଟର ଡେଭିଡ୍ ନଭାରାଙ୍କୁ ୧.୫ -୦.୫ ପଏଣ୍ଟରେ ପରାସ୍ତ କରିଥିଲେ।

**ଚତୁର୍ଥ ରାଉଣ୍ଡ:** ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ଥିବା ଆମେରିକାର ହିକାରୁ ନାକାମୁରାଙ୍କୁ ୩-୧ରେ ହରାଇଥିଲେ।

**ପଞ୍ଚମ ରାଉଣ୍ଡ:** ହଙ୍ଗେରୀର ଫେରେନ୍ସ ବର୍କସଙ୍କୁ ୧.୫-୦.୫ ପଏଣ୍ଟରେ ହରାଇଥିଲେ।

**ଷଷ୍ଠ ରାଉଣ୍ଡ:** ସାଥୀ ଭାରତୀୟ ଗ୍ରାଣ୍ଡମାଷ୍ଟର ଅର୍ଜୁନ ଇରିଗାସୀଙ୍କୁ ୫-୪ରେ ପରାସ୍ତ କରି ଫିଡେ ବିଶ୍ୱକପ ସେମିରେ ପ୍ରବେଶ କରିଥିଲେ।

**ସେମିଫାଇନାଲ:** ଇଟାଲିଆନ୍-ଆମେରିକାନ୍ ଗ୍ରାଣ୍ଡମାଷ୍ଟର ଫାବିଆନୋ କାରୁଆନାଙ୍କୁ ୩.୫-୨.୫ ପଏଣ୍ଟରେ ପରାସ୍ତ କରି ସର୍ବକନିଷ୍ଠ ଖେଳାଳି ଭାବରେ ଫାଇନାଲରେ ପ୍ରବେଶ କରିଥିଲେ।

## କ୍ୱାର୍ଟରରେ ଚିରାଗ-ସାତ୍ତ୍ୱିକ



ପ୍ରିକ୍ୱାର୍ଟର ମ୍ୟାଚ୍‌ରେ ଚିରାଗ ସେଟ୍ଟୀ ଓ ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ।

**ବିଶ୍ୱ ବ୍ୟାଡ୍‌ମିଣ୍ଟନ**

**କୋପେନ୍‌ହାଗେନ୍, ୨୪।୮(ପି.ଟି.)**

କୋପେନହାଗେନରେ ଅନୁଷ୍ଠିତ ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ଗୁରୁବାର ଭାରତୀୟ ଖେଳାଳିଙ୍କୁ ମିଶ୍ର ଫଳ ମିଳିଛି। ପୁରୁଷ ଡବଲ୍ସ ଯୋଡି ଚିରାଗ ସେଟ୍ଟୀ ଓ ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀଙ୍କ ଯୋଡି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ବେଳେ ମହିଳା ଡବଲ୍ସର କ୍ୱାର୍ଟର ଫାଇନାଲରେ ହରାରି ଯାଇଛନ୍ତି ଗାୟତ୍ରୀ ଗୋପୀଚାନ୍ଦ ଓ ତ୍ରିସା ଜୋଲି। ଚମତ୍କାର ଫର୍ମରେ ରହିଥିବା ଚିରାଗ-ସାତ୍ତ୍ୱିକ ଯୋଡି ଇଣ୍ଡୋନେସିଆର ଲିଓ ରୋଲି କାର୍ନାଣ୍ଡୋ ଓ ଡାନିଏଲ ମାର୍ଟିନଙ୍କୁ ପରାସ୍ତ କରିଥିଲେ।

ଟୁର୍ନାମେଣ୍ଟରେ ଦ୍ୱିତୀୟ ସିଡ୍‌ର ମାନ୍ୟତା ପାଇଥିବା ଚିରାଗ-ସାତ୍ତ୍ୱିକ ଯୋଡି ୨୧-୧୫, ୧୯-୨୧ ଓ ୨୧-୯ ସେଟ୍‌ରେ ଷଷ୍ଠ ସିଡେଡ୍ ଇଣ୍ଡୋନେସିଆ ଯୋଡିଙ୍କୁ ପରାସ୍ତ କରିଥିଲେ। ପ୍ରଥମ ସେଟ୍‌କୁ ଚିରାଗ-ସାତ୍ତ୍ୱିକ ୨୧-୧୫ରେ ଜିତି ନେଇଥିଲେ। ପରବର୍ତ୍ତୀ ସେଟ୍‌ଟି କଡା ସଂଘର୍ଷପୂର୍ଣ୍ଣ ରହିଥିଲା। ଅନ୍ତିମ ସେଟ୍‌ରେ ପ୍ରାଧାନ୍ୟ ବିସ୍ତାର କରି ଖେଳିବା ସହିତ ୨୧-୯ରେ ଏକ ପାଖିଆ ଭାବରେ ଜିତି ନେଇଥିଲେ ଚିରାଗ-ସାତ୍ତ୍ୱିକ। ଅନ୍ୟ ପକ୍ଷରେ ଭାରତୀୟ ମହିଳା ଡବଲ୍ସ ଯୋଡି ତ୍ରିସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ୨୧-୧୪ ଓ ୨୧-୯ ସେଟରେ ଚାଇନାର ଚେନ୍ କ୍ୱିଙ୍ଗ ଚେନ୍ ଓ ଜିଆ ୟି ଫାନଙ୍କ ଠାରୁ ପରାଜିତ ହୋଇଛନ୍ତି। ରାଜ୍ୟ ଗୋଷ୍ଠୀ କ୍ରୀଡାର ବ୍ରୋଞ୍ଜ ପଦକ ବିଜୟିନୀ ଗାୟତ୍ରୀ-ତ୍ରିସା ଯୋଡି ଟାଙ୍ଗ ଚିଙ୍ଗ ହୁଇ ଓ ୟାଙ୍ଗ ଚିଙ୍ଗ ଟୁନ୍‌ଙ୍କୁ ପରାସ୍ତ କରି ପ୍ରି କ୍ୱାର୍ଟରରେ ପ୍ରବେଶ କରିଥିଲେ। ତେବେ ବିଶ୍ୱର ଏକ ନମ୍ବର ମାନ୍ୟତା ପ୍ରାପ୍ତ ଯୋଡିଙ୍କ ଆଗରେ ଉଭୟ ନିଷ୍ପ୍ରଭ ମନେ ହୋଇଥିଲେ।

TATA ଉତ୍ପାଦନ




ଏହି ରାକ୍ଷୀ ପୂର୍ଣ୍ଣିମାରେ ତାଙ୍କ ହସକୁ କରାନ୍ତୁ ଆହୁରି ଚମକଦାର୍

20%* ପର୍ଯ୍ୟନ୍ତ ଛାଡ଼
ଡାଇମଣ୍ଡ ଜ୍ୱେଲରୀ ମୂଲ୍ୟରେ।

To locate your nearest store and know more on 6366920017. Buy online at tanishq.co.in or Download our App *Conditions apply, For T&C visit our website.

Showrooms at **Jeypore:** Ground Floor, S.R Central Mall. Tel: 06854-233227; **Bhubaneswar:** Master Canteen Square & Chandrashekharpur, **Cuttack:** Cantonment Road; **Rourkela:** Keshar Bhavan at Main Road; **Brahmapur:** City high School Road; **Sambalpur:** Buddharaja Road; **Angul:** Amalapada; **Balasore:** Vivekanand Marg; **Jharsuguda:** Beheremal Chowk; **Puri:** Grand Road; **Jajpur Road:** Chorda Road Bypass; **Bargarh:** Bhatli Chowk Road

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ